ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୮/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, June 28/2024 | Page 18 | ₹ 7.00
୫୦ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 214 | ମୂଲ୍ୟ ₹୭/-



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୬ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକରିଙ୍କ ସମେତ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ରାଜ୍ୟସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସାକ୍ଷାତ କରି ଓଡ଼ିଶାର ଆର୍ଥିକ ବିକାଶ ଏବଂ ପ୍ରଗତି ପାଇଁ ଅତୁଟ ସମର୍ଥନ ଏବଂ ମାର୍ଗଦର୍ଶନ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ☞ପୃଷ୍ଠା-୪

# ରାଷ୍ଟ୍ରପତିଙ୍କ ଅଭିଭାଷଣରେ 'ଏମର୍ଜେନ୍ସି'

## ମୋଦିଙ୍କ ଶାସନରେ ଅଘୋଷିତ ଜରୁରୀ ପରିସ୍ଥିତି: ବିରୋଧୀ

**ନୂଆଦିଲ୍ଲୀ,୨୭।୬**

ଏମର୍ଜେନ୍ସି ଭାରତୀୟ ସମ୍ବିଧାନ ଉପରେ ସର୍ବବୃହତ୍ ଆକ୍ରମଣ ଏବଂ ଦେଶ ପାଇଁ ସବୁଠୁ କଳଙ୍କିତ ଅଧ୍ୟାୟ ବୋଲି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିନ୍ଦା କରିଛନ୍ତି। ସମ୍ବିଧାନ ପ୍ରତି କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ଆସ୍ଥା ରହିଛି। ଏହାକୁ ଜନ ଚେତନାର ଏକ ଅଂଶବିଶେଷରେ ପରିଣତ କରିବା ପାଇଁ ସରକାର ନିରନ୍ତର ଉଦ୍ୟମ ଚଳାଇଥିବା ନେଇ ଗୁରୁବାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟକୁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ମିଛପୂର୍ଣ୍ଣ ଆଲେଖ୍ୟ' କହି ଖଣ୍ଡନ କରିଛନ୍ତି। ୧୯୭୫ରେ ଜାରି ହୋଇଥିବା ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ରାଷ୍ଟ୍ରପତି ନିଜ ଅଭିଭାଷଣରେ ବାରମ୍ବାର ଦୋହରାଇବା ଅନୁଚିତ। ମୋଦି ସରକାରଙ୍କ ଅଧୀନରେ 'ଅଘୋଷିତ ଏମର୍ଜେନ୍ସି' ଜାରି ହୋଇଥିବାବେଳେ ସମ୍ବିଧାନ ଉପରେ ସବୁଠୁ ବଡ଼ ଆକ୍ରମଣ ହେଉଛି ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପରେ ଲୋକ ସଭା ଓ ରାଜ୍ୟ ସଭାର ପ୍ରଥମ ମିଳିତ ଅଧିବେଶନକୁ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧିତ କରିଛନ୍ତି। ଏହି ନିର୍ବାଚନର ଫଳ ତାଙ୍କ ସରକାରଙ୍କ ନୀତିଗୁଡ଼ିକ ପ୍ରତି ଦେଶର ଜନସାଧାରଣଙ୍କ ସମର୍ଥନକୁ ସୂଚାଉଛି। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ସମେତ ନିର୍ବାଚନୀ ପ୍ରକ୍ରିୟା ପ୍ରତି ଅନାସ୍ଥା ଭାବ ସୃଷ୍ଟି ପାଇଁ ଉଦ୍ୟମକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏପରି ଉଦ୍ୟମ ନିଜେ ବସିଥିବା ଡାଳକୁ ହାଣିବା ସଦୃଶ। ନିଜ ୫୦ ମିନିଟ୍‌ର ଅଭିଭାଷଣରେ ରାଷ୍ଟ୍ରପତି ମୁର୍ମୁ ସରକାରଙ୍କ ସଫଳତା ଏବଂ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ଅନେକ ପରୀକ୍ଷା ବାତିଲକୁ ନେଇ ବିବାଦ ଦେଖାଦେଇଥିବାବେଳେ ପେପର୍ ଲିକ୍ କରୁଥିବା ବ୍ୟକ୍ତିମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ ☞ପୃଷ୍ଠା-୪

## ୭୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ 'ଆୟୁଷ୍ମାନ୍ ଭାରତ'ରେ ମାଗଣା ଚିକିତ୍ସା

**ନୂଆଦିଲ୍ଲୀ,୨୭।୬**

ଦେଶରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କର ସମସ୍ତ ବରିଷ୍ଠ ନାଗରିକଙ୍କୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା 'ଆୟୁଷ୍ମାନ୍ ଭାରତ' ଅଧୀନରେ ମାଗଣାରେ ଚିକିତ୍ସା କରାଯିବ। ଏଥିପାଇଁ ୨୫,୦୦୦ ଜନଔଷଧୀ କେନ୍ଦ୍ର ଦ୍ରୁତଗତିରେ ଖୋଲାଯାଉଛି ବୋଲି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୂଚନା ଦେଇଛନ୍ତି।

ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏଓ୍ୱାଇ) ଅଧୀନରେ ୫୫ କୋଟି ହିତାଧିକାରୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ସରକାର ଏହି କ୍ଷେତ୍ରରେ ଆଉ ଏକ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକମାନେ ମଧ୍ୟ ଏହି ଯୋଜନାରେ ସାମିଲ ହେବେ। ସେମାନେ ମାଗଣାରେ ଚିକିତ୍ସା ସୁବିଧା ପାଇବେ। ଭାରତ ଆୟୁଷ (ଆୟୁର୍ବେଦ, ଯୋଗ ଓ ନାଚୁରୋପାଥି, ୟୁନାନି, ସିଦ୍ଧ ଏବଂ ହୋମିଓପାଥି)କୁ ☞ପୃଷ୍ଠା-୪





## ଫାଇନାଲରେ ଭାରତ

**ଟି୨୦ ବିଶ୍ୱକପ**

**ଗାଏନା,୨୭।୬**

ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ଭାରତ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ସେମିଫାଇନାଲରେ ଇଂଲଣ୍ଡକୁ ୬୮ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୧ ରନ କରିଥିବାବେଳେ ଇଂଲଣ୍ଡ ୧୬.୪ ଓଭରରେ ୧୦୩ ରନକରି ଅଲ୍‌ଆଉଟ ହୋଇଯାଇଛି। ୨୦୨୨ ବିଶ୍ୱକପର ସେମିଫାଇନାଲରେ ଇଂଲଣ୍ଡଠାରୁ ☞ପୃଷ୍ଠା-୪

## ଏନ୍‌ଇଇଟି-ୟୁଜି ମାମଲା: ୨ ଜଣଙ୍କୁ ଗିରଫ କଲା ସିବିଆଇ

**ନୂଆଦିଲ୍ଲୀ,୨୭।୬**

ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବିହାରର ପାଟନାରୁ ଗୁରୁବାର ୨ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ମନୀଷ କୁମାର ଓ ଆଶୁତୋଷ କୁମାର। ପରୀକ୍ଷା ପୂର୍ବରୁ ଉଭୟେ ଛାତ୍ରୀଛାତ୍ରମାନଙ୍କୁ କାର୍‌ରେ ଏକ ସ୍କୁଲ୍‌କୁ ନେଇ ପ୍ରଶ୍ନପତ୍ର ଓ ଏହାର ଉତ୍ତର ଦେଇଥିଲେ। ସେଠାରେ ୨ ଡଜନରୁ ଊର୍ଦ୍ଧ୍ୱ ପିଲାଙ୍କୁ ଉତ୍ତର ମୁଖସ୍ଥ କରାଇଥିଲେ। ମନୀଷ ଓ ଆଶୁତୋଷଙ୍କୁ ଜେରା ପରେ ଗିରଫ କରାଯାଇଥିବା ସିବିଆଇ ଅଧିକାରୀମାନେ ସୂଚନା ଦେଇଛନ୍ତି। ତଦନ୍ତକାରୀ ଏଜେନ୍ସି ଏସଂକ୍ରାନ୍ତରେ ୬ଟି ଏଫ୍‌ଆଇଆର୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଇରାନ ନିର୍ବାଚନ ଓ ମଧ୍ୟପ୍ରାଚ୍ୟର ଶାନ୍ତି**



## ସଂକ୍ଷେପରେ

### ବିହାରରେ ୧୦ ଦିନରେ ୪ ବ୍ରିଜ୍ ଭୁଶୁଡ଼ିଲାଣି

ନୂଆଦିଲ୍ଲୀ,୨୭।୬

ବିହାରର କିଶନଗଞ୍ଜ ଜିଲାରେ ଗୁରୁବାର ଏକ ୭୦ ମିଟର ଲମ୍ବର ବ୍ରିଜ୍ ଭୁଶୁଡ଼ିଛି। ଏହାକୁ ମିଶାଇ ଉକ୍ତ ରାଜ୍ୟରେ ୧୦ ଦିନରେ ୪ଟି ପୋଲ ଭୁଶୁଡ଼ିଲାଣି। ପ୍ରବଳ ବର୍ଷା ଯୋଗୁ ହଠାତ୍ ଜଳସ୍ତର ବଢ଼ିଯିବାରୁ ବାହଦୁରଗଞ୍ଜ ବ୍ଲକ୍‌ର ମଦିୟାଠାରେ ଥିବା ଉକ୍ତ ବ୍ରିଜ୍‌ର ଗୋଟିଏ ପିଲାର ଭୁଶୁଡ଼ି ପଡ଼ିଛି। କଙ୍କାଇ ନଦୀକୁ ମହାନନ୍ଦା ସହ ସଂଯୋଗ କରୁଥିବା ଏକ ଶାଖାନଦୀରେ ଏହି ବ୍ରିଜ୍ ୨୦୧୧ରେ ନିର୍ମାଣ କରାଯାଇଥିଲା। ନେପାଳରେ ଥିବା ନଦୀ ଅବବାହିକା ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ପିଲାର ଭୁଶୁଡ଼ି ପଡ଼ିବା ପରେ ଉକ୍ତ ବ୍ରିଜ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଗତ ସପ୍ତାହରେ ବିହାରର ଅରାରିଆ, ସିୱାନ ଏବଂ ପୂର୍ବ ଚମ୍ପାରନ୍ ଜିଲାରେ ୩ଟି ବ୍ରିଜ୍ ଭୁଶୁଡ଼ିଥିଲା।

### ନଡ୍ଡା ରାଜ୍ୟ ସଭା ନେତା ନିଯୁକ୍ତ



ନୂଆଦିଲ୍ଲୀ,୨୭।୬

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଗୁରୁବାର ରାଜ୍ୟ ସଭାରେ ଗୃହର ନେତା ନିଯୁକ୍ତ କରାଯାଇଛି। ଗୁରୁବାର ଥିଲା ଉଚ୍ଚ ସଦନର ୨୬୪ତମ ଅଧିବେଶନର ପ୍ରଥମ ଦିନ। ଜଗତ ପ୍ରକାଶ ନଡ୍ଡାଙ୍କୁ ରାଜ୍ୟ ସଭାର ନେତା ନିଯୁକ୍ତ କରାଗଲା ବୋଲି ଏହି ଅବସରରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦୀପ ଧନ୍‌କର ଘୋଷଣା କରିଥିଲେ। ଏହି ଘୋଷଣା ବେଳେ ଉଚ୍ଚ ସଦନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଥିଲେ। ନଡ୍ଡାଙ୍କୁ ଗୃହର ନେତା ନିଯୁକ୍ତ କରିବା ପାଇଁ ଭାଜପା ପୂର୍ବରୁ ନିଷ୍ପତ୍ତି ନେବା ସହ ଏ ସମ୍ପର୍କରେ ଉଚ୍ଚ ସଦନକୁ ଜଣାଇ ଦେଇଥିଲା।

### ଏମ୍ସରୁ ଡିସ୍‌ଚାର୍ଜ ହେଲେ ଆଡ଼ଭାନୀ



ନୂଆଦିଲ୍ଲୀ, ୨୭।୬

ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ଭେଟେରାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀ(୯୬) ବୁଧବାର ବିଳମ୍ବିତ ରାତ୍ରିରେ ଦିଲ୍ଲୀ ଏମ୍ସର ଜେରିଆଟ୍ରିକ୍ ବିଭାଗରେ ଭର୍ତ୍ତି ହୋଇଥିଲେ। ଏକ ପ୍ରାଇଭେଟ୍ ୱାର୍ଡରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ହୋଇଥିଲା। ତେବେ ଆଡ଼ଭାନୀଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସହ ଗୁରୁବାର ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ଏମ୍ସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାର୍ଦ୍ଧକ୍ୟଜନିତ ସମସ୍ୟା ଯୋଗୁ ଆଡ଼ଭାନୀଙ୍କର ନିୟମିତ ଡାକ୍ତରୀ ଚେକ୍‌ଅପ୍ କରାଯାଇଥାଏ।

### ଅମରନାଥ ଯାତ୍ରା ପଞ୍ଜୀକରଣ ଆରମ୍ଭ

ଜମ୍ମୁ, ୨୭।୬

ପ୍ରସିଦ୍ଧ ଅମରନାଥ ଗୁମ୍ଫା ମନ୍ଦିରକୁ ଯାତ୍ରା ପାଇଁ ଜମ୍ମୁ ଜିଲାର ଭଗବତୀ ନଗର ବେସ୍ କ୍ୟାମ୍ପଠାରେ ପହଞ୍ଚିଥିବା ଶ୍ରଦ୍ଧାଳୁଙ୍କର ଗୁରୁବାର ଅନ୍-ଦି-ସ୍ପଟ୍ ପଞ୍ଜୀକରଣ ଆରମ୍ଭ ହୋଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ୧୬୦୦ ତୀର୍ଥଯାତ୍ରୀ ଏହି କ୍ୟାମ୍ପରେ ପହଞ୍ଚି ପଞ୍ଜୀକରଣ କରିଥିବା ଜିଲା ପ୍ରଶାସନ କହିଛି। ସମସ୍ତ ତୀର୍ଥଯାତ୍ରୀଙ୍କର ପଞ୍ଜୀକରଣ ସରିବା ପରେ ସେମାନେ କଶ୍ମୀର ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ସ୍ଥାନୀୟ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଏହି ବେସ୍‌କ୍ୟାମ୍ପରେ ଅନେକ ସଂଖ୍ୟାରେ ମହିଳାଙ୍କ ସମେତ ୮୦୦ ପାରମ୍ପରିକ ବେଶ ଧାରୀ ଶ୍ରଦ୍ଧାଳୁ ଦକ୍ଷିଣ କଶ୍ମୀର ହିମାଳୟର ୩୮୮୦ ମିଟର ଉଚ୍ଚତାରେ ଅବସ୍ଥିତ ଅମରନାଥ ଗୁମ୍ଫା ମନ୍ଦିରର ପବିତ୍ର ଶିବଲିଙ୍ଗଙ୍କୁ ଦର୍ଶନ କରିବାକୁ ଉତ୍ସାହର ସହ ଅପେକ୍ଷା କରି ରହିଥିବା ସେ କହିଛନ୍ତି। ଜୁନ୍ ୨୯ରୁ ଏହି ୫୨ ଦିବସୀୟ ତୀର୍ଥଯାତ୍ରା ଆରମ୍ଭ ହେବ।

# ଏନ୍‌ଟିଏ ଅଫିସରେ ପଶିଲା କଂଗ୍ରେସ

## ଏନ୍‌ଇଇଟି-ୟୁଜି ପରୀକ୍ଷା ଆୟୋଜକ ସଂସ୍ଥାକୁ ସୁପ୍ରିମକୋର୍ଟ, ହାଇକୋର୍ଟଙ୍କ ନୋଟିସ୍




ନୂଆଦିଲ୍ଲୀସ୍ଥିତ ଏନ୍‌ଟିଏ କାର୍ଯ୍ୟାଳୟରେ ଗୁରୁବାର କଂଗ୍ରେସ ଛାତ୍ରଶାଖା ଏନ୍‌ଏସ୍‌ୟୁଆଇ କର୍ମକର୍ତ୍ତା ପ୍ରବେଶ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନୂଆଦିଲ୍ଲୀ,୨୭।୬

ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଦୁର୍ନୀତି ଯୋଗୁ ପ୍ରାୟ ୨୪ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯାଇଛି। ଏହି ମେଡିକାଲ୍ ଏଣ୍ଟ୍ରାନ୍ସର ଆୟୋଜକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଭଙ୍ଗ କରାଯାଉ ବୋଲି କଂଗ୍ରେସର ଛାତ୍ର ଶାଖା ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଅଭିଯୋଗ ଆଣିଛି। ଏନ୍‌ଏସ୍‌ୟୁଆଇ ସଦସ୍ୟମାନେ ଗୁରୁବାର ନୂଆଦିଲ୍ଲୀସ୍ଥିତ ଏନ୍‌ଟିଏ କାର୍ଯ୍ୟାଳୟକୁ ଧସେଇ ପଶିଛନ୍ତି। ସେଠାରେ ସେମାନେ ଏନ୍‌ଟିଏ ଏବଂ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନ୍‌ଟିଏ ଅଫିସରେ ପଶିଥିବା କେତେଜଣ ବିକ୍ଷୋଭକାରୀ ବିଲ୍ଡିଂରେ ଭିତରପଟୁ ତାଲା ପକାଇଦେଇଥିଲେ। ବାହାରେ କେତେଜଣ ସଦସ୍ୟଙ୍କୁ ପୋଲିସ ଅଟକ ରଖିଥିଲା।

ଇତିମଧ୍ୟରେ ଏନ୍‌ଇଇଟି-ୟୁଜି ୨୦୨୪ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ଓଏମ୍‌ଆର୍ ଶିଟ୍ ଦିଆଯିବା ଉପରେ କୌଣସି ନିର୍ଦ୍ଦିଷ୍ଟ ସୀମା ରହିଛି କି ନାହିଁ ସେନେଇ ଅବଗତ କରାଇବା ପାଇଁ ଗୁରୁବାର ସୁପ୍ରିମକୋର୍ଟ ଏନ୍‌ଟିଏକୁ ପ୍ରଶ୍ନ କରିଛନ୍ତି। ଏକ ଘରୋଇ କୋଚିଂ ସେଣ୍ଟର ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍ ମନୋଜ ମିଶ୍ରା ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଖଣ୍ଡପୀଠ ଏନ୍‌ଟିଏକୁ ନୋଟିସ୍ କରିଛନ୍ତି। ଜୁଲାଇ ୮ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହିପରି ଏନ୍‌ଇଇଟି ଏଣ୍ଟ୍ରାନ୍ସରେ ଫିଜିକ୍ସ ପାଠ୍ୟକ୍ରମ ବାହାରୁ ପ୍ରଶ୍ନ ଦିଆଯାଇଥିବା ଅଭିଯୋଗ ଆଣି କେତେଜଣ ଛାତ୍ରୀଛାତ୍ର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଧର୍ମେଶ ଶର୍ମାଙ୍କ ଅବକାଶକାଳୀନ ଖଣ୍ଡପୀଠ ଏନ୍‌ଟିଏକୁ ଏହା ଉପରେ ଜବାବ ମାଗିବା ସହ ନୋଟିସ୍ କରିଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟର ତଦନ୍ତ କରିବେ ସରକାର: ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୭।୬(ପି.ଟି.)

ନିକଟରେ ହୋଇଥିବା ପ୍ରଶ୍ନପତ୍ର ପ୍ରଘଟର ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡିତ କରିବା ପାଇଁ କେନ୍ଦ୍ରସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଗୁରୁବାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ପାର୍ଲାମେଣ୍ଟର ନୂଆ ଅଧିବେଶନକୁ ପ୍ରଥମ ସମ୍ବୋଧନରେ ରାଷ୍ଟ୍ରପତି କହିଛନ୍ତି, ଦେଶର ଯୁବପିଢ଼ି ଯେପରି ବଡ଼ ସ୍ୱପ୍ନ ଦେଖି ତାକୁ ସାକାର କରିବେ ସରକାର ସେହି ଦିଗରେ ଏକ ପରିବେଶ ସୃଷ୍ଟି ପାଇଁ କାର୍ଯ୍ୟ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ରାଷ୍ଟ୍ରପତି ଅବତାରଣା କରୁଥିବାବେଳେ କେତେଜଣ ବିରୋଧୀ ସଦସ୍ୟ ବଡ଼ ପାଟିରେ 'ଏନ୍‌ଇଇଟି' କହୁଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ମୁର୍ମୁ ବକ୍ତବ୍ୟରେ କହିଥିଲେ, ଯଦି କୌଣସି କାରଣବଶତଃ ପରୀକ୍ଷାରେ ବାଧା ସୃଷ୍ଟି ହୋଇଥାଏ ତେବେ ତାହା ଠିକ୍ ନୁହେଁ। ସରକାରୀ ନିଯୁକ୍ତି ଓ ପରୀକ୍ଷାଗୁଡ଼ିକରେ ପବିତ୍ରତା ଏବଂ ସ୍ୱଚ୍ଛତା ଜରୁରୀ। ତେଣୁ ସରକାର ପେପର୍ ଲିକ୍ ମାମଲାର ତଦନ୍ତ କରାଇ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବେ। ପ୍ରଶ୍ନପତ୍ର ପ୍ରଘଟକାରୀଙ୍କୁ ଦଣ୍ଡିତ କରିବା ପାଇଁ ପାର୍ଲାମେଣ୍ଟରେ ଏକ କଡ଼ା ଆଇନ ପ୍ରଣୟନ କରାଯାଇଥିବା ବିଷୟ ରାଷ୍ଟ୍ରପତି ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ସରକାର ପରୀକ୍ଷା ପ୍ରକ୍ରିୟାରେ ସଂସ୍କାର ଆଣିବା ଲାଗି କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

## ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଘୃଣା ବଢ଼ିବା ଚିନ୍ତାଜନକ: ବ୍ଲିଙ୍କେନ୍

ୱାଶିଂଟନ,୨୭।୬

ଭାରତରେ ଧର୍ମାନ୍ତରୀକରଣ ନିରୋଧୀ ଆଇନ, ଘୃଣିତ ଭାଷଣ ଦେବା, ସଂଖ୍ୟାଲଘୁଙ୍କ ଘର ଓ ଉପାସନା ସ୍ଥଳୀ ଭାଙ୍ଗିଦେବା ଚିନ୍ତାଜନକ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଉପରେ ପରରାଷ୍ଟ୍ର ବିଭାଗର ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ଅବସରରେ ବ୍ଲିଙ୍କେନ୍ ଉପରୋକ୍ତ ପ୍ରତିକ୍ରିୟା ଦେଇଛନ୍ତି। ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ପାଇଁ ବୈଶ୍ୱିକ ଉଦ୍ୟମ ସମ୍ପର୍କରେ ସେ କହିଥିଲେ। ରିପୋର୍ଟରେ କୁହାଯାଇଛି, ୨୦୨୩ରେ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗରେ ଆମେରିକାର ବରିଷ୍ଠ ଅଧିକାରୀମାନେ ଏକାଧିକ ଥର ଭାରତୀୟ ପ୍ରତିପକ୍ଷଙ୍କ ନିକଟରେ ଧର୍ମୀୟ ସ୍ୱାଧୀନତାକୁ ନେଇ ସେମାନଙ୍କ ଉଦ୍‌ବେଗ ଉପସ୍ଥାପନ କରିଥିଲେ।

ଭାରତର ୨୮ ରାଜ୍ୟ ମଧ୍ୟରୁ ୧୦ଟିରେ ସବୁ ଧର୍ମାବଲମ୍ବୀଙ୍କ ପାଇଁ ଧର୍ମାନ୍ତରୀକରଣ କଟକଣା ଆଇନ ରହିଛି। ସେଥିମଧ୍ୟରୁ କେତୋଟି ରାଜ୍ୟ ବିବାହ ଉଦ୍ଦେଶ୍ୟରେ ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ ଦଣ୍ଡବିଧାନ ବ୍ୟବସ୍ଥା କରିଛନ୍ତି। ଧର୍ମୀୟ ସଂଖ୍ୟାଲଘୁଙ୍କୁ ହିଂସାରୁ ସୁରକ୍ଷା ଦେବା, ସେମାନଙ୍କ ବିରୋଧରେ ଅପରାଧର ତଦନ୍ତ ଏବଂ ସେମାନଙ୍କ ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ପାଇଁ ସରକାରଙ୍କ ସାମର୍ଥ୍ୟ ଓ ଆଗ୍ରହକୁ ଏହାର କେତେଜଣ ସଦସ୍ୟ ୨୦୨୩ରେ ଚ୍ୟାଲେଞ୍ଜ କରିଥିଲେ। ପୂର୍ବରୁ ଭାରତ ଉପରେ ଆମେରିକାର ମାନବାଧିକାର ରିପୋର୍ଟକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଥିଲା। ୱାଶିଂଟନ ଭୁଲ୍ ତଥ୍ୟ ଆଧାରରେ ରିପୋର୍ଟ ପ୍ରସ୍ତୁତ କରିଥିବା ଭାରତ କହିଥିଲା।

## ଅରୁନ୍ଧତୀ ରାୟଙ୍କୁ ପେନ୍ ପିଣ୍ଟର ପ୍ରାଇଜ୍



ଲଣ୍ଡନ,୨୭।୬

ବୁକର ପୁରସ୍କାର ବିଜେତା ଲେଖିକା ଅରୁନ୍ଧତୀ ରାୟଙ୍କୁ ଗୁରୁବାର ମର୍ଯ୍ୟାଦାଜନକ ପେନ୍ ପିଣ୍ଟର ପ୍ରାଇଜ୍‌ରେ ସମ୍ମାନିତ କରାଯାଇଛି। ତାଙ୍କର ଅଦମ୍ୟ ଏବଂ ଦୃଢ଼ ଲେଖା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଲଢୁଥିବା ତଥା ସାହିତ୍ୟକୁ ସେଲିବ୍ରେଟ୍ କରୁଥିବା ଇଂଲିଶ ପେନ୍ ନାମକ ଦାତବ୍ୟ ଅନୁଷ୍ଠାନ ଦ୍ୱାରା ନୋବେଲ ବିଜୟୀ ସାହିତ୍ୟିକ ତଥା ନାଟକ ଲେଖକ ହାରୋଲ୍ଡ ପ୍ରିଣ୍ଟରଙ୍କ ସ୍ମରଣାର୍ଥେ ୨୦୦୯ରେ ଏହି ପୁରସ୍କାର ପ୍ରଚଳନ କରାଯାଇଥିଲା। ପୁରସ୍କାର ପାଇ ୬୨ ବର୍ଷୀୟ ଅରୁନ୍ଧତୀ ଖୁସି ବ୍ୟକ୍ତ କରିଛନ୍ତି। ନିଜର ପ୍ରଥମ ଉପନ୍ୟାସ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ପାଇଁ ବୁକର ପୁରସ୍କାର ପାଇଥିଲେ ଅରୁନ୍ଧତୀ।

## ଟ୍ରେନ୍‌ରେ ଯାତ୍ରୀଙ୍କୁ ଗୋରୁ ଭଳି ବୁହାଯିବା ଲଜ୍ଜାଜନକ: ହାଇକୋର୍ଟ

ମୁମ୍ବାଇ,୨୭।୬

ଲୋକାଲ୍ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ ଗୋରୁଙ୍କଠାରୁ ଆହୁରି ଦୟନୀୟ ଭାବେ ବୁହାଯାଉଥିବା ନେଇ ବମ୍ବେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଲଜ୍ଜାଜନକ ଘଟଣା। ଟ୍ରେନ୍‌ରୁ ଖସିପଡ଼ିବା ଏବଂ ଟ୍ରାକ୍ ଅତିକ୍ରମ ବେଳେ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାରେ ରେଳୱେ ସମର୍ଥ ହୋଇଛି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଏଭଳି ଦୁର୍ଘଟଣା ରୋକିବା ରେଳୱେର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରିବା ଉଚିତ ନୁହେଁ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅମିତ୍ ବୋର୍କାରଙ୍କ ଖଣ୍ଡପୀଠ କହିଛନ୍ତି। ଲୋକାଲ ଟ୍ରେନ୍‌ଗୁଡ଼ିକରେ ଅତ୍ୟଧିକ ଭିଡ଼ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢ଼ିବା ସମ୍ଭାବ୍ୟ କାରଣ ବୋଲି ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଅଭିଯୋଗ ହୋଇଥିଲା। ଟୋକିଓ ପରେ ମୁମ୍ବାଇ ସବ୍‌ଅର୍ବାନ ରେଳୱେ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବ୍ୟସ୍ତବହୁଳ। ଏଠାରେ ବର୍ଷକୁ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଛି।



## ଏଆଇ ପ୍ରସ୍ତୁତି: ୭୨ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୨୭।୬

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା ପ୍ରସ୍ତୁତି ସୂଚକାଙ୍କ (ଏଆଇପିଆଇ) ଡ୍ୟାସ୍‌ବୋର୍ଡ ଏହାର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ବିଶ୍ୱର ୧୭୪ଟି ଦେଶ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ପାଇଁ କେତେଦୂର ପ୍ରସ୍ତୁତ ହୋଇଛନ୍ତି, ତାହାକୁ ଏଥିରେ ଚିହ୍ନଟ କରାଯାଇଛି। ଇଣ୍ଡେକ୍ସରେ ଦେଶଗୁଡ଼ିକୁ ଅଗ୍ରୀମ ଅର୍ଥନୀତି (ଏଆଇ), ବଢୁଥିବା ବଜାର ଅର୍ଥନୀତି (ଇଏମ୍) ଏବଂ ନିମ୍ନ ଆୟକାରୀ ଦେଶ (ଏଲ୍‌ଆଇସି) ଭାବରେ ବିଭକ୍ତ କରାଯାଇଛି। ସର୍ବାଧିକ ହାର ଏଇ ବର୍ଗରେ ସିଙ୍ଗାପୁର (୦.୮୦), ଡେନ୍‌ମାର୍କ (୦.୭୮) ଏବଂ ଆମେରିକା (୦.୭୭) ରହିଥିବାବେଳେ ୦.୪୯ ରେଟିଂ ସହ ଭାରତ ଇଏମ୍ କାଟାଗୋରିରେ ରହିଛି। ୧୭୪ ଦେଶ ମଧ୍ୟରୁ ଭାରତର ର୍‍ୟାଙ୍କ୍ ୭୨ ଥିବାବେଳେ ୦.୬୪ ରେଟିଂ ସହ ଚାଇନା ୩୧ରେ, ୦.୩୮ ରେଟିଂ ସହ ବାଂଲାଦେଶ ୧୧୩ରେ ଏବଂ ୦.୪୩ ରେଟିଂ ସହ ଶ୍ରୀଲଙ୍କା ୯୨ତମ ସ୍ଥାନରେ ରହିଛି। ମୁଖ୍ୟତଃ ୪ଟି କ୍ଷେତ୍ରର ପ୍ରସ୍ତୁତିକୁ ଆକଳନ କରାଯାଇ ଏହି ରେଟିଂ କରାଯାଇଛି। ତାହା ହେଲା ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ମାନବ ପୁଞ୍ଜି ଓ ଶ୍ରମ ବଜାର ନୀତି, ନବପ୍ରବର୍ତ୍ତନ ଓ ଆର୍ଥିକ ସମନ୍ୱୟ ଏବଂ ନିୟମାବଳୀ।

ଆଇଏମ୍‌ଏଫ୍ ରିସର୍ଚ୍ଚ ପେପର ଆଧାରରେ ଏକ ବ୍ଲଗ୍ ପ୍ରକାଶ କରିଥିଲା। ଏଇ ଦେଶଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ୩୩% ନିଯୁକ୍ତି ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଇଥିଲା।

# ଲୋକ ସଭାରେ ସେଙ୍ଗୋଲ ବଦଳରେ ସମ୍ବିଧାନ ରଖାଯାଉ

### ଏସ୍‌ପି ଏମ୍‌ପିଙ୍କ ଦାବି



ନୂଆଦିଲ୍ଲୀ,୨୭।୬

ଗଣତାନ୍ତ୍ରିକ ଭାରତରେ ରାଜତାନ୍ତ୍ରିକ କାଳଭ୍ରମିତ ପ୍ରତୀକ ବୋଲି ସମାଜବାଦୀ ପାର୍ଟି(ଏସ୍‌ପି) ଏମ୍‌ପି ଆର୍.କେ. ଚୌଧରୀ କହିବା ସହ ଏହାକୁ ହଟାଇ ଉକ୍ତ ସ୍ଥାନରେ ସମ୍ବିଧାନ ରଖିବା ପାଇଁ ଦାବି କରିଛନ୍ତି। ତାଙ୍କ ଦାବିକୁ ସମର୍ଥନ କରି ଏସ୍‌ପି ଅଧ୍ୟକ୍ଷ ଅଖିଲେଶ ଯାଦବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶପଥ ନେବା ପରେ ସେଙ୍ଗୋଲ ନିକଟରେ ମୁଣ୍ଡ ନୁଆଁଇ ନ ଥିଲେ। ପାର୍ଲାମେଣ୍ଟରୁ ସେଙ୍ଗୋଲ ହଟିବା ଆବଶ୍ୟକ ବୋଲି ଆର୍‌ଜେଡି ଏମ୍‌ପି ମିସା ଭାରତୀ କହିଛନ୍ତି। ଚୌଧରୀଙ୍କ ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ଭାଜପା ଓ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ବିରୋଧ କରିଛନ୍ତି।

ଚୌଧରୀ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ପତ୍ର ଲେଖି ଗଣତାନ୍ତ୍ରିକ ଭାରତରେ ସେଙ୍ଗୋଲ ଏକ ରାଜତାନ୍ତ୍ରିକ ପ୍ରତୀକ ବୋଲି କହିଥିଲେ। ସେଙ୍ଗୋଲ ହେଉଛି ରାଜଦଣ୍ଡ। ରାଜାରାଜୁଡ଼ା ଶାସନ ଶେଷ ହେବା ପରେ ଦେଶ ସ୍ୱାଧୀନ ହୋଇଥିଲା। ଦେଶ ରାଜାଙ୍କ ଦଣ୍ଡରେ ନା ସମ୍ବିଧାନ ଦ୍ୱାରା ଶାସିତ ହେବ ବୋଲି ସେ ପ୍ରଶ୍ନ କରିବା ସହ ସମ୍ବିଧାନର ସୁରକ୍ଷା ପାଇଁ ପାର୍ଲାମେଣ୍ଟରୁ ସେଙ୍ଗୋଲ ହଟାଇଦେବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଅବସରରେ ଲୋକ ସଭାରେ ସେଙ୍ଗୋଲ ସ୍ଥାପନ କରାଯାଇଥିଲା। ବ୍ରିଟିଶଠାରୁ ଭାରତକୁ କ୍ଷମତା ହସ୍ତାନ୍ତରର ପ୍ରତୀକ ସ୍ୱରୂପ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ଏସ୍‌ପି ଏମ୍‌ପିଙ୍କ ଦାବିକୁ ବିରୋଧ କରି ଭାଜପା କହିଛି, ଏହି ଦଳ ଭାରତୀୟ ଏବଂ ତାମିଲ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗକୁ ଅପମାନିତ କରିଛି। ଯଦି ଏହା ରାଜତନ୍ତ୍ରର ପ୍ରତୀକ, ତେବେ ନେହେରୁ କାହିଁକି ଗ୍ରହଣ କରିଥିଲେ ବୋଲି ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ପ୍ରଶ୍ନ କରିଛନ୍ତି। ଇଣ୍ଡିଆ ବ୍ଲକ୍ ତାମିଲ ସଂସ୍କୃତିକୁ ଘୃଣା କରୁଥିବା ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ଭାରତୀୟ ଇତିହାସ କିମ୍ବା ସଂସ୍କୃତି ପ୍ରତି ଏସ୍‌ପିର ସମ୍ମାନ ନାହିଁ। ସେଙ୍ଗୋଲକୁ ନେଇ ଉକ୍ତ ଦଳର ଶୀର୍ଷ ନେତାଙ୍କ ମନ୍ତବ୍ୟ ନିନ୍ଦନୀୟ ବୋଲି ଆଦିତ୍ୟନାଥ କହିଛନ୍ତି।

### ଲୋକ ସଭା ବାଚସ୍ପତିଙ୍କୁ ଭେଟିଲେ ରାହୁଲ

#### ଏମର୍ଜେନ୍ସି ପ୍ରସଙ୍ଗ ବାଦ୍ ଦିଆଯାଇପାରିଥାନ୍ତା କହିଲେ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ବାଚସ୍ପତି ଓମ୍ ବିର୍ଲାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗୃହରେ ଅଧ୍ୟକ୍ଷତା କରୁଥିବା ବାଚସ୍ପତି ଜରୁରୀ ସ୍ଥିତି ଉପରେ ଭାଷଣ ଦେବାକୁ ନେଇ ରାହୁଲ ଏହି ଅବସରରେ ନିଜର ଅସନ୍ତୋଷ ଜଣାଇଛନ୍ତି। ଏହା ସମ୍ପୂର୍ଣ୍ଣ ରାଜନୈତିକ ଏବଂ ଏହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ରାହୁଲ ବିର୍ଲାଙ୍କୁ କହିଛନ୍ତି। ବାଚସ୍ପତି ରାହୁଲଙ୍କୁ ବିରୋଧୀ ଦଳ ନେତା ଘୋଷଣା କରିବା ପରେ ସେ ଓ ଇଣ୍ଡିଆ ବ୍ଲକ୍ ସହଯୋଗୀ ଦଳଗୁଡ଼ିକର ନେତା ବିର୍ଲାଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ଏମର୍ଜେନ୍ସି ସମେତ ଗୃହର କାର୍ଯ୍ୟ ପରିଚାଳନାକୁ ନେଇ ସେମାନେ ବାଚସ୍ପତିଙ୍କୁ ସହ ଆଲୋଚନା କରିଥିଲେ।

### ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କଲେ ଆପ୍ ଏମ୍‌ପି




ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି ଆପ୍ ଏମ୍‌ପି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରୁଥିବାବେଳେ ଆପ୍ ଏମ୍‌ପିମାନେ ଦଳ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରୀ ପ୍ରତିବାଦରେ ଏହାକୁ ବର୍ଜନ କରିଛନ୍ତି। ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଅରବିନ୍ଦ କେଜ୍‌ରିୱାଲଙ୍କୁ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ବୁଧବାର ଗିରଫ କରିଥିଲା। ଏହାର ପ୍ରତିବାଦ କରିବା ସହ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ଲେଖା ପଢୁଥିବା ଆପ୍ ଏମ୍‌ପି କହିଥିଲେ। ଆପ୍ ଏମ୍‌ପିମାନେ କେଜ୍‌ରିୱାଲଙ୍କ ଗିରଫଦାରି ବିରୋଧରେ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହା ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ ବୋଲି ଅଭିଯୋଗ କରିଥିଲେ।

### ମୋଦିଙ୍କୁ ୭୩ ଥର, ରାହୁଲଙ୍କୁ ୬ ଥର ଦେଖାଇଲା ସଂସଦ ଟିଭି

ପାର୍ଲାମେଣ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସମୟରେ ଏହାର ପ୍ରସାରଣ କରୁଥିବା ସଂସଦ ଟିଭି ପକ୍ଷପାତ କରିଥିବା କଂଗ୍ରେସ ଅଭିଯୋଗ କରିଛି। ରାଷ୍ଟ୍ରପତିଙ୍କ ୫୧ ମିନିଟ୍‌ର ଅଭିଭାଷଣ ବେଳେ ଉକ୍ତ ଟିଭି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୩ ଥର ଦେଖାଇଥିବାବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମାତ୍ର ୬ ଥର ଦେଖାଇଥିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସରକାରୀ ଦଳର ଏମ୍‌ପିମାନଙ୍କୁ ୧୦୮ ଥର ଦେଖାଯାଇଥିବାବେଳେ ବିରୋଧୀ ଏମ୍‌ପିମାନଙ୍କ ପାର୍ଶ୍ୱରେ ମାତ୍ର ୧୮ ଥର କ୍ୟାମେରା ପଡ଼ିଥିଲା। ଗୃହର କାର୍ଯ୍ୟଧାରା ପ୍ରସାର ପାଇଁ ସଂସଦ ଟିଭି ଉଦ୍ଦିଷ୍ଟ, କ୍ୟାମେରାଜୀବୀଙ୍କ ଅହଂକାର ପାଇଁ ନୁହେଁ ବୋଲି ଜୟରାମ ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ଏସ୍‌ସିବିରେ ରକ୍ତ ପାଇଁ ମଗାଯାଉଛି ଟଙ୍କା

## ରୋଗୀ ଓ ସମ୍ପର୍କୀୟଙ୍କୁ ଚିନ୍ତା ଘାରୁଛି

କଟକ,୨୭।୬(ଶିଳ୍ପା ପ୍ରିୟଦର୍ଶିନୀ)

ଚିକିତ୍ସା କ୍ଷେତ୍ରରେ ଇତିହାସ ରଚୁଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ବିକଳ ଚିତ୍ର ଗୋଟିକ ପରେ ଗୋଟିଏ ସାମ୍ନାକୁ ଆସିବାରେ ଲାଗିଛି। ଏସ୍‌ସିବି ରକ୍ତ ଭଣ୍ଡାରରେ ରକ୍ତ ପାଇଁ ରୋଗୀ ଓ ସମ୍ପର୍କୀୟଙ୍କୁ ଟଙ୍କା ମଗାଯାଉଛି। ନିୟମ ଅନୁଯାୟୀ, ରକ୍ତ ଭଣ୍ଡାରରେ ରକ୍ତ ବଦଳାଇ ରକ୍ତ ନେଇହେବ। କିନ୍ତୁ ଏଥିପାଇଁ ରକ୍ତଭଣ୍ଡାରର କର୍ମଚାରୀମାନେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ରକ୍ତ ମିଳିବ ନାହିଁ ବୋଲି କହୁଛନ୍ତି। ଦୂର ଦୂରାନ୍ତରୁ ଆସୁଥିବା ଅନେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବିକଳ୍ପ ନ ପାଇ ରକ୍ତଦାତା ଯୋଗାଡ଼ କରିବା ନିମନ୍ତେ ଟଙ୍କା ଦେବାକୁ ବାଧ ହେଉଛନ୍ତି। ଏହା ସେମାନଙ୍କୁ ଚିନ୍ତାରେ ପକାଉଛି। କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏଭଳି ଅଭିଯୋଗ ଆଣିଛନ୍ତି।

ମେଡିକାଲର ହେମାଟୋଲୋଜି ବିଭାଗରେ ଆଜିକୁ ୭ଦିନ ହେବ ଭର୍ତ୍ତି ହୋଇଛନ୍ତି ସମ୍ବଲପୁର ଜିଲା ଚକଳିଆବାହାଲ ଅଞ୍ଚଳର ସୁନିତା ଖାର୍‌ସେଲ୍(୮)। ଗୁରୁତର ଅସୁସ୍ଥ ହେବାରୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ସୁନିତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ପ୍ରଥମେ ଆଶୁ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ହେମାଟୋଲୋଜି ବିଭାଗକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସୁନିତାଙ୍କୁ ତିନୋଟି ଲେଖାଏ ରକ୍ତ ନେବାର ଆବଶ୍ୟକତା ରହିଛି। ରକ୍ତ ପାଇଁ ଏସ୍‌ସିବି ରକ୍ତଭଣ୍ଡାରକୁ ସୁନିତାଙ୍କ ବାପା ଦୁର୍ଯ୍ୟୋଧନ ଖାର୍‌ସେଲ୍ ଯାଇଥିବାବେଳେ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ରକ୍ତଦାତା ଖୋଜିଦେବେ କହି ୩ ହଜାର ଟଙ୍କା ମାଗିବା ସହ ଅଧିକ ଗୋଟିଏ ରକ୍ତ ମଧ ଯୋଗାଡ଼ କରିଦେବେ ବୋଲି କହିଥିଲେ। ଫଳରେ ଦୁର୍ଯ୍ୟୋଧନ ଟଙ୍କା ଦେଇଥିଲେ। ଏହାପରେ ତାଙ୍କୁ ରକ୍ତ ଯୋଗାଇ ଦିଆଯାଇଛି। ଏନେଇ ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି ଯେ, ଉତ୍ତମ ମାନର ଚିକିତ୍ସା ପାଇଁ ଝିଅକୁ ଏସ୍‌ସିବି ମେଡିକାଲକୁ ଆଣିଛି। କିନ୍ତୁ ଚିକିତ୍ସା ନାଁରେ ଏଠାରେ କର୍ମଚାରୀ ଓ ସୁରକ୍ଷାକର୍ମୀ ଟଙ୍କା ଲୁଟୁଛନ୍ତି। ଦୂରଦୂରାନ୍ତରରୁ ଆସୁଥିବା ରୋଗୀ ରକ୍ତ ପାଇଁ ହନ୍ତସନ୍ତ ହେଉଛନ୍ତି। ମେଡିକାଲରେ ବହୁ ଅବ୍ୟବସ୍ଥା ରହିଛି। ଟଙ୍କା ଦେଇ ଦୁଇଥର ରକ୍ତ ପାଇଛି। ଏବେ କିନ୍ତୁ ଆଉ ଗୋଟିଏ ରକ୍ତ ଆବଶ୍ୟକ ପଡୁଛି। ଯଦି ରକ୍ତଦାତା ଖୋଜି ନ ପାଇବି ତେବେ ପୁଣିଥରେ ସମ୍ପୃକ୍ତ କର୍ମଚାରୀଙ୍କୁ ଟଙ୍କା ଦେବାକୁ ପଡ଼ିବ। କାରଣ ମୋ ଝିଅର ଜୀବନ ମୂଲ୍ୟବାନ। ଟଙ୍କା ଦେବାରୁ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିନି କି ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିନି, ନଚେତ୍ ମେଡିକାଲରେ ବହୁତ ଖରାପ ବ୍ୟବହାର କରାଯାଉଛି। ମେଡିକାଲ କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀଙ୍କ ଉପରେ ନଜର ରଖିବା ଉଚିତ। ଫଳରେ ସେମାନେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଏଭଳି ଲୁଟିବା ବନ୍ଦ ହେବ ବୋଲି ଖାର୍‌ସେଲ୍ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଏବଂ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନା ଅନୁଯାୟୀ, ସମସ୍ୟାରେ ଛନ୍ଦି ହୋଇଯାଉଛି ଏସ୍‌ସିବି ମେଡିକାଲ। ଦିନକୁ ହଜାର ହଜାର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ରକ୍ତ ଆବଶ୍ୟକ କରୁଥିବା ରୋଗୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରକ୍ତ ନେବାକୁ ହେଲେ ଦାତା ଯୋଗାଡ଼ କରିବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟୁଛି। ରକ୍ତଦାତା ନ ମିଳିଲେ ରୋଗୀଙ୍କ ସମ୍ପର୍କୀୟ ଡହଳବିକଳ ହେଉଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି ରକ୍ତଭଣ୍ଡାରରେ ନିୟୋଜିତ ଥିବା କର୍ମଚାରୀ। ଏଭଳି ଶିକାର ହୋଇଛନ୍ତି ଖାର୍‌ସେଲ୍। ଚାରିଦିନ ତଳେ ପ୍ରଥମ ପର୍ଯ୍ୟାୟରେ ସେ ରକ୍ତଭଣ୍ଡାରରେ ରକ୍ତ ପାଇଁ ଟୋକନ କାଟିବା ସମୟରେ ତାଙ୍କୁ କର୍ମଚାରୀ ରକ୍ତଦାତା ଆଣିବାକୁ କହିଥିଲେ। ହେଲେ ରକ୍ତଦାତା ନ ଥିବାରୁ ସେ ନିରାଶ ହୋଇ ଫେରିବାବେଳେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ୩ହଜାର ଟଙ୍କା ଦେଲେ ରକ୍ତଦାତା ମିଳିପାରିବେ ବୋଲି କହିଥିଲେ। ଦୁର୍ଯ୍ୟୋଧନ ଦୁଇଟି ପର୍ଯ୍ୟାୟରେ ୬ହଜାର ଟଙ୍କା ଦେବାରୁ ସମ୍ପୃକ୍ତ ସୁରକ୍ଷାକର୍ମୀ ରକ୍ତଦାତା ଯୋଗାଡ଼ କରିଥିଲେ। କିନ୍ତୁ ଏବେ ଆହୁରି ରକ୍ତ ଆବଶ୍ୟକ ଥିବାବେଳେ ଦୁର୍ଯ୍ୟୋଧନ କେଉଁଠୁ ରକ୍ତଦାତା ଓ ଟଙ୍କା ଯୋଗାଡ଼ କରିବେ ଏବେ ସେଇ ଚିନ୍ତା ତାଙ୍କୁ ଘାରିଛି।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
SARADA VIHAR, MADANPUR, BHUBANESWAR-752054
Celebrating 25 Years of Excellence in Education @ NIIS
- BBA
- BCA
- B.Sc.(ITM)
- B.Sc. (Comp.Sc.)
- +3 Arts (All Hons.)
- +3 Science (All Hons.)
- +3 Commerce (All Hons.)
- B.Sc. (Biotechnology)
Special discount for Meritorious students.
In campus Hostel facilities.
Contact: 9778899990 / 9778899991
Visit us: www.niisgroup.org | E-mail: contactus@niisgroup.org

# ଆଶିଷ ସିଂଙ୍କ ଛୁଟି ସରିଛି ନା ନାହିଁ

## ଡିଜିଙ୍କୁ ଚିଠି ଲେଖି ପଚାରିଲେ ଗୃହ ବିଭାଗ ଅତିରିକ୍ତ ସଚିବ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

ଆଇପିଏସ୍ ଅଫିସର ଆଶିଷ ସିଂ କାର୍ଯ୍ୟରେ ଯୋଗଦେବା ସମ୍ପର୍କରେ ଓଡ଼ିଶା ଡିଜିଙ୍କ ପାଖକୁ ଗୁରୁବାର ଚିଠି ଲେଖି ପଚାରି ବୁଝିଲା ଗୃହ ବିଭାଗ। ଗୃହ ବିଭାଗ ଅତିରିକ୍ତ ସଚିବ ମୁରଲୀଧର ମଲିକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଆଶିଷ ସିଂ ଗତ ମେ ୪ ତାରିଖରୁ ଗୋଟିଏ ମାସ ଛୁଟି ନେଇଥିଲେ। ତାଙ୍କ ଛୁଟି ନେବାର ମାସେ ବିତିଯିବା ପରେ ଆଉ ଏକ ମାସ ଅତିକ୍ରମ କରିଗଲାଣି। ଏହାପରେ ଆଶିଷ ସିଂ ତାଙ୍କ ଛୁଟି ଆବେଦନ ବୃଦ୍ଧି କରିଛନ୍ତି ନା କାର୍ଯ୍ୟରେ ଯୋଗଦେଲେଣି ସେନେଇ କିଛି ଖବର ନାହିଁ। ତେଣୁ ତୁରନ୍ତ ଏ ବିଷୟରେ ତଥ୍ୟ ଦେବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ସାଧାରଣ ନିର୍ବାଚନ ସମୟରେ ଅସୁସ୍ଥତା କାରଣ ଦର୍ଶାଇ ଆଶିଷ ସିଂ ଛୁଟିରେ ଯାଇଥିଲେ। ଏହାପରେ ଭାଜପା ଅଭିଯୋଗ କରିଥିଲା ଯେ, ଆଶିଷ ସିଂ ଛୁଟିରେ ଯାଇ ବିଜେଡି ପାଇଁ କାମ କରୁଛନ୍ତି। ଭାରତର ନିର୍ବାଚନ କମିଶନ ଭାଜପାର ଏହି ଅଭିଯୋଗକୁ ଗ୍ରହଣ କରି ଆଶିଷ ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏମ୍‌ସର ଡାକ୍ତରୀ ଟିମ୍ ଆଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ସେ ସମ୍ପୂର୍ଣ୍ଣ ଫିଟ୍ ଥିବା ରିପୋର୍ଟ ଦେଇଥିଲା। ଏହାପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଜେଲ ଭିତରେ ଅଭିନେତ୍ରୀଙ୍କ ମେକ୍‌ଅପ, ପୋଲିସକୁ ନୋଟିସ




# ବିଜୁ ପଟ୍ଟନାୟକ ବିମାନବନ୍ଦର ଘରୋଇକରଣ ହେବ

ଭୁବନେଶ୍ୱର,୨୭।୬ (ଅନୁରାଧା ମହାରଣା)

କ୍ଷତିରେ ଚାଲୁଥିବା ବିମାନବନ୍ଦରକୁ ଘରୋଇ କମ୍ପାନୀ ହାତରେ ଟେକିଦିଆଯିବ। ଏହି ପରିପ୍ରେକ୍ଷୀରେ ଦେଶର ୧୧ଟି ବିମାନ ବନ୍ଦରକୁ ଘରୋଇକରଣ କରାଯିବା ପାଇଁ ଯୋଜନା ହୋଇଛି। ଏଥିମଧ୍ୟରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ରହିଛି। ଅଦାନୀ ଗ୍ରୁପ୍ ଏହି ବିମାନ ବନ୍ଦରର ଭିତ୍ତିଭୂମି ବିକାଶ ଓ ପରିଚାଳନା ଦାୟିତ୍ୱ ନେବାକୁ ଦୌଡ଼ରେ ଥିବା ଜଣାପଡିଛି। ଏହାସହ ଇନ୍ଦୋର, ରାୟପୁର, ତ୍ରିଚି, ଅମୃତସର, କାଲିକଟ୍, କୋଏମ୍ବାଟୁର, ନାଗପୁର, ପାଟନା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡା, ଭଦୋଦରା, ଭୋପାଳ, ତିରୁପତି, ହବଲି, ଇମ୍ଫାଲ, ରାଜତାଲ, ଉଦୟପୁର ଆଦି ବିମାନ ବନ୍ଦର ମଧ ଏହି ଘରୋଇକରଣ ତାଲିକାରେ ରହିଛି। ଏହିସବୁ ବିମାନବନ୍ଦରକୁ ଲିଜ୍ ସୂତ୍ରରେ ଘରୋଇ କମ୍ପାନୀକୁ ଦିଆଯିବ। ଏହାଦ୍ୱାରା ବିମାନବନ୍ଦରର ଉନ୍ନତି ଓ ପରିସୀମା ବୃଦ୍ଧି କରାଯିବ। କ୍ଷତିରେ ଚାଲୁଥିବା ସମସ୍ତ ବିମାନବନ୍ଦରର ତାଲିକା ପ୍ରସ୍ତୁତ କରାଯାଇ ବିଡିଂ କରାଯିବ। କେନ୍ଦ୍ର କ୍ୟାବିନେଟରେ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜାତୀୟ ଗଣମାଧ୍ୟମ ସୂତ୍ରରୁ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମତାମତ ମିଳିପାରିନାହିଁ।

# ରାଜ୍ୟରେ ଚାଷୀ ସମାବେଶକୁ ବ୍ୟାପକ କରିବ ଭାଜପା

**ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା ହେବା ପ୍ରସଙ୍ଗ**

- ୩୦ରେ କେନ୍ଦୁଝର ଜିଲାରୁ ହେବ ଶୁଭାରମ୍ଭ
- ସବୁ ଜିଲା, ବ୍ଲକ୍ , ପଞ୍ଚାୟତସ୍ତରରେ କରାଯିବ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

ଓଡ଼ିଶାର ପ୍ରମୁଖ ଫସଲ ଧାନ। ରାଜ୍ୟର ଚାଷୀମାନଙ୍କୁ ଲାଭାନ୍ୱିତ କରିବା ପାଇଁ ଭାଜପା ସଂକଳ୍ପବଦ୍ଧ। ଓଡ଼ିଶାରେ 'ଡବଲ ଇଞ୍ଜିନ ସରକାର' ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଖରିଫ ଧାନ କିଣା ସମୟରେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ଦିଆଯିବା ପାଇଁ ଘୋଷଣା କରିଥିବାରୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହ ସମସ୍ତ ବ୍ଲକ୍‌ରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, ଚାଷଜମିକୁ ଜଳସେଚିତ କରିବା ଓ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ଦେବାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ବ୍ୟାପକଭାବେ ଚାଷୀ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦିଆଯିବ। ଏହାର ଶୁଭାରମ୍ଭ ଆସନ୍ତା ଜୁନ୍ ୩୦ କେନ୍ଦୁଝର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ସାଳନ୍ଦୀ ଡ୍ୟାମ୍ ହଦଗଡ଼ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ ସାଙ୍ଗଠନିକ ଜିଲାରୁ ୨ ଶହ ଚାଷୀ ନେତା ଯୋଗଦାନ କରିବେ ବୋଲି ମହେଶ୍ୱର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରିଷ୍ଠ ଚାଷୀନେତାମାନେ ଯୋଗଦେବେ। ଏହି କାର୍ଯ୍ୟକ୍ରମ ପରେ ଓଡ଼ିଶାର ସବୁ ଜିଲା, ବ୍ଲକ୍ ଓ ପଞ୍ଚାୟତଗୁଡ଼ିକରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ 'ଧନ୍ୟବାଦ କାର୍ଯ୍ୟକ୍ରମ'କୁ ବ୍ୟାପକଭାବେ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା ଖରିଫ ଧାନକିଣା ପ୍ରାରମ୍ଭ ଦିନ ଏହି କାର୍ଯ୍ୟକ୍ରମର ସମାରୋପ ଏକ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯିବ।

# ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ସାତମାଇଲ,୨୭।୬ (ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଚିତ୍ତଳପୁର ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚିତ୍ତଳପୁର ଗ୍ରାମର ମୋହନ ବେହେରା (୩୫)। ଗୁରୁତର ହେଲେ ସେହି ଗ୍ରାମର କୁମର ବେହେରା (୩୦)। ଘଟଣାରୁ ଜଣାପଡିଛି, ମୋହନ ଓ କୁମର ବିଲରୁ କାମ ସାରି ଘରକୁ ଫେରୁଥିବା ସମୟରେ ହଠାତ୍ ବର୍ଷା ହୋଇଥିଲା। ଫଳରେ ଦୁହେଁ ଗାଁ ତାରଣୀମନ୍ଦିର ନିକଟ ଏକ ଗଛ ତଳେ ଠିଆ ହୋଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ମୋହନ ଟଳି ପଡିଥିଲେ ଏବଂ ସାଥି କୁମର ଗୁରୁତର ହୋଇଥିଲେ। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୋହନଙ୍କୁ ମୃତ ଘୋଷଣା କରିଥିଲେ। ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୁମରଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତୁରନ୍ତ ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ସଂକ୍ରମଣ, କ୍ଲିନିକ ସିଲ୍

- ୧୩ ରୋଗୀ ବୁର୍ଲା ମେଡିକାଲ ସ୍ଥାନାନ୍ତର
- ତଦନ୍ତ ନିର୍ଦ୍ଦେଶ ଦେଲେ ଅନୁଗୋଳ ଜିଲାପାଳ


ଘରୋଇ କ୍ଲିନିକ୍‌ରେ ଯାଞ୍ଚ କରାଯାଉଛି।

ଅନୁଗୋଳ,୨୭।୬

ଅନୁଗୋଳ ସହରସ୍ଥିତ ଅମଲାପଡ଼ାଠାରେ ଥିବା ଏକ ଘରୋଇ କ୍ଲିନିକରେ ୧୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିବା ବେଳେ ସମସ୍ତଙ୍କ ଆଖିରେ ସଂକ୍ରମଣ ହୋଇଛି। ଫଳରେ ସମସ୍ତ ରୋଗୀଙ୍କୁ ଉକ୍ତ ଘରୋଇ କ୍ଲିନିକ୍ ପକ୍ଷରୁ ବୁର୍ଲାସ୍ଥିତ ଭିଏସ୍‌ଏସ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏହି ଅଭିଯୋଗ ଆସିବା ପରେ ଘଟଣାର ତଦନ୍ତ ପାଇଁ ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ୫ ଜଣିଆ କମିଟି ଗଠନ କରି ଘଟଣାର ତଦନ୍ତ ସହ କ୍ଲିନିକ୍‌କୁ ସିଲ୍ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଉକ୍ତ ଘରୋଇ କ୍ଲିନିକରେ ୧୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଘରକୁ ଯିବା ପରେ ସମସ୍ତ ରୋଗୀଙ୍କ ଆଖିରେ ଯନ୍ତ୍ରଣା ହୋଇଥିଲା। ସେମାନେ କିଛି ଦେଖିପାରି ନ ଥିଲେ। କ୍ଲିନିକ ସହ ଯୋଗାଯୋଗ କରିବା ପରେ ଅସ୍ତ୍ରୋପଚାର କରିଥିବା ଡାକ୍ତର ସମସ୍ତଙ୍କୁ ଆଉଥରେ କ୍ଲିନିକ୍‌କୁ ଡକାଇଥିଲେ। ହେଲେ ସେମାନଙ୍କ ଆଖିରେ କିଛି ଉନ୍ନତି ହେଉ ନ ଥିବାରୁ ସମସ୍ତଙ୍କୁ ନିଜସ୍ୱ ଖର୍ଚ୍ଚରେ ବୁର୍ଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସା ପରେ କେତେଜଣଙ୍କ ଆଖିକୁ ଝାପ୍‌ସା ଦେଖାଯାଉଛି। ଏପରି ଅଭିଯୋଗ ଆସିବା ପରେ ଅନୁଗୋଳ ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବନନ୍ଦ ମହାନ୍ତି କହିଛନ୍ତି, ଗଠନ କରାଯାଇଥିବା ଏକ ୫ ଜଣିଆ ଡାକ୍ତରୀ ଟିମ୍ ଉକ୍ତ ଘରୋଇ କ୍ଲିନିକକୁ ଯାଇ ଯାଞ୍ଚ କରିଛନ୍ତି। ସେଠାରୁ କିଛି ମେସିନ ଓ ଔଷଧ ଜବତ କରି ପରୀକ୍ଷା ପାଇଁ ପଠାଯାଇଛି। କ୍ଲିନିକକୁ ସିଲ୍ କରାଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନନ୍ଦନକାନନରେ ବାଘୁଣୀ 'ସାରା'ର ମୃତ୍ୟୁ



ବାରଙ୍ଗ,୨୭।୬(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷଣ ତଥା ଶୋଭା ବଢ଼ାଉଥିବା ବାଘୁଣୀ 'ସାରା'ର ଗୁରୁବାର ଭୋର ସମୟରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାକୁ ୧୮ ବର୍ଷ ୧ମାସ ହୋଇଥିଲା। ତେବେ ସାରାର ବୟସାଧିକ ଓ ବୃଦ୍ଧାବସ୍ଥା କାରଣରୁ ମୃତ୍ୟୁ ଘଟିଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ବାଘୁଣୀ ମୃତ୍ୟୁରେ ନନ୍ଦନକାନନରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ନିର୍ଦ୍ଦେଶକ ଡ. ମନୋଜ ନାୟାର, ସମସ୍ତ ଅଧିକାରୀ, କର୍ମଚାରୀ ଦୁଃଖ ପ୍ରକାଶ କରିଛନ୍ତି। ସାରାର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ୨୬କୁ ହ୍ରାସ ପାଇଛି। ସାରାକୁ ମଧ୍ୟପ୍ରଦେଶର ବାନ୍ଧବଗଡ଼ ଟାଇଗର ରିଜର୍ଭରୁ ୨୦୦୬ ଅକ୍ଟୋବର ୧୮ରେ ମାତ୍ର ୫ ମାସ ବୟସରେ ଉଦ୍ଧାର କରାଯାଇ ଭୋପାଳର ବନ ବିହାର ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା। ପରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ତାକୁ ୨୦୦୯ ଏପ୍ରିଲ ୧୮ରେ ନନ୍ଦନକାନନକୁ ଅଣାଯାଇଥିଲା। ଧଳା ବାଘ ରିଷି ସହ ସାରାର ମିଳନରେ ୨୦୧୨ ଜାନୁଆରୀ ୧୩ରେ ସାରା ଗର୍ଭରୁ ୩ ବାଘୁଣୀ ଆଶା, ଅଙ୍କିତା ଏବଂ ଶୁଭଶ୍ରୀ ଜନ୍ମ ହୋଇଥିଲେ। ପରେ ଏକ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ୨୦୧୩ ଜାନୁୟାରୀ ୧୩ରେ ଆଶା ଓ ରିଷିକୁ ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତର କରାଯାଇଥିଲା। ବାଘ ସଫାରିର ୩୩ ନଂ. ଏନ୍‌କ୍ଲୋଜରରେ ରହୁଥିବା ସାରା ପ୍ରଥମ କରି ୨୦୨୪ ଫେବୃଆରୀ ୨୯ରେ ଅସୁସ୍ଥ ହୋଇଥିଲା। ଠିଆ ହୋଇ ନ ପାରିବା ଓ ନିଃଶ୍ୱାସ ନେବା ସାରା ପାଇଁ କଷ୍ଟସାଧ ହେବାରୁ ଏଠାକାର ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ। ଏହାପରେ ଆଣ୍ଟିବାୟୋଟିକ୍ ଏବଂ ସହାୟକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଗତ ମାର୍ଚ୍ଚ ୩ରେ ଠିଆ ହେବା, ଧୀରେ ଧୀରେ ମାଂସ ଖାଇବା ସହ ବିଚରଣ ଆରମ୍ଭ କରିଥିଲା। ଏହାସତ୍ତ୍ୱେ ଚିକିତ୍ସା ବଳବତ୍ତର ରହିଥିଲା। ଚିକିତ୍ସା ସତ୍ତ୍ୱେ ସେ ସୁସ୍ଥ ପରିବର୍ତ୍ତେ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଥିଲା।

# ଜେଲଗଲେ ନକଲି ଡାକ୍ତର

## ରାଉରକେଲା ସରକାରୀ ହସ୍ପିଟାଲରେ ଠିକାରେ କାର୍ଯ୍ୟ କରୁଥିଲେ

ରାଉରକେଲା,୨୭।୬ (ସଙ୍ଗୀତା ଜେନା)


ପଦ୍ମନାଭ ମୁଖୀ କାରଆ

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ନକଲି ସାର୍ଟିଫିକେଟ୍‌ରେ ଠିକାରେ ଡାକ୍ତର ଭାବେ ଚାକିରି କରୁଥିଲେ ପଦ୍ମନାଭ ମୁଖୀ କାରଆ(୫୩)। ତାଙ୍କୁ ବୁଧବାର ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବଜାଜ ଫାଇନାନ୍ସରୁ ପ୍ରାୟ ୧୬ ଲକ୍ଷ ଟଙ୍କାର ଋଣ ନେଇ ଠକେଇ କରିବା ଘଟଣାରେ ତଦନ୍ତ ବେଳେ ତାଙ୍କର ନକଲି ସାର୍ଟିଫିକେଟ୍‌ରେ ଚାକିରି ସମ୍ପର୍କରେ ଧରାପଡ଼ିଥିଲା। ଋଣ ପ୍ରଦାନକାରୀ କମ୍ପାନୀର ମ୍ୟାନେଜର ରଜତ ବେହେରା ପଦ୍ମନାଭଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ ସନ୍ଦେହ ଦର୍ଶାଇ ବୁଧବାର ରଘୁନାଥପାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (୩୩୩/୨୪) ରୁଜୁ କରି ପଦ୍ମନାଭଙ୍କୁ ପଚରାଉଚରା ପରେ ଗିରଫ କରିଥିଲା। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଗଣେଶ ପ୍ରସାଦ ଦାସ କହିଛନ୍ତି, ୭ ମାସ ପୂର୍ବେ ଠିକାସଂସ୍ଥା 'ରାହି କେୟାର ପ୍ରାଇଭେଟ୍ ଲିମିଟେଡ୍' ଜରିଆରେ ପଦ୍ମନାଭ ଡାଏଲିସିସ୍ କେୟାର ସେଣ୍ଟରରେ କାର୍ଯ୍ୟ କରୁଥିଲେ। ସେ ଝାଡ଼ଖଣ୍ଡର ଜଣେ ଡାକ୍ତର ରମେଶ ଚନ୍ଦ୍ର ଝାଙ୍କ ନାମରେ ଉକ୍ତ କାମ କରୁଥିଲେ। ତାଙ୍କର କାଗଜପତ୍ରର ଯାଞ୍ଚ ରାହି ପକ୍ଷରୁ କରାଯାଇଥିଲା। ତେବେ ଏଥିରେ ଅନିୟମିତତା ହୋଇଥିବା ଯୋଗୁ ରାହିକୁ ମଧ କାରଣ ଦର୍ଶାଅ ନୋଟିସ୍ ସହ ବିଲ୍‌ରୁ ୪୦ ପ୍ରତିଶତ କାଟ୍ ପାଇଁ ଆର୍‌ଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପୁନରାବୃତ୍ତି ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଛି। ଏ ସମ୍ପର୍କରେ ଆରଜିଏଚ୍ ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ଡ. ଦାଶ ସୂଚନା ଦେଇଛନ୍ତି। ଅନୁରୂପଭାବେ ଠିକାସଂସ୍ଥାର ଏରିଆ ମ୍ୟାନେଜର ମୟୂର ଅଗ୍ରୱାଲ ନକଲି ଡାକ୍ତରଙ୍କୁ ନିଲମ୍ବିତ କରାଯାଇଥିବା କହିଛନ୍ତି।

ରାଉରକେଲା ଏସ୍‌ପି ବ୍ରିଜେଶ ରାୟ କହିଛନ୍ତି, ଏହି ମାମଲା ସମ୍ପର୍କରେ ଥାନାରେ ଏତଲା ହେବାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପଦ୍ମନାଭ ୨୦୧୦ରେ ଏହିଭଳି ନକଲି କାର୍ଯ୍ୟରେ ଲିପ୍ତ ରହିଥିଲେ। ରାଉରକେଲା ହାଇଟେକ୍ ହସ୍ପିଟାଲରେ ସେ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିବାକୁ ଆବେଦନ କରିଥିଲେ। ସେଠାରେ ଧରାପଡ଼ିବା ପରେ ଫେରାର ହୋଇଯାଇଥିଲେ। ୨୦୧୪ରେ ବନ୍ଧମୁଣ୍ଡା ଅଞ୍ଚଳରେ ମଧ ସମାନ କାଣ୍ଡ ଭିଆଇଥିଲେ। ସେହିପରି ୨୦୧୯ରେ ସୁନ୍ଦରଗଡ଼ ପୋଲିସ ଜିଲା ନୂଆଗାଁ ଅଞ୍ଚଳରେ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରି ଧରାପଡ଼ିଥିଲେ। ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ଉକ୍ତ ମାମଲା ବିଚାରଧୀନ ରହିଛି। ତେବେ ଉକ୍ତ ମାମଲାଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ଏସ୍‌ପି ରାୟ କହିଛନ୍ତି।

**ଆଜିର ମନ୍ତବ୍ୟ**

" ଏମର୍ଜେନ୍ସି ଅଗଣତାନ୍ତ୍ରିକ ହୋଇପାରେ, କିନ୍ତୁ ଅସାମ୍ବିଧାନିକ ନୁହେଁ। ସମ୍ବିଧାନର ନିୟମ ଅନୁଯାୟୀ ସେତେବେଳେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଥିଲା। ଏହି ନିୟମକୁ ହଟାଇ ଦିଆଯାଇଛି।
– ଶଶୀ ଥରୁର, କଂଗ୍ରେସ ଏମ୍‌ପି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନାଶନାଲ ଚାଟାର୍ଡ ଆକାଉଣ୍ଟାଣ୍ଟ୍ସ କନଫରେନ୍ସ, ସ୍ଥାନ: ହୋଟେଲ ପାଲ ହାଇଟ୍ସ ମନ୍ତ୍ରା, ପାହାଳ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଆଇର ଦିନିକିଆ କର୍ମଶାଳା, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା ୩୦।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ତୃତୀୟ ମାସିକ ବାର୍ତ୍ତା କାର୍ଯ୍ୟକ୍ରମ, ସ୍ଥାନ: ନାଶନାଲ ଆର୍କାଇଭ୍ସ ଅଫ ଇଣ୍ଡିଆ ରେକର୍ଡ୍ସ ସେଣ୍ଟର ସମ୍ମିଳନୀ କକ୍ଷ, ସ୍ଥାନ: ଅପରାହ୍ନ ୫ଟା।
- କଳା ଧାରା, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।
- କଳାଭୂମି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସାଇ ସ୍ମୃତି କଳା କେନ୍ଦ୍ର ପକ୍ଷରୁ ନୃତ୍ୟାଞ୍ଜଳି, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୭୫ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।
- ୨୨ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ନିବନ୍ଧ ସଂକଳନ 'ସମୟର କଥନିକା'ର ଉନ୍ମୋଚନ ସମାରୋହ, ସ୍ଥାନ: ରାଇସିନା ପ୍ୟାଲେସ, ସିଡିଏ ସେକ୍ଟର-୯, ସମୟ: ସନ୍ଧ୍ୟା ୬ଟା।
- ୩ ଦିନିଆ ଜିଲା ଜଜ୍‌ଙ୍କ ସମ୍ମିଳନୀର ଉଦ୍‌ଘାଟନ, ସ୍ଥାନ: ଜୁଡିସିଆଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ରେଳ କୁଲିଙ୍କୁ ଗ୍ୟାଙ୍ଗମ୍ୟାନ ରୂପେ ନିଯୁକ୍ତି ଓ ପାର୍ସଲ ଦେବା ଦାବିରେ ବିକ୍ଷୋଭ, ପୁରୀ ରେଲ ଷ୍ଟେଶନ, ସମୟ:ପୂର୍ବାହ୍ନ ୧୧ଟା।
- ଚାଣକ୍ୟ ରତ୍ନମ ଉତ୍ସବ ସମ୍ପର୍କିତ ବୈଠକ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ଥିଏଟର, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ମା'ଭଗବତୀଙ୍କ ସାହିଯାତ୍ରା, ଘଟ ପରିକ୍ରମା, ସ୍ଥାନ: ହାଟବଜାର, ଜଟଣୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ଆଦିତ୍ୟ ଦେବଙ୍କ ତିନିଦିନିଆ ଯୋଗ ଶିବିର, ସ୍ଥାନ: ଦୀନକୃଷ୍ଣ ମୁଣ୍ଡତୁଣିଆ ପୀଠ, ଜଳେଶ୍ୱର, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍ ସିଜନ୍-୪, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ରାସ୍ତା ମରାମତି ଦାବିରେ ରାସ୍ତାରୋକୋ ଆନ୍ଦୋଳନ, ସ୍ଥାନ: ପ୍ରତାପପୁର ହସ୍ପିଟାଲ ସମ୍ମୁଖ, ବାଲିଆପାଳ, ସମୟ: ସକାଳ ୯ଟା।
- ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ପଳାସପୁର ହାଇସ୍କୁଲ, ବୁଢ଼ାଗଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଛାତ୍ରଙ୍କ ଲାଗି ବିଦ୍ୟାଳୟକୁ ଟାବଲେଟ (ମୋବାଇଲ) ବଣ୍ଟନ, ସ୍ଥାନ: ବିଇଓ ଅଫିସ୍, ଜଳେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଆଧ୍ୟାତ୍ମିକ ସଭା, ସ୍ଥାନ: ଗୁଆମାଳ ସଂସ୍କୃତ ମହାବିଦ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ସଭା, ସ୍ଥାନ: ବୀଣାପାଣି ହାଇସ୍କୁଲ, ଗୁଆମାଳ, ତିହିଡ଼ି, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ହାଟଡିହୀ ବ୍ଲକର ବିଭିନ୍ନ ଗ୍ରାମରେ ଗ୍ରାମ ଦେବୀଙ୍କ ଆଷାଢ଼ି ପର୍ବ, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୮ଟା।
- ମା'ଲକ୍ଷ୍ମୀଙ୍କ ମନ୍ଦିରରେ ଶ୍ରୀସୁକ୍ତ, ଅଷ୍ଟଲକ୍ଷ୍ମୀ ସ୍ତୁତିପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ମନୋହରପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଆନନ୍ଦପୁର ବିଧାୟକଙ୍କ ଧନ୍ୟବାଦ ଅର୍ପଣ ସଭା, ସ୍ଥାନ: ଆନନ୍ଦପୁର ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ବଡବିଲ ବାର ଆସୋସିଏଶନର ବୈଠକ, ସ୍ଥାନ: ବାର କନଫରେନ୍ସ ହଲ, ବଡ଼ବିଲ କୋର୍ଟ ପରିସର, ବଡ଼ବିଲ, ସମୟ: ଅପରାହ୍ନ ୩ ଟା।
- ଆନନ୍ଦପୁର ବିଧାୟକଙ୍କ ଧନ୍ୟବାଦ ଅର୍ପଣ ସଭା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ପ୍ରେରଣ, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ପାରିଆକୁଲି କଲଣି ସାହି, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ

- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ପ୍ରାତଃ ୫ଟା।

## କନ୍ଧମାଳ

- ଗୋଟିଏ ଦିନ ପିଲାଙ୍କ ପାଇଁ, ସ୍ଥାନ:ସଦ୍‌ଭାବନା ସଭାଗୃହ, ଫୁଲବାଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଜପତି

- ସାମ୍ବାଦିକ ୟୁନିୟନ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।
- ନବ ନିର୍ବାଚିତ ବିଧାୟକଙ୍କ ଶୋଭାଯାତ୍ରା, ସ୍ଥାନ: ମୋହନା ସହର,ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍, ରାୟଗଡ଼ା, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନବରଙ୍ଗପୁର ଗସ୍ତ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ୩ ଦିନିଆ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ମାଥଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## ମାଲକାନଗିରି

- ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ସ୍ୱର୍ଣ୍ଣକାତର ସମ୍ବନ୍ଧୀୟ ବୈଠକ, ସ୍ଥାନ: ମାଲକାନଗିରି ଡିଆରଡିଏ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସମଲେଇ ମନ୍ଦିର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ : ସକାଳ ୯ଟା। ଜଣ୍ଡିସ୍ ପ୍ରଭାବିତ ଅଞ୍ଚଳ ପରିଦର୍ଶନ, ସ୍ଥାନ : କୁମ୍ଭାରପଡା,ପେନସନପଡା, ସମୟ : ପୂର୍ବାହ୍ନ ୧୧ଟା। ସ୍ୱାସ୍ଥ୍ୟ ବିଭାଗ ସହ ସମୀକ୍ଷା ବୈଠକ, ସ୍ଥାନ : ଜିଲା ମୁଖ୍ୟ ଡାକ୍ତରଖାନା, ସମୟ : ପୂର୍ବାହ୍ନ ୧୨ଟା। ବୁର୍ଲା ଭିମସାର ପରିଦର୍ଶନ, ସ୍ଥାନ: ବୁର୍ଲା ଭିମସାର ମେଡିକାଲ, ସମୟ : ଅପରାହ୍ନ ୨ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ ସନ୍ଧ୍ୟା ୫ଟା୩୦।
- ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ମଞ୍ଚସ୍ଥ ହେବ ସମ୍ବଲପୁରୀ ନାଟକ ସାଧନା, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା : ୬ଟା୪୫।
- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ବୁଢାରଜା ଗ୍ରାଣ୍ଡଶିବା ସଭାକକ୍ଷ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେସଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମୁରିବାହାଲ ବ୍ଲକ ପ୍ରଶାସନ ତରଫରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ବ୍ଲକ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ସାମୂହିକ ଆଚାର୍ଯ୍ୟ କର୍ମଶାଳା, ସ୍ଥାନ: ଶିଶୁ ମନ୍ଦିର ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ ସକାଳ: ୮ଟା।

## ସୁନ୍ଦରଗଡ଼

- ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ପକ୍ଷରୁ ମେଗା ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ଗର୍ଜନବାହାଲ ନିଉ ଟ୍ରକ ପାର୍କିଂ ୟାଡ,ସମୟ: ସକାଳ ୯ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ହରିନାମ ସଙ୍କୀର୍ତ୍ତନ,ସ୍ଥାନ: ଛେଣ୍ଡ କଲୋନୀ,ସମୟ: ପ୍ରାତଃ ୫ଟା ୩୦।
- ଇନର୍ ଇଞ୍ଜିନିୟରିଂ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ପାଣ୍ଡ ନିବାସ ନିକଟ, ସମୟ: ସକାଳ ୯ଟା।
- ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ପାଇଁ ମାଗଣା ସହାୟକ ଉପକରଣ ବଣ୍ଟନ ପଞ୍ଜିକରଣ, ସ୍ଥାନ: ଛେଣ୍ଡ ଆହୁତି ଭବନ, ସମୟ: ପୂର୍ବାହ୍ନ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ବସ୍ତିବାସୀଙ୍କ ସାକ୍ଷାତ, ସ୍ଥାନ: ପାନପୋଷ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ, ଭଟଲି। ଜାଣ୍ଡୋଲ ଉଚ୍ଚ ବିଦ୍ୟାଳୟ, ଭେଡ଼େନ। ଜମଲା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର। ଜର୍ଜ ହାଇସ୍କୁଲ, ବରଗଡ଼। ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜେପୁର। ସୁକୁଡ଼ା ଉଚ୍ଚ ବିଦ୍ୟାଳୟ, ଭଟଲି। ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟ, ବରଗଡ଼। ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ମଣ୍ଡପ ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କେସିଙ୍ଗା ସହରର ୭ନଂ. ୱାର୍ଡ ବୋରିଙ୍ଗପଦର, ସମୟ: ସକାଳ ୮ଟା।
- ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜୁନାଗଡ ଚମେଲିଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟକ ଯୋଜନା କର୍ମଶାଳା, ସ୍ଥାନ: କୃଷି କାର୍ଯ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ରଥ ନିର୍ମାଣ କମିଟିର ସମୀକ୍ଷା ବୈଠକ, ସ୍ଥାନ: ତରଭା ଏନ୍‌ଏସି ସଭାଗୃହ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ନିକଟ ସନ୍ତୋଷୀ ମା' ମନ୍ଦିର, ସମୟ: ସକାଳ ୭ଟା।
- ମୁସଲମାନ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଓ ହଟଲୀପଡ଼ା ମସଜିଦ, ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ

- ପ୍ରଜ୍ଞାନ ମିଶନ ପକ୍ଷରୁ କ୍ରିୟାଯୋଗ ଦିକ୍ଷା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ ଢେଙ୍କାନାଳ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ସପ୍ତଦିବସୀୟ ଯୋଗ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଆଇଓସିଏଲ ଟାଉନ୍‌ଶିପ, କମ୍ୟୁନିଟି ସେଣ୍ଟର, ପାରାଦୀପ, ସମୟ: ସକାଳ ୬ଟା।
- ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ଓ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ, ସମୟ: ସକାଳ ୯ଟା।
- ବିଦ୍ୟୁତ୍ ବ୍ୟବହାର ସଂରକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ଉର୍ଜା ମେଳା, ସ୍ଥାନ: ଡିଏଭି ସ୍କୁଲ, ବଡ଼ପଡିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପାଟକୁରା ବିଧାୟକଙ୍କ ବ୍ଲକ ଅଞ୍ଚଳର ଉନ୍ନୟନ ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ସଦଭାବନା ଗୃହ, ଗରଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଘୋଷଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- କଳ୍ପତରୁ ଦାସ ସ୍ମୃତି ସଂସଦର ପ୍ରସ୍ତୁତି ବୈଠକ, ସ୍ଥାନ: ଭୋଟକା ପଞ୍ଚାୟତର ମିଶନ ଶକ୍ତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସନଗରବାସୀଙ୍କ ପକ୍ଷରୁ ନବ ନିର୍ବାଚିତ କୋରେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ : ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସନ୍ତାନହେତୁକ ଅଶାନ୍ତି, ସୁସମ୍ପର୍କରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଛି। ଅଫିସ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସଭାସମିତିରେ ବହୁତ ଆଲୋଚନା ଶେଷରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅର୍ଥ ସମ୍ବନ୍ଧୀୟ କାମକୁ ନିର୍ବିଘ୍ନରେ ହାସଲ କରିବେ। ମୃଗଶିରା ନକ୍ଷତ୍ର ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ପାରନ୍ତି। ନିର୍ମାଣ କ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ** ସମ୍ପର୍କୀୟଙ୍କ ସାହାଯ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବେ। ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ପ୍ରତିଶ୍ରୁତିଲାଭ କରି ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସରକାରୀ ସ୍ତରରେ ଅଟକି ରହିଥିବା ସ୍ଥଗିତ କାମକୁ ବନ୍ଧୁଙ୍କ ଜରିଆରେ ତ୍ୱରାନ୍ୱିତ କରିପାରିବେ। ପରିବାରର ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ଅଶ୍ଳେଷା ନକ୍ଷତ୍ରର ଅସୁସ୍ଥତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିଦେବ। ଦୀର୍ଘଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠ ହେବ। ଆଲୋଚନା ପରିସରରେ ଭାବପ୍ରବଣତାବଶତଃ ବିରକ୍ତିକର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। ଗାଡିମୋଟର, ସ୍ୱର୍ଣ୍ଣାଦି ଅଳଙ୍କାର କିମ୍ବା ଜମିଜମା କାରବାରରୁ ଉପକୃତ ହୋଇପାରନ୍ତି।

**ସିଂହ** ନବମସ୍ଥ ମଙ୍ଗଳଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ନାସ୍ତିସୂଚକ ସୂଚନା ମନକୁ ନିରୁତ୍ସାହିତ କରିପାରେ। ପରିବାରର ବ୍ୟୟ ବୃଦ୍ଧି ମାନସିକ ଅବସାଦର ମୁଖ୍ୟ କାରଣ ହେବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବା ସହ ବ୍ୟବସାୟରେ ସଫଳ ହେବେ।

**କନ୍ୟା** ଦୂରଯାତ୍ରା, ସାଧାରଣ କଥାରେ ଝଗଡ଼ା ଓ ଭଲ ସମ୍ପର୍କ ଧିମେଇଯିବାରୁ ଅଶାନ୍ତି ଅନୁଭବ କରିବେ। ହାତକୁ ନେଇଥିବା କାମ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଶତ୍ରୁ ଅର୍ଜିବେ। ଅନିଦ୍ରା ଏବଂ ଅବହେଳା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ତୁଳା** ସମସ୍ୟା ଆସିଲେ ମଧ୍ୟ କାମକୁ ପୂର୍ଣ୍ଣାଙ୍ଗ ନ କରି ନୀରବରେ ରହିପାରିବେ ନାହିଁ। ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ବିତାଇ ପାରନ୍ତି। ଶୁଣାକଥାକୁ ବିଶ୍ୱାସକରି ବିଭ୍ରାନ୍ତିକର ଖବର ପରିବେଷଣ ଦ୍ୱାରା ସମସ୍ୟା ବଢ଼ିଯିବ।

**ବିଛା** ସମୟର ପ୍ରତିକୂଳତା କାରଣରୁ ଯାହା କଲେ ମଧ୍ୟ କାମ ଗୋଳମାଳିଆ ରହିବ। ବନ୍ଧୁଙ୍କ କାର୍ଯ୍ୟକଳାପରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଉପରିସ୍ଥ ଅଧିକାରୀଙ୍କ ବଦାନ୍ୟତାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ।

**ଧନୁ** ପ୍ରତିବନ୍ଧକ ଦୂରେଇ ଯାଇଥିବାରୁ ଆନନ୍ଦ ଅନୁଭବ କରିବେ। କୌଣସି କଥାକୁ ଭଲରୂପେ ନ ବୁଝି କହିବା କିମ୍ବା କରିବା ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ଲାଭକରି ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** ସାଧାରଣ କଥାରେ ଭୁଲ୍ ବୁଝାମଣା କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆର୍ଥିକ ସ୍ଥିତି ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** ନିଜ ଲୋକମାନେ ମୁହଁରେ ଭଲ କଥା କହି ପଛରେ ବିରୋଧ କରୁଥିବାର ସୂଚନା ପାଇବେ। ବିଶୃଙ୍ଖଳିତ ପରିସ୍ଥିତି ଲାଗିରହିବା କାରଣରୁ ପାରିବାରିକ ସମ୍ପର୍କରେ ଶିଥିଳତା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ଶେୟାରବଜାରରେ କ୍ଷତି ହୋଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବ ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ** ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ମାଲିମକଦ୍ଦମାରୁ ଚିନ୍ତା ବଢ଼ିଯିବ କିନ୍ତୁ ଆଇନର ସହାୟତା ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତରେ ସମସ୍ୟାର ଅନ୍ତ ଘଟିବାର ଆଶା କରାଯାଇପାରେ।

ଆଜି ଜୁନ୍ ୨୮ ତାରିଖ, ଆଷାଢ଼ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଶୁକ୍ରବାର, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/ମୀନ, ଦିବା ଘ.୧୦।୧୦ମି. ଗତେ ଉତ୍ତର ଭାଦ୍ରପଦ ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୭ମି. ଗତେ ଘ.୦୬।୫୯ମି. ମଧ୍ୟେ, ଘ.୧୨।୧୬ମି. ଗତେ ଘ. ୦୨।୫୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୧ ମି. ଗତେ ଘ.୧୧।୫୦ ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ରାଷ୍ଟ୍ରପତିଙ୍କ ଅଭିଭାଷଣରେ...

କରାଯିବ ବୋଲି ରାଷ୍ଟ୍ରପତି ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ପ୍ରଶଂସା କରିଛନ୍ତି। ଏହି ଅଭିଭାଷଣ ବିକାଶର ରୋଡ୍‌ମ୍ୟାପ୍ ଏବଂ ସୁଶାସନକୁ ଉପସ୍ଥାପିତ କରିଛି। ଲୋକଙ୍କ ଜୀବନ ଧାରଣରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଉପରେ ରାଷ୍ଟ୍ରପତି ଆଲୋକପାତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଇଣ୍ଡିଆ ବ୍ଲକ୍ ନେତାମାନେ ଏହା ଉପରେ ସମାଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ଏମର୍ଜେନ୍ସି ବେଳେ ଜେଲ ଯାଇଥିବା ଲୋକଙ୍କୁ ଭାଜପା କ'ଣ ଦେଇଛି। ଏସ୍‌ପି ସେମାନଙ୍କୁ ସମ୍ମାନ ଓ ପେନ୍‌ସନ ଦେଇଛି। ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ବୋଲି ସେମାନେ ଦାବି କରୁଛନ୍ତି। ଦେଶରେ ଏତେ ବେରୋଜଗାର କାହିଁକି ସୃଷ୍ଟି ହେଉଛନ୍ତି ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର କହିଛନ୍ତି, ସରକାରଙ୍କ ଦ୍ୱାରା ଲେଖାଯାଇଥିବା ଏକ ଆଲେଖ୍ୟକୁ ରାଷ୍ଟ୍ରପତି ପଢ଼ି ଶୁଣାଇଛନ୍ତି। ଭାଜପା ବୋଧେ ଭୁଲିଯାଇଛି, ଏହା ପାଖରେ ଆଉ ସଂଖ୍ୟାଗରିଷ୍ଠତା ନାହିଁ। ଏହି ଦଳ ୩୦୩ରୁ ୨୪୦କୁ ଖସିଯାଇଛି। ସେମାନେ ବୋଧେ ଗତବର୍ଷର ଭାଷଣରୁ କିଛି ଅଂଶ ଆଣି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଯୋଡ଼ିଦେଇଛନ୍ତି। ସେହିପରି ସିପିଆଇଏମ୍‌ଏଲ୍ ଏମ୍‌ପି ସୁଦାମା ପ୍ରସାଦ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ମିଛ ଭରିରହିଥିବା କହିଛନ୍ତି।

ପ୍ରକାଶ ଯେ, ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ଦେଶରେ ଏମର୍ଜେନ୍ସି ଜାରି କରିଥିଲେ। ସେବେଠୁ ରାଜନୀତିର ସ୍ରୋତରେ ଅନେକ ପାଣି ବହିଗଲାଣି। କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ସେଇଠି ଅଟକିଯାଇଥିବା ବିରୋଧୀ କହୁଛନ୍ତି। ଭାଜପା 'ଏମର୍ଜେନ୍ସି'ର ୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି। ଏଥିସକାଶେ ଭାଜପା ସମସ୍ତ ଐତିହାସିକ କାର୍ଯ୍ୟକ୍ରମରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ଏମର୍ଜେନ୍ସି ସମ୍ପର୍କରେ ଉଲ୍ଲେଖ କରିବାକୁ ସ୍ଥିର କରିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହି କ୍ରମରେ ବୁଧବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ନିଜ ଆସନ ଗ୍ରହଣ କରିବା ମାତ୍ରେ ଏମର୍ଜେନ୍ସି ଉପରେ ଏକ ନିନ୍ଦା ପ୍ରସ୍ତାବ ଆଣି ୨ ମିନିଟ୍ ନୀରବ ପ୍ରାର୍ଥନା କରିବାକୁ ସଦସ୍ୟମାନଙ୍କୁ କହିଥିଲେ। ଏହି ବିବାଦୀୟ ପ୍ରସ୍ତାବକୁ ବିରୋଧୀ ସଦସ୍ୟମାନେ ସମାଲୋଚନା କରିଥିଲେ। ବିରୋଧୀ ଏମ୍‌ପିମାନେ ଗୃହ ଭିତରେ ହଟ୍ଟଗୋଳ କରିଥିବାବେଳେ ଭାଜପା ସଦସ୍ୟମାନେ ଜରୁରିକାଳୀନ ପରିସ୍ଥିତି ପାଇଁ କଂଗ୍ରେସଠାରୁ କ୍ଷମା ଦାବି କରି ପାର୍ଲାମେଣ୍ଟ ହାଉସ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ୭୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ...

ପ୍ରୋତ୍ସାହନ ଦେଇ ଏକ ସୁସ୍ଥ ବିଶ୍ୱ ଗଠନ ଦିଗରେ ସହାୟକ ହୋଇଛି। ପ୍ରକାଶ ଯେ, ଏବି-ପିଏମ୍‌ଜେଏୱାଇ ହେଉଛି ସରକାରୀ ପାଣ୍ଠିରେ ଚାଲିଥିବା ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହା ଅଧୀନରେ ପରିବାର ପିଛା ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି। ଏଥିରୁ ୧୨ କୋଟି ପରିବାର ଉପକୃତ ହେଉଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ...

ସେ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ସରକାରଙ୍କ ନିରନ୍ତର ସମର୍ଥନ ମାଧ୍ୟମରେ ଓଡ଼ିଶା ଆହୁରି ଆର୍ଥିକ ସ୍ଥିରତା ଏବଂ ସମୃଦ୍ଧି ପ୍ରାପ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

## ଏନ୍‌ଇଇଟି-ୟୁଜି...

କରିଥିବାବେଳେ ଏହା ହେଉଛି ପ୍ରଥମ ଗିରଫଦାରି। ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି-ୟୁଜି ପ୍ରବେଶିକା ପରୀକ୍ଷା ମେ' ୫ରେ ଅନୁଷ୍ଠିତ ହୋଇଥିଲା। ୫୭୧ ସହରର ୪,୭୫୦ ସେଣ୍ଟରରେ ପ୍ରାୟ ୨୪ ଲକ୍ଷ ପିଲା ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷାରେ କେତେଜଣ ନିର୍ଦ୍ଦିଷ୍ଟ ପିଲାଙ୍କୁ ଗ୍ରେସ୍‌ମାର୍କ ଦିଆଯିବା ବିଷୟ ସାମ୍ନାକୁ ଆସିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି। ଛାତ୍ରୀଛାତ୍ରମାନେ ଏନ୍‌ଇଇଟି-ୟୁଜିକୁ ସମ୍ପୂର୍ଣ୍ଣ ବାତିଲ ସହ ପରୀକ୍ଷା ଆୟୋଜକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଭଙ୍ଗ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାବେଳେ ନିୟମିତତା ଓ ଦୁର୍ନୀତି ଉପରେ ତଦନ୍ତ ଭାର ସିବିଆଇକୁ ଦିଆଯାଇଛି। ଇତିମଧ୍ୟରେ ରବିବାର ସିବିଆଇ ମାମଲା ରୁଜୁ କରିଥିଲା। ସିବିଆଇର ଏକ ଟିମ୍ ବିହାର ଯାଇ ତଦନ୍ତ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲା।

## ଫାଇନାଲରେ ଭାରତ...

ହାରି ଭାରତ ବିଦା ହୋଇଥିଲା। ଏଥର ସେମିଫାଇନାଲରେ ସେହି ଇଂଲଣ୍ଡକୁ ହରାଇ ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ୨୦୦୭ରେ ଚାମ୍ପିୟନ ଓ ୨୦୧୪ରେ ରନରଅପ୍ ଭାରତ ୨୦୧୬ ଓ ୨୦୨୨ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର ଭାରତୀୟ ଦଳ ତୃତୀୟ ଥରପାଇଁ ଏହି ମେଗା ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ୨୦୧୦ ଓ ୨୦୨୨ରେ ଚାମ୍ପିୟନ ଏବଂ ୨୦୧୬ରେ ରନରଅପ୍ ଇଂଲଣ୍ଡର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି। ୨୦୨୧ରେ ମଧ୍ୟ ଇଂଲଣ୍ଡ ସେମିଫାଇନାଲରୁ ବିଦାୟ ନେଇଥିଲା। ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏହି ମ୍ୟାଚ ବାର୍ବାଡୋସରେ ଅନୁଷ୍ଠିତ ହେବ। ଅନ୍ୟ ଏକ ସେମିଫାଇନାଲରେ ଆଫଗାନିସ୍ତାନକୁ ହରାଇ ଦକ୍ଷିଣ ଆଫ୍ରିକା ଫାଇନାଲରେ ପ୍ରବେଶ କରିଛି।

# ମୌସୁମୀ ସକ୍ରିୟ, ବର୍ଷା ଜାରି

**ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସକ୍ରିୟ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି। ଗୁରୁବାର ନବରଙ୍ଗପୁରରେ ସର୍ବାଧିକ ୮୨.୦ ମି.ମି. ବର୍ଷା ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୬୯.୮ ମି.ମି., କୋରାପୁଟରେ ୬୫.୪ ମି.ମି., ମାଲକାନଗିରି ଓ ସୋନପୁରରେ ୨୪.୪ ମି.ମି, ଏବଂ ଭୁବନେଶ୍ୱରରେ ୨୧.୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ। ଦକ୍ଷିଣ ଓ ଉତ୍ତର ଓଡ଼ିଶା ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ତେବେ ଶୁକ୍ରବାର ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଓ କନ୍ଧମାଳକୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଉକ୍ତ ଜିଲାଗୁଡ଼ିକୁ ସତର୍କ କରାଯାଇଛି। ସେହିପରି ଗଜପତି, କୋରାପୁଟ, ରାୟଗଡା, କଳାହାଣ୍ଡି, ମାଲକାନଗିରି, ଅନୁଗୋଳ, ଢେଙ୍କାନାଳ, ନୟାଗଡ, କଟକ, ନବରଙ୍ଗପୁରରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏନେଇ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟକିଛି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବ। ୨୯ ଓ ୩୦ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି।

# ୱେବସାଇଟ୍‌ରେ ରହିବ ଦୁଇଟି ଫର୍ମାଟ୍‌ର ସୂଚନା

**କଟକ,୨୭।୬(କାର୍ତ୍ତିକ ସାହୁ)**

ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ରହିଥିବା ମୌଳିକ ସୁବିଧାଗୁଡ଼ିକ ସଂକ୍ରାନ୍ତରେ ଆମିକସ୍ କ୍ୟୁରିଙ୍କ ପକ୍ଷରୁ ପ୍ରସ୍ତୁତ ଫର୍ମାଟ୍‌କୁ ରାଜ୍ୟ ସରକାର ଗ୍ରହଣ କରିଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆମିକସ୍ କ୍ୟୁରିଙ୍କ ପ୍ରଦତ୍ତ ଫର୍ମାଟ୍ ଆଧାରରେ ବିଦ୍ୟାଳୟ ସମ୍ପର୍କିତ ତଥ୍ୟ ଦର୍ଶାଇ ରାଜ୍ୟ ସରକାର ୱେବସାଇଟ୍‌ରେ ଅପଲୋଡ୍ କରିବେ। ଏହି କାର୍ଯ୍ୟ କରିବା ଲାଗି ୬ ସପ୍ତାହ ସମୟ ଦେବାକୁ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଆବେଦନ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଏହି ଆବେଦନକୁ ଗ୍ରହଣ କରିବା ସହ ସମୟ ମଞ୍ଜୁର କରିଛନ୍ତି।

ପ୍ରକାଶ ଯେ, ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ରୁଜୁ ମାମଲାରେ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ସୁଯୋଗ

### ବିଦ୍ୟାଳୟରେ ମୌଳିକ ସୁବିଧା ନ ମିଳିବା ମାମଲା

ମିଳୁଛି ନା ନାହିଁ ସେନେଇ ତଦାରଖ କରିବାକୁ ହାଇକୋର୍ଟ ଆମିକସ୍ କ୍ୟୁରି ଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥଙ୍କୁ ନିଯୁକ୍ତି ଦେଇଥିଲେ। ଆମିକସ୍ କ୍ୟୁରି ରଥ ହାଇକୋର୍ଟଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବ ଅନୁସାରେ ଦୁଇଟି ଫର୍ମାଟ ପ୍ରସ୍ତୁତ କରାଯାଇଥିଲା। ଗୋଟିଏ ଫର୍ମାଟରେ ପ୍ରାଥମିକ ବିଦ୍ୟାଳୟରେ କ'ଣ ସବୁ ମୌଳିକ ସୁବିଧା ରହିଛି ସେ ସଂକ୍ରାନ୍ତରେ ଉଲ୍ଲେଖ କରାଯିବ। ଦ୍ୱିତୀୟ ଫର୍ମାଟରେ ପ୍ରତ୍ୟେକ ବିଦ୍ୟାଳୟରେ କେତେ ପିଲା ଆଡ୍‌ମିଶନ କରୁଛନ୍ତି ଏବଂ କେତେ ପିଲା ଅଧାରୁ ପାଠପାଢ଼ା ଛାଡ଼ିଛନ୍ତି ସେନେଇ ସୂଚନା ରହିବ ବୋଲି ଦର୍ଶାଇଥିଲେ। ଏହି ଫର୍ମାଟ୍‌ଦ୍ୱୟକୁ ଆମିକସ୍ କ୍ୟୁରି ପ୍ରଦାନ କରିବା ପରେ ରାଜ୍ୟ ସରକାର ତାହାକୁ ଗ୍ରହଣ କରିଛନ୍ତି।



ନୂଆଦିଲ୍ଲୀଠାରେ ଗୁରୁବାର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।



ନୂଆଦିଲ୍ଲୀଠାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କୁ ଭେଟିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

## ରାଜ୍ୟ ସଭା ସଦସ୍ୟ ସୁଜିତଙ୍କ 'ଏକ୍ସ' ପୋଷ୍ଟକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୭।୬(ଅନିଲ ଦାସ)

ବିଜେଡି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଗୁରୁବାର ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରୁ କରିଥିବା ଧାଡ଼ିକିଆ ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ପ୍ରଭୁ ଜଗନ୍ନାଥ ସବୁ ସହିବେ କିନ୍ତୁ କାହାର ଗର୍ବ ଅହଙ୍କାର ସହନ୍ତି ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ ସେ ଏହାକୁ କାହା ଉଦ୍ଦେଶ୍ୟରେ ଲେଖିଛନ୍ତି ତାହା ଜଣାପଡ଼ି ନାହିଁ। ନିଜର ପୁରୁଣା ରାଗ ଶୁଖାଇବାକୁ ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ଉପଯୋଗ କରିଥିବା ଆଲୋଚନା ହେଉଛି। ରାଜ୍ୟ ସଭା ସଦସ୍ୟଙ୍କ ଏହି ପୋଷ୍ଟକୁ ନେଇ ସୋସିଆଲ ମିଡିଆରେ ଲୋକମାନେ ବିଭିନ୍ନ ପ୍ରତିକ୍ରିୟା ରଖିବାରେ ଲାଗିଛନ୍ତି। ଏହି ଗର୍ବ ଅହଙ୍କାର ହିଁ ବିଜେଡିକୁ ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ କରାଇଲା ବୋଲି କେତେଜଣ ମତ ଦେଇଥିବାବେଳେ ଅନ୍ୟ କେତେଜଣ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଏଭଳି ପୋଷ୍ଟ ହୋଇଥିବା ଲେଖିଛନ୍ତି।

# ବାହାନା ଖୋଜିବା ବଦଳରେ ସମସ୍ୟା ସମାଧାନ କରୁ ଭାଜପା ସରକାର

## ମହାନଦୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ ବକ୍ତବ୍ୟ ବିଭ୍ରାନ୍ତିକର: ବିଜେଡି

ଭୁବନେଶ୍ୱର,୨୭।୬(ଅନିଲ ଦାସ)

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦେଇଥିବା ବକ୍ତବ୍ୟକୁ ବିଭ୍ରାନ୍ତିକର ଓ ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ମହାନଦୀ ଓଡ଼ିଶାର ୧୬ ଜିଲାର ଲୋକଙ୍କ ଜୀବନଧାରା। ହେଲେ ଏହା ଉପରେ ଛତିଶଗଡ଼ ମନମାନି କରିଆସୁଛି। ହୀରାକୁଦର ଉପରମୁଣ୍ଡରେ ଛତିଶଗଡ଼ ସରକାର ଓ ତଳମୁଣ୍ଡରେ ଓଡ଼ିଶା କେତେ ପାଣି ବ୍ୟବହାର କରିବେ ଏନେଇ ଉଲ୍ଲେଖ ରହିଛି। ତଥାପି ଛତିଶଗଡ଼ ମହାନଦୀ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରି ବେଆଇନ ଭାବେ କାର୍ଯ୍ୟ କରିଚାଲିଛି। ଛତିଶଗଡ଼ର ବେଆଇନ କାମ ବିରୋଧରେ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଓ ସିଡବ୍ଲ୍ୟୁସିଙ୍କ ନିକଟରେ ବାରମ୍ବାର ଓଡ଼ିଶା ସରକାର ଓ ନବୀନ ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୨୦୧୬ରେ ଦିଲ୍ଲୀରେ ବସିଥିବା ବୈଠକରେ ଛତିଶଗଡ଼ର ବେଆଇନ କାମକୁ ଅଟକାଇବା ପାଇଁ ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ଦାବି ରଖିବା ସତ୍ତ୍ୱେ ମଧ୍ୟ କୌଣସି ନିର୍ଦ୍ଦେଶ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇ ନ ଥିଲା। ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ କେନ୍ଦ୍ର ସରକାର।

ଛତିଶଗଡ଼ର ଅନଧିକାର ବ୍ୟାରେଜ୍ ନିର୍ମାଣ ବିରୋଧରେ ସମସ୍ତ ଫୋରମ୍‌ରେ ଆଲୋଚନା ପରେ ଯେତେବେଳେ ସୁଫଳ ମିଳିଲାନି, ସେତେବେଳେ ରାଜ୍ୟ ସରକାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଗଠନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶେଷରେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହେଲା। ଏଥିରେ ଓଡ଼ିଶା ପକ୍ଷରୁ ସମସ୍ତ ଦଲିଲ ଉପସ୍ଥାପନ କରାଯାଇ ପକ୍ଷ ରଖାଯାଇଛି।

ଟ୍ରିବ୍ୟୁନାଲର ଅବଧି ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ବଢ଼ାଯାଇଛି। ମହାନଦୀ ପାଇଁ ଓଡ଼ିଶା ନ୍ୟାୟିକ ଲଢ଼େଇ କରିଛି। ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ କରିଛି। ହେଲେ କେନ୍ଦ୍ର ନୀରବଦ୍ରଷ୍ଟା ସାଜି ସେତେବେଳେ ଛତିଶଗଡ଼ରେ ଥିବା ଭାଜପା ସରକାରକୁ ସୁହାଇଲା ଭଳି କାର୍ଯ୍ୟ କରିଥିଲା। ମହାନଦୀକୁ ନେଇ ଓଡ଼ିଶା ସରକାର କିଛି କରି ନ ଥିଲେ କହି ଏଭଳି ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରିବା ବଦଳରେ ସମସ୍ୟାର ସମାଧାନ ପାଇଁ ଭାଜପା ସରକାର ଉଦ୍ୟମ କରିବା ଦରକାର। ମହାନଦୀ ପ୍ରସଙ୍ଗରେ ବିଜେଡି ସମ୍ପୂର୍ଣ୍ଣ ସଚେତନ ରହିଛି। ଆଉ ମହାନଦୀ ଅବବାହିକା ଅଧିବାସୀଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଯୋଗଦେଇ ଆଜି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମହାନଦୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟ ଦୁର୍ଭାଗ୍ୟଜନକ। ଡବଲ ଇଞ୍ଜିନ ସରକାରରେ ପ୍ରଗତି ଦୁଇଗୁଣ ହେବ ବୋଲି ନିର୍ବାଚନ ସମୟରେ ଭାଜପା ନେତା କହିଥିଲେ। ଏବେ ମହାନଦୀ ପ୍ରସଙ୍ଗରେ ଟ୍ରିପଲ୍ ଇଞ୍ଜିନ ସରକାର ରହିଛି। କେନ୍ଦ୍ରରେ, ଛତିଶଗଡ଼ରେ, ଓଡ଼ିଶାରେ ସବୁଠି ଭାଜପା ସରକାର। ଏବେ ଆଉ ବାହାନା ଖୋଜିବା ବଦଳରେ ମହାନଦୀ ସମସ୍ୟାର ସମାଧାନ କରାଯାଉ। ରାଜସ୍ୱ ମନ୍ତ୍ରୀଙ୍କୁ ମଧ୍ୟ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଉତ୍ତର ଦେବାକୁ ପଡ଼ିବ, କାରଣ ମହାନଦୀରେ ପାଣି ନ ଆସିବା ଦ୍ୱାରା ସେମାନେ ବି ପ୍ରଭାବିତ ହେଉଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରତାପ ଜେନା, ଦେବୀ ମିଶ୍ର ଓ ବିଧାୟକ ପ୍ରତାପ କେଶରୀ ଦେବ।

# ଧାରଣାରୁ ଉଠୁନାହାନ୍ତି ଶ୍ରୀୟାସ୍ମିତା

## ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବସିବେ ବୋଲି କହିଲେ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପରକୁ କାଳିମାଡ଼ ଘଟଣାରେ ୬ ବର୍ଷ ଲାଗି ବହିଷ୍କୃତ ହୋଇଥିବା ଶ୍ରୀୟାସ୍ମିତା ପଣ୍ଡା ଏ ପର୍ଯ୍ୟନ୍ତ ତାଙ୍କ ଧାରଣା ଜାରି ରଖିଛନ୍ତି। ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସତ୍ତ୍ୱେ ସେ ତାଙ୍କ ଧାରଣା ପ୍ରତ୍ୟାହୃତ କରିନାହାନ୍ତି। ଗତ ୫ ଦିନ ହେଲା ସେ ଏଭଳି ପ୍ରତିବାଦ କରୁଥିବା ବେଳେ ତାଙ୍କୁ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ସେ ଧାରଣାରୁ ଉଠୁନାହାନ୍ତି। ଶ୍ରୀୟାସ୍ମିତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କୁ ମିଛରେ ଦଳରୁ ବହିଷ୍କାର କରିଦିଆଯାଇଛି। ଯେଉଁମାନେ ପିସିସି ସଭାପତିଙ୍କ ଉପରକୁ କାଳିମାଡ଼ କରିଥିଲେ ସେମାନଙ୍କ ଭିତରେ ସେ ନ ଥିଲେ। ଭିଜୁଆଲ ଯଦି ରହିଛି ତାହାକୁ ଦେଖିଲେ ଜଣାପଡିବ। ପିସିସି ସଭାପତି ମିଛରେ ତାଙ୍କୁ ବହିଷ୍କାର କରିଥିବାରୁ ଏପର୍ଯ୍ୟନ୍ତ ଆସି ଭେଟୁନାହାନ୍ତି। ଏତେଦିନ ହେଲା ଭୋକ, ଉପାସ, ଖରା ଓ ବର୍ଷାରେ ବସିଲିଣି, ହେଲେ କେହି ତାଙ୍କୁ ଯୋଗାଯୋଗ କରୁନାହାନ୍ତି। ତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ଧାରଣାରେ ବସିବେ ବୋଲି କହିଛନ୍ତି।



ଧାରଣାରେ ବସିଥିବା ଶ୍ରୀୟାସ୍ମିତା ପଣ୍ଡା।

# ବିଜେଡି ଶାସନରେ ଅଣନିଃଶ୍ୱାସୀ ରାଜ୍ୟବାସୀ ଭାଜପାକୁ ଶାସନ ଦେଲେ: ସଜ୍ଜନ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

ବିଜେଡି ୨୪ ବର୍ଷ ଧରି ନିରଙ୍କୁଶ ଶାସନରେ ଥିବା ସତ୍ତ୍ୱେ ରାଜ୍ୟର ସାମୂହିକ ସ୍ୱାର୍ଥକୁ ଅଣଦେଖା କରି ଚାଲିଥିଲା। ଫଳସ୍ୱରୂପ ଓଡ଼ିଶାର ବିକାଶ ବାଧାପ୍ରାପ୍ତ ହେଲା। ଦୁର୍ନୀତି, ଭ୍ରଷ୍ଟାଚାରରେ ଲିପ୍ତ ବିଜେଡି ସରକାରର ମନ୍ତ୍ରୀ ଓ ନେତାମାନେ ସ୍ୱର୍ଣ୍ଣଗର୍ଭା ଓଡ଼ିଶାକୁ ଲୁଟ୍ କରିଛନ୍ତି। ବିଜେଡି ଶାସନରେ ଅଣନିଃଶ୍ୱାସୀ ରାଜ୍ୟବାସୀ ପରିବର୍ତ୍ତନ ମୁହାଁ ହୋଇ ଭାଜପାକୁ ଶାସନ ଭାର ଦେଲେ। ବର୍ତ୍ତମାନ ଯେତେବେଳେ ଧୀରେ ଧୀରେ ବିଜେଡି ନେତା ଓ ମନ୍ତ୍ରୀଙ୍କ ଅସଲ ମୁଖା ସାମ୍ନାକୁ ଆସୁଛି, ବିବ୍ରତ ହୋଇ ବିଜେଡିର ନେତାମାନେ ଗଣମାଧ୍ୟମକୁ ପୁଣି ଥରେ ବିଭ୍ରାନ୍ତ ବକ୍ତବ୍ୟ ଦେଇ ଖସିଯିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ସଜ୍ଜନ କହିଛନ୍ତି, ଦୀର୍ଘ ବର୍ଷ ଧରି ବିଜେଡିସରକାର ଶୋଇ ରହିଥିଲା। ଦୂରଦୃଷ୍ଟି ଅଭାବରୁ ବିଜେଡି ସରକାର ହୀରାକୁଦ ନଦୀବନ୍ଧର ତଳଭାଗରେ ଗୋଟିଏ ହେଲେ ବନ୍ଧ ନିର୍ମାଣ କରିପାରିଲେ ନାହିଁ। କେବଳ ମହାନଦୀ ନୁହେଁ, ରାଜ୍ୟର କୌଣସି ଗୋଟିଏ ନଦୀରେ ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ କରିପାରିଲେ ନାହିଁ। ଜଳସେଚନ, ଜଳ ସଂରକ୍ଷଣ ପାଇଁ ଆସିଥିବା ଲକ୍ଷାଧିକ କୋଟି ଟଙ୍କା ବାଟମାରଣା କରାଗଲା। ସବୁଜ ମହାନଦୀ ବାବଦରେ ବନୀକରଣ ପାଇଁ ଆସିଥିବା ଶତାଧିକ କୋଟି ଟଙ୍କାକୁ ଚଲୁ କରିଦେଇଛନ୍ତି। ନବୀନବାବୁ ନିଜେ ଆଲୋଚନାରୁ ଦୂରେଇ ଯାଇ ଟ୍ରିବ୍ୟୁନାଲକୁ ଯାଇଛନ୍ତି, ଭାଜପା ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସଜ୍ଜନ କହିଛନ୍ତି।



ସଜ୍ଜନ ଶର୍ମା

# ପ୍ରତି ଜିଲାରେ ହେବ ସ୍କିଲ୍ ହବ୍: ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର,୨୭।୬(ଅନିଲ ଦାସ)

ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ କେତେକ ପ୍ରଶିକ୍ଷିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୀମିତ ରଖାଯିବ ନାହିଁ। ଏହାକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନଶକ୍ତି ପରିସରଭୁକ୍ତ କରାଯିବ ବୋଲି ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଗୁରୁବାର ପୂର୍ବାହ୍ଣରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମୀକ୍ଷା କରି ସେ କହିଛନ୍ତି ଯେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ଦକ୍ଷ କରିବା ଆବଶ୍ୟକ। କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ଓଡ଼ିଆ ଯୁବତୀଯୁବକ ସେମାନଙ୍କ ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ହେଉଥିବା ବେଳେ ଯୋଗ୍ୟ ପ୍ରାର୍ଥୀମାନେ କୁଶଳୀହେବା ନିହାତି ଜରୁରୀ। ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ସ୍ଥଳ ବିଶେଷରେ କମ୍ପାନୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉପଯୁକ୍ତ ପ୍ରଶିକ୍ଷକ ଓ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଚୁକ୍ତି କରାଯାଇପାରିବ। କଲେଜଗୁଡ଼ିକରେ ପାଠପଢ଼ା ସମୟରେ ଓ ପାଠପଢ଼ା ସମୟ ବାହାରେ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ। ସେହିପରି ମିଶନଶକ୍ତି ଓ ଆପ୍ରେଣ୍ଟିସିପ୍ ସହ ଦକ୍ଷତା ବିକାଶ ଟ୍ରେନିଂକୁ ଯୋଡ଼ିବାର ଢେର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ କହିଛନ୍ତି। ସମସ୍ତ ଜିଲାର ଉଚ୍ଚଶିକ୍ଷା ଅନୁଷ୍ଠାନରେ ୩୦ଟି ସ୍କିଲ୍ ହବ୍ କରାଯିବ। ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ଦିଆଯିବ। ଜୁଲାଇ ୧୫ରେ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ସବୁ ଜିଲାରେ ୨ଟି କୌଶଳ ରଥ(ସ୍କିଲ୍ ଅନ୍ ହୁଇଲ) ବୁଲିବ। ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି କୌଶଳ ରଥ ରାଜ୍ୟରେ ପରିଭ୍ରମଣ କରିବ। ଯେଉଁଥିରେ ହାଇସ୍କୁଲ, ଆଶ୍ରମ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ, ପିଭିଟିଜି(ପ୍ରାଚୀନ ଜନଜାତି) ଅଞ୍ଚଳରେ (ବଣ୍ଡା ଓ ମାଙ୍କଡ଼ିଆ ଇତ୍ୟାଦି) ଏବଂ ଆଇଟିଆଇ ଓ ପଲିଟେକ୍ନିକ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯିବ। ୭ଟି ଦକ୍ଷତା ଉପରେ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ବିବରଣୀ, ରୋଲ୍ ମଡେଲ୍ ଓ ଉଚ୍ଚଶିକ୍ଷା ସ୍କିମ୍ ଏହି ସ୍କିଲ୍ ଅନ୍ ହୁଇଲ୍‌ରେ ଫୋକସ୍ ହେବ। ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ, ଛାତ୍ରୀଛାତ୍ର, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବ। ଏହାବ୍ୟତୀତ ସ୍ୱଳ୍ପ ଅବଧିଭିତ୍ତିକ ଦକ୍ଷତା କାର୍ଯ୍ୟକ୍ରମ, ଆଇଟିଆଇ, ପଲିଟେକ୍ନିକ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଉଚ୍ଚତର ବୈଷୟିକ ଶିକ୍ଷା ସଂସ୍ଥାନଗୁଡ଼ିକରେ ଦିଆଯାଉଥିବା କାର୍ଯ୍ୟକ୍ରମମାନ ପ୍ରଚାର କରାଯିବ। ସ୍କିଲ୍ ଅନ୍ ହ୍ୱିଲ୍ ବା କୌଶଳ ରଥରେ ବାଳିକାମାନଙ୍କ ପାଇଁ ସୁଦକ୍ଷା, ଅନାଥ ପିଲାଙ୍କ ପାଇଁ ଗ୍ରୀନ୍-ପ୍ୟାସେଜ୍ ସ୍କିମ୍ ଓ ନୂଆ-ଓ ଏବଂ ପିଏଲ୍‌ଟିପି ଯୋଜନା ସମ୍ପର୍କରେ ସୂଚନା ଦିଆଯିବ। ଏହି କୌଶଳ ରଥ ଅଭିଯାନ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱୀକୃତି ଅଣାଯିବ। ଏତଦ୍‌ବ୍ୟତୀତ ଯୁବକମାନଙ୍କୁ ଆତିଥେୟତା ପ୍ରଶିକ୍ଷଣ ପାଇଁ ୧୦ ଗୋଟି କୌଶଳଭବନ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ପ୍ରଥମ କୌଶଳ ଭବନ ନିର୍ମାଣ କରାଯାଉଛି। ଏହି ଭବନରେ ଆତିଥ୍ୟ, ରୋଷେଇ ବିଜ୍ଞାନ, ଖାଦ୍ୟ ଓ ପାନୀୟ, ଗୃହରକ୍ଷୀ ସେବା ଏବଂ ଫ୍ରଣ୍ଟ ଅଫିସ୍ ଆସୋସିଏଟ୍ ପାଠ୍ୟକ୍ରମ ପ୍ରଶିକ୍ଷଣ ପାଇଁ ସୁବିଧା ରହିବ। ଏହି ଭବନରେ ବାର୍ଷିକ ୪୦୫ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ।

# ଡାକ୍ତରଙ୍କ ମିଠାକଥା ରୋଗୀପାଇଁ ବଡ଼ ଔଷଧ: ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ





ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ଉତ୍ସବ ସମାରୋହରେ ଅତିଥିମାନେ କଲେଜ ଛାତ୍ର ସଂସଦ ମୁଖପତ୍ର 'ଜେନିସିସ୍'କୁ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର, ୨୭।୬
(ବୀରେନ୍ଦ୍ର କୁମାର ଝାଙ୍କର)

ରୋଗୀଙ୍କୁ ମେଡିକାଲ ଚିକିତ୍ସା ସେବା ସହ ଡାକ୍ତରଙ୍କ ଦୁଇପଦ ମିଠାକଥା ଓ ଭଲ ବ୍ୟବହାର ବଡ଼ ଔଷଧ। ଗୁରୁବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଷଷ୍ଠ ବାର୍ଷିକ ଉତ୍ସବ ସମାରୋହରେ ଏହା କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ, ସେବା ମନୋଭାବ ନେଇ ଡାକ୍ତରମାନେ ଲୋକଙ୍କ ଚିକିତ୍ସା କରିବା ଉପରେ ଜୋର ଦେବା ଆବଶ୍ୟକ। ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ହେଲେ ଅନେକ କିଛି ସମସ୍ୟାର ସମାଧାନ ହୋଇପାରିବ। ଡାକ୍ତରମାନଙ୍କ ଉପରେ ରାଜ୍ୟବାସୀ ଅନେକ କିଛି ଆଶା କରିଥାନ୍ତି। ସରକାର ଏବେ ତୃଣମୂଳସ୍ତରରୁ ଡାକ୍ତରଖାନାଗୁଡ଼ିକରେ ସଂସ୍କାର ଆଣିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏବେ ରାଜ୍ୟରେ ୧୧ଟି ମେଡିକାଲ କଲେଜ ରହିଛି। ଆଉ ତିନୋଟି ମେଡିକାଲ କଲେଜ ତିଆରି ହେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସହିତ ଭାଜପା ସରକାରକୁ ଆସିଲେ ଆମେ ପ୍ରତି ଜିଲା ସଦର ମହକୁମାରେ ଏକ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ରତିଷ୍ଠା କରିବୁ ବୋଲି ସଂକଳ୍ପପତ୍ରରେ ଉଲ୍ଲେଖ କରିଥିଲୁ। ତାହା କିପରି କାର୍ଯ୍ୟକାରୀ କରାଯିବ ସେନେଇ ପଦକ୍ଷେପ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥିଭାବେ ଜିଲାପାଳ ଗୌରବ ଶିୱାଜୀ ଇସ୍‌ଲୱାର, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଦ୍ୟାନ୍‌ଦେଓ ଖିଲାରୀ, ଡିନ୍ ତଥା ଅଧ୍ୟକ୍ଷ ଡ. ସ୍ୱୟଂପ୍ରଭା ପ୍ରଧାନ, ଛାତ୍ର ସଂସଦ ସଭାପତି ପ୍ରିୟାଂଶୁ ପଣ୍ଡା ସ୍ୱାଗତ ଓ ସାଧାରଣ ସମ୍ପାଦକ ସରୋଜ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ର ସଂସଦର ମୁଖପତ୍ର 'ଜେନିସିସ୍'କୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର କୃତୀ ଛାତ୍ରୀଛାତ୍ର, କୃତୀ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଶ୍ରେଷ୍ଠ ଛାତ୍ରଙ୍କୁ ସ୍ମୃତିବାସୀ ମେମୋରିଆଲ ଆୱାର୍ଡରେ ୧୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଆୱାର୍ଡ ପ୍ରଦାନ ବେଳେ ଉକ୍ତ ପୁରସ୍କାର ରାଶି ବ୍ୟବସ୍ଥା କରିଥିବା ଡ. ସୁଷମା ମଞ୍ଜରୀ ନାୟକ ଉପସ୍ଥିତ ଥିଲେ।

# ପିସିସି ସଭାପତିଙ୍କ ଇସ୍ତଫା ନେଇ ଦଳରୁ ଉଠିଲା ସ୍ୱର

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ କଂଗ୍ରେସ ସେପରି ଆଖିଦୃଶିଆ ପ୍ରଦର୍ଶନ କରିପାରିନାହିଁ। ୨୦୧୯ରେ ଦଳକୁ ୯ଟି ବିଧାନସଭା ଆସନ ମିଳିଥିବା ବେଳେ ୨୦୨୪ରେ ୧୪ଟି ଆସନ ଜିତିଛି। ହେଲେ ରାଜ୍ୟରେ ୨୪ ବର୍ଷ ଧରି ଶାସନ କରିଆସୁଥିବା ବିଜେଡି ସରକାର ବିରୋଧରେ ପରିବର୍ତ୍ତନର ପବନ ପ୍ରବଳ ମାତ୍ରାରେ ବହିଥିବା ବେଳେ ଏହାର ଫାଇଦା କଂଗ୍ରେସ ଉଠାଇପାରି ନାହିଁ। ବିପର୍ଯ୍ୟୟର କାରଣ ନେଇ ଏଯାଏଁ ଦଳ ପକ୍ଷରୁ କୌଣସି ବିଧିବଦ୍ଧ ସମୀକ୍ଷା ବୈଠକ ହୋଇ ନ ଥିବାବେଳେ ପିସିସି ସଭାପତି ଶରତ ପଟ୍ଟନାୟକ ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପଟେ କଂଗ୍ରେସର ଏଭଳି ବିଫଳତା ପରେ ପିସିସି ସଭାପତିଙ୍କୁ ପରିବର୍ତ୍ତନ ନେଇ ଦଳ ଭିତରେ ସ୍ୱର ଉଠିଛି।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ପିସିସି ସଭାପତି ଇସ୍ତଫା ଦେଇଛନ୍ତି ନା ନାହିଁ ସେନେଇ ଜଣାନାହିଁ। ହେଲେ ଦଳର ଏଭଳି ବିପର୍ଯ୍ୟୟ ପରେ ପିସିସି ସଭାପତି ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦେବା ଦରକାର। ଏନେଇ ତାଙ୍କ ମତ ସ୍ପଷ୍ଟ। ନିର୍ବାଚନୀ ବିଫଳତା ନେଇ ତର୍ଜମା କରାଯାଉ ବୋଲି ତାଙ୍କୁ ଏକ ଚିଠି ଲେଖିଥିଲେ ବୋଲି ପଞ୍ଚାନନ କହିଛନ୍ତି। କେଉଁ କାରଣରୁ ଦଳର ବିପର୍ଯ୍ୟୟ ହେଲା ଏବଂ ପରିବର୍ତ୍ତନ ବ୍ୟବସ୍ଥାକୁ କାହିଁକି ଆପଣାଯାଇପାରିଲା ନାହିଁ, ତା'ର ତର୍ଜମାର ଆବଶ୍ୟକତା ଥିବା ନେଇ ସେ ଉଲ୍ଲେଖ କରିଥିଲେ। ଭାଜପା କେଉଁଥିଲାଗି ପରିବର୍ତ୍ତନର ଲାଭ ଉଠାଇପାରିଲା ତାହା ଜଣାପଡ଼ିବା ଦରକାର। ଦିଲ୍ଲୀରୁ ଯେଉଁମାନେ ଆସିଥିଲେ ସେମାନେ ମଧ୍ୟ ଏନେଇ କିଛି ଜାଣିପାରିଲେ ନାହିଁ। ପିସିସି ସଭାପତି ନିଜେ ହାରିଛନ୍ତି। ଯଦି ସଭାପତି ନିଜେ ଜିତିଥାଆନ୍ତେ, ତା'ହେଲେ କିଛି କହି ହୋଇ ନ ଥାଆନ୍ତା। ଶୋଚନୀୟ ଭାବେ ବି ସଭାପତି ହାରିଛନ୍ତି ବୋଲି ପଞ୍ଚାନନ କହିଛନ୍ତି।

ପଞ୍ଚାନନଙ୍କ କଥାରେ ନିଜର ସ୍ୱର ମିଶାଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ୨୦୧୪ରେ କଂଗ୍ରେସ ସରକାର କରିବ ବୋଲି ସେ ଲକ୍ଷ୍ୟ ରଖିଥିଲେ। ଲକ୍ଷ୍ୟ ପୂରଣ ନ ହେବାରୁ ବିବେକ ଦୃଷ୍ଟିରୁ ଇସ୍ତଫା ଦେଇଥିଲେ ବୋଲି ଜୟଦେବ କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନିର୍ବାଚନ ଫଳାଫଳ ବାହାରିବାର ପରଦିନ ହିଁ ହାଇକମାଣ୍ଡଙ୍କୁ ଭେଟି ଆଲୋଚନା କରି ଯାହା କରିବା କଥା କହିସାରିଛନ୍ତି। ୨୦୦୧ରୁ ୨୦୦୪ ଜୁଲାଇ ପର୍ଯ୍ୟନ୍ତ ସେ ପିସିସି ସଭାପତି ଦାୟିତ୍ୱରେ ଥିଲେ। ତା' ପରଠାରୁ କଂଗ୍ରେସ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଆସନ ସଂଖ୍ୟା କମି ଚାଲିଲା। ୨୦୧୯ରେ ୯ଟି ଆସନ ଦଳକୁ ମିଳିଥିଲା। ଏଥର ନିର୍ବାଚନରେ ଦଳର ବିଧାନସଭା ଆସନ ସଂଖ୍ୟା ବଢ଼ିବା ସହ ଗୋଟିଏ ଲୋକ ସଭା ଆସନରେ ଗତଥର ତୁଳନାରେ ଅଧିକ ଭୋଟ୍‌ରେ କଂଗ୍ରେସ ବିଜୟୀ ହୋଇଛି। ବିଜେଡି ୨୪ ବର୍ଷ ଶାସନରେ ଥିବା ସତ୍ତ୍ୱେ ଗୋଟିଏ ବି ଲୋକ ସଭା ଆସନ ଜିତିପାରିଲା ନାହିଁ। କେବେ ହେଲେ ପଦବୀ ପାଇଁ ବ୍ୟସ୍ତ ହୋଇ ନାହାନ୍ତି। ଆଗକୁ ପଞ୍ଚାୟତ, ମ୍ୟୁନିସିପାଲିଟି ଭୋଟ୍ ଅଛି, ତେଣୁ ସମସ୍ତେ ଏକାଠି ହୋଇ ଲଢ଼ିବା ଦରକାର ବୋଲି ଶରତ କହିଛନ୍ତି।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ



# ଇରାନ ନିର୍ବାଚନ ଓ ମଧ୍ୟପ୍ରାଚ୍ୟର ଶାନ୍ତି



ବ୍ରୁସ୍ ଆକେର୍‌ମ୍ୟାନ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ସଂସଦ ଭଙ୍ଗକରିବା ପରେ ଏହି ରବିବାର ସେଠାରେ ନିର୍ବାଚନ ହେଉଛି। ଅତି ଶୀଘ୍ର ହେଉଥିବା ଉକ୍ତ ନିର୍ବାଚନ ଆଉ ଏକ ସମ୍ଭାବ୍ୟ ରାଜନୈତିକ ଭୂକମ୍ପରୁ ବିଶ୍ୱର ଧ୍ୟାନ ହଟାଇନେବ । ସେହି ରାଜନୈତିକ ଘଟଣାଟି ହେଉଛି, ଇରାନର ରାଷ୍ଟ୍ରପତି ନିର୍ବାଚନ। ଶୁକ୍ରବାର( ଆଜି) ହେଉଥିବା ନିର୍ବାଚନରେ ଭୋଟରମାନେ ଭୋଟ ଦେଉଛନ୍ତି। ଗତ ମାସରେ ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ମୃତ୍ୟୁ ହେବା ପରେ ଏହି ପଦବୀ ଖାଲି ରହିଥିଲା। ଇସ୍‌ଲାମିକ ରିପବ୍ଲିକ୍‌ର ସର୍ବୋଚ୍ଚ ନେତା ଅଲି ଖାମେନେଇ ପାଶ୍ଚାତ୍ୟର କଡ଼ା ବିରୋଧୀ ଏବଂ ତାଙ୍କ ବିଶ୍ୱସ୍ତ ଅନୁଗାମୀ ରଇସି ୨୦୨୧ ରେ ନିର୍ବାଚନ ଜିତିଥିଲେ। ଏଣୁ ଏହି ନିର୍ବାଚନରେ ଖାମେନେଇ ଅନିୟମିତତା କରିବେ ନାହିଁ ତ , ଯାହା ଆଉ ଜଣେ ଚରମ କଟରପନ୍ଥୀଙ୍କ ବିଜୟକୁ ନିଶ୍ଚିତ କରିବ ? ନା, ଏହା ଏତେ ଶୀଘ୍ର ହେବ ନାହିଁ। ଇରାନ ରାଜନୀତିରେ ରଇସିଙ୍କ ଉତ୍ଥାନ ଏବଂ ପତନର ୩ ବର୍ଷ ମଧ୍ୟରେ ଏକ ନିର୍ଣ୍ଣାୟକ ମୋଡ଼ ନେଇଛି। ଇରାନର ସମ୍ବିଧାନ ଅନୁଯାୟୀ, ନିର୍ବାଚନ ଲଢ଼ିବା ପୂର୍ବରୁ ଧର୍ମୀୟ ଆଭିଜାତ୍ୟ ବର୍ଗଙ୍କ ପ୍ରାଧାନ୍ୟ ଥିବା କାଉନସିଲ ଅଫ୍ ଗାର୍ଡିଅନ (ସାମ୍ବିଧାନିକ ବୈଧତାପ୍ରାପ୍ତ ତଥା ନିଯୁକ୍ତ ୧୨ ଜଣିଆ ସଦସ୍ୟ ବିଶିଷ୍ଟ ପରିଷଦ)ଦ୍ୱାରା ପ୍ରାର୍ଥୀମାନେ ଅନୁମୋଦିତ ହେବା ଆବଶ୍ୟକ।

୨୦୨୧ରେ ଖାମେନେଇଙ୍କ ଯୁଦ୍ଧଖୋର ପାଶ୍ଚାତ୍ୟ ବିରୋଧୀ ମନୋଭାବକୁ ଦୃଢ଼ ବିରୋଧ କରୁଥିବା ନେତାଙ୍କୁ ନିର୍ବାଚନରେ ସ୍ଥାନ ଦେବାକୁ ପରିଷଦ ଅଗ୍ରାହ୍ୟ କରିବାରୁ ରଇସି ବିଜୟୀ ହୋଇଥିଲେ। କିନ୍ତୁ ଏଥର ଜନ ଆନ୍ଦୋଳନ ବଢ଼ିବାରୁ ଖାମେନେଇଙ୍କର ଜଣେ ବଡ଼ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିର୍ବାଚନରେ ଭାଗନେବା ପାଇଁ ଅନୁମତି ଦେବାକୁ ପରିଷଦ ବାଧ୍ୟହେଲା। ତାହା ପୁଣି ସର୍ତ୍ତରେ, ଯେଉଁଥିରେ ରହିଛି ସେ ଜିତିଲେ ପାଶ୍ଚାତ୍ୟ ସମର୍ଥନ ନୀତିରେ ପରିବର୍ତ୍ତନ କରିବେ। ଏହାର ପରିଣାମ ସ୍ୱରୂପ ଯଦି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଚତୁରତାର ସହ କାମକରେ ତେବେ ଜଣେ ଇରାନର ଶାନ୍ତି ପ୍ରତିଷ୍ଠାକାରୀଙ୍କ ବିଜୟ ପାଇଁ ପଥ ପରିଷ୍କାର ହୋଇପାରେ। ବିଶ୍ୱାସ କରନ୍ତୁ କି ନା, ଏହି ବିଜୟ ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପାଇଁ ଆଣିବାର ସମ୍ଭାବନା ରହିଛି। ଏକ ଦୁର୍ବଳ ଅସ୍ତ୍ରବିରତି ଚୁକ୍ତିନାମା କରିବା ପରିବର୍ତ୍ତେ ଯଦି ଏହା ଘଟେ, ତେବେ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏକ ବହୁପକ୍ଷୀୟ ବ୍ୟବସ୍ଥା ଗଢ଼ିବା ଆରମ୍ଭ କରିପାରନ୍ତି, ଯେଉଁଥିରେ ଆମେରିକା ଏବଂ ଇରାନ ସାମରିକ ଗ୍ୟାରେଣ୍ଟର ଭାବେ ଇସ୍ରାଏଲୀ ଓ ପାଲେଷ୍ଟିନୀୟଙ୍କ ସମାଧାନ ପାଇଁ କାର୍ଯ୍ୟ କରିବେ।

ଏହା କିପରି ଘଟିବ, ତାହା ଦେଖିବାକୁ ୨୦୨୧କୁ ଫେରିଯିବାକୁ ପଡ଼ିବ ଏବଂ ବ୍ୟାପକ ପ୍ରତିବାଦ ଉପରେ ଗାର୍ଡିଆନ କାଉସିଲ କିପରି କଟକଣା ଲଗାଇଥିଲା ତାହା ଉପରେ ବିଚାର କରିବାକୁ ହେବ। ପ୍ରତିଦ୍ୱନ୍ଦ୍ୱୀ କଟରପନ୍ଥୀଙ୍କ ବିରୋଧରେ ରଇସି ସହଜ ବିଜୟ ହାସଲ କରିବାର କାରଣ ଥିଲା ଇରାନର ଅଧିକାଂଶ ଭୋଟର ଭୋଟ ଦେବାକୁ ମନା କରିଦେଇଥିଲେ। ଇରାନର ୫୯ ମିଲିୟନ ଭୋଟରଙ୍କ ମଧ୍ୟରୁ କେବଳ ୪୯% ଭୋଟ ଦେଇଥିଲେ। କିନ୍ତୁ ୪ ବର୍ଷ ପୂର୍ବେ ହୋଇଥିବା ନିର୍ବାଚନରେ ଭୋଟ ହାର ୭୦% ଥିଲା । ଏଭଳି ଉଦ୍ଦେଶ୍ୟମୂଳକ ଭୋଟ ବର୍ଜନ ତୃଣମୂଳ ସ୍ତରରେ ସକ୍ରିୟତା ସୃଷ୍ଟି କରିଥିଲା। ୨୦୨୨ର ଶେଷ ଆଡ଼କୁ ସ୍ଥିତି ଏକ ମୋଡ଼ ନେଇଥିଲା, ଯେତେବେଳେ ମହସା ଅମିନୀ ନାମ୍ନୀ ଯୁବତୀ ସର୍ବସାଧାରଣରେ ବୁର୍ଖା ପିନ୍ଧି ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିଲା ଏବଂ ୩ ଦିନ ପରେ ପୋଲିସ ହେପାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଦେଖାଦେଲା । ଫଳରେ ସରକାର ଗଣମାଧ୍ୟମ ଉପରେ କଟକଣା ଲଗାଇଥିଲେ। ଲୁହବୁହା ବାଷ୍ପ ଏବଂ ଗୁଳିରେ ଅନେକ ଶହ ପ୍ରଦର୍ଶନକାରୀଙ୍କର ମୃତ୍ୟୁ ଘଟିଥିଲା।



ନିଷ୍ଠୁର ଦମନ ସତ୍ତ୍ୱେ ଛାତ୍ର ଓ ଶ୍ରମିକମାନେ ରଇସିଙ୍କ ଉଗ୍ରବାଦ ବିରୋଧରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ଜାରି ରଖିଥିଲେ।

ରଇସିଙ୍କ ମୃତ୍ୟୁ ଆଉ ଏକ ବିରୋଧର ପର୍ଯ୍ୟାୟ ସୃଷ୍ଟି କରିଥିଲା। ବିରୋଧୀ ଆନ୍ଦୋଳନରେ ଦାବି କରିଥିଲା ଯେ, ୨୦୨୧ ତୁଳନାରେ ଏହାର କେତେଜଣ ନେତାଙ୍କୁ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର କରିବାକୁ ଅନୁମତି ଦିଆଯାଉ । ଅନ୍ୟଥା ସେମାନେ ବ୍ୟାପକ ଭାବେ ରାସ୍ତାରେ ପ୍ରଦର୍ଶନ କରିବେ ଯାହା ଦେଶକୁ ଗୃହଯୁଦ୍ଧରେ ପରିଣତ କରିବ। ଗାର୍ଡିଆନମାନେ ଏହି ଦାବିକୁ ମାନିନେଲେ। ନିର୍ବାଚନରେ ଭାଗନେବାକୁ ସେମାନେ ୫ ଜଣ କଟରପନ୍ଥୀଙ୍କ ପ୍ରାର୍ଥିତ୍ୱକୁ ଅନୁମୋଦନ କରିଥିବା ବେଳେ ସେମାନେ ମାସୁଦ ପେଜେଶ୍‌କିଆନଙ୍କ ନାମ ବାଲଟରେ ରଖିବାକୁ ଅନୁମତି ଦେଇଥିଲେ। ପେଜେଶ୍‌କିଆନ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ଚମତ୍କାର ଭାବେ ପ୍ରତିନିଧିତ୍ୱ କରନ୍ତି । ସେ ମେଡିକାଲ ସ୍କୁଲରେ ପଢ଼ି ହୃଦ୍‌ରୋଗ ସର୍ଜନ ହୋଇଥିଲେ ଏବଂ ତାବ୍ରିଜ୍‌ରେ ମେଡିକାଲ ସାଇନ୍ସ ୟୁନିଭର୍ସିଟିର ସଭାପତି ଭାବରେ ୫ ବର୍ଷ କାର୍ଯ୍ୟ କରିଥିଲେ। ୨୦୦୧ରୁ ୨୦୦୫ ମଧ୍ୟରେ ସେ ଇରାନର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ ଏବଂ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ସଂସଦର ପ୍ରଥମ ଉପ ବାଚସ୍ପତି ଭାବରେ କାର୍ଯ୍ୟ କରିଥିଲେ।

ଅଳ୍ପ କେତେଜଣ ଇରାନୀୟ କ୍ୟାରିୟରରେ ଶିକ୍ଷାଗତ, ଅମଲାତାନ୍ତ୍ରିକ ଏବଂ ରାଜନୈତିକ ସଫଳତାକୁ ଏହିପରି ଭାବେ ଚମତ୍କାର ଢଙ୍ଗରେ ଯୋଡ଼ିଛନ୍ତି। ବଡ଼ କଥା ହେଉଛି, ପେଜେଶ୍‌କିଆନ ୨୦୨୨ରେ ଅମିନୀଙ୍କ ମୃତ୍ୟୁ ପରେ ତତ୍‌କ୍ଷଣାତ ପୋଲିସର ପଦକ୍ଷେପକୁ ଭୁଲ୍ କହି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେହି ସମୟରେ ରଇସି ଏହାର ଉତ୍ତର ଦେବେ ନା ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବେ ତାହା ସେ ଜାଣିପାରିଲେ ନାହିଁ, ଯେଉଁଥିପାଇଁ ଅନ୍ୟ ପ୍ରତିଷ୍ଠିତ ଇରାନୀୟମାନେ ଏହା ଉପରେ ମୁହଁ ଖୋଲି ନ ଥିଲେ। ୫ଜଣ କଟରପନ୍ଥୀଙ୍କୁ ନିର୍ବାଚନରେ ଭାଗନେବାକୁ ଅନୁମତି ଦେବା ପାଇଁ ଗାର୍ଡିଆନଙ୍କ ନିଷ୍ପତ୍ତି କେବଳ ପେଜେଶ୍‌କିଆନଙ୍କ ସମ୍ଭାବନାକୁ ବଢ଼ାଇବ। ବାସ୍ତବରେ, ବିଭାଜିତ ଧର୍ମୀୟ ଭୋଟ ଯୋଗୁ ଜଣେ ଶିକ୍ଷାବିତ ବଡ଼ ଧରଣର ବିଜୟ ହାସଲ କରିପାରନ୍ତି। ଯଦି ପେଜେଶ୍‌କିଆନ ଜିତନ୍ତି, ତେବେ ତୀବ୍ର ବିରୋଧୀ ଭାବେ ଜଣାଶୁଣା ଇରାନ ପ୍ରତି ଆମେରିକାର ଦୀର୍ଘଦିନର ଦୃଷ୍ଟିକୋଣରେ ଏକ ନାଟକୀୟ ପରିବର୍ତ୍ତନ ହେବ, ଯାହା ଗଠନମୂଳକ କାର୍ଯ୍ୟ ପାଇଁ ଜରୁରୀ। ଏଭଳି ଏକ ପରିବର୍ତ୍ତନ ପାଇଁ ବ୍ଲିଙ୍କେନ୍‌ଙ୍କ ତ୍ୱରିତ ବିଚାର ସ୍ୱାଗତଯୋଗ୍ୟ। ତେବେ ମଧ୍ୟପ୍ରାଚ୍ୟରେ ତାଙ୍କର ଲଗାତର କୂଟନୈତିକ ମଧ୍ୟସ୍ଥତାରୁ ବୁଝାପଡୁଛି ଯେ, ସେ ସହଜରେ ଇରାନୀୟ ବୁଝାମଣାକାରୀଙ୍କ ନିକଟତର ହୋଇପାରିବେ।

ବ୍ଲିଙ୍କେନ୍‌ଙ୍କ ରିପୋର୍ଟକୁ ଗମ୍ଭୀରତାର ସହ ବାଇଡେନ୍ ଗ୍ରହଣ କରିବାକୁ ଆଗ୍ରହୀ ହେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ଆମେରିକୀୟ ଇହୁଦୀ ସମ୍ପ୍ରଦାୟରେ ବିଭାଜନ ଏବଂ ଆରବ-ଆମେରିକୀୟମାନେ ବାଇଡେନ୍‌ଙ୍କ ପ୍ରାର୍ଥିତ୍ୱକୁ ବିରୋଧ ହିଁ ପୁନଃ ନିର୍ବାଚିତ ହେବାରେ ତାଙ୍କ ପାଇଁ ବଡ଼ ବିପଦ। ଜୁଲାଇ ୨୪ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ୱାଶିଂଟନରେ କଂଗ୍ରେସର ମିଳିତ ଅଧିବେଶନରେ ଯୋଗଦେବାକୁ ପହଞ୍ଚିବା ପରେ ଏହି ବିପଦ ଆହୁରି ବଢ଼ିବ। ସେହି ସମୟରେ ବାଇଡେନ୍ ନେତାନ୍ୟାହୁଙ୍କୁ ଇରାନ ସହ ବହୁପକ୍ଷୀୟ ଆଲୋଚନାରେ ଯୋଗଦେବାକୁ ଆମନ୍ତ୍ରଣ କରିବାର ସ୍ଥିତିରେ ରହିପାରନ୍ତି। ଏଭଳି ପରିସ୍ଥିତି ଆଣବିକ ବିସ୍ତାର ଏବଂ ମଧ୍ୟପ୍ରାଚ୍ୟରେ ବ୍ୟାପକ ଯୁଦ୍ଧକୁ ନାଟକୀୟ ଭାବରେ ହ୍ରାସ କରିବା ସହ ୨ ଦେଶ ସମାଧାନ ପାଇଁ ରାସ୍ତା ମଧ୍ୟ ପ୍ରସ୍ତୁତ କରିବେ ଯାହା ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନକୁ ଶାନ୍ତିରେ ରହିବାକୁ ଅନୁମତି ଦେବ।

ରଇସିଙ୍କ ମୃତ୍ୟୁ ଏକ ବିରଳ ସୁଯୋଗକୁ ପ୍ରତିପାଦିତ କରେ ଯେଉଁଥିରେ ଦୀର୍ଘଦିନ ଧରି ଶତ୍ରୁ ଭାବେ ରହିଥିବା ରାଜନୈତିକ ନେତାମାନଙ୍କୁ ଏକ ନୂତନ କୂଟନୈତିକ ଯୁଗ ଆରମ୍ଭ କରିବା ପାଇଁ ଅଧିକ ପ୍ରେରିତ କରିଛି। କିନ୍ତୁ ବାଇଡେନ୍ ନିଶ୍ଚିତ ଭାବରେ ଏହି ମୁହୂର୍ତ୍ତକୁ ହାତେଇବା ଦରକାର। ଯଦି ସେ ପେଜେଶ୍‌କିଆନଙ୍କୁ ଶତ୍ରୁ ଭାବେ ଦେଖନ୍ତି, ତେବେ ଖାମେନେଇ ନିଶ୍ଚିତ ଭାବେ ନୂତନ ରାଷ୍ଟ୍ରପତିଙ୍କ ଲୋକପ୍ରିୟ ସ୍ଥିତିକୁ ନଷ୍ଟ କରିବାରେ ସମର୍ଥ ହେବେ ଏବଂ ପରବର୍ତ୍ତୀ ସମୟରେ ଭୋଟରଙ୍କୁ ତାଙ୍କର ଜ୍ଞାନ ବା ଶିକ୍ଷାଗତ ଦୃଷ୍ଟିକୋଣକୁ ପ୍ରତ୍ୟାଖ୍ୟାନ କରିବାକୁ ବୁଝାଇବାରେ ସମର୍ଥ ହେବେ। ସାମ୍ପ୍ରତିକ ଇତିହାସରେ ଏହା ପ୍ରଥମ ଥର ନୁହେଁ, ମଧ୍ୟପ୍ରାଚ୍ୟର ଭବିଷ୍ୟତ ନିର୍ଣ୍ଣୟ କରିବାରେ ହ୍ୱାଇଟ ହାଉସରେ ଅନେକ ତ୍ୱରିତ ନିଷ୍ପତ୍ତି ନିଆଯାଇଛି। ସେଥିମଧ୍ୟରୁ କେତେକ ମଧ୍ୟପ୍ରାଚ୍ୟରେ ଅନେକ ବର୍ଷ ଧରି ତିକ୍ତ ସଂଘର୍ଷ ସୃଷ୍ଟି କରିଛି। ତେବେ ଏବକାର ନିଷ୍ପତ୍ତି ଏହା ଆଗାମୀ ଦଶନ୍ଧି ଲାଗି ଶାନ୍ତିପୂର୍ଣ୍ଣ ସହଭାଗିତା ପାଇଁ ଏକ ପଥ ଦେଖାଇପାରେ

**ଷ୍ଟର୍ଲିଂ ପ୍ରଫେସର, ଲ ଆଣ୍ଡ ପଲିଟିକାଲ ସାଇନ୍ସ, ୟେଲ୍ ୟୁନିଭର୍ସିଟି, ଆମେରିକା**

# ଅପଚୟରୁ ଅଭାବ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ କୋଟି କୋଟି ଲୋକ ଦିନକୁ ଦୁଇଓଳି ଖାଇବାକୁ ପାଆନ୍ତି ନାହିଁ। 'ଗ୍ଲୋବାଲ ହଙ୍ଗର୍ ଇଣ୍ଡେକ୍ସ ୨୦୨୩ ଅନୁଯାୟୀ, ଭାରତରେ କ୍ଷୁଧା ସ୍ତର ଗୁରୁତର । ନିକଟରେ 'ଖାଦ୍ୟ' ସମ୍ବନ୍ଧୀୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ମିଳିତ ଜାତିସଂଘରୁ ଆସିଥିଲା। ଗୋଟିଏ ଖାଦ୍ୟ ଅପଚୟ ଏବଂ ଅନ୍ୟଟି ଖାଦ୍ୟ ଅଭାବ ଏବଂ ଅନାହାର ସହିତ ଜଡିତ। ସୂଚନାଯୋଗ୍ୟ ଯେ ମିଳିତ ଜାତିସଂଘ ପ୍ରଥମେ ଖାଦ୍ୟ ଅପଚୟ ବିଷୟରେ ରିପୋର୍ଟ ପ୍ରକାଶ କରିଥିଲା ଏବଂ ପରେ ଖାଦ୍ୟ ଅଭାବ ରିପୋର୍ଟ। ଏହିରିପୋର୍ଟଗୁଡିକର ଆଗ ପଛ ହେବା କାରଣ କେବଳ କିଛି ବୈଷୟିକ ତ୍ରୁଟି କିମ୍ବା ସେମାନଙ୍କୁ ପ୍ରସ୍ତୁତ କରୁଥିବା କମିଟିର କାର୍ଯ୍ୟକାରିତା ହୋଇପାରେ, କିନ୍ତୁ ଏହା ସତ୍ୟ ଯେ ଖାଦ୍ୟର ଅଭାବ ଖାଦ୍ୟ ଅପଚୟ ସହିତ ଜଡିତ। ଯଦିଓ ଖାଦ୍ୟ ଅଭାବ ପାଇଁ ଅନ୍ୟାନ୍ୟ ଅନେକ କାରଣ ଥାଇପାରେ, କିନ୍ତୁ ଏହି ସମସ୍ୟା ଖାଦ୍ୟ ନଷ୍ଟରୁ ଆରମ୍ଭ ହୁଏ। ତେଣୁ, ଯଦି ଖାଦ୍ୟ ଅପଚୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ, ତେବେ ଖାଦ୍ୟ ଅଭାବ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ। ଚଳିତ ବର୍ଷ ଏପ୍ରିଲ ଶେଷରେ ମିଳିତ ଜାତିସଂଘର 'ଖାଦ୍ୟ ସଙ୍କଟ ଗ୍ଲୋବାଲ ରିପୋର୍ଟ' ଅନୁଯାୟୀ ବିଶ୍ୱର ମୋଟ ୫୯ ଦେଶର ପ୍ରାୟ ୨୮.୨ କୋଟି ଲୋକ ଭୋକରେ ରହିବାକୁ ବାଧ୍ୟ ହେଉଛନ୍ତି। ତଥ୍ୟ ଅନୁଯାୟୀ ଯୁଦ୍ଧ ପାଇଁ ଏବଂ ସୁଦାନରେ ଖାଦ୍ୟ ଅଭାବରୁ ୨୦୨୨ ମସିହାରେ ୨.୪ କୋଟିରୁ ଅଧିକ ଲୋକ ଭୋକରେ ରହିଥିଲେ।

ସୂଚନାଯୋଗ୍ୟ ଯେ ମିଳିତ ଜାତିସଂଘ ୨୦୧୬ରେ ପ୍ରଥମେ ଖାଦ୍ୟ ଅଭାବ ସମ୍ପର୍କରେ ରିପୋର୍ଟ ଦେବା ଆରମ୍ଭ କରିଥିଲା। ଚିନ୍ତାର ବିଷୟ ହେଉଛି, ପ୍ରଥମ ରିପୋର୍ଟ ତୁଳନାରେ ସର୍ବଶେଷ ରିପୋର୍ଟରେ ଭୋକିଲା ଲୋକଙ୍କ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଆହୁରି ମଧ୍ୟ, ଖାଦ୍ୟ ସାମଗ୍ରୀର ଅଭାବ ହେତୁ ଭୋକରେ ପୀଡିତଙ୍କ ସଂଖ୍ୟା ଆଜି ସର୍ବାଧିକ। ଏହାର କାରଣ ଦାରିଦ୍ର୍ୟତା ଏବଂ ବେକାରି ମଧ୍ୟ ହୋଇପାରେ। କ୍ଷୁଧା ସମସ୍ୟାକୁ ବିଶ୍ଳେଷଣ କରୁଥିବା ବିଶେଷଜ୍ଞମାନେ କ୍ଷୁଧାକୁ ବୁଝିବା ପାଇଁ ଏକ ସ୍କେଲ ନିର୍ଦ୍ଧାରଣ କରିଛନ୍ତି। ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ଅର୍ଥନୀତିଜ୍ଞ ମ୍ୟାକ୍ସିମୋଟୋରେରିଙ୍କ ଅନୁଯାୟୀ ଏହାର ମୋଟ ପାଞ୍ଚଟି ପର୍ଯ୍ୟାୟ ଅଛି। ଏଥିମଧ୍ୟରୁ ଅଧିକ ଭୋକରେ ପୀଡିତ ଲୋକଙ୍କୁ ପଞ୍ଚମ ପର୍ଯ୍ୟାୟରେ ରଖାଯାଇଛି, ଯେଉଁଥିରେ ଭାରତ ସମେତ ପାଞ୍ଚଟି ଦେଶରୁ ୭୦ଲକ୍ଷ ୫ହଜାର ଲୋକ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏଥିମଧ୍ୟରୁ ୮୦% ଅର୍ଥାତ୍ ୫୭ ଲକ୍ଷ ୭ ହଜାର ଲୋକ କେବଳ ଯୁଦ୍ଧ ପୀଡିତ ଅଞ୍ଚଳର ଅଛନ୍ତି। 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ୨୦୨୩ ଅନୁଯାୟୀ, ଭୋକରେ ପୀଡିତ ୧୨୫ ଦେଶ ତାଲିକାରେ ଭାରତ ୧୧୧ ତମ ସ୍ଥାନରେ ରହିଛି। ଏକବିଂଶ ଶତାବ୍ଦୀରେ ପହଞ୍ଚିବା ପରେ ମଧ୍ୟ ଆମ ଦେଶ ଭୋକରେ ପୀଡିତ ଲୋକମାନଙ୍କ ଏକ ଦେଶ ଭାବରେ ପରିଚିତ।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ପି) ର ଖାଦ୍ୟ ବର୍ଜ୍ୟବସ୍ତୁ ସୂଚକାଙ୍କ ୨୦୨୪ର ମାର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ପ୍ରତିଦିନ ଭୋକିଲା ଶୋଇବାକୁ ଯାଉଥିବା ଲୋକଙ୍କ ଅପେକ୍ଷା ବିଶ୍ୱରେ ଅଧିକ ଖାଦ୍ୟ ଶସ୍ୟ ନଷ୍ଟ ହେଉଛି, ଯେଉଁଥିରେ ହୋଟେଲ, ରେଷ୍ଟୁରାଣ୍ଟ, ବିବାହ ବ୍ରତ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁଠୁ ବଡ଼ ଭୂମିକା ଗ୍ରହଣ କରନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୨ରେ ସର୍ବଭାରତୀୟ ସ୍ତରରେ ମୋଟ ଶସ୍ୟ ଉତ୍ପାଦନର ୧୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୧. ୦୫ବିଲିୟନ ଟନ ଶସ୍ୟ ନଷ୍ଟ ହୋଇଯାଇଥିଲା। ତଥ୍ୟ କୁହେ, ଶସ୍ୟ କ୍ଷେତରୁ ଖାଇବା ଥାଳି ପର୍ଯ୍ୟନ୍ତ ପହଞ୍ଚିବା ମଧ୍ୟରେ ୧୩ %ଶସ୍ୟ ନଷ୍ଟ ହୋଇଯାଏ।

ମିଳିତ ଜାତିସଂଘ ୨୦୩୦ ସୁଦ୍ଧା ଖାଦ୍ୟ ଅପଚୟ ଅଧା ହ୍ରାସ କରିବାକୁ ପ୍ରୟାସ କରୁଛନ୍ତି। କୁହାଯାଇଛି ଯେ ଯଦି ଶସ୍ୟର ଅପଚୟ ବନ୍ଦ ହୋଇଯାଏ ତେବେ ଦୁନିଆରୁ କ୍ଷୁଧା ଦୂର ହୋଇପାରିବ, କାରଣ ବର୍ତ୍ତମାନ ବିଶ୍ୱର ୭୮.୩ କୋଟି ଲୋକ ପ୍ରତିଦିନ ଭୋକର ସମ୍ମୁଖୀନ ହେଉଥିବାବେଳେ ଏକ ବିଲିୟନ ଲୋକଙ୍କ ଖାଦ୍ୟ ନଷ୍ଟ ହେଉଛି। ସୂଚନାନୁଯାୟୀ ପ୍ରତିବର୍ଷ ପ୍ରତ୍ୟେକ ବ୍ୟକ୍ତି ପ୍ରାୟ ୭୯ କିଲୋଗ୍ରାମ ଖାଦ୍ୟ ନଷ୍ଟ କରନ୍ତି, ଯାହା ପ୍ରତିଦିନ ବିଶ୍ୱରେ ଅତି କମ୍‌ରେ ଏକ ବିଲିୟନ ଲୋକଙ୍କ ଖାଦ୍ୟର ପ୍ଲେଟ ସହିତ ସମାନ। ଖାଦ୍ୟ ଅପଚୟ ହେଉଛି ଏକ ବିଶ୍ୱସ୍ତରୀୟ ଦୁଃଖଦ ଘଟଣା ଯାହାକୁ ରୋକିବା ଆବଶ୍ୟକ। ଏହି ସମସ୍ୟା କେବଳ ବିଶ୍ୱ ଅର୍ଥନୀତିରେ ନକାରାତ୍ମକ ପ୍ରଭାବ ପକାଏ ନାହିଁ ବରଂ ଜଳବାୟୁ ପରିବର୍ତ୍ତନଏବଂ ଜୈବବିବିଧତା ନଷ୍ଟ ପାଇଁମଧ୍ୟ ଦାୟୀ।

ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

ବ୍ୟକ୍ତିଗତ ଚେଷ୍ଟାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ଏକ ଜଳ ବିଶୁଦ୍ଧୀକରଣ ଟେକ୍‌ନୋଲାଜି ବିକାଶ କରିଛନ୍ତି ମହାରାଷ୍ଟ୍ରର ଅଭିଜିତ ଗଣ। ଏହା ଦ୍ୱାରା ଗାଁଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଅନେକାଂଶରେ ସମାଧାନ ହେବା ସହ ଗମ୍ଭୀର ଫ୍ଲୋରୋସିସ୍ ରୋଗ ଦୂର ହୋଇପାରୁଛି। ଏହି କାର୍ଯ୍ୟରେ ଅଭିଜତି ଏକ ଟିମ୍‌କୁ ନିୟୋଜିତ କରିଛନ୍ତି। ସେମାନେ 'ରାଇଟ ୱାଟର ସଲ୍ୟୁଶନ' ଅଭିଯାନ ମାଧ୍ୟମରେ ମହାରାଷ୍ଟ୍ର ସମେତ ଦେଶରେ ମୋଟ ୫,୨୦୦ ପ୍ଲାଣ୍ଟ ସ୍ଥାପନ କରି ସାରିଲେଣି। ଫଳରେ ପ୍ରତିଦିନ ୧୦ ମିଲିୟନ ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ବହୁ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ପାଣି ପାଇଁ ଆଉ ଦୂରକୁ ଯିବାକୁ ପଡୁନାହିଁ। ଅଭିଜିତ ମହାରାଷ୍ଟ୍ର ସରାକରଙ୍କ ଅନୁରୋଧ କ୍ରମରେ ଡୋଙ୍ଗରଗାଁଓରେ ପ୍ରଥମ ପ୍ଲାଣ୍ଟ ସ୍ଥାପନ କରିଥିଲେ ଏବଂ ଏବେ ସେହି ରାଜ୍ୟରେ ୫୦ଟି ପ୍ଲାଣ୍ଟ ବସାଇ ସାରିଲେଣି। ସେ ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ ଓ କର୍ନାଟକରେ ଆଗାମୀ ଦୁଇ ବର୍ଷ ମଧ୍ୟରେ ୨୫,୦୦୦ ଗାଁରେ ସ୍ୱଚ୍ଛ ଜଳ ପାଇଁ ପ୍ଲାଣ୍ଟ ବସାଇବା ପାଇଁ ଯୋଜନା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତାରେ ଏହି କାର୍ଯ୍ୟ ସମ୍ପନ୍ନ ହେଲେ ଦିନକୁ ୧.୫ ବିଲିୟନ ଲିଟର ପାନୀୟ ଜଳ ଲୋକଙ୍କୁ ଯୋଗାଯାଇପାରିବ ବୋଲି କହିଛନ୍ତି ଅଭିଜିତ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୭୫

- ପଶ୍ଚିମବଙ୍ଗରୁ ରାଜ୍ୟ ସଭାକୁ ୫ କଂଗ୍ରେସ ଓ ଜଣେ ସିପିଆଇ ପ୍ରାର୍ଥୀ ନିର୍ବାଚିତ।
- ଚନ୍ଦ୍ରଶେଖର ରାଓ ଓ ମୋହନ ଧରିଆ ପ୍ରମୁଖ ୬ ଜଣଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ସସ୍‌ପେଣ୍ଡ୍ କରାଯାଇଛି।

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 8 | 7 | | | |
| 9 | 8 | | | | | 5 | 2 | |
| | | 3 | | | 5 | | 4 | 7 |
| | | | | 4 | | 3 | | 8 |
| 8 | | | 1 | | 6 | | | |
| | 9 | | | | | | 1 | |
| | | | 5 | | | | | |
| | 5 | | 2 | | | | | 9 |
| 2 | | | 3 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 4 | 7 | 8 | 9 | 2 | 3 |
| 3 | 7 | 2 | 5 | 9 | 1 | 6 | 8 | 4 |
| 4 | 9 | 8 | 6 | 3 | 2 | 5 | 7 | 1 |
| 7 | 4 | 5 | 3 | 6 | 9 | 8 | 1 | 2 |
| 6 | 1 | 3 | 2 | 8 | 4 | 7 | 9 | 5 |
| 2 | 8 | 9 | 1 | 5 | 7 | 3 | 4 | 6 |
| 8 | 3 | 1 | 9 | 2 | 6 | 4 | 5 | 7 |
| 5 | 2 | 7 | 8 | 4 | 3 | 1 | 6 | 9 |
| 9 | 6 | 4 | 7 | 1 | 5 | 2 | 3 | 8 |

ଗତକାଲିର ଉତ୍ତର

# ସାର୍ବଜନୀନ ମାନବ ଅଧିକାର



ପ୍ର. ବିଜୟ କୁମାର ଜେନା

ମାନବ ଅଧିକାର ହେଉଛି ସାର୍ବଜନୀନ। ପୃଥିବୀରେ ଯେକୌଣସି ଦେଶରେ ବସବାସ କରୁଥିବା ବ୍ୟକ୍ତିମାନେ ମାନବ ଅଧିକାର ଉପଭୋଗ କରନ୍ତି ଏବଂ ଦାବି ମଧ୍ୟ କରନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଏସବୁ ଅଧିକାର ପାଇବା ପାଇଁ ହକ୍‌ଦାର। ପ୍ରାଞ୍ଜଳ ଭାବରେ କହିଲେ ମାନବ ଅଧିକାର କହିଲେ ଜଣେ ମଣିଷର ଅଧିକାରକୁ ବୁଝାଏ, କୌଣସି ସମାଜ, ଜାତି ବା ଦେଶର ଅଧିକାର ନୁହେଁ।

ମାନବ ଅଧିକାରକୁ ସୁରକ୍ଷା ପ୍ରଦାନ ପାଇଁ ମଣିଷ ଜାତି ବହୁ ଅତ୍ୟାଚାର, ଶୋଷଣ ଓ ଅନ୍ୟାୟ ତଥା ଅବହେଳାର ଶିକାର ହୋଇଛି। ଏହି ଇତିହାସ ଯେତିକି ପୁରୁଣା, ଏସବୁ ବିରୋଧରେ ଆନ୍ଦୋଳନ ଓ ସଂଗ୍ରାମ ସେତିକି ପୁରୁଣା। ଅତୀତରେ ବ୍ରିଟେନ୍‌ରେ ରାଜାମାନେ ଅତ୍ୟାଚାରୀ ଥିଲେ। ସେମାନେ ଲୋକମାନଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିଥିଲେ। ଫଳତଃ ଲୋକମାନେ ଏହା ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବା ପରେ ସେମାନଙ୍କୁ କିଛି ଅଧିକାର ମିଳିଥିଲା। ଏହା ଘଟିଥିଲା ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ। ସୁତରାଂ ୧୨୧୫ରେ ବ୍ରିଟେନ୍‌ରେ ପ୍ରଚଳିତ ହୋଇଥିଲା ମାଗ୍ନାକାର୍ଟା। ଏହି ମାଗ୍ନାକାର୍ଟା ହେଉଛି ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଶାସନ ସନନ୍ଦ। ମାନବିକ ଅଧିକାରକୁ ନେଇ ଆଉ ଦୁଇ ଗୋଟି ମାଇଲଖୁଣ୍ଟ ମଧ୍ୟ ରହିଛି। ୧୭୭୬ର ଆମେରିକୀୟ ସ୍ୱାଧୀନତା ଘୋଷଣାନାମା ଏବଂ ୧୭୮୯ରେ ଫ୍ରାନ୍ସର ବ୍ୟବସ୍ଥାପକ ସଭା ଦ୍ୱାରା ଗୃହୀତ, ମାନବ ଓ ନାଗରିକ ଅଧିକାର ଘୋଷଣାନାମା। ୧୯୪୮ ଡିସେମ୍ବର ୧୦ରେ ଜାତିସଂଘର ସାଧାରଣ ପରିଷଦରେ ଗୃହୀତ ସାର୍ବଜନୀନ ମାନବ ଅଧିକାର ଘୋଷଣାନାମାରେ ପ୍ରସ୍ତାବନା ଓ ୩୦ ଗୋଟି ଧାରା ଅଛି। ଅନେକ ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅଧିକାର ଏଥିରେ ଲିପିବଦ୍ଧ ହୋଇଛି। ପାଠକମାନଙ୍କ ପାଇଁ କେତେକ ଅଧିକାରକୁ ସବିଶେଷ ବର୍ଣ୍ଣନା କରାଯାଉଛି। ପ୍ରତି ମଣିଷଙ୍କ ଜୀବନଧାରଣ ଅଧିକାର ଅଛି, ଏହାକୁ କେହି କାହାଠାରୁ ହରଣ କରିପାରିବେ ନାହିଁ। ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଓ ନିରାପତ୍ତାରେ ଜୀବନ ଧାରଣ କରିପାରିବ। ଏଥିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ। କାହାକୁ ଜୋର୍ ଜବରଦସ୍ତ ବା ବଳପୂର୍ବକ ଦାସ ବା ଗୋଲାମ କରାଯାଇ ପାରିବ ନାହିଁ। ବଳ ପ୍ରୟୋଗ କରି କାହାକୁ ବେଠି ଓ ବେଗାରିରେ ରଖାଯିବ ନାହିଁ। ଅତ୍ୟାଚାରିତ, ଦଣ୍ଡିତ ଓ ଅପମାନିତ ନ ହେବା ଅଧିକାର ମଣିଷ ପାଇଛି। ଅର୍ଥାତ୍ କେହି ଉତ୍ପୀଡ଼ନ, ବର୍ବର ତଥା ଅମାନୁଷିକ ବ୍ୟବହାର ଓ ଦଣ୍ଡବିଧାନର ଶିକାର ହୋଇ ପାରିବ ନାହିଁ।

ଆଇନ ସମସ୍ତଙ୍କ ପାଇଁ ସମାନ। ଏହାର ଅର୍ଥ ହେଉଛି ଯେ ବ୍ୟକ୍ତି ସବୁସ୍ଥାନରେ ଆଇନ ଆଖିରେ ସମାନ ଓ ବ୍ୟକ୍ତିଟିଏ ହୋଇ ବିବେଚିତ ହେବେ। ବ୍ୟକ୍ତିଙ୍କୁ ବେଆଇନ ଗିରଫ ଓ ନିର୍ବାସନରୁ ମୁକ୍ତି ପାଇବା ଅଧିକାର ପ୍ରଦାନ କରାଯାଇଛି। ଏହାଛଡ଼ା ଦୋଷୀ ସାବ୍ୟସ୍ତ ନ ହେବାଯାଏ ନିର୍ଦ୍ଦୋଷ ହେବା ଅଧିକାର ମଧ୍ୟ ରହିଛି। ନ୍ୟାୟ ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନ୍ୟାୟାଳୟକୁ ଯାଇପାରିବେ ଓ ତାଙ୍କ ମକଦ୍ଦମାର ଖୋଲା ଶୁଣାଣି ହେବ। ସ୍ୱାଧୀନ ବିଚରଣ ଓ ବାସସ୍ଥାନ ଅଧିକାର ସମସ୍ତେ ଉପଭୋଗ କରିପାରିବେ। ପ୍ରତ୍ୟେକ ବ୍ୟକ୍ତି ନିଜ ଦେଶରେ ଯେକୌଣସି ସ୍ଥାନକୁ ନିର୍ବିଘ୍ନରେ ଯାଇପାରିବେ ଓ ଯେ କୌଣସି ସ୍ଥାନରେ ବାସ କରିପାରିବେ। ବ୍ୟକ୍ତିଙ୍କୁ ମଧ୍ୟ ବ୍ୟକ୍ତିଗତ ଗୋପନୀୟତା ଅଧିକାର ଦିଆଯାଇଛି।



ଜାତୀୟତା ଅଧିକାର ପ୍ରଦାନ ପରିପ୍ରେକ୍ଷୀରେ କୁହାଯାଇଛି ଯେ, କୌଣସି ବ୍ୟକ୍ତିଙ୍କୁ ତାଙ୍କର ଜାତୀୟତା ବଦଳେଇବାକୁ ବାଧ କରାଯାଇ ପାରିବ ନାହିଁ। ସେ ତାଙ୍କର ଜାତୀୟତା ବଦଳେଇବାକୁ ଚାହିଁଲେ ତାଙ୍କୁ ଜୋର୍ କରି ବାରଣ କରାଯିବ ନାହିଁ। ଅନ୍ୟପକ୍ଷରେ ନିଜ ଦେଶରେ ଅତ୍ୟାଚାର, ନିର୍ଯାତନା ଓ କୁଶାସନରୁ ମୁକ୍ତି ପାଇବା ପାଇଁ ଜଣେ ବ୍ୟକ୍ତି ଅନ୍ୟ ଦେଶରେ ଆଶ୍ରୟ ନେଇପାରିବେ। ବୈବାହିକ ଜୀବନ ଅଧିକାର କ୍ଷେତ୍ରରେ କୁହାଯାଇଛି ଯେ, ପୁରୁଷ ଓ ସ୍ତ୍ରୀଙ୍କୁ ନିଜ ଇଚ୍ଛାରେ ବିବାହ କରିବାକୁ ଅନୁମତି ଦିଆଯାଇଛି ଏବଂ ସେହିପରି ବିବାହ ବନ୍ଧନ ତୁଟାଇବା ପାଇଁ ସେମାନଙ୍କର ସମାନ ଅଧିକାର ରହିବ। ପ୍ରତ୍ୟେକ ବ୍ୟକ୍ତି ସମ୍ପତ୍ତି ଅର୍ଜନ କରିବାର ଅଧିକାର ରହିବ। ବଳ ପୂର୍ବକ କାହାଠାରୁ ସମ୍ପତ୍ତି ଛଡ଼ାଇ ନିଆଯାଇ ପାରିବ ନାହିଁ।

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚିନ୍ତା, ବିବେକ ଓ ଧର୍ମ ଅଧିକାର ପ୍ରଦାନ କରାଯାଇଛି। କୌଣସି ଧର୍ମଗ୍ରହଣ କରିବାକୁ କାହାକୁ ବାଧ କରାଯାଇ ପାରିବ ନାହିଁ। ସେ ମଧ୍ୟ ସ୍ୱାଧୀନ ଭାବରେ ମତ ପୋଷଣ କରିପାରିବେ ଓ ସ୍ୱାଧୀନ ଭାବରେ ନିଜର ମତାମତ ଦେଇପାରିବେ। ଏତଦ୍ ବ୍ୟତୀତ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର ହେବା ଓ ସଂଘ ଗଠନ କରିବା, ରାଜନୀତିରେ ଅଂଶ ଗ୍ରହଣ କରିବା, ସାମାଜିକ ନିରାପତ୍ତା, କାର୍ଯ୍ୟକରିବା, ଅବସର ଓ ବିଶ୍ରାମ ନେବା, ଶିକ୍ଷା, ସାସ୍ଥ୍ୟ ଓ ସମୃଦ୍ଧି ଏବଂ ସାଂସ୍କୃତିକ ଜୀବନରେ ଅଂଶ ଗ୍ରହଣ ଅଧିକାରଗୁଡ଼ିକ ଉପଭୋଗ କରନ୍ତି। ଏ ସମସ୍ତ ହେଉଛି ସାର୍ବଜନୀନ ମାନବ ଅଧିକାର ଘୋଷଣାନାମା।

ଊଣାଅଧିକେ ପ୍ରତ୍ୟେକ ଦେଶର ସମ୍ବିଧାନରେ ଏହି ଘୋଷଣାନାମାରେ ଥିବା କେତେକ ମୂଲ୍ୟବାନ୍ ଅଧିକାର ସ୍ଥାନ ପାଇଛି। ମାନବ ଅଧିକାରକୁ ସମ୍ମାନ ଜଣାଇ ବିଭିନ୍ନ ଦେଶ ଆବଶ୍ୟକୀୟ ଆଇନ ପ୍ରଣୟନ କରିଛନ୍ତି। ଅନେକ ଦେଶରେ ମାନବ ଆୟୋଗ ମଧ୍ୟ ଗଠିତ ହୋଇଛି। ଲୋକମାନେ କିପରି ମାନବ ଅଧିକାରରୁ ବଞ୍ଚିତ ନ ହେବେ, ତାହା ଦେଖିବା ହେଉଛି ଏହିସବୁ ଆୟୋଗର ମୂଳ ଲକ୍ଷ୍ୟ ଓ କାର୍ଯ୍ୟ। ମାନବ ଅଧିକାର ସାର୍ବଜନୀନ। ମାନବ ଅଧିକାର ବିଷୟରେ ସଚେତନତା ବଢ଼ିଛି, କିନ୍ତୁ ଏହାର ଯେତିକି ଉଲ୍ଲଂଘନ ହେଉଛି ତାହା ଗଭୀର ଚିନ୍ତାର ବିଷୟ। ମହିଳା ଓ ଶିଶୁମାନଙ୍କର ମାନବିକ ଅଧିକାର ବେଶୀ ବିପଦଗ୍ରସ୍ତ। ସନ୍ତ୍ରାସବାଦ, ସାମ୍ପ୍ରଦାୟିକତାବାଦ ଓ ମୌଳବାଦ ବିଭିନ୍ନ ଦେଶରେ ମାନବ ଅଧିକାରକୁ ନଷ୍ଟ କରୁଛି।

**ଶାମୁକା ସାହି, ରଣପୁର ନୟାଗଡ଼**
**ମୋ:୯୯୩୭୪୮୬୧୮୩**

# ଚିରନ୍ତନୀ

ଚକିତ ଆତଙ୍କେ ଚାହିଁ ଅସ୍ତଗାମୀ ପ୍ରତୀଚୀ ମିହିରେ।
ନିରେଖଇ ପୁଣି ଆର ତୀରେ-
କବିର କରୁଣ ଛନ୍ଦ ସମ !
ଚଉଦିଗେ ଘୋଟି ଆସେ ଧୀରେ ଧୀରେ ତମ।
ଯୁଗ୍ମ ପକ୍ଷୀ ରବି ପାଶେ କରେ କି ମିନତି
ଆଉ କ୍ଷଣେ ବିଳମ୍ବିତ ହେବା ଲାଗି ଦ୍ରୁତ ଅସ୍ତଗତି ?
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିପିଏଲ୍ ତାଲିକା ସଂଶୋଧନ ହେଉ

ମହାଶୟ,

କେନ୍ଦ୍ର ସରକାର ପ୍ରଥମେ ୧୯୯୭ରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ତାଲିକାଭୁକ୍ତ କରିଥିଲେ। ସେତେବେଳେ ସୂଚୀଭୁକ୍ତ ବିପିଏଲ୍ ପରିବାରଗୁଡ଼ିକ ଗତ ଦୁଇ ଦଶନ୍ଧୀ ମଧ୍ୟରେ ବହୁ ସୁବିଧା ପାଇଛନ୍ତି ଓ ସେମାନଙ୍କ ଅବସ୍ଥାର ପରିବର୍ତ୍ତନ ଘଟିଛି। ଅଧିକାଂଶ ବ୍ୟକ୍ତି ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି। କିନ୍ତୁ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲାଭ ପାଇ ଆସୁଛନ୍ତି। ନିର୍ବାଚନରେ ସେମାନଙ୍କ ଯଥେଷ୍ଟ ଅବଦାନ ଥିବାରୁ ସେମାନଙ୍କଠାରୁ ସୁବିଧା ସୁଯୋଗ ପ୍ରତ୍ୟାହାର ସମ୍ଭବପର ହେଉନାହିଁ। ଇତି ମଧ୍ୟରେ ଅନେକ ଚାଳ ଛପର ଘରେ ରହୁଥିବା ପରିବାର ଏବେ କୋଠାଘର, ଦୁଇ ଚକିଆ ଓ ୪ ଚକିଆ ଗାଡ଼ିର ମାଲିକ ହୋଇଗଲେଣି। ତଥାପି ସେମାନେ ସୁଲଭ ମୂଲ୍ୟରେ ରାଶନ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ହାତେଇ ନେଉଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ବିପିଏଲ ଏପିଏଲ୍ ହେବା ସତ୍ତ୍ୱେ ସରକାରୀ ଯୋଜନାରୁ ଲାଭ ପାଇ ଆସୁଛନ୍ତି। ପ୍ରତି ଦଶ ବର୍ଷରେ ବିପିଏଲ୍ ତାଲିକା ସଂଶୋଧନ କରାଯିବାର ବିଧି ରହିଛି। ଏବେ ବିପିଏଲ୍‌ରୁ ଏପିଏଲ୍ ହୋଇଥିବା ତାଲିକା କରାଯାଉ। ଫଳରେ ବାସ୍ତବ ଗରିବ, ଭୂମିହୀନ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ବିଶେଷ ଉପକୃତ ହୋଇପାରିବେ।

**-ନିର୍ମଳ ଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉତ୍କଳୀୟ କାରିଗରଙ୍କ ସୂକ୍ଷ୍ମ ଭାସ୍କର୍ଯ୍ୟର ପ୍ରତୀକ 'କୋଣାର୍କ'





**କୋଣାର୍କ ସୂର୍ଯ୍ୟମନ୍ଦିର ଉତ୍କଳୀୟ ସ୍ଥାପତ୍ୟ କଳାର ଚରମ ନିଦର୍ଶନ। ତ୍ରୟୋଦଶ ଶତାବ୍ଦୀର ଏହି କୀର୍ତ୍ତିରାଜି ଏକ ଦୁର୍ମୂଲ୍ୟ ତଥା ଦୁଃସାଧ୍ୟ ବିଭବ ଭାବରେ ପ୍ରତୀୟମାନ ହୁଏ। ଉତ୍କଳୀୟ କାରୀଗରମାନଙ୍କ ଶକ୍ତି, ସାହସ ଓ କାର୍ଯ୍ୟଦକ୍ଷତା ବିଶାଳକାୟ ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ ଭାସ୍କର୍ଯ୍ୟରୁ ସ୍ପଷ୍ଟ ପ୍ରତିଭାତ। ଏପରିକି ସେ ଯୁଗର ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମଧ୍ୟ ଅତ୍ୟନ୍ତ ଉଚ୍ଚମାନର ଥିବା ହୃଦ୍‌ବୋଧ ହୁଏ। କୋଣାର୍କ ସୂର୍ଯ୍ୟମନ୍ଦିରର ବିଶାଳତା, ବଡ଼ବଡ଼ ପଥର ଖଣ୍ଡର ବ୍ୟବହାର, ଗଠନ ପ୍ରଣାଳୀରେ ଶିଳ୍ପ ଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ରର ସମାହାର, ସୂକ୍ଷ୍ମ ଭାସ୍କର୍ଯ୍ୟ କଳାର ଛିଟା କୋଣାର୍କ ସୂର୍ଯ୍ୟମନ୍ଦିରର ଗଠନ ପ୍ରଣାଳୀର ବୈଶିଷ୍ଟ୍ୟକୁ ପ୍ରତିପାଦିତ କରେ।**

ପ୍ରସ୍ତୁତି: ଜ୍ୟୋତିରାଜ ମହାନ୍ତି

## ୨୪ ଚକ ୮ ଅର

କୋଣାର୍କ ମନ୍ଦିରର ପାର୍ଶ୍ୱରେ ୨୪ଟି ଚକ ଖୋଦିତ ହୋଇଛି। ଏହି ଚକଗୁଡ଼ିକ ଏଭଳି ସ୍ଥାପନ କରାଯାଇଛି, ଯାହାକି ସୂର୍ଯ୍ୟଙ୍କ ଚଳନ ଅନୁସାରେ ଏହା ସ୍ଥାପନା କରାଯାଇଛି। ପ୍ରତ୍ୟେକ ଚକରେ ୮ଟି ମୋଟା ଅର ବା ସ୍ପୋକ୍ ରହିଛି। ଏହା ୨୪ ଘଣ୍ଟାକୁ ସମାନ ୩ଘଣ୍ଟା ଲେଖାଏ ବିଭକ୍ତ କରୁଛି। ସେହିପରି ଚକ ମଧ୍ୟରେ ସରୁସରୁ ୮ଟି ଅର ବା ସ୍ପୋକ ରହିଛି। ତାହା ସମାନଭାବେ ପ୍ରତ୍ୟେକ ଦେଢ଼ ଘଣ୍ଟା ବା ୯୦ ମିନିଟରେ ବିଭକ୍ତ କରୁଛି।



## ସ୍ୱତନ୍ତ୍ର ପୀଠ ଉପରେ ନିର୍ମିତ ହୋଇଛି ମନ୍ଦିର

ବଡ଼ ବଡ଼ ପଥର ବହୁ ଦୂରରୁ ନଦୀମାର୍ଗରେ ଭେଳା ମାଧ୍ୟମରେ ଆଣିବା ଏବଂ ବିଭିନ୍ନ ଶିଳ୍ପୀ ଗ୍ରାମରେ ରଖି କାରୁକାର୍ଯ୍ୟ ଖୋଦେଇ ପରେ ସେଠାରୁ ଅକ୍ଷୁଣ୍ଣ ଭାବରେ ବୋହି ଆଣି ମନ୍ଦିର ନିର୍ମାଣରେ ବ୍ୟବହାର କରିବା କଥା ଚିନ୍ତାକରି ଆଜିର ଏଇ ବିଜ୍ଞାନ ଯୁଗରେ ବହୁ ବଡ଼ ବଡ଼ ଇଞ୍ଜିନିୟର, ସ୍ଥପତି ତଥା ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମନ୍ଦିରଟି ରଥ ଆକାରରେ ଏକ ସ୍ୱତନ୍ତ୍ର ପୀଠ ଉପରେ ନିର୍ମିତ। ପୀଠର ଉଚ୍ଚତା ୧୬ଫୁଟ୍ ୬ଇଞ୍ଚ। ପୀଠ ଉପରେ ମନ୍ଦିରର ଚତୁଃପାର୍ଶ୍ୱରେ ୮ରୁ ୧୨ଫୁଟ୍ ପର୍ଯ୍ୟନ୍ତ ବିସ୍ତୃତ ବାରଣ୍ଡା ରହିଛି। ପୀଠ ଦେହରେ ଚକ ଓ ଅଶ୍ୱଗୁଡ଼ିକର ଅବସ୍ଥିତି ତଥା ବିଭିନ୍ନ କାରୁକାର୍ଯ୍ୟ ଖଚିତ ମୂର୍ତ୍ତି, ଲତା ଓ ପୁଷ୍ପଗୁଡ଼ିକର ଚିତ୍ର ଅତ୍ୟନ୍ତ ଚିତ୍ତାକର୍ଷକ। ମନ୍ଦିରଟି ଏକ ଉଡ୍ଡୀୟମାନ ସୂର୍ଯ୍ୟରଥ ସଦୃଶ ଦୃଶ୍ୟମାନ, ଯେଉଁଥିରେ ୭ ଅଶ୍ୱ ଓ ୧୨ ଯୋଡ଼ା ଚକ ରହିଛି। ୭ ଅଶ୍ୱ ସାତବାର ଓ ସାତ ରଙ୍ଗ ଏବଂ ବାର ଯୋଡ଼ା ଚକ ୧୨ମାସ ଓ ୨୪ପକ୍ଷର ପ୍ରତିନିଧି କରୁଥିବା ବିଶ୍ୱାସ କରାଯାଉଛି। ପ୍ରତିଟି ଚକକୁ ଅର, ପଇ ଓ ବିଟରେ ବିଭାଜନ କରାଯାଇଛି। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମନ୍ଦିର ଗାତ୍ରରେ ପଡୁଥିବା ସୂର୍ଯ୍ୟ କିରଣ ଦ୍ୱାରା ସୃଷ୍ଟ ଆଲୋକ ଓ ଛାୟାର କ୍ରୀଡ଼ା ମାଧ୍ୟମରେ ସମୟ ଗଣନା ଜ୍ୟୋତିଷ ବିଜ୍ଞାନର ପରାକାଷ୍ଠାକୁ ପ୍ରଦର୍ଶିତ କରୁଛି।

## ବାସ୍ତୁଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ରର ଅପୂର୍ବ ସମନ୍ୱୟ

ମନ୍ଦିରରେ ବଡ଼ ବଡ଼ ଲୁହା କଡ଼ିର ବ୍ୟବହାର, ବଜ୍ରପାତ ପ୍ରଭାବରୁ ସୁରକ୍ଷିତ ରଖିବାପାଇଁ ତମ୍ବା ପାତିଆର ବ୍ୟବହାର, ରେଖ ଦେଉଳ ଓ ପୀଢ ଦେଉଳ ନିର୍ମାଣରେ ଭାରକେନ୍ଦ୍ରରେ ସମନ୍ୱୟ ରକ୍ଷା କରିବା, ପର୍ବତାକାର ବିଶାଳକାୟ ଆମଳକ ଶିଳା ଓ କଳସକୁ ମନ୍ଦିର ଚୂଡ଼ାରେ ସ୍ଥାପନ କରିବାରେ ଅତ୍ୟନ୍ତ ଉଚ୍ଚକୋଟୀର ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଥିବା ଅନୁମିତ ହୁଏ। ବାସ୍ତୁ ଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ରର ଅପୂର୍ବ ସମନ୍ୱୟରେ ନାଟ ମନ୍ଦିର, ଜଗମୋହନ ଓ ମୂଳ ମନ୍ଦିରର ନିର୍ମାଣ କରାଯାଇଛି। ଉଦିତ ସୂର୍ଯ୍ୟ, ମଧ୍ୟାହ୍ନ ସୂର୍ଯ୍ୟ ଓ ଅସ୍ତସୂର୍ଯ୍ୟଙ୍କ ରଶ୍ମି ମନ୍ଦିର ଗାତ୍ରକୁ ସ୍ପର୍ଶ କରିବା ଏବଂ ମନ୍ଦିର ଭିତରକୁ ପୂର୍ବ, ଦକ୍ଷିଣ ଓ ଉତ୍ତର ଦିଗରୁ ଅବାଧ ବାୟୁ ଚଳାଚଳ କରିବା ସେ ସମୟର ସ୍ଥପତିମାନଙ୍କ ବିଜ୍ଞାନ ତଥା ବୈଷୟିକ ଜ୍ଞାନର ପରାକାଷ୍ଠା ପ୍ରତିପାଦନ କରେ।

## ୧୫୦ ମାଇଲ ଦୂରରୁ ଆସିଥିଲା ବଡ଼ ପଥର

କୋଣାର୍କ କିମ୍ବା ଏହାର ଆଖପାଖରେ ନିକଟରେ କୌଣସି ପର୍ବତ ନାହିଁ। ମନ୍ଦିର ଗାତ୍ରରେ ବ୍ୟବହୃତ ସାଣ ପଥର(ଖଣ୍ଡୋଲାଇଟ୍) ଖୋର୍ଦ୍ଧାର ବରୁଣେଇ ପାହାଡ଼ ଏବଂ କଳା ମୁଗୁନିପଥର ନୀଳଗିରିରୁ ଅଣାଯାଇଥିବା ଅନୁମାନ କରାଯାଏ। ଏତେ ଦୂରରୁ ବିଶାଳକାୟ ପଥର ଖଣ୍ଡଗୁଡ଼ିକୁ ନଦୀମାର୍ଗରେ କିଭଳି ଭାବରେ ଅଣାଯାଇଛି, ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗେ। ଅନ୍ୟୂନ ୧୫୦ ମାଇଲ୍ ଦୂରରୁ ଭାରି ପଥର ପରିବହନ ନିମନ୍ତେ ଭେଳା ନିର୍ମାଣର କୌଶଳ ସାଧାରଣ କାମ ନୁହେଁ। ବଡ଼ ଦେଉଳ ଉପରେ ଥିବା ଗଜସିଂହ ମୂର୍ତ୍ତିର ଓଜନ ପ୍ରାୟ ୧୨୬୦ ମହଣ ବା ୪୫ଟନ୍। ଏହି କାରୁକାର୍ଯ୍ୟ ଖଚିତ ପଥରଖଣ୍ଡକୁ ଭୂମିରୁ ୧୭୦ ଫୁଟ୍ ଉଚ୍ଚତାରେ ସ୍ଥାପନ କରାଯାଇଥିଲା। ପ୍ରତ୍ନତତ୍ତ୍ୱ ବିଶେଷଜ୍ଞଙ୍କ ଅନୁଶୀଳନ ଅନୁସାରେ କଳସ ପଥରର ଉଚ୍ଚତା ୨୫ ଫୁଟ୍ ଓ ଓଜନ ପ୍ରାୟ ୨ହଜାର ଟନ୍ ଥିଲା। ଏହି ପର୍ବତାକାର ଶିଳାଖଣ୍ଡକୁ ଭୂମିରୁ ୨ଶହ ଫୁଟ୍ ଉଚ୍ଚତାରେ ବଡ଼ଦେଉଳ ଉପରେ ସ୍ଥାପନ କରାଯାଇଥିଲା। ସମ୍ପ୍ରତି ସୂର୍ଯ୍ୟମନ୍ଦିର ବେଢ଼ା ପରିସରରେ ରଖାଯାଇଥିବା ଲୁହା କଡ଼ିର ଆକାର ଓ ଗଠନ ଶୈଳୀ ଦେଖି ଇଞ୍ଜିନିୟରମାନେ ଆଶ୍ଚର୍ଯ୍ୟ ହେଉଛନ୍ତି। ଏହି କଡ଼ିଗୁଡ଼ିକ ମଧ୍ୟରୁ ସବୁଠାରୁ ବଡ଼ କଡିଟିର ଲମ୍ବ ୩୫ଫୁଟ୍ ୯ଇଞ୍ଚ , ଉଚ୍ଚତା ୧୦ଇଞ୍ଚ ଓ ମୋଟେଇ ୮ଇଞ୍ଚ। ଫର୍ଗୁସନ ଓ ରାଜେନ୍ଦ୍ର ଲାଲ୍‌ଙ୍କ ଭାଷାରେ ଏହି ଲୌହ କଡ଼ିଗୁଡ଼ିକର ଗଠନ ପରିପାଟୀ ଓଡ଼ିଆମାନଙ୍କ ବୈଜ୍ଞାନିକ ସୂକ୍ଷ୍ମ ଦୃଷ୍ଟିର ପରିଚୟ ଦିଏ।



# ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଫୁଲୁରିତେଲ



ବଡ଼ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ ଫୁଲୁରି ତେଲକୁ ଶ୍ରୀମନ୍ଦିରକୁ ନିଆଯାଉଛି।

**ପୁରୀ,୨୭।୬(ଅଜିତ କୁମାର ମହାନ୍ତି):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଜ୍ୱରରେ ପୀଡ଼ିତ ଥିବା ଶ୍ରୀବିଗ୍ରହମାନଙ୍କର ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ନିଷ୍ଠାର ସହ ଗୁପ୍ତ ସେବା ଜାରି ରଖିଛନ୍ତି। ଶ୍ରୀବିଗ୍ରହମାନଙ୍କ ନିକଟରେ ଦଇତାପତି ସେବକମାନେ ପଣା ଓ ଚକଟା ଭୋଗ କରୁଛନ୍ତି। ଅନବସରର ପଞ୍ଚମ ଦିବସରେ ଗୁରୁବାର ଅଣସର ଗୃହରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗିକରାଯାଇଛି। ଦାରୁବିଗ୍ରହମାନଙ୍କୁ ସୁସ୍ଥ କରାଇବା ପାଇଁ ଦଇତାପତି ସେବକମାନେ ଫୁଲୁରି ତେଲ ଲାଗି କରିଛନ୍ତି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରତିବର୍ଷ ବଡ଼ ଓଡ଼ିଆ ମଠ ପକ୍ଷରୁ ସ୍ୱତନ୍ତ୍ର ଭାବେ ଫୁଲୁରି ତେଲ ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯାଇଥାଏ। ପ୍ରତ୍ୟେକ ବର୍ଷ ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଓ ପୁଷ୍ପ ପକାଇ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ କାଳ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ସେହି ତେଲକୁ ବାହାର କରାଯାଇ ରଖାଯାଏ। ପରେ ତେଲ ଛଣାଯାଇ ମାଟିପାତ୍ରରେ ରଖାଯାଏ। ଅଣସରର ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗିହେବା ପାଇଁ ପଠାଯାଏ। ଗୁରୁବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଭୋଗ ସମ୍ପନ୍ନ ହେବା ପରେ ବଡ଼ଓଡ଼ିଆ ମଠରୁ ଫୁଲୁରି ତେଲ ଶ୍ରୀମନ୍ଦିରକୁ ନିଆଯାଇଥିଲା। ପତିମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ରଖି ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ମାଲିସ୍ କରାଇଥିଲେ। ବିଶ୍ୱାସ ରହିଛି ଯେ, ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ୍ କରାଯିବା ପରେ ସେମାନେ ଜ୍ୱରରୁ ସାମାନ୍ୟ ଆଶ୍ୱସ୍ତି ପାଇଥାନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. eTenderCPMGSU BBS2024001, ତା.15.06.2024 ରିଖ

**କାର୍ଯ୍ୟର ନାମ :** ଉପ ମୁଖ୍ୟ ଯନ୍ତ୍ରୀ/ GSU/ ଅନୁଗୁଳ ପରିସୀମା ଅଧୀନସ୍ଥ MCL/ତାଳଚେର ଏରିଆ ଭିତରେ ROB ନଂ. 2(1x36m) କମ୍ପୋଜିଟ୍ ଗର୍ଡର ଏବଂ ROB ନଂ. 30A(1x36m) କମ୍ପୋଜିଟ୍ ଗର୍ଡରର ସମ୍ପାଦନ ସମ୍ବନ୍ଧୀୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକ ସହିତ ପ୍ଲେଟ୍ ଗର୍ଡର ସ୍ଥାନରେ ଯୋଗାଣ, ଫାବ୍ରିକେସନ, ସମାବେଶ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 1061.01 ଲକ୍ଷ, EMD (₹): 6,80,600.00, କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.07.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ (GSU), ଅନୁଗୁଳ

PR-34/CH/24-25



**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/P&S/NIT/24-25/08**

Bids are invited from eligible bidders for the following tenders of **TPCODL**:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2024-25/1000000754 | RC for Supply of LTCT & HTTV Meter Box for TP Odisha DISCOMs |
| 2 | TPCODL/CCG/2024-25/1000000756 | RC for SITC of Relays for TP Odisha DISCOMs |
| 3 | TPCODL/CCG/2024-25/1000000759 | RC for FUSE WIRES of various ratings for TP Odisha DISCOMs |
| 4 | TPCODL/CCG/2024-25/1000000770 | RC for Supply of Ring type Current Transformer for TP Odisha DISCOMs |
| 5 | TPCODL/CCG/2024-25/1000000771 | RC for Supply of Various Capacity of Distribution Transformer for TP Odisha DISCOMs |
| 6 | TPCODL/CCG/2024-25/1000000784 | RC for SITC of Control Relay Panel (3 Tier & 2 Tier) for TPCODL. |
| 7 | TPCODL/P&S/1000000768/2024-25 | One Year Rate contract for supply of Aluminium Binding wire at TPCODL |
| 8 | TPCODL/P&S/1000000769/2024-25 | One Year Rate contract for Supply of LT Terminal connector for DT at TPCODL |
| 9 | TPCODL/P&S/1000000785/2024-25 | One Year Rate contract for Supply of Portable Reference Standard Meter and Digital IR Tester at TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.28.06.2024**. Future communication / corrigendum to tender documents, if any, shall be available on TPCODL website.



**କେନ୍ଦ୍ରୀୟ ଲୋକ ସେବା ଆୟୋଗ**

**ପରୀକ୍ଷା/ନିଯୁକ୍ତି ପରୀକ୍ଷା (ଆର୍‌ଟି), ୨୦୨୫ର କାର୍ଯ୍ୟକ୍ରମ**

**ନଂ. ୨୨/୨୩/୨୦୨୪-ଇ.ଆଇ(ବି) - ବର୍ଷ ୨୦୨୫ ନିମନ୍ତେ ଆୟୋଗର ପରୀକ୍ଷା ଓ ନିଯୁକ୍ତି ପରୀକ୍ଷା (ଆର୍‌ଟି)ଗୁଡ଼ିକର କାର୍ଯ୍ୟକ୍ରମ ପ୍ରାର୍ଥୀଙ୍କ ସୂଚନା ପାଇଁ ନିମ୍ନରେ ପ୍ରଦାନ କରାଯାଉଛି। ବାର୍ଷିକ କ୍ୟାଲେଣ୍ଡର ଆୟୋଗର ୱେବ୍‌ସାଇଟ୍ (www.upsc.gov.in)ରେ ମଧ୍ୟ ସ୍ଥାନିତ କରାଯାଇଛି । ଆଶାୟୀ ଓ ପ୍ରାର୍ଥୀମାନଙ୍କୁ ଏହି ବିଜ୍ଞାପନକୁ ସାଇତି ରଖିବା ଏବଂ ୨୦୨୫ରେ ଆୟୋଗର ପରୀକ୍ଷାଗୁଡ଼ିକ ଲାଗି ଆବେଦନ କରିବା ନିମନ୍ତେ ଏକ ତତ୍କାଳ ସନ୍ଦର୍ଭ ଭାବେ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଉଛି।**

| କ୍ର. ସଂ. | ପରୀକ୍ଷାର ନାମ | ଅଧିସୂଚନା ତାରିଖ | ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ପରୀକ୍ଷା ଆରମ୍ଭ ତାରିଖ | ପରୀକ୍ଷା ଅବଧି |
|---|---|---|---|---|---|
| ୧. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୧।୦୧।୨୦୨୫ (ଶନିବାର) | ୨ ଦିନ |
| ୨. | ସମ୍ମିଳିତ ଭୂ-ବୈଜ୍ଞାନିକ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ | ୦୪।୦୯।୨୦୨୪ | ୨୪।୦୯।୨୦୨୪ | ୦୯।୦୨।୨୦୨୫ (ରବିବାର) | ୧ ଦିନ |
| ୩. | ଇଞ୍ଜିନିୟରିଂ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ | ୧୮।୦୯।୨୦୨୪ | ୦୮।୧୦।୨୦୨୪ | ୦୯।୦୨।୨୦୨୫ (ରବିବାର) | ୧ ଦିନ |
| ୪. | ସିବିଆଇ (ଡିଏସ୍‌ପି) ଏଲ୍‌ଡିସିଇ | ୨୭।୧୧।୨୦୨୪ | ୧୭।୧୨।୨୦୨୪ | ୦୮।୦୩।୨୦୨୫ (ଶନିବାର) | ୨ ଦିନ |
| ୫. | ସିଆଇଏସ୍‌ଏଫ୍ ଏସି (ଇଏକ୍ସଇ) ଏଲ୍‌ଡିସିଇ-୨୦୨୫ | ୦୪।୧୨।୨୦୨୪ | ୨୪।୧୨।୨୦୨୪ | ୦୯।୦୩।୨୦୨୫ (ରବିବାର) | ୧ ଦିନ |
| ୬. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (I), ୨୦୨୫ | ୧୧।୧୨।୨୦୨୪ | ୩୧।୧୨।୨୦୨୪ | ୧୩।୦୪।୨୦୨୫ (ରବିବାର) | ୧ ଦିନ |
| ୭. | ସି.ଡି.ଏସ୍. ପରୀକ୍ଷା (I), ୨୦୨୫ | | | | |
| ୮. | ସିଭିଲ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ | ୨୨।୦୧।୨୦୨୫ | ୧୧।୦୨।୨୦୨୫ | ୨୫।୦୫।୨୦୨୫ (ରବିବାର) | ୧ ଦିନ |
| ୯. | ଭାରତୀୟ ବନ ସେବା (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ ସିଏସ୍(ପି) ପରୀକ୍ଷା, ୨୦୨୫ ମାଧ୍ୟମରେ | | | | |
| ୧୦. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୪।୦୬।୨୦୨୫ (ଶନିବାର) | ୨ ଦିନ |
| ୧୧. | ଆଇ.ଇ.ଏସ୍./ଆଇ.ଏସ୍.ଏସ୍. ପରୀକ୍ଷା, ୨୦୨୫ | ୧୨।୦୨।୨୦୨୫ | ୦୪।୦୩।୨୦୨୫ | ୨୦।୦୬।୨୦୨୫ (ଶୁକ୍ରବାର) | ୩ ଦିନ |
| ୧୨. | ସମ୍ମିଳିତ ଭୂ-ବୈଜ୍ଞାନିକ (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୨୧।୦୬।୨୦୨୫ (ଶନିବାର) | ୨ ଦିନ |
| ୧୩. | ଇଞ୍ଜିନିୟରିଂ ସେବା (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୨୨।୦୬।୨୦୨୫ (ରବିବାର) | ୧ ଦିନ |
| ୧୪. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୫।୦୭।୨୦୨୫ (ଶନିବାର) | ୨ ଦିନ |
| ୧୫. | ସମ୍ମିଳିତ ମେଡିକାଲ୍ ସେବା ପରୀକ୍ଷା, ୨୦୨୫ | ୧୯।୦୨।୨୦୨୫ | ୧୧।୦୩।୨୦୨୫ | ୨୦।୦୭।୨୦୨୫ (ରବିବାର) | ୧ ଦିନ |
| ୧୬. | କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ଏସିଏସ୍) ପରୀକ୍ଷା, ୨୦୨୫ | ୦୫।୦୩।୨୦୨୫ | ୨୫।୦୩।୨୦୨୫ | ୦୩।୦୮।୨୦୨୫ (ରବିବାର) | ୧ ଦିନ |
| ୧୭. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୯।୦୮।୨୦୨୫ (ଶନିବାର) | ୨ ଦିନ |
| ୧୮. | ସିଭିଲ୍ ସର୍ଭିସେସ୍ (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୨୨।୦୮।୨୦୨୫ (ଶୁକ୍ରବାର) | ୫ ଦିନ |
| ୧୯. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (II), ୨୦୨୫ | ୨୮।୦୫।୨୦୨୫ | ୧୭।୦୬।୨୦୨୫ | ୧୪।୦୯।୨୦୨୫ (ରବିବାର) | ୧ ଦିନ |
| ୨୦. | ସି.ଡି.ଏସ୍. ପରୀକ୍ଷା (II), ୨୦୨୫ | | | | |
| ୨୧. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୪।୧୦।୨୦୨୫ (ଶନିବାର) | ୨ ଦିନ |
| ୨୨. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୧।୧୧।୨୦୨୫ (ଶନିବାର) | ୨ ଦିନ |
| ୨୩. | ଭାରତୀୟ ବନ ସେବା (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୧୬।୧୧।୨୦୨୫ (ରବିବାର) | ୭ ଦିନ |
| ୨୪. | ଏସ୍.ଓ./ଷ୍ଟେନୋ (ଜିଡି-ବି/ଜିଡି-ଆଇ) ଏଲ୍‌ଡିସିଇ | ୧୭।୦୯।୨୦୨୫ | ୦୭।୧୦।୨୦୨୫ | ୧୩।୧୨।୨୦୨୫ (ଶନିବାର) | ୨ ଦିନ |
| ୨୫. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୨୦।୧୨।୨୦୨୫ (ଶନିବାର) | ୨ ଦିନ |

**ଦ୍ରଷ୍ଟବ୍ୟ : ଅଧିସୂଚନା, ପରୀକ୍ଷା/ଆର୍‌ଟିଗୁଡ଼ିକର ଆରମ୍ଭ ଏବଂ ଅବଧିର ତାରିଖଗୁଡ଼ିକ ପରିସ୍ଥିତିର ଆବଶ୍ୟକତା ଅନୁସାରେ ବଦଳିପାରେ ।**

CBC-55101/14/0001/2425


ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ଓ ବାଛରାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଗୁରୁବାର ବର୍ଷାପାଣି ଜମି ରହିଛି।


ସୀତାରାମ ଛକ ସ୍ଥିତ ରେଲୱେ ଅଣ୍ଡରପାସ୍ ରାସ୍ତାରେ ବର୍ଷାଜଳ ଜମି ରହିଛି।

# ବର୍ଷାରେ ବଦଳିଲା ଜଟଣୀ ସହର ଚିତ୍ର

## ଡ୍ରେନ୍ ସଫେଇ କାର୍ଯ୍ୟ ଆରମ୍ଭ



**ଜଟଣୀ,୨୭।୬(ରବୀନ୍ଦ୍ରନାଥ ମହାକୁଡ଼)**

ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚି ସାରିଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଜଟଣୀ ପୌରପରିଷଦ ପକ୍ଷରୁ ସହରରେ ଡ୍ରେନ୍ ସଫେଇ ଆରମ୍ଭ ହୋଇ ନ ଥିବା ନେଇ ଗତ ୨୫ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏବେ ତରବରିଆଭାବେ ପୌର ପ୍ରଶାସନ ପକ୍ଷରୁ ଜଟଣୀ ସହରର ୨୩ଟି ୱାର୍ଡ ମଧ୍ୟରୁ ୧୫, ୨୨ ଏବଂ ୮ନମ୍ବର ୱାର୍ଡ ସହିତ କେତେକ ୱାର୍ଡର ଡ୍ରେନ୍ ସଫେଇ ଆରମ୍ଭ ହୋଇଛି। ଡ୍ରେନରୁ ବାହାରିଥିବା ଅଳିଆ, ଆବର୍ଜନା ଲୋକଙ୍କ ଘର ସମ୍ମୁଖ ଓ ରାସ୍ତାରେ ପଡିରହିବା ଫଳରେ ଦୁର୍ଗନ୍ଧ ସୃଷ୍ଟି ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ତୁରନ୍ତ ରାସ୍ତାରେ ଗଦା ହୋଇଥିବା ଡ୍ରେନର ମଇଳାକୁ ଉଠାଇବା ପାଇଁ ସାଧାରଣରେ ଦାବି ହେଉଛି।

**ଜଟଣୀ,୨୭।୬(ରବୀନ୍ଦ୍ରନାଥ ମହାକୁଡ଼)**

ଅସରାଏ ବର୍ଷା ହେଲେ ଜଟଣୀ ସହରର ବାସ୍ତବ ସ୍ଥିତି ପଦାରେ ପଡୁଛି। ଗୁରୁବାର ସକାଳେ ପ୍ରବଳ ଗୁଳୁଗୁଳି ହେଉଥିଲା। ମାତ୍ର ଅପରାହ୍ଣରେ ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ମୂଷଳ ଧାରାରେ ବର୍ଷା ହୋଇଥିଲା। ବର୍ଷାଜଳ ଡ୍ରେନ୍‌ରେ ନିଷ୍କାସନ ହୋଇ ନ ପାରିବାରୁ ରାସ୍ତାରେ ପାଣି ଜମି ରହିଥିଲା। ଏପରିକି ଡ୍ରେନ୍‌ର ମଇଳା ପାଣି ଲୋକଙ୍କ ଘରେ ପଶିଯାଇଥିଲା। ଜଟଣୀ ପୌରାଞ୍ଚଳ ଅଧୀନ ମହୁଲଗୁଡ଼ିଆ ଛକଠାରୁ ସରକାରୀ ବାଳିକା ବିଦ୍ୟାଳୟ ମୁଖ୍ୟ ରାସ୍ତା ଚିନ୍ମୟ ମିଶନ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ପାଣି ଜମି ରହିଥିଲା। ସେହିପରି ବାଛରାପାଟଣା ଜଗନ୍ନାଥ ମନ୍ଦିର ନିକଟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ମାଛ ମାର୍କେଟ ବିବେକାନନ୍ଦ ସାହିରେ ଡ୍ରେନ ସଫେଇ ନ ହେବାରୁ ବର୍ଷାଜଳ ସହିତ ଡ୍ରେନର ଅଳିଆ ଆବର୍ଜନା ଏବଂ ମଇଳା ପାଣି ଲୋକଙ୍କ ଘରେ ପଶିଥିଲା। ପିପିଲି ଏବଂ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ଜଟଣୀ ସହରର ମୁଖ୍ୟ ରାସ୍ତା ହରିଭାଇନା ଛକଠାରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ମୁଖ୍ୟ ରାସ୍ତାରେ ଅଣ୍ଟାଏ ଉଚ୍ଚର ପାଣି ଓ ଆବର୍ଜନା ଜମି ରହିବାରୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା। ଏପରିକି ପୌର କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିଥିଲା। ଫଳରେ ପୌର କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ସୀତାରାମ ଛକସ୍ଥିତ ରେଲୱେ ଅଣ୍ଡରପାସ ରାସ୍ତାରେ ବର୍ଷା ଓ ଡ୍ରେନ ପାଣି ନିଷ୍କାସନ ହୋଇନପାରିବାରୁ ଜମି ରହିଥିଲା। ଫଳରେ ଏକ କାର୍ ପାଣିରେ ଅଟକି ଯାଇଥିଲା। କୌଶଳକ୍ରେମ କାର ଚାଳକ ବାହାରି ୧୧୨ ନମ୍ବରକୁ ଫୋନ କରିଥିଲେ। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୋଟର ପମ୍ପରେ ପାଣି ନିଷ୍କାସନ କରିବା ସହିତ କାରକୁ କ୍ରେନ ଯୋଗେ ବାହାର କରିଥିଲେ।


ବିବେକାନନ୍ଦ ସାହିର ଏକ ଘରେ ବର୍ଷା ପାଣି ପଶିଯାଇଛି।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୨ ଗିରଫ


ଜବତ ଗୋରୁ ବୋଝେଇ କଣ୍ଟେନର।

**ନିରାକାରପୁର,୨୭।୬ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ା ଅଞ୍ଚଳରେ ଏକ ପିକ୍‌ଅପ୍ ଭ୍ୟାନରେ ଗୋରୁ ଚାଲାଣ ହେଉଥିବା ଖବରପାଇ ଆଞ୍ଚଳିକ ହିନ୍ଦୁ ସଙ୍ଗଠନ ଏବଂ ଓ ବଜରଙ୍ଗ ଦଳର କର୍ମୀମାନେ ପହଞ୍ଚି ଗାଡିକୁ ଅଟକାଇବା ସହ ନିରାକାରପୁର ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୬୪/୨୪)ରୁଜୁ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଶରଧାପୁର ଗ୍ରାମର ଏସ୍.କେ ରସିଦ (୧୭) ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଅଧୀନ ମୁକୁନ୍ଦପ୍ରସାଦ ଅଞ୍ଚଳର ଏସ୍.କେ ସାଜିଦ(୨୫)। ତେବେ ରସିଦ ନାବାଳକ ହୋଇଥିବାରୁ ତାଙ୍କୁ ଜୁବେନାଇଲ କୋର୍ଟକୁ ପଠାଯାଇଛି। ତେବେ ଉଦ୍ଧାର ୫ ଗାଈଙ୍କୁ ବୋଲଗଡ଼ସ୍ଥିତ ଗୋଶାଳାକୁ ପଠାଯିବା ସହ ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି ବୋଲି ସବ୍‌ଇନ୍ସପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି। ଉଦ୍ଧାର ଗାଈଙ୍କୁ କେଉଁଠାରୁ ଆଣି କେଉଁଠାକୁ ପଠା ଯାଉଥିଲା ଏବଂ ଏଥିରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା କର୍ମଶାଳା

**ବାଲୁଗାଁ, ୨୭।୬(ସଂଗ୍ରାମ ପାଇକରାୟ)**

ଜିଲା ଶ୍ରମ ବିଭାଗ ପକ୍ଷରୁ ବାଲୁଗାଁ ଚିଲିକା କୂଳ ଜେଟିସ୍ଥିତ କାଳିଜାଇ ମୋଟର ବୋଟ ଆସୋସିଏଶନ ସଭାଗୃହରେ ଶିଶୁ ଓ କିଶୋର ଶ୍ରମିକ ଆଇନ ଓ ଏହାର ନିରାକରଣ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ଓ କିଶୋରମାନଙ୍କୁ ଶ୍ରମରେ ନିୟୋଜିତ କଲେ କ'ଣ ସବୁ ଆଇନ ରହିଛି ଏବଂ ଏହାର ନିରାକରଣ ସମ୍ପର୍କରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କର, ଖୋର୍ଦ୍ଧା ଜିଲା ସହ ଶ୍ରମ ଅଧିକାରୀ ବିକାଶ କୁମାର ନାୟକ, ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ଶିଶୁ ମଙ୍ଗଳ ଅଧକ୍ଷା ରଞ୍ଜିତା ପଣ୍ଡା, ମତ୍ସ୍ୟ ସମ୍ପଦ ଅଧିକାରୀ ମନୋଜ ଦାସ, କାଳିଜାଇ ମୋଟର ବୋଟ ଆସୋସିଏଶନ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଶିଶୁ ସୁରକ୍ଷା କର୍ମକର୍ତ୍ତା, ବଚପନ ବଚାଓ ଆନ୍ଦୋଳନ କର୍ମକର୍ତ୍ତା, ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା କରିବା ପାଇଁ ସଙ୍କଳ୍ପ ନେଇଥିଲେ।


ଶିଶୁ ଓ କିଶୋର ଶ୍ରମିକ ଆଇନ ଓ ଏହାର ନିରାକରଣ ସମ୍ପର୍କିତ ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

## ମଧ୍ୟାହ୍ନଭୋଜନକୁ ମହଙ୍ଗା ମାଡ଼

### ଚିନ୍ତାରେ ଶିକ୍ଷକ, ପିଟିଏ

**ଖୋର୍ଦ୍ଧା,୨୭।୬ (ପ୍ରଭାତ ପାଣିଗ୍ରାହୀ)**

ଗ୍ରୀଷ୍ମ ଛୁଟି ପରେ ଶିକ୍ଷାଦାନ ଆରମ୍ଭ ହୋଇଛି। ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇଥିବାରୁ ଛାତ୍ରୀଛାତ୍ରମାନେ ନୂତନ ଆଶା ଉଦ୍ଦୀପନା ନେଇ ବିଦ୍ୟାଳୟକୁ ଆସିଥିବା ବେଳେ ପନିପରିବା ଦର ବୃଦ୍ଧି ଯୋଗୁ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ ଚିନ୍ତାରେ ପଡ଼ିଛନ୍ତି। ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ୫ଟଙ୍କା ୯୦ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ଟ ୮.୮୨ ସ୍ଥିର ହୋଇଛି। ସୋମବାର ଓ ଗୁରୁବାର ଡାଲମା, ମଙ୍ଗଳ ଓ ଶୁକ୍ରବାର ସୋୟାବିନ, ବୁଧ ଓ ଶନିବାରରେ ଅଣ୍ଡା ଦେବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ପରିବା ଓ ରାଶନ ସାମଗ୍ରୀ ଚିନ୍ତାର କାରଣ ପାଲଟିଛି। ବାଇଗଣ କେଜି ପିଛା ୬୦ଟଙ୍କା, ଟମାଟୋ ୮୦, କାଙ୍କଡ଼ ୮୦, ଭେଣ୍ଡି ୮୦, ପିଆଜ ୪୦, ଆଳୁ ୩୫, ପୋଟଳ ୬୦, ଝୁଡ଼ଙ୍ଗ, ୧୨୦, ଜହ୍ନି ୭୦, କଲରା ୮୦ ଟଙ୍କା ରହିଛି। ଚାଉଳ ୨୫ କେଜି ପ୍ୟାକେଟ ୬୫୦ରୁ ୮୫୦ ବଢ଼ିଥିବା ବେଳେ ଖୁଚୁରା ବଜାରରେ ଚାଉଳ କେଜି ପିଛା ୩୦ରୁ ୪୫ଟଙ୍କା ବଢିଛି। ତେଲ ୧୧୫ରୁ ୧୪୨ ଟଙ୍କା ଛୁଇଁଲାଣି। ସେହିଭଳି ହରଡ ଡାଲି ୧୮୫, ବୁଟ ୮୦ ୯୦, ମୁଗ ଡାଲି ୧୩୦, ମଟର ୭୦ ବଢିଥିବା ବେଳେ ମସଲା ସାମଗ୍ରୀ ହଳଦି, ଜିରା, ଲଙ୍କା, ଧନିଆ, ମେଥି, ସୋରିଷ, ଫୁଟଣ, ସୋୟା ଦରରେ ୪୦ ରୁ ୫୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅଣ୍ଡା ଗୋଟିଏ ୭ ଟଙ୍କାରେ ବଜାରରେ ବିକ୍ରି ହେଉଛି। ବଜାର ଦରରେ ନିୟନ୍ତ୍ରଣ ନ ଆସେ ତାହେଲେ ସରକାର ଛାତ୍ରୀଛାତ୍ରଙ୍କ ପିଛା ଦରବୃଦ୍ଧି ପାଇଁ ବିଭିନ୍ନ ବିଦ୍ୟାଳୟ ପିଟିଏ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା) ଦାବି କରିଛି। ସଂଘ ରାଜ୍ୟ ଉପସଭାପତି ଶିକ୍ଷକ ଅଗାଧୁ ସେଠୀ କହିଛନ୍ତି, ଏନେଇ ରାଜ୍ୟ ସଂଘ ପକ୍ଷରୁ ବିଭାଗୀୟ ସଚିବଙ୍କୁ ଅବଗତ କରାଯାଇଛି। ସେହିପରି ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯିବ। ଦରଦାମ ବୃଦ୍ଧି ଯୋଗୁ ଅନେକ ସ୍କୁଲରେ ଶିକ୍ଷକ ଖର୍ଚ୍ଚ ବହନ କରୁଛନ୍ତି। ଅନ୍ୟପଟେ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଭିଭାବକଙ୍କ ମହଲରେ ଦାବି ହୋଇଛି।

## ବ୍ଲକ୍ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତକଲା ସରପଞ୍ଚ ସଂଘ

**ବେଗୁନିଆ,୨୭।୬(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବେଗୁନିଆ ସରପଞ୍ଚ ସଂଘ ପକ୍ଷରୁ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଯାଇଥିଲା। ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ର, ଜଳଯୋଗାଣ ଯନ୍ତ୍ରୀ ସରିତା ଦାଶ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରାଙ୍କ ସମେତ ବ୍ଲକ କର୍ମଚାରୀଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ଲତା ସେଠୀ, କରୁଣାକର ଦଳସିଂହରାୟ, ଆରତ ମାଝୀ, ଅକ୍ଷୟ କୁମାର ରାଉତରାୟ, ପ୍ରମୋଦ କୁମାର ଦଳେଇଙ୍କ ସମେତ ସମସ୍ତ ସରପଞ୍ଚ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ବ୍ଲକ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଅବସରରେ ସରପଞ୍ଚ ସଂଘର କର୍ମକର୍ତ୍ତା।

## ଯୁବକଙ୍କ ରୋଜଗାର ମାଧ୍ୟମ ପାଲଟିଛି ୟୁଟ୍ୟୁବ୍

**ବେଗୁନିଆ,୨୭।୬(ସନ୍ଧ୍ୟାରାଣୀ ମିଶ୍ର)**

ବର୍ତ୍ତମାନ ସମୟରେ ସରକାରୀ କିମ୍ବା ଘରୋଇ ସଂସ୍ଥାରେ ନିଯୁକ୍ତି ପାଇବା କଷ୍ଟକର ହୋଇଥିବାବେଳେ କେତେଜଣ ଯୁବକ ୟୁଟ୍ୟୁବ୍ ମାଧ୍ୟମରେ ରୋଜଗାର କରି ପରିବାର ଚଳାଉଥିବା ଦେଖିବାକୁ ମିଳୁଛି। ଖୋର୍ଦ୍ଧା ଜିଲା ବେଗୁନିଆ ନିକଟ କୁଶପଲା ଗ୍ରାମର ଅସଫର ଖାଁ(୨୩) ସାମାଜିକ ସଚେତନତା ଭିତ୍ତିକ 'ଓଡ଼ିଆ କମେଡି ଅଲୱେଜ' ରେ ପୋଲିସ ହେଲା ବାୟା, ହରି ମାଇପ, କ୍ରିସ ୪ ଓ ନଟିଆ କମେଡି ଭଳି ଭିଡିଓକୁ ପରିବେଷଣ କରିଛନ୍ତି। ଏହାକୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଅନୁସରଣ କରିଥିବାରୁ ମାସକୁ ପ୍ରାୟ ୧୫ରୁ ୨୦ହଜାର ଟଙ୍କା ଲେଖାଏ ତାଙ୍କୁ ମିଳୁଛି ବୋଲି ଅସଫର କହିଛନ୍ତି। ଅଜମତ ଖାଁ ଓ ଜାହିଦା ବିବିଙ୍କ ପୁଅ ହେଉଛନ୍ତି ଅସଫର। ଏହି ଖବର ଜାଣିବା ପରେ ଶିକ୍ଷାଲାଭ କରି ରୋଜଗାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ତାଙ୍କ ନିକଟକୁ ଆସୁଥିବା ଦେଖିବାକୁ ମିଳିଛି।

## ଅବହେଳିତ ଅବସ୍ଥାରେ ପୂର୍ଣ୍ଣ ବିଗ୍ରହଙ୍କ ମନ୍ଦିର

**ଖୋର୍ଦ୍ଧା,୨୭।୬(ପ୍ରଭାତ ପାଣିଗ୍ରାହୀ)**

- ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମି ବିକାଶ ନାହିଁ
- ଗଡୁଛି ପୁରୁଣା ରଥ, ଭକ୍ତଙ୍କ ଅସନ୍ତୋଷ

ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଜାତୀୟ ରାଜପଥର ଜାଗୁଳିପାଟଣାଠାରେ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ) ବିଜେ କରିଛନ୍ତି। ଐତିହ୍ୟ କୀର୍ତ୍ତିରାଜୀ ଏବଂ ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଜାଗୁଳିପାଟଣା ଛକରୁ ଏହି ମନ୍ଦିରକୁ ଦୁଇଟି ରାସ୍ତା ସଂଯୋଗ କରୁଛି। ରାଜପଥକୁ ଲାଗି ପ୍ରବେଶ ପଥରେ ହନୁମାନ ଏବଂ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତି ଭଗ୍ନ ଅବସ୍ଥାରେ ରହିଛି। ଏଠାରୁ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନର ଦାବି ପରେ ମରମତି କରାଯାଇଛି। ଅନ୍ୟପଟେ ଜାଗୁଳିପାଟଣା ଛକରୁ ରହିଥିବା ମାଟିରାସ୍ତା ବର୍ଷାଦିନେ କାଦୁଅ ହୋଇଯାଉଛି। ଏହି ରାସ୍ତାଦେଇ ଠାକୁରଙ୍କ ରଥ ଗୁଣ୍ଡିଚା ମନ୍ଦିର ଯାଇଥାଏ। ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ। ମନ୍ଦିର ଚାରିପାଖ ଅନାବନା ଗଛଲତା ଉଠି ବଣ ପାଲଟିଗଲାଣି। ମହାପ୍ରଭୁଙ୍କ ଦୈନିକ ନୀତିରୀତି ଲାଗି ତୁଳସୀ ଉଦ୍ୟାନ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ମଧ୍ୟ ସମାନ ଅବସ୍ଥା। ଠାକୁରଙ୍କ ଚନ୍ଦନ ପୋଖରୀ ବିପର୍ଯ୍ୟସ୍ତ ହୋଇପଡିଛି। ମନ୍ଦିରଠାରୁ କିଛି ଦୂରରେ ଆରୁଣ୍ୟ କୁଣ୍ଡ ରହିଛି। ଏହାକୁ ସୀତାକୁଣ୍ଡ ମଧ୍ୟ କୁହାଯାଏ। ଦେବସ୍ନାନ ପୂର୍ଣ୍ଣିମାରେ ଏହି କୁଣ୍ଡରୁ ସଂଗୃହୀତ ଜଳରେ ଚତୁର୍ଦ୍ଧାବିଗ୍ରହଙ୍କୁ ଜଳଲାଗି କରାଯାଏ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି କୁଣ୍ଡ ଅନାବନା ଗଛର ଶୁଖିଲା ପତ୍ର, ଡାଳ ପଡ଼ିବା ସହ ଦଳ ମାଡ଼ିଗଲାଣି। ପ୍ରତିବର୍ଷ ଗୋଟିଏ ରଥରେ ଚତୁର୍ଦ୍ଧାବିଗ୍ରହ ରଥାରୂଢ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ଦୀର୍ଘ ବର୍ଷ ତଳେ ନିର୍ମାଣ ହୋଇଥିବା ରଥର ରକ୍ଷଣାବେକ୍ଷଣ ଅଭାବରୁ କ୍ଷୟ ହେବାକୁ ଲାଗିଲାଣି। ନୂତନ ରଥ ନିର୍ମାଣ ଲାଗି କମିଟି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ପ୍ରାଚୀନ ମନ୍ଦିର ପୁନରଦ୍ଧାର ଏବଂ ସ୍ୱତନ୍ତ୍ର ବାର୍ଷିକ ବଜେଟ, ଭକ୍ତଙ୍କ ସୁବିଧା ଲାଗି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ସାଧାରଣରେ ଦାବି ହୋଇଛି।

ମନ୍ଦିର ପରିଚାଳନା ଲାଗି ଟ୍ରଷ୍ଟ ବୋର୍ଡ ରହିଛି। ଖୋର୍ଦ୍ଧା ଉପଜିଲାପାଳ ଏହି ଟ୍ରଷ୍ଟ ବୋର୍ଡ ଅଧକ୍ଷ ରହିଥିବା ବେଳେ ଅନ୍ୟମାନେ ସଦସ୍ୟ ରହିଛନ୍ତି। ଠାକୁରଙ୍କ ୨୨ଏକର ବିଶିଷ୍ଟ କାଜୁ ଜଙ୍ଗଲ ରହିଛି। ପ୍ରତିବର୍ଷ ଏହି କାଜୁ ଜଙ୍ଗଲକୁ ଲକ୍ଷାଧିକ ଟଙ୍କାରେ ନିଲାମ ଦିଆଯାଇଥାଏ। ଏଥିସହିତ ମନ୍ଦିର ପରିସରରେ ଭକ୍ତମାନେ ମାନସିକ ରୋଷଇ, ମାଙ୍ଗଳିକ କାର୍ଯ୍ୟ କରିଥାନ୍ତି। ଏଥିଲାଗି ଭକ୍ତଙ୍କ ଠାରୁ ମନ୍ଦିର ପରିଚାଳନା କମିଟି ଦ୍ୱାରା ଧାର୍ଯ୍ୟ ଦର ଅନୁଯାୟୀ ରସିଦ ଦିଆଯାଇଥାଏ। ଏ ବାବଦକୁ ବର୍ଷକୁ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଛି। ତେବେ ମହାପ୍ରଭୁଙ୍କ ନାଁରେ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିବା ସତ୍ତ୍ୱେ ମନ୍ଦିରର ସେଭଳି ବିକାଶ ହେଉନାହିଁ। ଏନେଇ ଉପଜିଲାପାଳ ତଥା ଟ୍ରଷ୍ଟ ବୋର୍ଡ ଅଧକ୍ଷ ଦୀପ୍ତିରଞ୍ଜନ ସେଠୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ନେତୃତ୍ୱ ବିକାଶ ସୁଦୃଢ଼ ହେଲେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ

ଭୁବନେଶ୍ୱର, ୨୭।୬ (ବନ୍ଦନା ସେଠୀ)

ପ୍ରତ୍ୟେକ ମହିଳା ଓ ଯୁବତୀଙ୍କ ପାଖରେ ଅନନ୍ୟ ପ୍ରତିଭା ଭରି ରହିଛି। ପ୍ରତିଭାର ବିକାଶ ତଥା ସ୍ୱାବଲମ୍ବୀ ହେବା ପାଇଁ ନିଜର ନେତୃତ୍ୱକୁ ସୁଦୃଢ଼ କରିବା ଓ ଅଧିକ ଶିକ୍ଷିତ ହେବା ଜରୁରୀ ବୋଲି ନେତୃତ୍ୱ ବିକାଶ ସମ୍ପର୍କୀତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଗୁରୁବାର ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ରେଡ଼କ୍ରସ ଭବନଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ, ମହିଳା ଓ ଯୁବତୀମାନେ ସରକାରଙ୍କ ବିଭିନ୍ନ ଆଇନ ଓ ଯୋଜନା ଉପରେ ଜାଣିବା ଜରୁରୀ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆକ୍ସନଏଡ୍ ଆସୋସିଏଶନ୍‌ର ସିନିୟର ଲିଡ୍ ପ୍ରୋଗ୍ରାମ ଶୁଭେନ୍ଦୁ କୁମାର ରାୟ ଯୋଗଦେଇ, ମହିଳା ଓ ଯୁବତୀଙ୍କ ଅଧିକାର ଓ ନେତୃତ୍ୱ ଉପରେ ଅଭିଭାଷଣ ରଖିଥିଲେ। ନେତୃତ୍ୱ, କର୍ମସ୍ଥଳୀରେ ସୁରକ୍ଷା ଉପରେ ପ୍ରଶିକ୍ଷକ ଦୋଳ ଗୋବିନ୍ଦ ଦାସ ପ୍ରଶିକ୍ଷଣ ଦେଇଥିଲେ। ସରସ୍ୱତୀ ପରିଡ଼ା ପ୍ରାରମ୍ଭିକ ଓ ସବିତା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ ସ୍ୱର ଏକାମ୍ର ହାଟର ପୁନରୁଦ୍ଧାର ଦାବି

ଭୁବନେଶ୍ୱର,୨୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆମ ସ୍ୱର ଅନୁଷ୍ଠାନ ପକ୍ଷରୁ ଏକାମ୍ର ହାଟର ପୁନରୁଦ୍ଧାର ଦାବି ଦାବି କରାଯାଇଛି। ଅନୁଷ୍ଠାନର ପ୍ରସାଦ ପରିଜା, ଦେବାଶିଷ ମିଶ୍ର, ଦେବସ୍ମିତା ମହାନ୍ତି ଓ ମଧୁଲିତା ପରିଡା ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ୨୦୦୨ରୁ ନିର୍ମାଣ ହେବା ପରେ ଇଡ୍‌କୋ ଏହାର ପରିଚାଳନା କରୁଥିଲା। ମାତ୍ର ୨୦୨୦ରେ ଏହାର ନବୀକରଣ ପାଇଁ ସରକାରୀ ଅନୁଦାନ ଆସିବା ପରେ ହସ୍ତଶିଳ୍ପ ଓ ହସ୍ତକଳା ବିଭାଗ ଏହାକୁ ନିଜ ହାତକୁ ନେଇ ପୂର୍ବରୁ ଥିବା ଶିଳ୍ପୀ ଓ କାରିଗରମାନଙ୍କୁ ବିଦା କଲେ। ନବୀକରଣ ପରେ ଦାୟିତ୍ୱ ନେଇଥିବା ସିଡାକ୍ ପୂର୍ବର ବା ନୂତନ ଭାବେ କୌଣସି କାରିଗରଙ୍କୁ ଷ୍ଟଲ୍ ଆବଣ୍ଟନ ନ କରି ବିଭିନ୍ନ ଘରୋଇ ଓ ସରକାରୀ ଅନୁଷ୍ଠାନକୁ ପ୍ରଦର୍ଶନୀ ପାଇଁ ଭଡାରେ ଦେଲେ। ନବୀକରଣ ବେଳେ ଗ୍ରାମୀଣ ପରିବେଶ ପ୍ରତି ଦୃଷ୍ଟି ନ ଦେଇ ପୂର୍ବର ପୋଡା ଇଟା ସ୍ଥାନରେ ସିମେଣ୍ଟ ଇଟା ପକାଇ ରାସ୍ତା କଲେ। ମଧ୍ୟସ୍ଥଳରେ ଥିବା ଛୋଟ କୃତ୍ରିମ ପୁଷ୍କରିଣୀକୁ ପରିବର୍ତ୍ତିତ କରି ଆଧୁନିକ ଫାଉଣ୍ଟେନରେ ପରିଣତ କଲେ। ଯାହା କି ଅଚଳ ପଡିଛି। ମୁକ୍ତାକାଶ ମଞ୍ଚର ଭଡା ୨୫୦୦ରୁ ୫୦୦୦କୁ ବୃଦ୍ଧି କଲେ। ପରିସରରେ ଥିବା ୫୦ଟି ହସ୍ତଶିଳ୍ପ ପାଇଁ ଉଦ୍ଦିଷ୍ଟ କୋଠରୀର ଭଡାରେ ମଧ୍ୟ ଅହେତୁକ ବୃଦ୍ଧି କଲେ। ଭୋଜନାଳୟ ପାଇଁ ଥିବା କକ୍ଷଗୁଡିକର ବାର୍ଷିକ ନିଲାମ ଡାକିବା ସହ ଅହେତୁକ ମୂଲ୍ୟ ବୃଦ୍ଧି ସହ ଅନାବଶ୍ୟକ ସର୍ତ୍ତ ଓ କାଗଜ ପତ୍ର ମଗାଗଲା। ଯାହା ଫଳରେ ଜନସମାଗମ ହ୍ରାସ ପାଇଲା। ଏବେ ସେଠାରେ ବହୁତଳ ଶପିଂ ମଲ୍ ନିର୍ମାଣ ଯୋଜନା ବିଷୟରେ ଶୁଣିବାକୁ ମିଳୁଛି। ସଂଭାବନା ଦ୍ୱାରା ୨୦୦୬ରୁ ଏକାମ୍ର ହାଟରେ ଓଡ଼ିଆ ଅସ୍ମିତା, ପରମ୍ପରା ଓ ସଂସ୍କୃତିକୁ ନେଇ ହେଉଥିବା ଓଡିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତା ପାଇଁ ଚଳିତବର୍ଷ ନିର୍ବାଚନ ଆଚରଣ ବିଧି ନାମରେ ଶେଷ ମୁହୂର୍ତ୍ତରେ ମନା କରିଦିଆଗଲା। କିନ୍ତୁ ଲିଖିତ ଉତ୍ତରରେ ଅନ୍ୟ କାରଣ ଲେଖାଗଲା। ନୂତନ ସରକାର କ୍ଷମତାସୀନ ହେବା ପରେ ଆମେ ଏ ସମ୍ପର୍କରେ ନୂତନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଥିପାଇଁ ଦାୟୀ ଓ ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ ବୋଲି ସେମାନେ କହିଛନ୍ତି।

## ଟ୍ରାଫିକ୍ ପୋଷ୍ଟରୁ ରେଡ୍ ଲାଇଟ୍ ହଟାଇବା ପ୍ରସଙ୍ଗ

# ପ୍ରଥମେ ଭିତ୍ତିଭୂମି ସଜାଡ଼ିବା ଜରୁରୀ



ଭୁବନେଶ୍ୱର,୨୭।୬(ବନ୍ଦନା ସେଠୀ)

ସହରାଞ୍ଚଳରେ ସାଧାରଣ ଲୋକଙ୍କ ଗମନାଗମନକୁ ସହଜ ଓ ସରଳ କରିବା ଲକ୍ଷ୍ୟରେ ଟ୍ରାଫିକ୍ ପୋଷ୍ଟରୁ ରେଡ୍ ଲାଇଟ୍ ବା ନାଲିବତୀ ହଟାଇବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଫଳରେ ଲୋକଙ୍କୁ ଟ୍ରାଫିକ୍ ପୋଷ୍ଟରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅଳ୍ପସମୟ ମଧ୍ୟରେ ଲୋକମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। ଏଥିସହିତ ସହରାଞ୍ଚଳରେ ଆଇନ ଶୃଙ୍ଖଳା ପାଇଁ ଅଧିକରୁ ଅଧିକ ସିସିଟିଭି ଲଗାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିକଟରେ କହିଛନ୍ତି। ଏପରି କି ଏହା ଭୁବନେଶ୍ୱରରେ ପ୍ରଥମେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି ବୋଲି କହିଛନ୍ତି। ତେବେ ସହରରେ ଛୋଟବଡ଼ ଛକକୁ ମିଶାଇ ମୋଟ୍ ୬୫ ଟ୍ରାଫିକ୍ ପୋଷ୍ଟ ରହିଥିବାବେଳେ ସେଠାରେ ୩୫୨ଜଣ ଟ୍ରାଫିକ୍ କର୍ମଚାରୀ ମୁତୟନ ହୋଇଛନ୍ତି। କାଁ ଭାଁ କିଛି ଟ୍ରାଫିକ୍ ପୋଷ୍ଟକୁ ଛାଡିଦେଲେ ପ୍ରାୟ ସବୁ ପୋଷ୍ଟରେ ରେଡ୍‌ଲାଇଟ୍ ଲଗାଯାଇଛି। ଅପରପକ୍ଷେ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି। ଛକଗୁଡ଼ିକରେ ନାଲିବତି ହଟାଇବାକୁ ହେଲେ ସେଠାରେ ବର୍ତ୍ତର ଆକାରରେ ରାଉଣ୍ଡ୍ ଏବାଉଟ୍ ଦେବାକୁ ପଡ଼ିବ। ଫଳରେ ଗାଡ଼ି ନ ଅଟକି ବିଭିନ୍ନ ଲେନ୍‌ରେ ଯାତାୟାତ କରିପାରିବ। ଏଥିପାଇଁ ସେହି ସ୍ଥାନରେ ଗୋଲେଇ ଛକ କରିବାକୁ ହେବ। ଗୋଲେଇ ଛକ କରିବାକୁ ସବୁସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମିର ଅଭାବ ରହିଛି। ଏଥିସହିତ ଟ୍ରାଫିକ୍ ଲାଇଟ୍ ଉଠାଇବାକୁ ହେଲେ ଭୂତଳ ରାସ୍ତା, ଫୁଟ୍ ଓଭରବ୍ରିଜ ଆଦି ବିକଳ୍ପ ବ୍ୟବସ୍ଥା ପ୍ରଥମେ କରିବାକୁ ହେବ ବୋଲି ମତ ପ୍ରକାଶ ପାଇଛି। ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ସାଧାରଣରେ ଦାବି ହୋଇଛି।



" ଟ୍ରାଫିକ୍ ପୋଲିସ ନିୟୋଜିତ ହେବା ସହ ରେଡ୍‌ଲାଇଟ୍ ଲାଗିବା ସତ୍ତ୍ୱେ ମଧ୍ୟ ଅନେକ ଦୁର୍ଘଟଣା ହେଉଛି। ତେଣୁ ରେଡ୍‌ଲାଇଟ୍ ହଟାଇବା ପରେ ଦୁର୍ଘଟଣା ବଢ଼ିବାର ଯଥେଷ୍ଟ ଆଶଙ୍କା ରହୁଛି। ବିଳମ୍ବିତ ରାତିରେ ଟ୍ରାଫିକ୍ ପୋଲିସ ପୋଷ୍ଟରେ ରୁହନ୍ତି ନାହିଁ। ସେହି ସମୟରେ ସିଗ୍‌ନାଲ୍ ହିଁ ଭରସା ପାଲଟି ଥାଏ। ସହରରେ ଅନେକ ଲୋଫର୍ ବୁଲୁଥିବାବେଳେ ସେମାନଙ୍କୁ କେବଳ ସିସିଟିଭି କ୍ୟାମେରା ଭରସାରେ ଛାଡ଼ିଦେବା ଠିକ୍ ହେବନାହିଁ।

- ଶିବ ବିଶ୍ୱାଳ, କର୍ମଜୀବୀ



" ଏହା ଏକ ସ୍ୱାଗତଯୋଗ୍ୟ ଯୋଜନା। ମାତ୍ର ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରା ନ ଗଲେ, ଅନେକ ଦୁର୍ଘଟଣା ହେବା ଆଶଙ୍କା ରହୁଛି। ପୁଣି ଏଥିପାଇଁ ଭିତ୍ତିଭୂମି ସଜାଡ଼ିବା ନିହାତି ଆବଶ୍ୟକ, ନଚେତ୍ ଅନ୍ୟ ଯୋଜନା ଭଳି ଏହା ମଧ୍ୟ ଫେଲ୍ ହୋଇଯିବ।

- ସ୍ମିତିପ୍ରଜ୍ଞା ମିଶ୍ର, ଛାତ୍ରୀ



" ଅନ୍ୟ ମେଟ୍ରୋସିଟିକୁ ଦେଖି ମନ୍ତ୍ରୀ ଏଭଳି ପରିକଳ୍ପନା କରୁଛନ୍ତି। ମାତ୍ର ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଅଛି କି ନାହିଁ ପ୍ରଥମେ ତାହା ଦେଖିବା ଆବଶ୍ୟକ। ସେହିପରି ଯଦି ରେଡ୍ ଲାଇଟ୍ ହଟିବ ତେବେ କ'ଣ ଟ୍ରାଫିକ୍ ପୋଲିସ ମଧ୍ୟ ହଟିବେ କି? ନଚେତ୍ ଲାଇଟ୍ ହଟିବା ନ ହଟିବା କିଛି ଫରକ ପଡ଼ିବ ନାହିଁ କାରଣ ଏଜି, ରାଜମହଲ, ସିଆର୍‌ପି ଭଳି ବଡ଼ବଡ଼ ଛକରେ ଟ୍ରାଫିକ୍ ପୋଲିସଙ୍କ ସିଗ୍‌ନାଲକୁ ଅପେକ୍ଷା କରି ରହିବାକୁ ପଡ଼ିବ।

- ରଞ୍ଜିତ୍ ବେହେରା, ବ୍ୟବସାୟୀ



" ଭୁବନେଶ୍ୱରରେ ଆବଶ୍ୟକ ସଂଖ୍ୟକ ଟ୍ରାଫିକ୍ ପୋଲିସ ନାହାନ୍ତି। ତେଣୁ ଅନେକ ସମୟରେ ଟ୍ରାଫିକ୍ ପୋଷ୍ଟରେ ଲାଗିଥିବା ଲାଇଟ୍ ସେମାନଙ୍କ ବିକଳ୍ପ ଭାବେ କାମ କରିଥାଏ। ଏଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାଫିକ୍ ଲାଇଟ୍‌କୁ ହଟାଇଦେବା ଆଦୌ ଠିକ୍ ହେବ ନାହିଁ। ଲୋକମାନେ ମନଇଚ୍ଛା ଯାତାୟାତ କରିବେ ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଶର୍ଟକଟ୍ ରାସ୍ତା ଆପଣାଇବେ। ଫଳରେ ଦୁର୍ଘଟଣା ଘଟିବାର ବହୁ ଆଶଙ୍କା ରହୁଛି।

- ତୁଳସୀ ନାଥ, ଶିକ୍ଷୟିତ୍ରୀ



" ଅଫିସ୍ କିମ୍ବା ଘରେ ଶ୍ରୀଘ ପହଞ୍ଚିବା ଅପେକ୍ଷା ସୁରକ୍ଷିତ ପହଞ୍ଚିବା ଜରୁରୀ। ଏଥିପାଇଁ ସୁରକ୍ଷିତ ଏବଂ ସୁଦୃଢ଼ ଟ୍ରାଫିକ୍ ବ୍ୟବସ୍ଥା ହେବା ଦରକାର। ରେଡ୍ ଲାଇଟ୍ ହଟାଇବା ଅପେକ୍ଷା ଆବଶ୍ୟକ ସଂଖ୍ୟକ ଟ୍ରାଫିକ ପୋଲିସ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଉ। ସଡ଼କ ସୁରକ୍ଷା ନିୟମକୁ ପାଳନ କରାଯିବା ସହ ଯେଉଁମାନେ ଏହାକୁ ପାଳନ କରୁ ନାହାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

- ଶୁଭାଶିଷ ସ୍ୱାଇଁ, କର୍ମଜୀବୀ



" ରେଡ୍ ଲାଇଟ୍, ଗ୍ରୀନ୍ ଲାଇଟ୍ ଜରିଆରେ ଦେଶର ବଡ଼ବଡ଼ ରାଜ୍ୟ ତଥା ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ହେଉଛି। ରେଡ୍‌ଲାଇଟ୍ ହଟାଇବାର ଅର୍ଥ ହେଉଛି ପୂରା ସହରକୁ ଗ୍ରୀନ୍ କରିଡର କରିଦେବା। ରାସ୍ତାରେ ଗାଡ଼ି ମୋଟର ଯାତାୟାତ, ପଥଚାରୀ କାହା ପାଇଁ କୌଣସି ଅସୁବିଧା ଆସିବ ନାହିଁ। ତେବେ ଏଥିପାଇଁ ପର୍ଯ୍ୟାପ୍ତ ସଡ଼କ ବ୍ୟବସ୍ଥା, ଫ୍ଲାଏ ଓଭର ଏବଂ ଫୁଟ୍‌ପାଥ, ସାଇକେଲ, ଦୁଇଚକିଆ, ଚାରିଚକିଆ, ଭାରିଯାନ ଆଦି ଯାତାୟାତ କରିବା ପାଇଁ ଅଲଗା ଅଲଗା ଲେନ୍ ହେବା ଉଚିତ। ଫଳରେ କୌଣସି ନିର୍ଦ୍ଦିଷ୍ଟ ସଡ଼କ ଉପରେ ଟ୍ରାଫିକ୍ ଚାପ ରହିବ ନାହିଁ। ଟ୍ରାଫିକ୍ ଚାପ ନ ରହିଲେ ହୁଏତ ରେଡ୍ ଲାଇଟ୍ ହଟାଇ ଦେବାର ସମୟ ଆସିପାରେ। ମାତ୍ର ବର୍ତ୍ତମାନ ଯେତେ ସଂଖ୍ୟାରେ ଲୋକମାନେ ରାସ୍ତାକୁ ବ୍ୟବହାର କରୁଛନ୍ତି, ଏଭଳି ସ୍ଥିତିରେ ରେଡ୍‌ଲାଇଟ୍ ହଟାଇବା ସମୀଚୀନ ହୋଇ ନ ପାରେ। ତେବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ରାସ୍ତାଘାଟ ବ୍ୟବସ୍ଥା କରି ଲୋକଙ୍କୁ ସଚେତନ କରିବା ଆବଶ୍ୟକ।

- ଶ୍ରୀକୃଷ୍ଣ ସାମଲ, ପୂର୍ବତନ ଡିସିପି ଟ୍ରାଫିକ୍



କଳାଭୂମି ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଉଦ୍‌ଘାଟିତ କଳାଭୂମି ମହୋତ୍ସବରେ ସଙ୍ଗୀତ ପରିବେଷଣ କରାଯାଉଛି।

# ବସନ୍ତ, ଧନେଶ୍ୱର, ବର୍ଣ୍ଣାଳୀଙ୍କୁ 'କଳାଭୂମି ସମ୍ମାନ'

ଭୁବନେଶ୍ୱର,୨୭।୬
(ଶର୍ମିଷ୍ଠା ପାଣିଗ୍ରାହୀ)

## ଆରମ୍ଭ ହେଲା କଳାଭୂମି ମହୋତ୍ସବ



ଅତିଥିମାନେ ୩ ବ୍ୟକ୍ତିତ୍ୱଙ୍କୁ 'କଳାଭୂମି ସମ୍ମାନ' ପ୍ରଦାନ କରୁଛନ୍ତି।

କଳାଭୂମି ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଦୁଇ ଦିନିଆ କଳାଭୂମି ମହୋତ୍ସବ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଭୁବନେଶ୍ୱରସ୍ଥିତ କାନାଡା ବ୍ୟାଙ୍କ୍‌ର ଡିଏମ୍ ଜଗଦୀଶ ଚନ୍ଦର୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା, ସାହିତ୍ୟ କଳା ଓ ସଂସ୍କୃତି କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ୩ ଜଣଙ୍କୁ କଳାଭୂମି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାହିତ୍ୟ ପାଇଁ ପ୍ରଫେସର ବସନ୍ତ ପଣ୍ଡା, କଳା ପାଇଁ ଧନେଶ୍ୱର ସ୍ୱାଇଁ ଓ ଯୁବ ପ୍ରତିଭା ଭାବେ ବର୍ଣ୍ଣାଳୀ ହୋତାଙ୍କୁ ସମ୍ମାନିତ କରାଯାଇଥିଲା।

ପ୍ରଥମ ସନ୍ଧ୍ୟାରେ କୋଲକାତାର ସୁନାମଧନ୍ୟ କଣ୍ଠଶିଳ୍ପୀ କୌଶିକ ଭଟ୍ଟାଚାର୍ଯ୍ୟଙ୍କ ହିନ୍ଦୁସ୍ତାନୀ ସଙ୍ଗୀତ ପରିବେଷଣ ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲା। ପରେ ଡ. ତାପସ ପାଲ ଓ ଡ. ସନ୍ଦୀପ ରାଉତଙ୍କ ତବଲା ଯୁଗଳବନ୍ଦୀ ଏବଂ ଶେଷରେ ରୁଦ୍ରାକ୍ଷ ଫାଉଣ୍ଡେଶନ କଳାକାରଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ସାଂସ୍କୃତିକ ସନ୍ଧ୍ୟାକୁ ଆହୁରି ମନ୍ତୁଆଳା କରିଥିଲା। ଏହାସହ ମହୋତ୍ସବରେ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଳାକାର ସେମାନଙ୍କ ଚିତ୍ରକଳାର ପ୍ରଦର୍ଶନ କରିଛନ୍ତି।

## ଗୃହ ବିଭାଗ ସାଂସ୍କୃତିକ ପରିଷଦର ଯୋଗ ଦିବସ

ଭୁବନେଶ୍ୱର,୨୭।୬
(ଶର୍ମିଷ୍ଠା ପାଣିଗ୍ରାହୀ)

ଗୃହ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଖାରବେଳ ନଗରସ୍ଥିତ 'ଓଷା' ଭବନଠାରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୃହ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ସୁଆର ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ସୌମେନ୍ଦ୍ର ପାତ୍ର ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରତ୍ୟୁଷ ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଅବିକଳ ସ୍କେଚ୍ ପ୍ରଦାନ କଲେ ଅମରେନ୍ଦ୍ର

ଭୁବନେଶ୍ୱର,୨୭।୬
(ଶର୍ମିଷ୍ଠା ପାଣିଗ୍ରାହୀ)

ଚିତ୍ରଶିଳ୍ପୀ ଅମରେନ୍ଦ୍ର ବେହେରା ପେନ୍‌ସିଲ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅବିକଳ ସ୍କେଚ୍ ଆଙ୍କିଛନ୍ତି। ଏଥିସହ ସେ ରାଜ୍ୟ ଅତିଥି ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାହାକୁ ପ୍ରଦାନ କରିଛନ୍ତି। ଗୃହ ବିଭାଗର ସେକ୍ସନ ଅଫିସର ଭାବେ କାର୍ଯ୍ୟରତ ଅମରେନ୍ଦ୍ରଙ୍କର ଚିତ୍ର କରିବା ଏକ ନିଶା। ସୁଯୋଗ ମିଳିଲେ ସେ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ତାଙ୍କର ସ୍ୱଅଙ୍କିତ ଚିତ୍ର ପ୍ରଦାନ କରିବାକୁ ଭଲପାଆନ୍ତି। ଆଗରୁ ମଧ୍ୟ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ କଣ୍ଠଶିଳ୍ପୀ କୁମାର ସାନୁ, ସୋନୁ ନିଗମ, ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ପ୍ରମୁଖଙ୍କୁ ଚିତ୍ର ପ୍ରଦାନ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିତ୍ରଶିଳ୍ପୀ ଅମରେନ୍ଦ୍ର ବେହେରା ସ୍କେଚ୍ ପ୍ରଦାନ କରୁଛନ୍ତି।

# ସମ୍ବଲପୁର ରେଳମଣ୍ଡଳର ବିଭିନ୍ନ କାର୍ଯ୍ୟ ନିରୀକ୍ଷଣକଲେ ମହାପ୍ରବନ୍ଧକ

ଭୁବନେଶ୍ୱର, ୨୭।୬
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦୁଇଦିନିଆ ସମ୍ବଲପୁର ରେଳମଣ୍ଡଳ ଗସ୍ତରେ ଯାଇ ଥେରୁବାଲି ଟିଟିଲାଗଡ଼-ସମ୍ବଲପୁର ଏବଂ ସମ୍ବଲପୁର-ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି ଜରପଡା ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ଅଞ୍ଚଳରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନର ମୁନିଗୁଡା, କେସିଙ୍ଗା, ଟିଟିଲାଗଡ, ବଲାଙ୍ଗୀର, ବରପାଲି ଏବଂ ସମ୍ବଲପୁର ରେଳ ଷ୍ଟେଶନ ପରିଦର୍ଶନ ସହିତ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ଏହାସହ ସମ୍ବଲପୁର-ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନର ଝାରସୁଗୁଡା ରୋଡ୍, ସରଲା, ସମ୍ବଲପୁର ସିଟି-ଜରପଡା ରେଳ ଷ୍ଟେଶନଗୁଡିକର ନିରୀକ୍ଷଣ କରି ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧା କାର୍ଯ୍ୟ ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଛନ୍ତି। ସରଲାଠାରେ ମାଲବାହୀ ଟ୍ରେନ ପରୀକ୍ଷଣ ସୁବିଧା ଓ ଆର୍‌ଓଏଚ୍(ରୁଟିନ ଓଭରହେଲ), ଟିଟିଲାଗଡ଼ ଓ ସମ୍ବଲପୁର ରେଳ ଷ୍ଟେଶନଠାରେ କ୍ରୁ-ଲବି ଏବଂ ସମ୍ବଲପୁର ଷ୍ଟେଶନରେ ରନିଙ୍ଗ ରୁମ୍ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଯାଞ୍ଚ କରିଥିଲେ। ବିଭିନ୍ନ ରେଳ ସାଇଡିଂରେ ପରିବହନ ସେବା ସହିତ ଜଡିତ ଟ୍ରାଫିକ ସୁବିଧାର ମଧ୍ୟ ଯାଞ୍ଚ କରିଥିଲେ। ବୃନ୍ଦାମାଲ ଏବଂ ଆମ୍ପୋଡୋଲାଠାରେ ବେଦାନ୍ତ ଲିମିଟେଡ୍, ଲପଙ୍ଗା ଷ୍ଟେବ ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ ଲିମିଟେଡ୍ ଓ ଆଦିତ୍ୟ ଅଲୁମିନିୟମ ଶିଳ୍ପ ସଂସ୍ଥା ପାଇଁ ପରିବହନଜନିତ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ଫୁଙ୍କୱାଲ ସମ୍ବଲପୁର ରେଳ ଷ୍ଟେଶନରେ ଏକ ଜରୁରିକାଳୀନ ଚିକିତ୍ସା ସେବା ସୁବିଧା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଅମୃତ ଷ୍ଟେଶନ ଯୋଜନା ଅଧୀନରେ ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେଙ୍କ ସହିତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ହାଜର ହେଲେ ଅନୁଭବ, ହେଲାନି ସାକ୍ଷ୍ୟ ଗ୍ରହଣ

କଟକ,୨୭।୬(କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ମାମଲାରେ ଗୁରୁବାର କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ଦୁଇ ସହଯୋଗୀ ହାଜର ହୋଇଛନ୍ତି। ପୂର୍ବ ଶୁଣାଣି ୨୫ ତାରିଖରେ ପ୍ରତିପକ୍ଷମାନେ କେହିହାଜର ହୋଇ ନ ଥିବାରୁ ସାକ୍ଷ୍ୟଗ୍ରହଣ ନିମନ୍ତେ ଗୁରୁବାରକୁ ଧାର୍ଯ୍ୟ ହୋଇଥିଲା। ମାତ୍ର କୌଣସି କାରଣରୁ ସେମାନଙ୍କର ସାକ୍ଷ୍ୟ ଗ୍ରହଣ ହୋଇପାରିନାହିଁ। ଫଳରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ଜୁଲାଇ ୧୯କୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଅନୁଭବଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ତାଙ୍କୁ ନିର୍ଯାତନା ଦେଉଥିବା ବର୍ଷା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ ୮ରେ ଖାରଜ କରିଦେଇଥିଲେ। ଏଥିସହ ମେ ୧୦ରେ ଚାର୍ଜଫ୍ରେମ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ଗୁରୁବାର ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଏହାପରେ ତାଙ୍କ ନାମରେ ଓ ତାଙ୍କର ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇସାରିଛି। ଆଇନଜୀବୀ ଅଫ୍ରଜ ଅହମ୍ମଦ ମାମଲା ପରିଚାଳନା କରୁଛନ୍ତି।

# କଟକ ଜିଲା ହେବ ଶିଶୁ ଶ୍ରମିକମୁକ୍ତ

## ସବୁ ବ୍ଲକ୍‌ରେ ବୁଲିବାକୁ ସଚେତନତା ରଥର ଶୁଭାରମ୍ଭ

କଟକ,୨୭।୬(କାର୍ତ୍ତିକ ସାହୁ)

କଟକ ଜିଲାକୁ ଶିଶୁଶ୍ରମିକମୁକ୍ତ କରିବା ତଥା ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ସଚେତନତା ଲକ୍ଷ୍ୟ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ପରିକ୍ରମା ଗୁରୁବାର ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଉନ୍ନୟନ ଡ. ଦିବ୍ୟଲୋଚନ ମହାନ୍ତ ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତିରେ ନିୟୋଜିତ ନ କରିବା ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବାରୁ ନିବୃତ୍ତ ରଖିବାର ବାର୍ତ୍ତା ନେଇ ଏହି ରଥ ଜିଲାର ୧୪ଟି ଯାକ ବ୍ଲକ ପରିକ୍ରମା କରିବ।

ପ୍ରକାଶ ଯେ, ଶିଶୁ ଶ୍ରମିକ ନିୟୋଜିତ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଜରିମାନା ଓ ଦଣ୍ଡବିଧାନର ପ୍ରାବଧାନ ରହିଛି। ଯେ କୌଣସି ସଚେତନ ନାଗରିକ ଏ ବାବଦରେ ନିଃଶୁଳ୍କ ଶ୍ରମିକ ସହାୟତା ହେଲପଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ରେ ଅଭିଯୋଗ କରିପାରିବେ। ଜିଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବା, ସେମାନଙ୍କ ଉପଯୁକ୍ତ ଥଇଥାନ, ଶିକ୍ଷା ଓ ପରିବାରର ଆର୍ଥିକ ସ୍ଥିତି ଯାଞ୍ଚ କରାଯାଇ ସମସ୍ୟାର ସମାଧାନ ନିମନ୍ତେ ପ୍ରୟାସ କରାଯାଇଥାଏ। ଏଥିସହ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିଶୁ ଓ କିଶୋର ଶ୍ରମିକ ଆଇନ୍ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ବୈଠକରେ ଅଧ୍ୟକ୍ଷତା କରି ଶିଶୁ ଶ୍ରମିକ ଭଳି ଏକ ସାମାଜିକ ବ୍ୟାଧିକୁ ସମାଜରୁ ଦୂର କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରିବା ନିମନ୍ତେ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ଅଚାନକ ଚଢ଼ାଉ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଉଦ୍ଧାର ହୋଇଥିବା ପିଲାଙ୍କୁ ଉପଯୁକ୍ତ ଥଇଥାନ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରିବାକୁ ଡ. ମହନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ କାର୍ଯ୍ୟସ୍ଥଳୀରେ ଶିଶୁ ଶ୍ରମିକ ନିୟୋଜନ କରା ନ ଯିବା ସମ୍ପର୍କିତ ସଚେତନତା ବାର୍ତ୍ତା ସମ୍ବଳିତ ପୋଷ୍ଟର ଲଗାଯିବା ଉପରେ ମଧ୍ୟ ବୈଠକରେ ମତ ପ୍ରକାଶ ପାଇଥିଲା। ଯୁଗ୍ମ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ, କଟକ ମହାନଗର ନିଗମର ଅତିରିକ୍ତ କମିଶନର ସୋନା ଟୁଡୁ, ଏସିପି ଅଶୋକ କୁମାର ଗିରିଙ୍କ ସମେତ ବସୁନ୍ଧରା, ଲୁଥେରନା, କ୍ୟାଚ୍ ଆଦି ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଶ୍ରମିକ ସଙ୍ଗଠନର ନେତା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଅଫିସ ପରିସରରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଏଡିଏମ୍ ଡ. ଦିବ୍ୟଲୋଚନ ମହାନ୍ତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ରୋଗକୁ ଦୂରେଇପାରିବ ସଚେତନତା

କଟକ,୨୭।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମଗ୍ରିକ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସହିତ ମାଗଣାରେ ଔଷଧ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଗୁରୁବାର କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଣ୍ଟି ରେଟ୍ରୋ ଭାଇରାଲ ଥେରାପି କେନ୍ଦ୍ରର ନୋଡାଲ୍ ଅଫିସର୍ ପ୍ରଫେସର ଡ. ଜୟନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା ଯୋଗଦେଇ କହିଥିଲେ, ପ୍ରତ୍ୟେକ ବିଭାଗର ପ୍ରଗତି ସମୀକ୍ଷା କରାଯିବା ସହିତ ଆଗାମୀ ଦିନରେ ଏଆର୍ଟି ପ୍ଲସ୍ କେନ୍ଦ୍ରକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଆଗାମୀ ୫ ବର୍ଷ ଭିତରେ ଦେଶକୁ ଶୂନ୍ୟ ସଂକ୍ରମଣ, ଶୂନ୍ୟ ମୃତ୍ୟୁ, ଶୂନ୍ୟ ବାଛନ୍ଦ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ସେଥିପାଇଁ ଯେତେ ଅଧିକରୁ ଅଧିକ ରକ୍ତ ପରୀକ୍ଷା କରାଯାଇ ପାରିଲେ ଓ ସମସ୍ତଙ୍କ ପାଖରେ ମାଗଣା ଔଷଧ, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସହିତ ବ୍ୟାପକ ସଚେତନତା କରିବା ଦ୍ୱାରା ରୋଗକୁ ଦୂରେଇ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏସ୍‌ସିବି ମେଡିକାଲ ପରିସରରେ କାର୍ଯ୍ୟାତ ଆଣ୍ଟି ରେଟ୍ରୋ ଭାଇରାଲ ଥେରାପି କେନ୍ଦ୍ରର ସଦସ୍ୟମାନଙ୍କ ସମେତ ଏହି ବୈଠକରେ ବରିଷ୍ଠ ମେଡିକାଲ ଅଫିସର ଡା. ସଞ୍ଜୟ କୁମାର ପଟ୍ଟନାୟକ, ଅନ୍ୟତମ ମେଡିକାଲ ଅଫିସର ଡା. ଦେବଦତ୍ତା ଆଚାର୍ଯ୍ୟ, ଜିଲା ପ୍ରକଳ୍ପ ଅଧିକାରୀ ଦେବବ୍ରତ ଦାସ ଏବଂ ଉତ୍କଳ ସେବକ ସମାଜ ଦ୍ୱାରା ପରିଚାଳିତ କେୟାର ଓ ସପୋର୍ଟ ସେଣ୍ଟରର ନିର୍ଦ୍ଦେଶକ ଅମୀୟ ଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମାଡ଼, ୨ ଗିରଫ

ଭୁବନେଶ୍ୱର,୨୭।୬(ସୂର୍ଯ୍ୟକାନ୍ତ ବେହେରା)

ପେଟ୍ରୋଲ ପମ୍ପକୁ ଆସି ଗାଡିରେ ତେଲ ପକାଇଲେ। ହେଲେ ତେଲ ବାବଦକୁ ଟଙ୍କା ମାଗିବାରୁ ନିଜକୁ ଏକ ଗ୍ୟାଙ୍ଗର ସଦସ୍ୟ କହିବା ସହ ଟାଙ୍କିର ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ କରି ମାଡ ମାରିଲେ। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୋଗ ପରେ ପୋଲିସ ନାବାଳକଙ୍କ ସମେତ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଏମାନଙ୍କ ମଧ୍ୟରେ ୟୁନିଟ-୩ ଅଞ୍ଚଳରେ ରହୁଥିବା କଟକର ଦେବାଶିଷ ମିଶ୍ର(୨୧)ଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

### ବିଦ୍ୟା ବିକାଶ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ

କଟକ,୨୭।୬(କାର୍ତ୍ତିକ ସାହୁ)

ବିଦ୍ୟା ବିକାଶ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ସ୍ମୃତିସଭା ବାଖରାବାଦସ୍ଥିତ ଗାନ୍ଧୀଭବନରେ ପାଳିତ ହୋଇଯାଇଛି। ପରିଷଦର ସ୍ଥାୟୀ ସଭାପତି ରତ୍ନାକର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ କ୍ୟାଟ୍‌ର ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତି ଉଦ୍‌ଘାଟନ କରି ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅଭିଭାବକ ତଥା ଶିଶୁମନ୍ଦିର ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ଉପରେ ସନ୍ନିବେଶିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳଚକ୍ରର ଅଧ୍ୟକ୍ଷା ନମିତା ପଣ୍ଡା, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଶଲ୍ୟ ଚିକିତ୍ସକ ଡା. ରମେଶ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ବାଳକୃଷ୍ଣ ବେହେରା ଯୋଗଦେଇ ପରିଷଦର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ କୈଳାସ ଚନ୍ଦ୍ର ବରାଳଙ୍କ ସ୍ମୃତି ଚାରଣ କରିଥିଲେ। କୁଳମଣି ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ଗୀତାଶ୍ରୀ ଦାସଙ୍କୁ କୈଳାସ ବରାଳ ସେବା ସମ୍ମାନ ଓ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ କୈଳାସ ବରାଳ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାବିକାଶ ପରିଷଦର ମୁଖପତ୍ର 'ସ୍ମୃତି' ଉନ୍ମୋଚିତ ହୋଇଥିଲା। ଗୁରୁମା, ଗୁରୁଜୀ ଓ ଶିଶୁଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ନପୂର୍ଣ୍ଣା ସାହୁ ଓ ଦୁର୍ଗାବତୀ ଦାସ, ମାନସ ସାହୁ, ରଞ୍ଜୁଲତା ମହାନ୍ତି, ସୁମନ୍ତ କୁମାର ମହାନ୍ତି, ସୁନାକର ବେହେରା ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ପରିଷଦର ଉପସଭାପତି ଦଶରଥ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଦ୍ୟୁତ୍ କୁମାରୀ ଲାଲା, ସମ୍ମାନିତ ଅତିଥି ସାହିତ୍ୟିକା ମନୀଷା ରାୟ ଶିଶୁମାନଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ।

# ହାଜର ହେଲେ ଅନୁଭବ, ହେଲାନି ସାକ୍ଷ୍ୟ ଗ୍ରହଣ

## ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା

■ ଜୁଲାଇ ୧୯ରେ ପରବର୍ତ୍ତୀ ଶୁଣାଣି

କଟକ,୨୭।୬(କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାରେ ଗୁରୁବାର କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ଦୁଇ ସହଯୋଗୀ ହାଜର ହୋଇଛନ୍ତି। ପୂର୍ବ ଶୁଣାଣି ୨୫ ତାରିଖରେ ପ୍ରତିପକ୍ଷମାନେ କେହି ହାଜର ହୋଇ ନ ଥିବାରୁ ସାକ୍ଷ୍ୟଗ୍ରହଣ ନିମନ୍ତେ ଗୁରୁବାରକୁ ଧାର୍ଯ୍ୟ ହୋଇଥିଲା। ମାତ୍ର କୌଣସି କାରଣରୁ ସେମାନଙ୍କର ସାକ୍ଷ୍ୟ ଗ୍ରହଣ ହୋଇପାରିନାହିଁ। ଫଳରେ ପରବର୍ତ୍ତୀ ଶୁଣାଣିରେ ସାକ୍ଷ୍ୟଗ୍ରହଣ ହେବ ବୋଲି ଜଣାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ଜୁଲାଇ ୧୯ ତାରିଖକୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଅନୁଭବଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ତାଙ୍କୁ ନିର୍ଯାତନା ଦେଉଥିବା ବର୍ଷା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ ୮ତାରିଖରେ ଖାରଜ କରିଦେଇଥିଲେ। ଏଥିସହ ମେ ୧୦ରେ ଚାର୍ଜଫ୍ରେମ ପାଇଁ ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଜୁନ୍ ୨୩ ତାରିଖ ମଧ୍ୟରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ଗୁରୁବାର ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଏହାପରେ ତାଙ୍କ ନାମରେ ଓ ତାଙ୍କର ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇସାରିଛି। ଆଇନଜୀବୀ ଅଫ୍‌ଜ ଅହମ୍ମଦ ମାମଲା ପରିଚାଳନା କରୁଛନ୍ତି।


କଟକ ଦୋଳମୁଣ୍ଡାଇ ଚାନ୍ଦିଆ ପଡ଼ିଆ ପରିସରସ୍ଥିତ ରଥଖଳାରେ ରଥର ମେହେରା ନିର୍ମାଣ କାର୍ଯ୍ୟ ଚାଲିଛି। (ଫଟୋ: ରାଜକିଶୋର ମହାନ୍ତି)

### ନିଶା ନିବାରଣ ଦିବସରେ ସଚେତନତା ସଭା

ଚୌଦ୍ୱାର,୨୭।୬(ଆଶୁତୋଷ ଦାସ)

ଚୌଦ୍ୱାର ମହାବିଦ୍ୟାଳୟ ପକ୍ଷରୁ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବାଧ କାରବାର ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷା ରଶ୍ମି ରାଉତରାୟ ଉଦ୍‌ବୋଧନ ଦେଇ ସମାଜରେ ନିଶାସେବନ ଓ ଅନୈତିକ ନିଶା କାରବାର ଭୟଙ୍କର ଭାବେ ବଢ଼ି ଚାଲିଛି। ଏହାକୁ ରୋକିବା ଦିଗରେ ଛାତ୍ରୀଛାତ୍ର ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏନ୍‌ସିସି ଅଧିକାରୀ ରତିକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରି ନିଶାସେବନର ଅପକାରିତା ଓ ନିଶାସେବନରୁ ଦୂରେଇ ରହିବାକୁ ଲୋକଙ୍କୁ ବୁଝାଇଥିଲେ। ଅଧ୍ୟାପିକା କ୍ଷୀରାବ୍ଧୀ ଚୌଧୁରୀ, ମୋହିତ୍ କର, ଶରତ ମଲ୍ଲିକ, ଯୁକ୍ତେଶ୍ୱର ଦାସ, ସସ୍ମିତା କର, ବସନ୍ତ ବିଶ୍ୱାଳ, ସୁମନ୍ତ ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ



ଚୌଦ୍ୱାର,୨୭।୬(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ଚାରବାଟିଆ ହାଉସିଂ ବୋର୍ଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ବିଧାୟକ ତଥା ରଥଯାତ୍ରା ସମନ୍ୱୟ କମିଟି ଅଧ୍ୟକ୍ଷ ସୌଭିକ୍ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲ ବିବରଣୀ ପ୍ରଦାନ କରି ଆଗାମୀ ୭ ତାରିଖରୁ ଆରମ୍ଭ ହୋଇ ଦୀର୍ଘ ୧୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବର୍ଣ୍ଣାଢ଼୍ୟ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ଦିଗରେ ସମସ୍ତ ସରକାରୀ ବିଭାଗ, ମନ୍ଦିର ଟ୍ରଷ୍ଟ ବୋର୍ଡ଼, ସମନ୍ୱୟ କମିଟି ତଥା ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରାର ବିଭିନ୍ନ କାର୍ଯ୍ୟ ନିଷ୍ଠାର ସହ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏବଂ ପ୍ରତିନିଧିଙ୍କୁ ବିଧାୟକ ବିଶ୍ୱାଳ ଅନୁରୋଧ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ଇଞ୍ଜିନିୟର ପତିତପାବନ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ଅତିରିକ୍ତ ଅଧୀକ୍ଷଣ ଯନ୍ତ୍ରୀ ଅରବିନ୍ଦ ଜେନା, ଏସ୍‌ଡିଓ ଶମ୍ଭୁନାଥ ସେଠୀ, ଚୌଦ୍ୱାର ଥାନା ଅଧିକାରୀ ଏସିପି ମାନସ କୁମାର ଦେଓ, ବନପାଳ କୃଷ୍ଣଚନ୍ଦ୍ର ଟୁଡୁ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏସ୍‌ଡିଓ ନିର୍ମଳ ପଣ୍ଡା, ଦମକଳ କେନ୍ଦ୍ର ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ଟାଟା ପାୱାର ଜେଇ ସୌମ୍ୟ ରଞ୍ଜନ ସ୍ୱାଇଁ, ଚୌଦ୍ୱାର ଅତିରିକ୍ତ ଶ୍ରମ ଅଧିକାରୀ ହଳଧର ବରାଳଙ୍କ ସମେତ ପ୍ରାୟ ୧୨ଟି ବିଭାଗର ପ୍ରତିନିଧିମାନେ ଯୋଗଦେଇଥିଲେ।

# ୫-ଟି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ହିସାବ ମାଗିଲେ ବିଧାୟକ

କଟକ ସଦର,୨୭।୬(ସୁଶାନ୍ତ କୁମାର ଜେନା)

୨୦୨୨-୨୦୨୪ ଆର୍ଥିକ ବର୍ଷରେ ୪୨ ମୌଜା ଅଧୀନ ବିଭିନ୍ନ ପଞ୍ଚାୟତର ୫ଟି ଉଚ୍ଚ ବିଦ୍ୟାଳୟ ୫-ଟି ସ୍ମାର୍ଟ ଯୋଜନାରେ ସାମିଲ ହୋଇଥିଲା। ଏହି ବିଦ୍ୟାଳୟ କାର୍ଯ୍ୟର ସରଜମିନ ତଦନ୍ତ ପାଇଁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବୁଧବାର ପରିଦର୍ଶନରେ ଯାଇଥିଲେ। ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଧାୟକ ସେଠୀ ଅସନ୍ତୋଷ ପ୍ରକାଶ କରି ଖର୍ଚ୍ଚର ହିସାବ ମାଗିଥିଲେ। କାରଣ ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ ପାଇଁ ସରକାର ବିଦ୍ୟାଳୟ ପିଛା ୧୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବାବେଳେ ଖର୍ଚ୍ଚ ଅଧିକ ହୋଇଥିବା ଜଣାପଡ଼ିଛି। ଏହି ଅଧିକ ଅର୍ଥ ସ୍ଥାନୀୟ ପଞ୍ଚାୟତର ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନରୁ ଖର୍ଚ୍ଚ ହୋଇଛି। ଏପରିକି ଅନେକ ପଞ୍ଚାୟତରେ ଗ୍ରାମ ପଞ୍ଚାୟତ ଉନ୍ନୟନ ତାଲିକାକୁ ଅସମୟରେ ଏପଟସେପଟ କରାଯାଇଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ୧୦ ଲକ୍ଷରୁ ଅଧିକ ଟଙ୍କାର କାମ ହେଲେ ଟେଣ୍ଡର ମାଧ୍ୟମରେ କରାଯିବାର ନିୟମ ରହିଛି। କିନ୍ତୁ ଟେଣ୍ଡରକୁ ଏଡ଼ାଇବାକୁ କଟକ ସଦର ତତ୍କାଳୀନ ବିଡିଓ ମୋଟ ୧୮ ଲକ୍ଷ ଟଙ୍କାକୁ ୨ କିସ୍ତିରେ ଦେବାକୁ ପତ୍ର ସଂଖ୍ୟା ୪୨୨୯/୩୦।୧୨।୨୦୨୨ରେ ପ୍ରଧାନଶିକ୍ଷକମାନଙ୍କୁ ଜଣାଇଥିଲେ। ତଦନୁଯାୟୀ ପ୍ରଧାନଶିକ୍ଷକମାନେ ୯ ଲକ୍ଷ ଟଙ୍କାର ୨ଟି ଲେଖାଏ ଚେକ୍ ବିଡିଓଙ୍କୁ ଦେଇଥିଲେ। କାଗଜପତ୍ରରେ କାମ ସାରିଥିବା ଦର୍ଶାଯାଇଥିବାବେଳେ ଅଦ୍ୟାବଧି କୌଣସି ବିଦ୍ୟାଳୟକୁ ବ୍ଲକ ପକ୍ଷରୁ ବିନିଯୋଗ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇ ନାହିଁ। କାରଣ ରାଜ୍ୟ ସରକାର ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ ଅର୍ଥ ସିଧାସଳଖ ବିଦ୍ୟାଳୟ ଆକାଉଣ୍ଟକୁ ପଠାଉଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ କେବଳ ପଞ୍ଚାୟତ ରାଜ୍ୟ ପଞ୍ଚମ ଅର୍ଥ କମିଶନଙ୍କ ଅନୁଦାନ ଖର୍ଚ୍ଚ କରିପାରିବେ ବୋଲି ପତ୍ର ସଂଖ୍ୟା ୧୪୩୪୭/୧୪।୯।୨୦୨୦ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶନାମା ରହିଛି। ଅଧିକାଂଶ ବିଦ୍ୟାଳୟରେ ନିୟମ ଉଲ୍ଲଂଘନ କରାଯାଇ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନ କିପରି ଖର୍ଚ୍ଚ କରାଗଲା, ତା'ର ମଧ୍ୟ ତଦନ୍ତ କରାଯିବ ବୋଲି ବିଧାୟକ କହିଛନ୍ତି। କୁଳସରିଚୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ର ସ୍ମୃତି ନୀଳକଣ୍ଠନାଥ ନୋଡାଲ ବିଦ୍ୟାପୀଠ, ବାଲୁଙ୍କେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ପାର୍ବତୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୫-ଟି କାମ ବିଧାୟକଙ୍କ ପରିଦର୍ଶନବେଳେ କଟକ ସଦର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଶୀଘ୍ର ନିମ୍ନମାନର ନିର୍ମାଣ କାର୍ଯ୍ୟର ମରାମତି ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ଧାର୍ମିକ ମନୋଭାବରେ କାର୍ଯ୍ୟ କର: ଜିଲାପାଳ



କଟକରେ ରଥଯାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଅନ୍ୟମାନେ।

## କଟକରେ ରଥଯାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

କଟକ,୨୭।୬(କାର୍ତ୍ତିକ ସାହୁ)

ଚଳିତ ବର୍ଷ କଟକରେ ରଥଯାତ୍ରା ପାଳନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହରିପୁର-ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ତଥା ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିରରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଧାର୍ମିକ ମନୋଭାବରେ କର୍ତ୍ତବ୍ୟ ପରାୟଣ ହୋଇ ରଥଯାତ୍ରା କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଜିଲାପାଳ ଅରିନ୍ଦମ ଡାକୁଆ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ରଥଯାତ୍ରାକୁ ସରସ, ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ପ୍ରଶାସନିକ ସ୍ତରରେ ଆବଶ୍ୟକ ଆନୁଷଙ୍ଗିକ ପ୍ରସ୍ତୁତି କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ସମସ୍ତ ରଥଯାତ୍ରା କମିଟି ସହ ଉପଯୁକ୍ତ ସମନ୍ୱୟ ରକ୍ଷାକରି କାର୍ଯ୍ୟ ସମ୍ପାଦନ କରିବାକୁ ଜିଲାପାଳ ଡାକୁଆ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ।

ସେହିପରି ବିଭିନ୍ନ ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତାମାନେ ରଥ ନିର୍ମାଣ, ନୀତିନିର୍ଘଣ୍ଟ ପ୍ରସ୍ତୁତି ତଥା ଆବଶ୍ୟକ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଏଥିସହ ରାସ୍ତାଘାଟ ମରାମତି, ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତସେବା, ଭକ୍ତଙ୍କୁ ପ୍ରଚଣ୍ଡ ତାତିରୁ ରକ୍ଷାକରିବା ନିମନ୍ତେ ଅଗ୍ନିଶମ ବିଭାଗ ଦ୍ୱାରା ଜଳସିଞ୍ଚନ, ଆଶୁ ଚିକିତ୍ସା ସେବା ଓ ରଥ ନିକଟରେ ଆମ୍ବୁଲାନ୍ସ ମୁତୟନ, କେବୁଲ ତାର ଅପସାରଣ, ରଥଯାତ୍ରା ବେଳେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମା ସଫେଇ, ଜଳ ନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ କହିଲେ, ରଥଯାତ୍ରା ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ ସମନ୍ୱୟ ରକ୍ଷାପୂର୍ବକ ଅନୁପାଳନ କରିବାର ଆବଶ୍ୟକତା ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଆବଶ୍ୟକ କାର୍ଯ୍ୟଗୁଡ଼ିକ ସମ୍ପାଦନ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଅତିରିକ୍ତ ଜିଲାପାଳ ସାଧାରଣ ଶିବ ଟପୋ, ଅତିରିକ୍ତ ସହରାଞ୍ଚଳ ଆରକ୍ଷୀ ଉପଆୟୁକ୍ତ ଅନିଲ କୁମାର ମିଶ୍ର, ଅତିରିକ୍ତ ଆୟୁକ୍ତ କଟକ ମହାନଗର ନିଗମ ଅନାମ କୁମାର ପାତ୍ର ପ୍ରମୁଖ ନିଜର ମତପ୍ରକାଶ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଚଳିତ ବର୍ଷ ରଥଯାତ୍ରାର ସମସ୍ତ ପ୍ରାକ ପ୍ରସ୍ତୁତି ସମ୍ବନ୍ଧରେ ଆଲୋକପାତ କରିବା ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଚାନ୍ଦିନୀଚୌକ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ତଥା କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, ରାଣୀହାଟ ରଥଯାତ୍ରା ପରିଚାଳନା କମିଟିର ସଭାପତି ବିଜୟ କୁମାର ସାହୁ, ହରିପୁର-ଦୋଳମୁଣ୍ଡାଇ ରଥଯାତ୍ରା ପରିଚାଳନା କମିଟିର ଉପଦେଷ୍ଟା ଲିଙ୍ଗରାଜ ହାତୀ, ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର କୁମାର ସାହୁ, ଯୋବ୍ରା ରଥଯାତ୍ରା ପରିଚାଳନା କମିଟିର ସଭ୍ୟ ତଥା ଅତିରିକ୍ତ ଜିଲାପାଳ ଉନ୍ନୟନ ଡ. ଦିବ୍ୟଲୋଚନ ମହାନ୍ତ, ତହସିଲଦାର କଟକ ସଦର ସୁଜୟ କୁମାର ପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିସହ ସଂପୃକ୍ତ ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ଟିପିସିଓଡିଏଲ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ, ୪ ଆହତ

ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଙ୍ଗାଲୋ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ରକ୍ତ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗୋଷ୍ଠୀର ଶେଖ ମୁସ୍ତାକିମ୍, ଏସ୍ କେ ନସିମଉଦ୍ଦିନ, ଏସ୍ କେ ସୋହେଲଉଦ୍ଦିନଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ଗୋଟିଏ ପରିବାରର ଶେଖ୍, ମୁସ୍ତାକିମ୍ ୯ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ପରିବାରର ସୋହେଲଉଦ୍ଦିନ ୧୦ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ କେତେଜଣ ମହିଳାଙ୍କ ସମେତ ଉଭୟ ପକ୍ଷର ମୋଟ ୧୯ ଜଣଙ୍କ ବିରୋଧରେ ୨୦୮/୨୪, ୨୦୯/୨୪ରେ ପୃଥକ୍ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ଗିରଫ ଭୟରେ ଗଣ୍ଡଗୋଳକାରୀ ଘରଛାଡ଼ି ଫେରାର ଥିବା ପୋଲିସ କହିଛି।

### ବ୍ରାଉନସୁଗାର ବ୍ୟବସାୟୀ ଗିରଫ

ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ବିଭାଗ ସ୍ଥାନୀୟ ଥାନା ଅଧୀନ କୁଶଭଦ୍ରା ନଦୀ ବ୍ରିଜ୍ ନିକଟ ତ୍ରିନାଥ ମନ୍ଦିରରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଖେଦରପୁର ଗ୍ରାମର କୃପାସିନ୍ଧୁ ଭୋଇ (୪୨)। ତାଙ୍କଠାରୁ ୪୪ ଗ୍ରାମ ବ୍ରାଉନସୁଗାର ଜବତ କରିଛି, ଯାହାର ମୂଲ୍ୟ ୪ ଲକ୍ଷ ୪୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏନେଇ ଅବକାରୀ ଥାନା ପକ୍ଷରୁ ବ୍ୟବସାୟୀଙ୍କ ବିରୋଧରେ କେସ୍ ନଂ. ୪୭/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଚାଲିଛି। ଜାମିନ ନାମଞ୍ଜୁର ହେବାକୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍ଆଇ ଜିତେନ୍ଦ୍ର ବେହେରା, ସ୍ୱାଗତିକା ଘଡ଼େଇ, ତପନ ପ୍ରଧାନ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

### ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଭାଜପାର ଦାବି

ଯୋଗେଶ୍ୱରପୁର,୨୭।୬(ରଶ୍ମିରଞ୍ଜନ ସାହୁ)

ବଳାତ୍କାର ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବାବେଳେ ନୟାହାଟ ଫାଣ୍ଡିଅଧିକାରୀ ଗିରଫ କରିବାରେ ବିଳମ୍ବ କରୁଥିବାରୁ ଇସାଣପୁର ପଞ୍ଚାୟତ ଭାଜପା ପକ୍ଷରୁ ତାଙ୍କୁ ଗିରଫ କରିବାକୁ ଦାବି ହୋଇଛି। ପ୍ରକାଶ ଯେ, ଇଶାଣପୁର ପଞ୍ଚାୟତ ତଡାଭୋଇ ସାହି ଗ୍ରାମର ଜନୈକା ହରିଜନ ମହିଳା ତାଙ୍କ ପାନବରଜକୁ ପାନ ତୋଳିବାକୁ ଯାଇଥିବାବେଳେ ସେ ଏକା ଥିବାର ସୁଯୋଗ ପାଇ ତେଶୁଣ୍ଢୀ ଗ୍ରାମର ପ୍ରକାଶ ରାଉତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ପାଟି କରିବାରୁ ସ୍ଥାନୀୟ ଲୋକ ଆସିବାରେ ପ୍ରକାଶ ସେଠାରୁ ପଳାଇଥିଲେ। ଏ ସମ୍ପର୍କରେ ନୟାହାଟ ଫାଣ୍ଡିରେ ମହିଳା ଜଣଙ୍କ ଅଭିଯୋଗ କରିଥିଲେ ମଧ୍ୟ ୩ ଦିନ ବିଳମ୍ବରେ ପୋଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଦିବାଲୋକରେ ଖୋଲାଖୋଲି ବୁଲୁଥିବାରୁ ତାଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଫାଣ୍ଡି ଆଗରେ ଧାରଣା ଦିଆଯିବ ବୋଲି ଭାଜପା ପଞ୍ଚାୟତ ସଭାପତି ଲିଙ୍ଗରାଜ ସ୍ୱାଇଁ ଜଣାଇଛନ୍ତି।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମାଡ, ୨ ଗିରଫ

ଭୁବନେଶ୍ୱର,୨୭।୬(ସୂର୍ଯ୍ୟକାନ୍ତ ବେହେରା)

ପେଟ୍ରୋଲ ପମ୍ପକୁ ଆସି ଗାଡିରେ ତେଲ ପକାଇଲେ। ହେଲେ ତେଲ ବାବଦକୁ ଟଙ୍କା ମାଗିବାରୁ ନିଜକୁ ଏକ ଗ୍ୟାଙ୍ଗର ସଦସ୍ୟ କହିବା ସହ ଟାଙ୍କିର ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ କରି ମାଡ ମାରିଲେ। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୋଗ ପରେ ପୋଲିସ ନାବାଳକଙ୍କ ସମେତ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଏମାନଙ୍କ ମଧ୍ୟରେ ୟୁନିଟ-୩ ଅଞ୍ଚଳରେ ରହୁଥିବା କଟକର ଦେବାଶିଷ ମିଶ୍ର(୨୧)ଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି।

# ଖତ ଖାଉଛି ଜିମ୍ ଉପକରଣ

## ମୁକ୍ତା ଯୋଜନାରେ ଓପନ୍ ଜିମ୍‌ରେ ବ୍ୟବହୃତ ହୋଇଥାନ୍ତା

ନିମାପଡ଼ା,୨୭।୬(ରଞ୍ଜନ ପଟ୍ଟନାୟକ)

କଥାରେ ଅଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ସ୍ୱାସ୍ଥ୍ୟ ଫିଟ୍ ରହିଲେ ସବୁକିଛି ଠିକ୍। ସ୍ୱାସ୍ଥ୍ୟ ବିଗିଡ଼ିଲେ କଥା ସରିଲା। ପ୍ରଥମେ ଶରୀରକୁ ଫିଟ୍ ରଖିବାକୁ ହେଲେ ଖେଳକୁଦ ଏବଂ ବ୍ୟାୟାମ ଜରୁରୀ। ବିଜେଡି ସରକାର ସମୟରେ ସହରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଓପନ ଜିମ୍ ନିର୍ମାଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବିଶେଷକରି ଖେଳପଡ଼ିଆ, ଚିତ୍ତବିନୋଦନ ପାର୍କ ଆଦି ସ୍ଥାନଗୁଡ଼ିକରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଓପନ ଜିମ୍ ପ୍ରତିଷ୍ଠା କରାଯାଇଥିଲା। ଏବେ ସରକାର ବଦଳିଛି ସତ, ହେଲେ ପୂର୍ବ ସରକାର ସମୟରୁ ଶାରୀରିକ ସୁରକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ ଏବେ ଅଦରକାରୀ ହୋଇପଡ଼ିଛି। ମୁକ୍ତା ଯୋଜନାରେ ଖେଳପଡ଼ିଆ ଓ ଓପନ ଜିମ୍ ଏବଂ ଶିଶୁ ଉଦ୍ୟାନଗୁଡ଼ିକରେ ଲଗାଇବାକୁ ଉପରୋକ୍ତ କ୍ରୀଡ଼ା ସାମଗ୍ରୀ ଏବଂ ବ୍ୟାୟାମ ଉପକରଣ ସବୁ ଦୀର୍ଘଦିନ ହେବ ଲଗା ନ ଯାଇ ନଷ୍ଟ ହେବାକୁ ବସିଲାଣି। ଏଭଳି ଦୃଶ୍ୟ ନିମାପଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ପୌର ପ୍ରଶାସନର ଅପାରଗତା ଯୋଗୁ ସ୍ଥାନ ନିରୂପଣ ହୋଇ ନ ପାରିବାରୁ



ନିମାପଡ଼ା ପୌରପରିଷଦ କାର୍ଯ୍ୟାଳୟରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ବ୍ୟାୟାମ ସାମଗ୍ରୀ।

ଲକ୍ଷ ଲକ୍ଷ ଟଙ୍କାର ଜିମ ଉପକରଣ ସବୁ ଖରା ବର୍ଷାରେ ପଡ଼ିରହିଛି।

ସୂଚନା ଅନୁଯାୟୀ, ୨୦୨୨- ୨୩ ଓ ୨୪- ୨୫ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ପ୍ରାୟ ୯୦ଟି ପ୍ରକଳ୍ପ ବାବଦରେ ଅର୍ଥ ମଞ୍ଜୁର ହୋଇଥିଲା। ଗୋଟିଏ ଅତ୍ୟାଧୁନିକ ପାର୍କ, ଶ୍ମଶାନ ଉନ୍ନତୀକରଣ, ସହରାଞ୍ଚଳ ସୌନ୍ଦର୍ଯ୍ୟୀକରଣ, ପରିଶ୍ରାଗାର, କମ୍ୟୁନିଟି ସେଣ୍ଟର, ପାଦ ଚଲା ରାସ୍ତା, ଖେଳପଡ଼ିଆ ଉନ୍ନତୀକରଣ, ଓପନ ଜିମ, ଭେଣ୍ଡି ଜୋନ, ଜଳାଶୟ ଏବଂ ବର୍ଷା ଜଳ ଅମଳ ପ୍ରକଳ୍ପ ବାବଦରେ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହିସବୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ମହିଳା ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମୁକ୍ତା ଯୋଜନା ମାଧ୍ୟମରେ ସହରାଞ୍ଚଳ ବିକାଶ ହେବା ସହିତ ଛାତ୍ରୀଛାତ୍ର ଏବଂ ବୟସ୍କମାନେ ପାର୍କ ବୁଲିବା ସହିତ ଶରୀର ସୁସ୍ଥ ରଖିବାରେ ସହାୟକ ହେବ ବୋଲି ପ୍ରଚାର କରିଥିଲେ। ଖାଲି ସେତିକି ନୁହେଁ ଏହାଦ୍ୱାରା ମହିଳା ଗୋଷ୍ଠୀ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ। ସରକାର ପରିବର୍ତ୍ତନ ପରେ ଲୋକପ୍ରତିନିଧିଙ୍କ ଦେଖାମିଳୁନି କି ଅଧିକାରୀମାନେ ଯୋଜନାର କାର୍ଯ୍ୟକାରିତା ଉପରେ କିଛି କହୁନାହାନ୍ତି । ବରଂ ମୁକ୍ତା ଯୋଜନାରେ କିଣା ଯାଇଥିବା କ୍ରୀଡ଼ା ସାମଗ୍ରୀ ଏବଂ ବ୍ୟାୟମ ସାମଗ୍ରୀ ସବୁ କଣ ହେବ ପୌରାଞ୍ଚଳବାସୀ ଅନିଶ୍ଚିତତାରେ ରହିଛନ୍ତି। ନିମାପଡ଼ାରେ ନୂତନ ଭାବେ ନିର୍ବାଚିତ ହୋଇଥିବା ବିଧାୟକ ପ୍ରଭାତୀ ପରିଡ଼ା ଏବେ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ସିଏ ଏହାକୁ ଗୁରୁତ୍ୱ ଦେଇ ଦେବାକୁ ପୌରବାସୀ ଦାବି କରୁଛନ୍ତି। ଆଗାମୀ କାଉନସିଲ ବୈଠକର ନିଷ୍ପତ୍ତି ଅନୁଯାୟୀ କ୍ରୀଡ଼ା ସାମଗ୍ରୀ ଏବଂ ବ୍ୟାୟାମ ଉପକରଣ ସବୁ ଲଗାଯିବ ବୋଲି ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରତିକ୍ରିୟା ରଖିଛନ୍ତି।

## ରଥଖଳାରୁ...

### ଖପୁରି, ପାରାଭାଡ଼ି ସମେତ ପୋଟଳ ସେଟିଂ ଶେଷ



**ପୁରୀ,୨୭।୬(ଅଜିତ କୁମାର ମହାନ୍ତି):** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଗୁରୁବାର ସୁଦ୍ଧା ତିନିରଥରେ ଖପୁରି ସମେତ ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ସେଟିଂ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନିରଥର ଦୁଇଟି ଲେଖାଏ ଦୁଆରବେଢ଼ା ନିର୍ମାଣ ସରିଛି। ୫ଟି ଲେଖାଏ ଗୁଣ୍ଡି ନିର୍ମାଣ ଶେଷ ହୋଇଛି। (ଏହି ଗଣ୍ଡିରଥ ସମ୍ମୁଖ ଭାଗରେ ସେଟିଂ ହୋଇଥିବା ଚାରପରିଛାକୁ ମୁଣ୍ଡାଇ ରଖି ସୁରକ୍ଷା ଦେଇଥାଏ, ଏହା ଦଣ୍ଡାମୁହାଁଟିରେ ଫିଟିଙ୍ଗ ହୋଇ ଚାରପରିଛା ସହ ସଂଯୋଗ ହୋଇଥାଏ)। ତିନିରଥର ବେଦି ପଛ ଭାଗ ତାଗରେ ପାରୁସ ପଟା ବାଡ଼ିଆ ସରି ରଥ ପାର୍ଶ୍ୱଭାଗରେ ପଟା ପଡ଼ିବା ଜାରି ରହିଛି। ସେହିପରି ତିନି ରଥ କଳସରେ ପାଖୁଡ଼ା ସଂଯୋଗ ସରିଛି। କଳସରେ ସିଲଭର ପାତ ଫିଟିଙ୍ଗ ବାକି ଅଛି। ରୂପକାର ସେବକମାନେ ଖୋଦେଇ ଶେଷ କରିଥିବା ନାଟଗୋଡ଼ରେ ରଙ୍ଗ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇବା ସହ ଶେଷ ଦୁଇ ଦୁଇଟି ନାଟ ଗୋଡ଼ରେ ଖୋଦେଇ ରୂପର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ତିନିରଥର କୋଣ ଗୁଜ, ପଟାଗୁଜରେ ରଙ୍ଗ ସହ ନାଟଗୋଡ଼ରେ ପ୍ରାଇମର ଦେବା ପରେ ରୂପଗୁଡ଼ିକର ରଙ୍ଗ କାର୍ଯ୍ୟ କରୁଛନ୍ତି। ଏଥିସହ ରଥ ପାର୍ଶ୍ୱଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ରଥ ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜିସେବକମାନେ ତିନି ରଥର ବତା କନାରେ ଲେସ ଫିଟିଙ୍ଗ ସହ ଦ୍ୱାରବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ଶେଷ କରି ସେଥିରେ ସିଲଭର ଲେସ ଷ୍ଟିଚିଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଳସ କଣ୍ଟା, ଦୁଆର ବେଢ଼ା ପାଇଁ କଣ୍ଟା ଏବଂ ତିନି ରଥର ୧୦ଟି ଲେଖାଏ ଗଣ୍ଡି କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ପୁରୀ: ଦରଜି ସେବକମାନେ ଗୁରୁବାର ରଥକନାରେ ପଟି ଓ ଫୁଲ ପକାଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

### ୫ମ ଦିନରେ ଅଲାରନାଥଙ୍କ ଅନବସର ଦର୍ଶନ

**ପକେଟମାରର ଶିକାର ହେଲେ ଜଣେ ଶ୍ରଦ୍ଧାଳୁ**

ବ୍ରହ୍ମଗିରି,୨୭।୬(ସ୍ୱାଧୀନ ଚମ୍ପତିରାୟ)

ମହାପ୍ରଭୁ ଅଲାରନାଥଙ୍କ ପୀଠରେ ରବିବାରଠାରୁ ଆରମ୍ଭ ହୋଇଥିବା ଅନବସର ଦର୍ଶନ ଗୁରୁବାର ୫ମ ଦିନରେ ପହଞ୍ଚିଛି। ଏହି ଅବସରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ପାଇଁ ଲମ୍ବାଧାଡ଼ିରେ ରହିଥିବା ସମୟରେ ମଝିରେ ମଝିରେ ବର୍ଷା ଓ ଖରା ଭକ୍ତଙ୍କୁ ସୁହାଉଥିବା ଦେଖିବାକୁ ମିଳିଥିଲା। ଏହାରି ଭିତରେ ଭକ୍ତଙ୍କ ଭିଡ଼କୁ ଦେଖି ପକେଟମାର ମାତିଥିବା ଦେଖିବାକୁ ମିଳୁଛି। ଭିଡ଼ର ସୁଯୋଗ ନେଇ ରଣପୁର ଅଞ୍ଚଳର ଦୀପକ ମହାନ୍ତି ଓ ଅସ୍ତରଙ୍ଗର ମାଧବ ଉତ୍ତରପ୍ରଦେଶରୁ ଆସିଥିବା ଜଣେ ଶ୍ରଦ୍ଧାଳୁ ବିଜୟ କୁମାର ଶର୍ମାଙ୍କ ପକେଟମାର କରିଥିଲେ। ବ୍ରହ୍ମଗିରି ପୋଲିସ ଏହି ୨ ପକେଟମାରଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ମନିପର୍ସ ଓ ଟଙ୍କା ଉଦ୍ଧାର କରିବା ସହ ଗୋଟେ ମୋବାଇଲ ଜବତ କରିଛି। ପୋଲିସ ଚୋରି ସାମଗ୍ରୀ ବିଜୟଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

### ନୂତନ ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଯୋଗଦାନ

**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର**



ପୁରୀ,୨୭।୬(ଅଜିତ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ନୂତନ ନିର୍ଦ୍ଦେଶକ ଭାବେ ପ୍ରଫେସର ବନମାଳି ବିଶ୍ୱାଳ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପରିସରସ୍ଥ ଜୟଦେବ ସଭାଗାରରେ ପ୍ରଫେସର୍ ବିଶ୍ୱାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କାର୍ଯ୍ୟକ୍ରମରେ ବିଦାୟୀ ନିର୍ଦ୍ଦେଶକ ପ୍ରଫେସର ମଦନ ମୋହନ ଝା ସଭାପତିତ୍ୱ କରିଥିଲେ। ପ୍ରଫେସର ବିଶ୍ୱାଳ ପୂର୍ବରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀସ୍ଥ ମୁଖ୍ୟାଳୟରେ ଶୈକ୍ଷିକ ଅଧକ୍ଷ ଭାବେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏତଦବ୍ୟତୀତ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର୍ ମଦନ ମୋହନ ଝାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମକୁ ପ୍ରଫେସର୍ ରମାକାନ୍ତ ମିଶ୍ର ସଂଯୋଜନା କରିଥିବାବେଳେ ପ୍ରଫେସର ଗୌରପ୍ରିୟା ଦାଶ ସ୍ୱାଗତ କରିଥିଲେ। ବରିଷ୍ଠ ପ୍ରଫେସର ଲଳିତ କୁମାର ସାହୁ, ପ୍ରଫେସର ମିନତୀ ରଥ, ପ୍ରଫେସର ଅନୁପମା ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାରେ ପରିସରର ଅଧ୍ୟାପିକା ଅଧ୍ୟାପକ ତଥା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଫେସର ଧର୍ମେନ୍ଦ୍ର କୁମାର ସିଂହଦେଓ ଧନ୍ୟବାଦ ଦେଇଥିଲେ।

### ସୁସ୍ଥ ପରିବେଶ ସମ୍ପର୍କରେ ସଚେତନ କରାଇଲେ ଛାତ୍ରୀଛାତ୍ର

ପୁରୀ,୨୭।୬(ଅଜିତ କୁମାର ମହାନ୍ତି)

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜଅଫ୍‌ଫାର୍ମାସ୍ୟୁଟିକାଲସାଇନ୍‌ସେସ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଗତ ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ।

ପ୍ରଥମ ଦିନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ୯୦ ମିନିଟ୍ ସମୟ ଧରି ପଦଯାତ୍ରା କରିଥିଲେ। ଚାଲିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ଦ୍ୱିତୀୟ ଦିନରେ ମହାବିଦ୍ୟାଳୟ ନିକଟସ୍ଥ ଅଞ୍ଚଳରେ ଚାରାରୋପଣ କରାଯାଇଥିଲା। ତୃତୀୟ ଦିନରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦ୍ୱାରା ପରିବେଶ ଉପରେ କ'ଣ କୁପ୍ରଭାବ ପଡୁଛି ତାହା ଛାତ୍ରୀଛାତ୍ରମାନେ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। ଚତୁର୍ଥ ଦିନରେ ପ୍ଲାକାର୍ଡ ରାଲି କରାଯିବା ସହିତ ସୁସ୍ଥ ପରିବେଶ ଆବଶ୍ୟକତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମହାବିଦ୍ୟାଳୟର ଅଧ୍ୟାପକ ଡ. ନିକୁଞ୍ଜ କିଶୋର ମିଶ୍ର, ଜଶସ୍ୱୀ ରାୟ, ଅସିତ କୁମାର ଷଡ଼ଙ୍ଗୀ ଏବଂ ଅଧ୍ୟାପିକା ସୁନିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ୪୩ କେଜି ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର,୨୭।୬(ସୂର୍ଯ୍ୟକାନ୍ତ ବେହେରା)

ନିଶା କାରବାରରେ ସଂପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଅବକାରୀ ଟିମ୍ ପୃଥକ ଘଟଣାକ୍ରମରେ ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରରୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ନୀଳଗିରି ଥାନା ଅଞ୍ଚଳର ସାବିତ୍ରୀ ଜେନା ଏବଂ କନ୍ଧମାଳର ପ୍ରକାଶ ସେଠୀ ଓ ରାଧାକାନ୍ତ ବେହେରା। ମହିଳାଙ୍କଠାରୁଙ୍କଠାରୁ ୧୦ କେଜି ଏବଂ ଅନ୍ୟ ଦୁଇଜଣଙ୍କଠାରୁ ୩୩ କେଜି ଗଞ୍ଜେଇ ଜବତ କରାଯାଇଛି।

### ଅର୍ଦ୍ଧନିର୍ମିତ ଗୃହରେ ପାଠପଢ଼ା ଆରମ୍ଭ

କଣାସ,୨୭।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍ ଗଡ଼ିଶାଗୋଦାଠାରେ ନିର୍ମାଣ କରାଯାଉଥିବା ଆଦର୍ଶ ବିଦ୍ୟାଳୟ ଗୃହ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଗୁରୁବାର ପାଠପଢା ଆରମ୍ଭ ହୋଇଛି। ପ୍ରକାଶଥାଉକି, ଦୀର୍ଘ ୩ ବର୍ଷ ଧରି ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ରାଜ୍ୟ ସରକାର ମଞ୍ଜୁର ଦେବା ପରେ ଗୃହ ନିର୍ମାଣ ହୋଇ ନ ଥିବାରୁ ଆଦର୍ଶ ବିଦ୍ୟାଳୟ ଗଡ଼ସାହି ଗ୍ରାମ ପଞ୍ଚାୟତର ଜଙ୍କିଆ-ଗଡ଼ସାହି ବିଦ୍ୟାନିକେତନର ବାତ୍ୟା ଆଶ୍ରୟସ୍ଥଳୀରେ ପାଠପଢ଼ା ଚାଲିଥିଲା। ୨୦୧୯ରେ ଗଡ଼ିଶାଗୋଦା ନିକଟରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କରିବାକୁ ଠିକାଦାର ନିଯୁକ୍ତି ହୋଇଥିବାବେଳେ ୨୦୨୧ ଶେଷ ସୁଦ୍ଧା ବିଦ୍ୟାଳୟ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଚୁକ୍ତି ହୋଇଥିଲା। କିନ୍ତୁ ୨୦୨୪ର ଅର୍ଦ୍ଧାଧିକ ସମୟ ହୋଇଯାଇଥିଲେ ମଧ୍ୟ ବିଦ୍ୟାଳୟ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଅର୍ଦ୍ଧନିର୍ମିତ ଗୃହ ମଧ୍ୟରେ ଆବଶ୍ୟକ ମୁତାବକ, ଶିକ୍ଷକ ନ ଥାଇ ଗୁରୁବାରଠାରୁ ପାଠପଢ଼ା ଆରମ୍ଭ ହୋଇଥିବା ଜଣାପଡ଼ିଛି।



ଗଡ଼ିଶାଗୋଦା ଆଦର୍ଶ ବିଦ୍ୟାଳୟର ଅର୍ଦ୍ଧନିର୍ମିତ ଗୃହ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଅସ୍ତରଙ୍ଗ,୨୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ବିଡିଓ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକର ନଗର, ଶିଶୁଆ, ଝାଡ଼ଲିଙ୍ଗ, ଆଲସାହି, ଛୁରିଅନା, ତାଳଦା ପଞ୍ଚାୟତର ତଳିଆ ଅଞ୍ଚଳରେ ବନ୍ୟା ସମ୍ଭାବନା ରହୁଥିବାରୁ ଡଙ୍ଗା, ଖାଦ୍ୟଶସ୍ୟ, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ବିଦ୍ୟୁତ୍ ଓ ପାଣିର ସୁବିଧା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତସ୍ତରର କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଭାବରେ ନିଜ ଅଞ୍ଚଳର ବନ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଅନୁଧ୍ୟାନ କରି ସେଠାରେ ଥିବା ସମସ୍ୟାର ତୁରନ୍ତ ସମାଧାନ କରିବେ। ଉଚ୍ଚ ସ୍ଥାନରେ ଥିବା ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଚିହ୍ନଟ କରି ବନ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ପାଇଁ ପ୍ରସ୍ତୁତ ରଖିବା, ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଥିବା ପଡ଼ିଆଗୁଡ଼ିକୁ ଚିହ୍ନଟ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟକ୍ତିଗତ ଭାବେ ରଖିଥିବା ଡଙ୍ଗାଗୁଡ଼ିକର ମାଲିକଙ୍କ ମୋବାଇଲ ନମ୍ବର ସହ ତାଲିକା ପ୍ରସ୍ତୁତ କରି ଜରୁରୀ ସ୍ଥିତିରେ ସେମାନଙ୍କ ସାହାଯ୍ୟ ନେବାକୁ ପରାମର୍ଶ ଦିଆଯାଇଛି। ବନ୍ୟା ସମୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଆଗୁଆ ସୂଚନା ଦେବା ସହ ପୋଲିସ ସହାୟତାରେ ସେମାନଙ୍କୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ବନ୍ୟା ସଂଶ୍ଳିଷ୍ଟ ଲୋକଙ୍କ ପାଇଁ ଚୁଡ଼ା, ଗୁଡ଼, ଚାଉଳ, ମହମବତି, ଦିଆସିଲି ମହଜୁଦ ରଖିବାକୁ ଯୋଗାଣ ବିଭାଗକୁ କୁହାଯାଇଛି। ଆବଶ୍ୟକୀୟ ଜରୁରୀ ଔଷଧ, ସାପ କାମୁଡ଼ା ଓ କୁକୁର କାମୁଡ଼ା ଔଷଧ ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ହୋଇଛି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍ ଦଳକୁ ପ୍ରସ୍ତୁତ ରହିବା ସହ ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ଜରୁରିକାଳୀନ ଅଧିକାରୀଙ୍କୁ କୁହାଯାଇଛି। ନଦୀରେ ଥିବା ସୁରକ୍ଷା ବନ୍ଧ, ଆଡ଼ିବନ୍ଧଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକୀୟ ମରାମତି କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଛି। ବ୍ଲକ ଓ ପଞ୍ଚାୟତସ୍ତରରେ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ କରାଇ ପ୍ରତିଦିନ ବର୍ଷା ପରିମାଣ ରେକର୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଏସ୍ଏଚ୍‌ଜି ଓ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ କରିବାକୁ ବିଡିଓ ଆହ୍ୱାନ କରିଛନ୍ତି। ବୈଠକରେ ଅସ୍ତରଙ୍ଗର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ବିଡିଓ ସୁଶ୍ରୀ ସସ୍ମିତା ବେହେରା ଏବଂ ଅନ୍ୟମାନେ।

# ଛାତ୍ର ସଂସଦ ନିର୍ବାଚନ ନେଇ ବିଚାର କରାଯାଉଛି: ସୂର୍ଯ୍ୟବଂଶୀ

**ଭୁବନେଶ୍ୱର,୨୭ା୬(ଅନୁରାଧା ମହାରଣା)**

ଦୀର୍ଘ ୬ ବର୍ଷ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଆଶା ଉଜ୍ଜୀବିତ ହୋଇଛି। ଏ ସିଦ୍ଧାନ୍ତକୁ ସରକାର ଗମ୍ଭୀରତାର ସହ ବିଚାର କରୁଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିବା ପରେ ନିର୍ବାଚନ ସମ୍ଭାବନା ବଢ଼ିଛି। ମନ୍ତ୍ରୀ କହିଛନ୍ତି, ସରକାର ଯାହା ନିଷ୍ପତ୍ତି ନେବେ ତାହା ଛାତ୍ରସମାଜ ପାଇଁ ସକାରାତ୍ମକ ହେବ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସରକାରୀ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ଦୁର୍ଗାପୂଜା ଛୁଟି ପୂର୍ବରୁ ତାହା ହୋଇପାରେ ବୋଲି କୁହାଯାଉଛି। ଏହାକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ୨୦୧୭ରେ ଶେଷଥର ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ୨୦୧୮ରେ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା। ନିର୍ବାଚନର ମାତ୍ର ୨ଦିନ ପୂର୍ବରୁ ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ଏହାକୁ ବାତିଲ କରାଯାଇଥିଲା। ସେହିପରି ୨୦୧୯ରେ କୋଭିଡ ମହାମାରୀ ପାଇଁ ନିର୍ବାଚନ ସ୍ଥଗିତ ରହିଥିଲା। ବିଭିନ୍ନ କ୍ୟାମ୍ପସରେ ହିଂସାକାଣ୍ଡ ଘଟି ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଥିବା ଦର୍ଶାଯାଇ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ମନ୍ତ୍ରୀଙ୍କ ସକାରାତ୍ମକ ସଙ୍କେତ ମିଳିବା ପରେ ସବୁ ଛାତ୍ର ସଂଗଠନ ଏହାକୁ ସ୍ୱାଗତ କରିଛନ୍ତି।

ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ରାଜ୍ୟ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ନିର୍ବାଚନ କରିବାକୁ ସରକାର ନିଷ୍ପତ୍ତି ନେଲେ ତାହା ସ୍ୱାଗତଯୋଗ୍ୟ। ନିର୍ବାଚନ ପାଇଁ ବିସିଜେଡି ପୂର୍ଣ୍ଣ ପ୍ରସ୍ତୁତ ଓ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିସାରିଛି। ମାତ୍ର ନିର୍ବାଚନ ସମୟରେ ଶିକ୍ଷାନୁଷ୍ଠାନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଶୈକ୍ଷିକ ପରିବେଶ ପ୍ରଭାବିତ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଦରକାର। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ନେତା ବିଷ୍ଣୁ ପ୍ରସାଦ ଜେନା ଦୃଢ଼ ଆଶାବାଦୀ ଥିବା କହିଛନ୍ତି। ଭାରତବର୍ଷକୁ ଦୃଢ଼

## ଛାତ୍ର ସଂଗଠନ ମଧ୍ୟରେ ଉତ୍ସାହ

ନେତୃତ୍ୱ ଯୋଗାଇବାର ଏକ ପ୍ରଥମ ମାଧ୍ୟମ ଛାତ୍ର ରାଜନୀତି। ସେଇଠୁ ହିଁ ଜଣଙ୍କ ନେତୃତ୍ୱ ନିର୍ମାଣ ଓ ବିକାଶ ହୋଇଥାଏ। ପ୍ରତ୍ୟେକ ମହାବିଦ୍ୟାଳୟରେ ଛାତ୍ର ରାଜନୀତି ହେବା ଆବଶ୍ୟକ, ଯଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ମନୋଭାବ ସୃଷ୍ଟି ହେବ। ଆଗାମୀ ଦିନରେ ସେ କେବଳ ରାଜନୀତିରେ ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ନେବାକୁ ଆଗରେ ହେବ। ଛାତ୍ର ରାଜନୀତି ଏପରି ହେବା ଆବଶ୍ୟକ, ଯେଉଁଥିରେ କଲେଜ ସ୍ତରରେ ପାଠ ପଢ଼ାର ପରିବେଶ ନଷ୍ଟ ନ ହେବା ଆବଶ୍ୟକ। ଫଳରେ ସମାଜର କଲ୍ୟାଣ ଦିଗରେ କାମ କରିବାକୁ ଶିକ୍ଷିତ ଯୁବଗୋଷ୍ଠୀ ଛାତ୍ର ରାଜନୀତିରେ ନିଜକୁ ସାମିଲ କରିବାକୁ ଇଚ୍ଛା ପ୍ରକାଶ କରିବ। ଜୁଲାଇ ୯ ଏବିଭିପିର ପ୍ରତିଷ୍ଠା ଦିବସରୁ ସଦସ୍ୟ ସଂଗ୍ରହ ଅଭିଯାନ କରାଯିବ ବୋଲି ସେ କହିଛନ୍ତି।

ଏଆଇଏସଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ନେତୃତ୍ୱ ସୃଷ୍ଟିର ଏକ କର୍ମଶାଳା। ନେତୃତ୍ୱର ଭ୍ରୁଣ ହତ୍ୟା ଗଣତନ୍ତ୍ର ପାଇଁ ବିପଦ। କ୍ୟାମ୍ପସରେ ଗଣତାନ୍ତ୍ରିକ ପରିବେଶ ଅଭାବରୁ ର‍୍ୟାଗିଂ ବଢ଼ିବା ସହ ଗୁଣାତ୍ମକ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ସାଧାରଣ ପରିବାରର ପିଲା ନେତା ହେବା କଷ୍ଟସାଧ୍ୟ ହେଉଛି। ଏହାଦ୍ୱାରା ନେତାଙ୍କ ପିଲା, ମାଫିଆ ତଥା ବିତ୍ତଶାଳୀ ପରିବାରର ପିଲା ହିଁ ନେତା ହେଉଛନ୍ତି। ଇତିମଧ୍ୟରେ ୨୪ ବର୍ଷ ପରେ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଛି। ସମ୍ପ୍ରତି କ୍ଷମତାସୀନ ଭାଜପା ସରକାର ସେ ସମୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ନିନ୍ଦା କରି ଏହାକୁ ଅଗଣତାନ୍ତ୍ରିକ ବୋଲି ଯୁକ୍ତି ବାଢ଼ୁଥିଲେ। ଏବେ ଆଶା ରହିଛି, ସେମାନେ ଚଳିତ ଶିକ୍ଷା ବର୍ଷରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନିଷ୍ପତ୍ତି ନେବେ। ନଚେତ୍ ଫିଙ୍ଗି ଥିବା ଛେପ ନିଜେ ଢୋକିବା ପ୍ରାୟ ସ୍ଥିତି ହେବ।

# ସଡ଼କ ଦୁର୍ଘଟଣାରେ ୨ ସ୍କୁଟି ଆରୋହୀ ମୃତ

**ରାଜଗାଙ୍ଗପୁର,୨୭ା୬ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ତଥା କାଂଶବାହାଲ ଫାଣ୍ଡି ଅଧୀନ ମାଣ୍ଡିଆକୁଦରରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁରର ରଶ୍ମିରଞ୍ଜନ ସାଇଁ(୨୭) ଏବଂ ରବୀନ୍ଦ୍ର କୁମାର ପଣ୍ଡା (୨୫)। ସ୍କୁଟି ଯୋଗେ ରଶ୍ମି ଓ ରବୀନ୍ଦ୍ର ରାଉରକେଲା ପଟୁ ରାଜଗାଙ୍ଗପୁର ଫେରୁଥିବା ବେଳେ ମାଣ୍ଡିଆକୁଦରଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ହସ୍ପିଟାଲ ପଠାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କାଂଶବାହାଲ ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଛି।

# ପୁଅର ଠେଙ୍ଗାମାଡ଼ରେ ବାପାଙ୍କ ମୃତ୍ୟୁ

**ସମ୍ବଲପୁର/ପଡିଆବାହାଲ, ୨୭ା୬ (ପ୍ରମୋଦ ବହିଦାର/ ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ବୁଦେଲଛିଣ୍ଡା ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ପୁଅର ଠେଙ୍ଗାମାଡ଼ରେ ବାପା ରାମ ପ୍ରସାଦ ବାଗ୍ ଓରଫ ରାମିଆ(୬୦)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ପୋଲିସ ଅଭିଯୁକ୍ତ ଧୀରେନ ବାଗ(୩୫)ଙ୍କୁ ଗିରଫ କରିଛି। ଖବର ଅନୁସାରେ ଧାମା ଥାନା କାଁକେରପାଲି ଗ୍ରାମର ରାମ ପ୍ରସାଦ ବୁଦେଲଛିଣ୍ଡା ଗ୍ରାମରେ ୨୫ ବର୍ଷ ହେଲା ପରିବାର ସହିତ ରହୁଥିଲେ। ସେ ମୂଳ ମଜୁରି କରି ଜୀବିକା ନିର୍ବାହ କରୁଥିଲେ। ବୁଧବାର ରାତିରେ କୌଣସି କଥାକୁ ନେଇ ବାପ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଧୀରେନ ଏକ ଠେଙ୍ଗାରେ ରାମ ପ୍ରସାଦଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସଦର ଥାନା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ପହଞ୍ଚି ତଦନ୍ତ କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ୧୪୨/୨୦୨୪)ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, କିଛିବର୍ଷ ତଳେ ଧୀରେନଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହା ପରଠାରୁ ବାପପୁଅଙ୍କ ମଧ୍ୟରେ କଳହ ଲାଗିରହିଥିଲା। କିଛିଦିନ ତଳେ ଧୀରେନଙ୍କ ଠେଙ୍ଗାମାଡ଼ରେ ରାମ ପ୍ରସାଦଙ୍କ ଗୋଡ଼ ଭାଙ୍ଗିଯାଇଥିଲା।

# ୧୭ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମ ସମର୍ପଣ କରିଥିବା ମାଓବାଦୀ ।

**ମାଲକାନଗିରି,୨୭ା୬ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ଓ ଘରକୁ ଫେରିଆସ ଅଭିଯାନରେ ଆକୃଷ୍ଟ ହୋଇ ଗୁରୁବାର ଦାନ୍ତେୱାଡା ପୋଲିସ ନିକଟରେ ୫ ପୁରସ୍କାର ଘୋଷିତଙ୍କ ସହ ୧୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ୧୭ ଜଣ ଦାନ୍ତେୱାଡା ଜିଲାର ମାଓବାଦୀ ସଙ୍ଗଠନରେ ସାମିଲ ଥିବା ବେଳେ ବିଭିନ୍ନ ହିଂସାକାଣ୍ଡରେ ମଧ୍ୟ ଜଡିତଥିଲେ। ପୋଲିସ ଜିଲାର ବିଭିନ୍ନ ସ୍ଥାନରେ କ୍ୟାମ୍ପ ବସାଇବା ଦ୍ୱାରା ବର୍ତ୍ତମାନ ମାଓବାଦୀଙ୍କୁ ସୁରକ୍ଷା ମିଳିବା କଷ୍ଟକର ହୋଇ ପଡିଛି। ସଂଗଠନରେ ଆଉ ପୂର୍ବ ଆଦର୍ଶ ନ ଥିବା ଏବଂ ସାଧାରଣ ଜନତାଙ୍କୁ ମଧ୍ୟ ମାଓବାଦୀମାନେ ବିନା କାରଣରେ ହତ୍ୟା କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ଏହି ୧୭ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେବେ ଦାନ୍ତେୱାଡା ପୋଲିସ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଏମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବେ ବୋଲି କହିଛନ୍ତି। ଆତ୍ମସମର୍ପଣ କରିଥିବା ୧୭ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏ ଦେବା ପାଇଁ ନିଷ୍ପତ୍ତି ହୋଇଛି ।


**कार्यालय**
**विद्युत कार्यपालक अभियंता,विद्युत कार्य प्रमण्डल, धनबाद**

**अतिअल्पकालिन निविदा आमत्रंण सूचना सं0 08/2024–25**

1. निविदा आमंत्रित करने वाले पदाधिकारी का पदनाम :– विद्युत कार्यपालक अभियंता, विद्युत कार्य प्रमण्डल, धनबाद।
2. विभाग का नाम :– ऊर्जा विभाग
3. परिमाण विपत्र की बिक्री की अंतिम तिथि :– दिनांक 05.07.24 के 12:00 बजे अपराह्न तक
4. निविदा प्राप्त करने की अंतिम तिथि एवं समय :– दिनांक 06.07.24 के 01:00 बजे अपराह्न तक
5. निविदा खोलने की तिथि एवं समय :– दिनांक 06.07.24 के 02:00 बजे अपराह्न में
6. परिमाण विपत्र बिक्री का स्थान :– विद्युत अधीक्षण अभियंता, विद्युत कार्य अंचल, राँची का कार्यालय/विद्युत कार्यपालक अभियंता विद्युत कार्य प्रमण्डल, धनबाद/जिला नियंत्रण कक्ष धनबाद।
7. निविदा खोलने का स्थान :– विद्युत कार्यपालक अभियंता, विद्युत कार्य प्रमण्डल, धनबाद।

कार्य की विवरणी :–

| क0सं0 | कार्य का नाम | प्राक्कलित राशि | परिमाण विपत्र की राशि रू0 | अग्रधन की राशि रू0 | अवधि |
|---|---|---|---|---|---|
| 1 | Temporary Arrangement of LED Rope Light on Electric Pole installed from Dumma Gate Kanvariya Path to Deoghar Baba Mandir & Lila Ashram to dumka border and other important roads in the Deoghar Town on the occasion of Shrawani Mela 2024 from 20.07.2024 to 19.08.2024 ( 31 days) | 1,15,81,148.00 | 10000.00 | 2 % of the Estimated value | 31 days |
| 2 | Temporary Lighting arrangement (Street Light/ Fan/ Tube/ Bulb/socket/Generator) on Electric pole installed in different road and different Pandaals/Kavariya Que corridor/Que Complex etc in Deoghar District on the occasion of Shrawani Mela 2024 from 20.07.2024 to 19.08.2024 ( 31 days) | 1,99,84,587.00 | 10000.00 | 2 % of the Estimated value | 31 days |

निविदा के नियम एवं शर्ते कार्यालय के सूचना पट एवं वेबसाइट www.jharkhand.gov.in पर देखा जा सकता है।

विद्युत कार्यपालक अभियंता,
विद्युत कार्य प्रमण्डल, धनबाद

PR 327925 Energy(24-25).D



**Balance Sheet of**
**Keonjhar Central Co-operative Bank Ltd., Keonjhar**
**Balance as on 31st March 2024**

(Amounts in Thousand)

| Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | ₹ 678,105.78 | ₹ 623,326.11 |
| Reserves and Sueplus | 2 | ₹ 349,948.99 | ₹ 322,003.00 |
| Deposites | 3 | ₹ 6,970,347.33 | ₹ 6,573,729.52 |
| Borrowings | 4 | ₹ 3,698,611.80 | ₹ 3,579,475.51 |
| Other Liabilities and Provisions | 5 | ₹ 1,874,353.70 | ₹ 1,632,336.46 |
| **Total** | | **₹ 13,571,367.60** | **₹ 12,730,870.60** |
| **Assets** | | | |
| Cash and Balance with Reserve Bank of India | 6 | ₹ 32,968.87 | ₹ 33,247.34 |
| Balance with Banks and Money at Call and Short Notice | 7 | ₹ 685,769.21 | ₹ 404,556.01 |
| Investments | 8 | ₹ 6,130,763.30 | ₹ 6,052,015.06 |
| Advancees | 9 | ₹ 6,187,820.19 | ₹ 5,786,566.52 |
| Fixed Assets | 10 | ₹ 41,435.41 | ₹ 38,414.71 |
| Other Assets | 11 | ₹ 492,610.62 | ₹ 416,070.96 |
| **Total** | | **₹ 13,571,367.60** | **₹ 12,730,870.60** |
| Contingent Liabilities | | | |
| Bills for Collection | 12 | ₹ 151,628.46 | ₹ 59,221.30 |

M/S SUBRATA DAS & CO.
CHARTERED ACCOUNTANT:

| Sd/- | Sd/- | Sd/- | Sd/- | Sd/- | Sd/- |
|---|---|---|---|---|---|
| Asst. Manager | Chief Executive Officer | DIRECTOR | DIRECTOR | PRESIDENT | CA SUBRATA KUMAR DAS |
| K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | PARTNER |
| | | | | | M.N.054189 |

**Form B**
**Keonjhar Destrict Central Co-operative Bank Ltd., Keonjhar for the**
**Profit & Loss Account for**
**The Year ended March 31st 2024**

(Amounts in Thousand)

| Sl No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 967437.39 | 841266.45 |
| | Other Income | 14 | 33938.96 | 5082.01 |
| | Total | | **1001376.35** | **846348.46** |
| II. | Expenditure | | | |
| | Interest Expended | 15 | 501005.80 | 465385.72 |
| | Operating Expences | 16 | 145581.70 | 100204.92 |
| | Provisions and contingencies | | 324938.35 | 252215.21 |
| | Total | | **971525.85** | **817805.85** |
| III. | Profit / Loss | | | |
| | Net Profit/ Loss (-) for the year | | 29850.50 | 28542.63 |
| | Profit / Loss (-) Brought Forward | | | |
| | Total | | **29850.50** | **28542.63** |
| IV. | Appropriations | | | |
| | Transfer to Statutory Reserves | | 7147.77 | 18050.18 |
| | Transfer to Other Reserves | | 16873.14 | 40041.04 |
| | Transfer to Government / Proposed Divident | | 0 | 2590.02 |
| | Balance Carried over to Balance Sheet | | 0 | |

M/S SUBRATA DAS & CO.
CHARTERED ACCOUNTANTS

| Sd/- | Sd/- | Sd/- | Sd/- | Sd/- | Sd/- |
|---|---|---|---|---|---|
| Asst. Manager | Chief Executive Officer | DIRECTOR | DIRECTOR | PRESIDENT | CA SUBRATA KUMAR DAS |
| K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | PARTNER |
| | | | | | M.N.054189 |

**INDEPENDENT AUDITORS' REPORT**

TO
THE MEMBERS
THE KEONJHAR CENTRAL CO-OPERATIVE BANK LIMITED, KEONJHAR

**Report on the Financial Statements**

**Opinion**

We have audited the accompanying financial statements of THE KEONJHAR CENTRAL CO-OPERATIVE BANK LIMITED ("the cooperative bank"), which comprise the Balance Sheet as at 31 March 2024, the Statement of Profit and Loss for the year then ended, and a summary of significant accounting policies and other explanatory information.

In our opinion and to the best of our information and according to the explanations given to us, the aforesaid financial statements give the information required by the Banking Regulation Act 1949 and complying with Reserve Bank of India/NABARD guide lines from time to time in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at 31st March 2024, its profit for the year ended on that date.

**Basis for opinion**

We conducted our audit in accordance with the standards on auditing generally accepted in India. Our responsibilities under those Standards are further described in the auditor's responsibilities for the audit of the financial statements section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with the ethical requirements that are relevant to our audit of the financial statements under the provisions of the Act and the rules hereunder, and we have fulfilled our other ethical responsibilities in accordance with these requirements and the code of ethics.

We believe that the audit evidence we have obtained is sufficient and appropriate to provide a basis of our opinion.

**Emphasis on Matters:**

**a. Note no.8 Regarding Advance Classification**
**b. Note no.11 Regarding compliance with KYC norms**
**c. Note no.12 Regarding Revenue Recognition**
**d. Note no.17 Regarding Contingent Liability relating to Income Tax Matters**
**e. Note no.21 Regarding NPA account**
**f. Note no.22 Regarding Valuation of Security**

**Key Audit matters**

Key audit matters are not applicable to the Bank as it is an unlisted company as per SA701.

**Information other than the financial statements and auditor's report thereon**

The management of the Bank is responsible for the preparation of the other information.The other information comprises the information included in the Managing Committees report including Annexure to Managing Committees Report,Business Responsibility Report but does not include the financial statements and our auditor's report thereon.

Our opinion on the financial statements does not cover the other information and we do not expressany for form of assurance conclusion thereon.

In connection with our audit of the financial statements, our responsibilities is to readthe other information and, in doing so, consider whether the other information is materially inconsistent with the stand alone financial statements or our knowledge obtained during the course of our audit or otherwise appears to be materially misstated. If, based on the work we have performed, we conclude that there is a material misstatement of this other information, we are required to report that fact. We have nothing to report in this regard.

**Management's Responsibility for the Financial Statements**

The management of the Bank is responsible for the matters with respect to the preparation and presentation of these standalone financial statements that give a true and fair view of the financial position, financial performance of the Bank in accordance with the accounting principles generally accepted in India. This responsibility also includes the maintenance of adequate accounting records for safeguarding of the assets of the Bank and for preventing and detecting the frauds and other irregularities; selection and application of appropriate accounting policies; making judgments and estimates that are reasonable and prudent; and design, implementation and maintenance of adequate internal financial control, that were operating effectively for ensuring the accuracy and completeness of the accounting records, relevant to the preparation and presentation of the financial statements that give a true and fair view and are free from material misstatement, whether due to fraud or error.

In preparing the financial statements, management is responsible for assessing the Bank's ability to continue as a going concern, disclosing, as applicable, matters related to going concern and using the going concern basis of accounting unless management either intends to liquidate the Bank or to cease operations, or has realistic alternatives but to do so.

The members of the Managing Committee are also responsible for overseeing the Bank's financial reporting process.

**Auditor's Responsibilities for the audit of the financial statements**

Our objectives are to obtain reasonable assurance about whether the financial statements as a whole are free from material misstatement, whether due to fraud or error,andto issue anauditor's report that includes our opinion. Reasonable assuranceis a high level of assurance, but is not a guarantee that an audit conducted will always detect a material misstatement when it exists. Misstatements can arise from fraud or error and are considered material if, individually or in the aggregate, they could reasonably be expected to influence the economic decisions of users taken on the basis of the sefinancial statements.

As part of an audit, we exercise professional judgment and maintain professionals kepticism throughout the audit. We also:

Identify and assess the risks of material misstatement of the financial statements, whether due to fraud or error, design and perform audit procedures responsive to those risks, and obtain audit evidence that is sufficientand appropriate to provide a basis for our opinion. The risk of not detecting material misstatement resulting from fraud is higher than for one resulting from error, as fraud may involve collusion, forgery, intentional omissions, misrepresentations, or the override of internal control.

Obtain an understanding of internal control relevant to the audit in order to design audit procedures that are appropriate in the circumstances.Under section143(3)(i) of the Companies Act,2013, we are also responsible for expressing our opinionon whether the company has adequate internal financial control system in place and the operating effectiveness of such controls

Evaluate the appropriateness of accounting policies used and there as on ableness of accounting estimates and related disclosures made by management.

Conclude on the appropriateness of management's use of the going concern basis of accounting and, based on the audit evidence obtained, whether a material uncertainty exists related to events or conditions that may cast significant doubt on the Company's ability to continue as a going concern. If we conclude that a material uncertainty exists, we are required to draw attention in our auditor's report to the related disclosures in the financial statements or, if such disclosures are in adequate, to modify our opinion. Our conclusions are based on the audit evidence obtained upto the date of our auditor's report. However, future events or conditions may cause the Bank to cease to continue as a going concern.

Evaluate the overall presentation, structure and content of the financial statements, including the disclosures, and whether the financial statements represent the under lying transactions and events in a manner that achieves fair presentation.

We communicate with those charged with governance regarding, among other matters, the planned scope and timing of the audit and significant audit findings, includingany significant deficiencies in internal control that we identify during our audit.

We also provide those charged with governance with a statement that we have complied with relevant ethical requirements regarding independence, and to communicate with the mall relationships and other matters that may reasonably be thought to bear on our independence, and where applicable, related safeguards. From the matters communicated with those charged with governance, we determine those matters that were of most significance in the audit of the financial statements of the current period and are therefore the key audit matters. We describe these matters in our auditor's report unless law or regulation precludes public disclosure about the matter or when, in extremely rare circumstances, we determine that a matter should not be communicated in our report because the adverse consequences of doing so would reasonably be expected to out weigh the public interest benefits of such communication.

**Report on other Legal and Regulatory Requirements**

1.The Balance Sheet and the Profit and Loss Account have been drawn up in accordance with section 29 of the Banking Regulation Act, 1949 Subject to the limitations of the audit as indicated in above paragraphs above, we report that:
a)We have sought and obtained all the information and explanations which to the best of our knowledge and belief were necessary for the purposes of our audit.
b)In our opinion proper books of account as required by law have been kept by the Bank so far as it appears from our examination of those books.
c)The Balance Sheet and the Profit and Loss, dealt with by this Report are in agreement with the books of account.
d)In our opinion, the transactions of the Bank which have come to our notice have been within powers of the Bank.
e)The returns received from the Branches of the Bank are adequate for the purpose of correct appraisal of state of affairs and profit/loss of the respective branches for the purpose of our audit.

SUBRATA DAS & Co.
Chartered Accountants
Firm's Registration No.-319080E



E-mail ID : cebuildings_orissa@yahoo.co.in
cebuildings@rediffmail.com
Tel. - (0674)-2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)** No.B-52

File No-B-I-Home-42/2023 25840/Bhubaneswar, The 26th Jun, 2024

Invitation for Bids

**1st Corrigendum**

Tender Reference No. C.E.-CUM-ADDL.Secy.(B)-01/2024-25
Name of the Work- Improvement to erstwhile OAT Building, Cuttack along with Construction of 4th Floor for shifting of the District Court Complex, Cuttack

The following changes have been made in Bid Identification No. C.E.-CUM-ADDL. Secy.(B)-01/2024-25

1. Bid documents such as DTCN / BOQ etc. can be seen / downloaded from the Govt. Website i.e.www.tendersorissa.gov.in, during the period from dt.29.06.2024 to 17.00 hours of dt.16.07.2024 instead of dt. 26.06.2024 to dt.10.07.2024 for ONLINE BIDDING respectively.
2. Online bids shall be received till 17.00 Hours of dt.16.07.2024 instead of dt.10.07.2024.
3. The technical bids will be opened at 11.30 A.M. of dt.18.07.2024 instead of dt.11.07.2024. All other terms and conditions remain unchanged.

**Sd./-C.E.-Cum-Addl. Secretary to Govt.,**
**Works Department, Odisha**

OIPR-34117/11/0004/2425



**BLOCK SWASTHYA SAMITY, DHENKANAL**
**BLOCK PROGRAMME MANAGEMENT UNIT, CHC, KHAJURIAKATA**
**NATIONAL HEALTH MISSION**

**Notice No. 250** **Date: 27.06.24**

No. E-72: Sealed tenders are invited from reputed agenices/ individuals for engagement of Hiring the vehicle in the CHC, Khajuriakata. The details regarding application format, terms and conditions of the tenders may be download from district website i.e. **www.dhenkanal.nic.in**. The tenders should reach the office of the undersigned latest by 22.07.2024, 5.00 P.M. through Speed Post/Registered Post/Courier only. The tender will be opened on 23.07.2024 at 2.30 P.M. in the office of the undersigned in presence of the bidders/authorized representative of the bidders. The undersigned is not responsible for any postal delay and reserves all right to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

**Sd./- Medical Officer I/C, CHC,**
**Khajuriakata, Dhenkanal**

OIPR-10154/11/0001/2425



E-mail ID : pwd_sng@yahoo.co.in

ଓଡ଼ିଶା ସରକାର
GOVERNMENT OF ODISHA No.B-51

**OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**

**"e"-Procurement Notice**

**Bid Identification No - SE-R&B-SNG-06 OF 2024-25**

**Letter No.3338/Date.26.06.2024**

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with licenses for execution of Building work (including EI & PH) as detailed in DTCN. | | |
| 2. | Nature of Work | :- | Building work (including EI & PH) |
| 3. | No. of works | :- | 01 (One) No |
| 4. | Tender Cost | :- | Rs.10,000/- |
| 5. | Class of Contractor | :- | B |
| 6. | Availability of bid document in the website | :- | From 10:00 A.M. Date : 04.07.2024 to 05:00 P.M. Date - 16.07.2024 |
| 7 | Date of opening of Bid | :- | 11:00 A.M. On Dt.18.07.2024 |
| 8 | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

**Sd./- Additional Chief Engineer**
**Sundargarh (R&B) Division**

OIPR-34043/11/0006/2425



**MILK UNION, SAMBALPUR**
**VEHICLE REQUIRED ON HIRE**

**No. CAD-364**

1. TATA ACE or similar type of vehicle required on Hire for Sarla - Bargarh Milk Route running covering 137 Km. (Morning - 86 Km. & Evening - 51 Km.)
2. Max Pick up (2.5 Ton Capacity) or similar type of vehicle required on Hire for Dunguripali Milk Route running covering 143 Km. (Morning - 107 & Evening - 36 Km.)
3. TATA ACE or similar type of vehicle required on Hire for Mahada - Raksa Milk Route running covering 68 Km. (Both Morning & Evening Shift).
4. Max Pick up (2.5 Ton Capacity) or similar type of vehicle required on Hire for Bamanda - Charichawk Milk Route running covering 160 Km. (Both Morning & Evening Shift)
5. Max Pick up (2.5 Ton Capacity) or similar type of vehicle required on hire for Kusumi - Dipupada Milk Route running covering 152 Km. (Both Morning & Evening Shift)

**Interested parties may purchase and submit tenders by 05.07.2024.**
**Tender Paper Cost - Rs.200/- + GST**
**EMD - Rs.2,000/-.**

OIPR-15013/11/0006/2425


See Career Appointment on every Wednesday & Saturday




୨୭।୬।୨୦୨୪

| ୧,୦୭,୭୧୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ସ୍ଲଟ୍ ବୁକିଂରେ ହେବ ଜଗନ୍ନାଥ ଦର୍ଶନ

ପୁରୀ,୨୭।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଭକ୍ତଙ୍କୁ ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ଲଟ୍ ବୁକିଂ ଯୋଜନା କରାଯାଉଥିବା ଗଜପତି ମହାରାଜା ଦିବ୍ୟସିଂହ ଦେବ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେବା ଅବସରରେ କହିଛନ୍ତି।

ପ୍ରତ୍ୟେକ ଦିନ ବହୁ ହଜାର ଭକ୍ତ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ଫଳରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଏଭଳିସ୍ଥଳେ ଭକ୍ତଙ୍କ ସୁଲଭ ଦର୍ଶନ କରିବା ନିମନ୍ତେ ଯୋଜନା କରାଯାଉଛି। ଏହା କାର୍ଯ୍ୟକାରୀ ହେଲେ ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ଆସୁଥିବା ଭକ୍ତ ମାନେ ମୋବାଇଲ ଆପ୍ ମାଧ୍ୟମରେ ସ୍ଲଟ୍ ବୁକିଂ କରିପାରିବେ। ଏହା ପରେ ଦର୍ଶନ ସମୟ ସମ୍ପର୍କିତ ସୂଚନା ମୋବାଇଲ୍‌କୁ ଆସିବ। ତଦନୁଯାୟୀ ଭକ୍ତମାନେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ରକୁ ଯିବେ। ସେଠାରୁ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଭକ୍ତମାନେ ଆଉ ଘଣ୍ଟା ଘଣ୍ଟା ଧରି ଗହଳିରେ ଠିଆହେବାକୁ ପଡିବ ନାହିଁ। ତେବେ ଏନେଇ ପ୍ରସ୍ତାବ ଦିଆଯାଇଥିବାବେଳେ



କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ ବୋଲି ଗଜପତି ମହାରାଜା କହିଛନ୍ତି।

ଅପରପକ୍ଷରେ ଶ୍ରୀମନ୍ଦିର ପରିଚାଳନା କମିଟିର ଦୁଇଜଣ ସଦସ୍ୟ ସୂଚନା ଦେଇ କହିଛନ୍ତି, ପରିଚାଳନା କମିଟିରେ ଏପରି କୌଣସି ଆଲୋଚନା ହୋଇ ନାହିଁ। ଏପରି କି ଏନେଇ ସେମାନଙ୍କ ନିକଟରେ କୌଣସି ସୂଚନା ନାହିଁ। ଗଜପତି ମହାରାଜା କେଉଁମାନଙ୍କ ସହ ଆଲୋଚନା କରିଛନ୍ତି, ତାହା ଗଜପତି ମହାରାଜା ନିଜେ ଜାଣିଥିବେ। ପରିଚାଳନା କମିଟି ବୈଠକରେ ଭକ୍ତଙ୍କ ନିମନ୍ତେ ସ୍ଲଟ୍ ବୁକିଂ ପାଇଁ କୌଣସି ଆଲୋଚନା କିମ୍ବା ପ୍ରସ୍ତାବ ଦିଆଯାଇ ନ ଥିବା ସଂପୃକ୍ତ ପରିଚାଳନା କମିଟି ସଦସ୍ୟ ସୂଚନା କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଶୁତୋଷ



@ ଆଦର୍ଶ



@ ଦୀପଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାରଦର୍ଶୀ ପୋର୍ଟାଲର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଅସନ୍ତୁଷ୍ଟ

**ବେସରକାରୀ ସ୍କୁଲରେ ଆର୍ଥିକ ଅନଗ୍ରସର ପିଲାଙ୍କ ନାମଲେଖା ମାମଲା**

**ତ୍ରୁଟି ସୁଧାରି ତଥ୍ୟ ଦାଖଲ କରିବେ ରାଜ୍ୟ ସରକାର**

କଟକ,୨୭।୬(କାର୍ତ୍ତିକ ସାହୁ)

ରାଜ୍ୟର ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ବେସରକାରୀ ସ୍କୁଲରେ ମାଗଣାରେ ପାଠ ପଢ଼ିବା ନିମନ୍ତେ ନାମ ଲେଖାଇ ପାରୁନାହାନ୍ତି। ଏଥିପାଇଁ ରହିଥିବା ସରକାରଙ୍କ ପାରଦର୍ଶୀ ପୋର୍ଟାଲର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ପାଇଁ ଚଳିତବର୍ଷ ୨୦ହଜାର ପିଲା ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଗୁରୁବାର ଏ ସଂକ୍ରାନ୍ତୀୟ ମଧ୍ୟବର୍ତ୍ତୀକାଳୀନ ଆବେଦନର ଶୁଣାଣି କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରି ପରବର୍ତ୍ତୀ ଶୁଣାଣିରେ ଏ ସଂକ୍ରାନ୍ତୀୟ ତଥ୍ୟ ଦାଖଲ ନିମନ୍ତେ ହାଇକୋର୍ଟ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆଗାମୀ ଜୁଲାଇ ୨ ତାରିଖକୁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଆର୍ଥିକ ଅନଗ୍ରସର ପିଲା ବେସରକାରୀ ସ୍କୁଲରେ ମାଗଣାରେ ପଢ଼ିବା ପାଇଁ ୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ଏହାର ସୁଫଳ ଗରିବ ଓ ନିଷ୍ପେସିତ ଶ୍ରେଣୀର ପିଲାମାନେ ପାଇପାରୁନାହାନ୍ତି। ଚଳିତବର୍ଷ କେବଳ ଭୁବନେଶ୍ୱରରେ ୮୯୦ରୁ ଊର୍ଦ୍ଧ୍ୱ ସିଟ୍ ଖାଲିଥିବାବେଳେ ସମଗ୍ର ରାଜ୍ୟରେ ପ୍ରାୟ ୨୦ ହଜାର ପିଲା ନାମ ଲେଖାଇ ପାରିନାହାନ୍ତି। ଏହାକୁ ନେଇ ଅଭିଭାବକମାନେ ବାରମ୍ବାର ଆନ୍ଦୋଳନ କରିଛନ୍ତି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ଏକ ଜନସ୍ୱାର୍ଥ ମାମଲା ଜରିଆରେ ହାଇକୋର୍ଟଙ୍କ ନିକଟରେ ଗୁହାରି କରିଛି। ଏହାର ସ୍ଥାୟୀ ସମାଧାନ ଦରକାର ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଆଦିଶା ମହାନ୍ତି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆବେଦନ ମାଧ୍ୟମରେ ୭୦ ଜଣ ପିଲାଙ୍କ ନାମଲେଖା କଥା ଉଠାଇଥିଲେ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ ସୂଚନା ଦେଇଛନ୍ତି।




ପୁରୀ ରଥଯାତ୍ରାରେ ସ୍ୱଚ୍ଛତା ସମ୍ପର୍କରେ ଅନୁଧାନ କରିବା ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ବଡ଼ଦାଣ୍ଡରେ ସ୍ଥିତି ସମୀକ୍ଷା କରୁଛନ୍ତି।



ଜଟଣୀ ସୀତାରାମଛକସ୍ଥିତ ରେଲୱେ ଅଣ୍ଡରପାସ ରାସ୍ତାରେ ଗୁରୁବାର ଜମି ରହିଥିବା ବର୍ଷାପାଣିରେ ଏକ କାର ଫସି ରହିଛି।

# ରଥଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ: ନଗର ଉନ୍ନୟନ ମନ୍ତ୍ରୀ

**ଡ୍ରେନ୍, ଷ୍ଟ୍ରିଟ୍‌ଲାଇଟ୍ ମରାମତି ସହ ଜଳଉତ୍ସ ବିଶୋଧନ କରାଯିବ**

ପୁରୀ,୨୭।୬(ଅଜିତ କୁମାର ମହାନ୍ତି )

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ନଗର ଉନ୍ନୟନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱଚ୍ଛତାକୁ ସେବା ଭାବେ ଆମେ ଗ୍ରହଣ କରିଛୁ, ଯାହା ଚଳିତ ରଥଯାତ୍ରାରେ ପ୍ରତିଫଳିତ ହେବ। ରଥଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ରଥଯାତ୍ରା ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଡା. ମହାପାତ୍ର ଅଧ୍ୟକ୍ଷତା କରି ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରଥଯାତ୍ରା ପୂର୍ବରୁ ପୁରୀ ସହରର ସମସ୍ତ ନାଳନର୍ଦ୍ଦମା ସଫା ସହ ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଯିବ। ସମସ୍ତ ଷ୍ଟ୍ରିଟ୍‌ଲାଇଟ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ। ଡ୍ରିଙ୍କ ଫ୍ରମ୍ ଟ୍ୟାପ୍‌ର ବ୍ୟବସ୍ଥା ଅନୁଧାନ କରି କାର୍ଯ୍ୟକ୍ଷମ କରାଯିବା ସହ ଯଦି କେଉଁଠାରେ ଅବରୋଧ ହୋଇଥାଏ ତାହାକୁ ଉଚ୍ଛେଦ କରାଯିବ। ସମସ୍ତ ଜଳଉତ୍ସର ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବ। ଜଳ ଉତ୍ସଗୁଡ଼ିକୁ ବିଶୋଧନ କରାଯିବ। ଜଳ ଜମୁଥିବା ସ୍ଥାନ ଚିହ୍ନଟ କରାଯାଇ ତାହାର ଅପସାରଣ କରାଯିବ। ଜଳ ନିଷ୍କାସନ ପାଇଁ ପମ୍ପ ଉପଲବ୍ଧ ରଖାଯିବ। ବୁଲାଗୋରୁଙ୍କୁ ରାସ୍ତାରୁ ହଟେଇ କାଞ୍ଜିଆ ହ୍ରଦାକୁ ନିଆଯିବ। ଡ୍ରେନରେ ମଶାମରା ତେଲ ସିଞ୍ଚନ ସହ ରଥଯାତ୍ରା ସମୟରେ ଖରା ହେଲେ ଭକ୍ତଙ୍କ ସୁବିଧା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ସମସ୍ତେ ସ୍ୱଚ୍ଛତା ପ୍ରତି ଉତ୍ତରଦାୟୀ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ପରେ ମନ୍ତ୍ରୀ ବଡ଼ଦାଣ୍ଡରେ ଚାଲି ଚାଲି ବିଭିନ୍ନ ସ୍ଥିତି ଅନୁଧାନ କରିଥିଲେ। ଡ୍ରିଙ୍କ ଫ୍ରମ୍ ଟ୍ୟାପରୁ ପାଣି ପିଇଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ସଚିବ ଶାରଦା ପ୍ରସାଦ ପଣ୍ଡା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ପୁରୀ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ୱାଟ୍‌କୋ ଜେନେରାଲ ମ୍ୟାନେଜର ବିକ୍ରମ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଓଏଚ୍‌ଆର୍‌ସିଙ୍କ ତଦନ୍ତ ଆରମ୍ଭ

**ପୁରୀ ବାଣ ବିସ୍ଫୋରଣ ଘଟଣା**

ପୁରୀ,୨୭।୬(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ଗତ ମେ ୨୯ରେ ନରେନ୍ଦ୍ର ପୁଷ୍କରିଣୀଠାରେ ବାଣ ବିସ୍ଫୋରଣ ଘଟି ଅନେକ ବ୍ୟକ୍ତି ମୃତ୍ୟୁବରଣ କରିବା ସହ ଆହତ ହୋଇଥିଲେ। ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ତରଫରୁ ଏହି ଘଟଣାର ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଛି। ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଅଧିକାରୀ ପୁରୀ ଆସି ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ସେହିପରି ପୋଲିସ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଏ ନେଇ ଟିମ୍ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ, ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସ୍ପଟ୍ ଭିଜିଟ କରି ଆଲୋଚନା କରାଯାଉଛି। ଏବେ ତଦନ୍ତ ଚାଲିଥିବାରୁ ଏନେଇ କିଛି ତଥ୍ୟ ଦେଇହେବ ନାହିଁ। ତଦନ୍ତ ପରେ ରିପୋର୍ଟ କମିଶନଙ୍କୁ ପ୍ରଦାନ କରାଯିବ। ଅପରପକ୍ଷରେ ଆବେଦନକାରୀ ତଥା ମୃତକଙ୍କ ଭାଇ ସୁଶାନ୍ତ ସାହୁ କହିଛନ୍ତି ଯେ, ପୋଲିସ ଉପସ୍ଥିତିରେ ବାଣ ବିସ୍ଫୋରଣ ଘଟିଥିଲା। ଏଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ। ତେଣୁ ଦୋଷୀଙ୍କୁ ଦଣ୍ଡ ଦିଆଯିବା ପାଇଁ ସେ କମିଶନଙ୍କୁ ନିବେଦନ କରିଛନ୍ତି। ତାଙ୍କର ମଧ୍ୟ ବୟାନ ରେକର୍ଡ କରାଯାଇଛି। ପୁରୀରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କର ଦୁଇ ଏକର ଜମିକୁ ସେ ରାଜ୍ୟ ସରକାରଙ୍କୁ ଦାନ କରିଦେବେ, ସେହି ଜମିରେ ସରକାର ଉନ୍ନତମାନର ବର୍ନ ୟୁନିଟ୍ ନିର୍ମାଣ କରନ୍ତୁ। ଫଳରେ ଆଗକୁ ଏଭଳି ଦୁର୍ଘଟଣାବେଳେ ଲୋକେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ସାହୁ କହିଛନ୍ତି।

# ଏସ୍‌ସିବି ମେଡିକାଲ ପରିସରରୁ ହଟିବ ଘରୋଇ ମେଡିସିନ୍ ଦୋକାନ

କଟକ, ୨୭।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପରିସରରୁ ହଟିବ ଘରୋଇ ମେଡିସିନ୍ ଦୋକାନ। ଏନେଇ ଗୁରୁବାର ମେଡିକାଲ ପକ୍ଷରୁ ମେଡିସିନ୍ ଦୋକାନଗୁଡ଼ିକୁ ନୋଟିସ କରାଯାଇଛି। ଆସନ୍ତା ଜୁଲାଇ ୬ତାରିଖ ସୁଦ୍ଧା ଦୋକାନ ଖାଲି କରିବାକୁ ଦୋକାନ ମାଲିକମାନଙ୍କୁ କୁହାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଦୁଇଟି ମେଡିସିନ ଦୋକାନର ଲାଇସେନ୍ସ ନାହିଁ। ପୂର୍ବରୁ ଉଚ୍ଛେଦ ପାଇଁ କୁହାଯାଇଥିଲା, କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଥିବାରୁ ଉଚ୍ଛେଦ ହୋଇପାରି ନ ଥିଲା। ଏବେ ଉଚ୍ଚ ନ୍ୟାୟାଳୟ ରହିତାଦେଶ ହଟାଇନେବା ପରେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ରାଉତ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ପରିସରରେ କଲ୍ୟାଣୀ ଓ ସଞ୍ଜିବନୀ ଦୁଇଟି ଘରୋଇ ମେଡିସିନ୍ ଦୋକାନ ରହିଛି। ୧୯୯୪ ମସିହାରୁ କଲ୍ୟାଣୀର ଲାଇସେନ୍ସ ଏବଂ ୨୦୦୭ରୁ ସଂଜିବନୀର ଲାଇସେନ୍ସ ଅବଧି ଶେଷ ହୋଇଯାଇଛି। ମେଡିକାଲ ପକ୍ଷରୁ ବାରମ୍ବାର ଉକ୍ତ ୨ଟି ଦୋକାନ ଉଚ୍ଛେଦ ପାଇଁ ପ୍ରୟାସ କରାଯାଇଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣି ଅଦ୍ୟାବଧି ୨ଟି ଦୋକାନ ଚାଲୁ ରହିଛି।

# ପ୍ରେମ, ଏକତାର ବାର୍ତ୍ତା ଦେଉଛନ୍ତି ଏଲ୍‌ଜିବିଟିକ୍ୟୁ+

**ଆଜି ଇଣ୍ଟରନ୍ୟାଶନାଲ ପ୍ରାଇଡ୍ ଡେ'**

*ଜୁନ୍ ୧ରୁ ୩୦ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ 'ପ୍ରାଇଡ୍ ମାସ' ଭାବେ ପାଳନ କରାଯାଉଛି। ଏହି ସମୟରେ ବିଭିନ୍ନ ସ୍ଥାନରେ ଏଲ୍‌ଜିବିଟିକ୍ୟୁ+ କମ୍ୟୁନିଟିମାନେ ପ୍ରାଇଡ୍ ୱାକ୍, ପରେଡ୍ସ, ଆଲୋଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ସମାଜ ପ୍ରତି ସେମାନଙ୍କର ଥିବା ଅବଦାନ ଓ ଆବଶ୍ୟକତାକୁ ବୁଝିବା ଏବଂ ସେନେଇ ସଚେତନତା ସୃଷ୍ଟି କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ତେବେ ଜୁନ୍ ୨୮କୁ ଇଣ୍ଟରନ୍ୟାଶନାଲ୍ ପ୍ରାଇଡ୍ ଡେ' ଭାବେ ପାଳନ କରାଯାଉଛି। ପ୍ରେମ, ଏକତା ବିଶେଷକରି ସମାଜରେ ଏକ ସମାନତାର ବାର୍ତ୍ତା ନେଇ ପ୍ରାଇଡ୍ ୱାକ୍‌ରେ ଏହି କମ୍ୟୁନିଟିର ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱଙ୍କୁ ଦେଖିବାକୁ ମିଳେ। ତେବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏଲ୍‌ଜିବିଟିକ୍ୟୁ+ କମ୍ୟୁନିଟିର କେତେଜଣ ବ୍ୟକ୍ତିତ୍ୱଙ୍କୁ ନେଇ ପ୍ରାଇଡ୍ ଦିବସ ଉପଲକ୍ଷେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।*

*–ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ*




## ସନିନ୍: ମଡେଲର ଓ ସବ୍‌ସ୍କିଲ୍ ଟ୍ରେନର

ଭୁବନେଶ୍ୱରରେ ରହୁଥିବା ସନିନ୍ ମଡେଲିଂ କରିବା ସହ ଫୁଲ୍ ଟାଇମ୍ ସବ୍ ସ୍କିଲ ଟ୍ରେନର। ସେ ଲୋକଙ୍କୁ ଇଂଲିଶ ଭାଷାରେ ଯୋଗାଯୋଗ କରିବାର କଳା ଶିକ୍ଷା ଦିଅନ୍ତି। ପୂର୍ବରୁ ସେ ବମ୍ବେରେ ଏଚ୍‌ଆର୍ ଭାବେ କାମ କରୁଥିଲେ। ତେବେ ତାଙ୍କର ଯାତ୍ରା ଓ ପ୍ଲସ୍ ସାଇଜ୍ (ମୋଟା) ମଡେଲର ହେବାର



ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଯେତେବେଳେ ମୁଁ ମୋ ଚିହ୍ନା ପରିଚୟ ଭିତରେ କାମ ଆରମ୍ଭ କଲି, ସମସ୍ତେ ପରାମର୍ଶ ଦେଇଥିଲେ କି ତୁମେ ମଡେଲ କରିପାରିବ। ମାତ୍ର ନୂଆ ନୂଆ ଆରମ୍ଭ ସମୟରେ ପୋଷାକକୁ ନେଇ ଅନେକ କଥା ଶୁଣିବାକୁ ମିଳିଥିଲା। ଏମିତିକି ବି ଘରେ ବି ବେଳେବେଳେ କୁହନ୍ତି, ଏମିତି କ'ଣ ପିନ୍ଧୁଛ। ତେଣୁ ନିଜକୁ ସୁହାଇବା ଭଳି ଆଗକୁ ବଢ଼ିଲି। ମାତ୍ର ଧ୍ୟାନ ଦେଲି ଏଥିପାଇଁ ଯେମିତି ସମାଜରେ କେହି କଷ୍ଟ ପାଇବନି। କାରଣ ସେସବୁକୁ ମଧ୍ୟ ଆମକୁ ଧ୍ୟାନ ଦେବାକୁ ପଡ଼ିବ। ମୁଁ ବେଙ୍ଗାଲୁରୁ, ବମ୍ବେରେ ପ୍ରାଇଡ୍ ଆଟେଣ୍ଡ କରିଛି। ଯେଉଁମାନେ ଦିନେ ଝରକା ପାଖରୁ ଆମକୁ ଦେଖୁଥିଲେ, ଏବେ ସେମାନେ ପାଖରୁ ଦେଖି ତାଳି ମାରୁଛନ୍ତି। ତେଣୁ ଧୀରେ ଧୀରେ ଏହା ଗ୍ରହଣଯୋଗ୍ୟ ହେଉଛି।

## ସିବିୟାନ୍: ଫ୍ୟାଶନ ଡିଜାଇନର

ସିବିୟାନ୍ ସାରନ୍ ନନ୍ଦ। ଫ୍ୟାଶନ ଡିଜାଇନର ଓ ମଡେଲ ଭାବରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସମ୍ବଲପୁରରେ ଜନ୍ମ ହୋଇଥିବା ସିବିୟାନ୍ ଭୁବନେଶ୍ୱରରେ ଫ୍ୟାଶନ ଡିଜାଇନିଂ ବିଶେଷକରି ଷ୍ଟାଇଲିଂ, ଡ୍ରାପିଂ, କ୍ରାଫ୍ଟ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ବିଭିନ୍ନ ରାମ୍ପ ଶୋ'ରେ ମଧ୍ୟ ସେ କାମ କରୁଛନ୍ତି। ପୁରୁଣା କାଳରେ ସଂସ୍କୃତି ସହ ଜଡ଼ିତ ଥିବା ବିଭିନ୍ନ



ଡିଜାଇନ୍ କାମ ତାଙ୍କ କାମରେ ଦେଖିବାକୁ ମିଳେ। ସେ କହିଛନ୍ତି, ଏକ ରକ୍ଷଣଶୀଳ ପରିବାରରେ ଜନ୍ମ ମୋର। ଯେହେତୁ ମୁଁ ଏକ ଗେ' କମ୍ୟୁନିଟିରେ ବିଲଙ୍ଗ କରୁଛି, ତେଣୁ ଏ କ୍ଷେତ୍ରରେ ଆଗକୁ ବଢ଼ିବା ଏତେ ସହଜ ନ ଥିଲା। ଘର ଲୋକଙ୍କୁ ରାଜି କରାଇବାକୁ ସମୟ ଲାଗିଲା। କେହି ରଙ୍ଗ ତ ଆଉ କିଏ ଶରୀର ଗଠନରେ ସମସ୍ୟାର ସାମ୍ନା କରୁଛନ୍ତି। ତେଣୁ ସମସ୍ୟା ତ ଅଛି, ମାତ୍ର ଆଗକୁ ବଢ଼ିବାକୁ ପଡ଼ିବ। ତେଣୁ ମୁଁ ମୋ ହିସାବରେ ଆଗକୁ ବଢ଼ିବା ସହ ପରିବାର, ସମାଜକୁ ମଧ୍ୟ ଧ୍ୟାନ ଦେଇଥିଲି। ଏହି ଦିବସରେ ମୋର ଗୋଟିଏ ବାର୍ତ୍ତା ରହିବ, ମାନସିକ ସ୍ୱାସ୍ଥ୍ୟକୁ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ।

## ମସୁଦ୍: ପ୍ରାଇଡ୍ ମଡେଲ ସହ ମେକ୍‌ଅପ୍ ଆର୍ଟିଷ୍ଟ

ମସୁଦ୍ ଖାନ୍ ଦୀର୍ଘ ୯ବର୍ଷ ଧରି ଭୁବନେଶ୍ୱରରେ ଜଣେ ସ୍ୱାଧୀନ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ କାମ କରୁଛନ୍ତି। ହୋଟେଲ ମ୍ୟାନେଜମେଣ୍ଟ କାମରେ ସେ ଓଡ଼ିଶା ଆସିଥିଲେ। ତାଙ୍କ ଘର ଆସାମରେ। ମାତ୍ର ଭୁବନେଶ୍ୱରରେ ତାଙ୍କ କମ୍ୟୁନିଟି ପ୍ରତି ଥିବା ଏକ ସୁସ୍ଥ ପରିବେଶ ଦେଖି ଏଠାରେ ସେ ତାଙ୍କ ଘର ଲୋକଙ୍କ ସହ ରହିବାକୁ



ପସନ୍ଦ କଲେ। ସେଲିବ୍ରିଟି ମେକ୍‌ଅପ୍ ସହ ସେ ସ୍ୱାଧୀନ ଭାବେ ବାହାଘର ଏବଂ ଅନେକ ଇଭେଣ୍ଟରେ ସେ କାମ କରନ୍ତି। ଏଥିସହ ଜଣେ ପ୍ରାଇଡ୍ ମଡେଲ ଭାବେ ମଧ୍ୟ ମଡେଲିଂରେ କାମ କରୁଛନ୍ତି। ମସୁଦ୍ କହିଛନ୍ତି, ବୋଧେ ଆସାମରେ ରହିଥିଲେ ମୋତେ ସେତିକି ସମ୍ମାନ କି ସୁଯୋଗ ମିଳି ନ ଥାନ୍ତା, ଯାହା ଭୁବନେଶ୍ୱରରୁ ମିଳିଛି। ସେଠି ମୋ କାମକୁ ଗ୍ରହଣ ମଧ୍ୟ କରାଯାଇ ନ ଥାନ୍ତା। ତେଣୁ ଓଡ଼ିଶା ମୋ ପାଇଁ ଏକ ବ୍ଲେସିଙ୍ଗ। ଭବିଷ୍ୟତରେ ମଧ୍ୟ ଏଠାରେ ରହି କାମ କରିବି।

# ଜଳବନ୍ଦୀ ସମସ୍ୟାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭।୬ (ବନ୍ଦନା ସେଠୀ)**



**ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତିକୁ ଗୁରୁତ୍ୱ**

- ବିଭିନ୍ନ ବିଭାଗକୁ ନେଇ ଗଠନ ହେବ ସ୍ୱତନ୍ତ୍ର କମିଟି
- ୧୨ ଜଳବନ୍ଦୀ ଅଞ୍ଚଳକୁ ନେଇ ପ୍ରସ୍ତାବ ରଖିବ ବିଏମ୍‌ସି

ଅସରାଏ ବର୍ଷା ହେଲେ ଭୁବନେଶ୍ୱର ଜଳମଗ୍ନ ହେଉଛି। ସ୍ମାର୍ଟସିଟିରେ ବିକାଶ ନେଇ ବିଏମ୍‌ସି ନିଜକୁ ବାହାବା ଦେଉଥିବାବେଳେ ବର୍ଷା ସମୟରେ ସହରର ବାସ୍ତବ ଚିତ୍ର ପଦାକୁ ଆସୁଛି। ବର୍ଷା ଜଳ ନିଷ୍କାସନ ପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି, ମାତ୍ର ବର୍ଷା ହେଲେ ସହରର ବିଭିନ୍ନ ରାସ୍ତାରେ ଗାଡି ଭାସୁଛି, ଲୋକଙ୍କ ଘରେ ପାଣି ପଶୁଛି। ବୁଧବାର ଓ ଗୁରୁବାର ବର୍ଷାରେ ସହରରେ ଜଳବନ୍ଦୀ ସ୍ଥିତି ଉପୁଜିବା ପରେ ଏହାକୁ ନେଇ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନଭିତ୍ତିରେ ସମସ୍ୟାର ଅସ୍ଥାୟୀ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷା ପରେ ସ୍ଥାୟୀ ସମାଧାନ ପାଇଁ କହିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯିବା ସହ ପର୍ଯ୍ୟାପ୍ତ ପାଣ୍ଠି ବିନିଯୋଗ କରି ଜଳବନ୍ଦୀ ସ୍ଥିତିର ସମାଧାନ ପାଇଁ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱରର କେଉଁ କେଉଁ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜୁଛି, ଏହାର ସମାଧାନ କ'ଣ ହୋଇପାରିବ ସେ ନେଇ ଦିନେ ୨ଦିନ ମଧ୍ୟରେ ତଥ୍ୟ ରଖିବାକୁ କୁହାଯାଇଛି। ଏଥିପାଇଁ ସମସ୍ତ ବିଭାଗକୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ ଏବଂ ବିଶେଷଜ୍ଞଙ୍କ ସହାୟତାରେ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଅପରପକ୍ଷେ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଘନଘନ ବୈଠକ ହୋଇଥିଲା। ବିଏମ୍‌ସି ସିଟି ଇଞ୍ଜିନିୟର ବିଳାସ କୁମାର ବେହେରାଙ୍କ ସହ ମନ୍ତ୍ରୀଙ୍କ ପ୍ରତିନିଧି ଆଲୋଚନା କରିଥିଲେ। ପରେ ଇଞ୍ଜିନିୟର ବେହେରା ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ନେଇ ଅନ୍ତରୀଣ ସମୀକ୍ଷା କରିଥିଲେ। ସହରରେ ମୁଖ୍ୟତଃ ୧୨ଟି ସ୍ଥାନରେ ଜଳବନ୍ଦୀ ସ୍ଥିତି ଦେଖାଯାଉଥିବାବେଳେ ଏହାଦ୍ୱାରା କେଉଁ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ଜଳବନ୍ଦୀ ସମସ୍ୟାର ସମାଧାନ କିପରି କରାଯିବ ତା'ର ପ୍ରସ୍ତାବ ରଖିବାକୁ କୁହାଯାଇଛି। ବିଏମସି ପକ୍ଷରୁ ଏନେଇ ତାଲିକା ପ୍ରସ୍ତୁତ କରିବା ସହ କିଛି ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ଏନେଇ ସିଟି ଇଞ୍ଜିନିୟର କହିଛନ୍ତି, ମୁଖ୍ୟତଃ ଇସ୍କନ ମନ୍ଦିର ପାଖରେ ହେଉଥିବା ଜଳବନ୍ଦୀ ଲାଗି ଏକ ଅଣ୍ଡରଗ୍ରାଉଣ୍ଡ୍ ଡ୍ରେନ୍ ନିର୍ମାଣ କରିବା ଲାଗି ପ୍ରସ୍ତାବ ରହିଛି। ସେହିପରି ମୁଖ୍ୟ ଡ୍ରେନ୍ ନଂ.୧୦କୁ ଅନ୍ୟ ସବ୍‌ଡ୍ରେନ୍ ସଂଯୋଗ ହୋଇ ନ ଥିବାରୁ ବମିଖାଲ ରସୁଲଗଡ଼ ରାସ୍ତାରେ ଜଳବନ୍ଦୀ ହେଉଛି। ଏହି ସଂଯୋଗ ଲାଗି ଆଉ ୫୫୦ ମିଟର ଲମ୍ବର ସବ୍‌ଡ୍ରେନ୍ ନିର୍ମାଣ କରାଯିବ। ନ୍ୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ଶିଶୁଭବନ ଛକରୁ ସ୍ପ୍ରିଂ ଟ୍ୟାଙ୍କ୍ ଯାଏ ବକ୍ସ ଡ୍ରେନ ନିର୍ମାଣ, ସିଟି ୱମେନ୍ସ କଲେଜରୁ ଜାଗମରା ରାସ୍ତାରେ ଜଳବନ୍ଦୀ ସମସ୍ୟାର ସମାଧାନ ଲାଗି ଆର୍ ଆଣ୍ଡ୍ ବି ବିଭାଗ ରାସ୍ତାର ସମ୍ପ୍ରସାରଣ ସହ କଲଭର୍ଟର ଆକାର ବଢାଇବା, ଷ୍ଟୁଡିଓ ଛକ ସ୍ଥିତି ଦୂର କରିବାକୁ ମୁଖ୍ୟ ନାଳ ୧୧ ଯାଏ ଏକ ଡ୍ରେନ ସଂଯୋଗ କରିବା, ସୁବାଷ ନଗର ବସ୍ତି ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଲାଗି ତଳିଆ ଅଞ୍ଚଳରେ ଡ୍ରେନ ନିର୍ମାଣ, ୱାର୍ଡ ନଂ. ୪ ରୁଦ୍ରପୁର ଅଞ୍ଚଳରେ ବକ୍ସ ଡ୍ରେନ ନିର୍ମାଣ ସହ ଏନ୍‌ଏଚ୍ ଉଭୟ ପାର୍ଶ୍ୱରେ ସାଇଫନ ନିର୍ମାଣ କରିବା, ସ୍ୱିଟି କମ୍ପ୍ଲେକ୍ସ ନିକଟରେ ଜଳବନ୍ଦୀ ସମସ୍ୟାର ସମାଧାନ ଲାଗି ଗଙ୍ଗନଗର ଅଞ୍ଚଳରୁ ନୂଆ ଏୟାରପୋର୍ଟ ଛକ ଯାଏ ଡ୍ରେନ ନିର୍ମାଣ, ରାଜୀବ ନଗର ଅଞ୍ଚଳରେ ମୁଖ୍ୟ ଡ୍ରେନ କାମ ସହ ତଳ ଅଞ୍ଚଳରେ ଡ୍ରେନ ନିର୍ମାଣ, ପାଇକ ନଗର ଅଞ୍ଚଳରେ ପୁରୁଣା ଡ୍ରେନ୍‌ର ପୁନରୁଦ୍ଧାର ସହ କଲଭର୍ଟର ସମ୍ପ୍ରସାରଣ, ବନଫୁଲ ବସ୍ତିରେ ବୁଢି ନାଳର ବିକାଶ ଏବଂ ଲକ୍ଷ୍ମୀସାଗର ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ଲାଗି ଅତିରିକ୍ତ କଲଭର୍ଟ ନିର୍ମାଣ କରିବାକୁ ବିଏମ୍‌ସି ପ୍ରସ୍ତାବ ପ୍ରସ୍ତୁତ କରିଛି। ତେବେ ଇସ୍କନ ମନ୍ଦିର ଅଞ୍ଚଳ ବେଶି ପ୍ରଭାବିତ ହେଉଥିବାବେଳେ ପ୍ରାଥମିକ ଭାବେ ଏହାର ଅସ୍ଥାୟୀ ସମାଧାନ କରି ଜଳବନ୍ଦୀ ଏଡାଇବାକୁ ଯୋଜନା କରାଯାଇଛି। ଇସ୍କନ ମନ୍ଦିର ସମ୍ମୁଖରୁ ଅଣ୍ଡରଗ୍ରାଉଣ୍ଡ ଦେଇ ବାଣୀବିହାର ପର୍ଯ୍ୟନ୍ତ ଡ୍ରେନ ଯାଇ ୪ନଂ. ମୁଖ୍ୟ ନାଳରେ ମିଶିବ। ଫଳରେ ମନ୍ଦିର ସମ୍ମୁଖ ରାସ୍ତାରେ ଆଉ ପାଣି ଜମିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୨ ଲୁଟେରାଙ୍କୁ ବର୍ଷେ ଜେଲ ଦଣ୍ଡ



**ଭୁବନେଶ୍ୱର, ୨୭।୬ (ସୂର୍ଯ୍ୟକାନ୍ତ ବେହେରା)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଏକ ଛିନତାଇ ମାମଲାର ରାୟ ଗୁରୁବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ–୩ରେ ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ବିଚାର କରି ଅଭିଯୁକ୍ତ ଗୁଲୁ ଓରଫ ବୁଲୁ ନାୟକ ଏବଂ ଟିକି ଓରଫ ସର୍ବେଶ୍ୱର ଗୋଛାୟତଙ୍କୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ବିଭିନ୍ନ ସାକ୍ଷୀ ଓ ଦସ୍ତାବିଜକୁ ଆଧାର କରି ଉଭୟଙ୍କୁ ଏକ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫୦୦ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି।

ଏହି ମାମଲାର ଅଭିଯୋଗକାରୀ ହେଉଛନ୍ତି ନୟାଗଡ ଜିଲା ଅନ୍ତର୍ଗତ ଗୋଡିପଲ୍ଲୀ ବାସିନ୍ଦା ଅଶୋକ କୁମାର ସାହୁ। ଗତ ୨୦୨୩ ଏପ୍ରିଲ ୨୮ ସନ୍ଧ୍ୟାରେ ସେ ନିଜ ସ୍ତ୍ରୀ ସହ ଜୟଦେବ ବିହାର ଛକରୁ ସିଆରପି ଛକ ଅଭିମୁଖେ ଯାଉଥିବାବେଳେ କଳିଙ୍ଗ ଷ୍ଟାଡିୟମ ନିକଟରେ ଅଭିଯୁକ୍ତଦ୍ୱୟ ମୋଟରସାଇକେଲରେ ପଛରୁ ଆସି ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଶୋକ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ.୧୬୬/୨୦୨୩ ରୁଜୁ କରି ପରବର୍ତ୍ତୀ ସମୟରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ।

### ବିଏମ୍‌ସିର ଅଭିଯୋଗ ଶୁଣାଣି ପୁଣି ଆରମ୍ଭ ହେବ

**ଭୁବନେଶ୍ୱର, ୨୭।୬ (ବନ୍ଦନା ସେଠୀ)**

ପୁଣିଥରେ ବିଏମ୍‌ସିରେ ଆରମ୍ଭ ହେବ ସାଧାରଣ ଅଭିଯୋଗ ଶୁଣାଣି। ଜୁଲାଇ ୧ରୁ ପ୍ରତି ସୋମବାର ବିଏମ୍‌ସି କର୍ତ୍ତୃପକ୍ଷ ଓ ସେମାନଙ୍କ ସହଯୋଗୀ ଅଧିକାରୀବୃନ୍ଦ ସିଧାସଳଖ ଭାବେ ନାଗରିକଙ୍କ ଅଭିଯୋଗ ଶୁଣିବେ। ସରକାରୀ ନିୟମ ଅନୁଯାୟୀ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣିର ବିଧି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ତେବେ ଚଳିତବର୍ଷର ସାଧାରଣ ନିର୍ବାଚନ ପାଇଁ ମାର୍ଚ୍ଚ ୧୬ରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା। ଫଳରେ ସୋମବାର ଚାଲିଥିବା ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ତେବେ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ୍ରମେ ଆସନ୍ତା ସୋମବାରଠାରୁ ଅଭିଯୋଗ ଶୁଣାଣି ପୁନଶ୍ଚ ଆରମ୍ଭ ହେବ ବୋଲି କମିଶନର ରାଜେଶ ପ୍ରଭାକର ପାଟିଲ୍ ସୂଚନା ଦେଇଛନ୍ତି। ବିଏମ୍‌ସିର ୪ର୍ଥ ମହଲାରେ ଥିବା ସାଧାରଣ ଅଭିଯୋଗ ଶୁଣାଣି କକ୍ଷରେ ପ୍ରତି ସୋମବାର (ଛୁଟିଦିନ ବ୍ୟତୀତ) ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟ ମଧ୍ୟରେ ନାଗରିକମାନେ ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିପାରିବେ ବୋଲି କମିଶନର କହିଛନ୍ତି।




ଭୁବନେଶ୍ୱର ଲୋୟର ପିଏମ୍‌ଜି ରୋଡ୍‌ରେ ଗୁରୁବାର ବନ୍ଦେ ମାତରମ୍ ଅନୁଷ୍ଠାନର ଜଣେ ସଦସ୍ୟ ଯମ ବେଶରେ ସଜ୍ଜିତ ହୋଇ ହେଲ୍‌ମେଟ୍ ପିନ୍ଧିବାକୁ ବାଇକ୍ ଆରୋହୀଙ୍କୁ ସଚେତନ କରୁଛନ୍ତି।

### ବାଇକ୍–କାର୍ ମୁହାଁମୁହିଁ ଧକ୍କା, ବାଇକ୍ ଚାଳକ ଗୁରୁତର

**ବାରଙ୍ଗ, ୨୭।୬ (ଲିଙ୍ଗରାଜ ରାଉତ)**

ମେଣ୍ଢାଶାଳ ମେଡିକାଲ ଛକଠାରେ କାର୍ ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଏଥିସହ ଉଭୟ ଗାଡ଼ି ଭାଙ୍ଗିରୁଜି ଯାଇଥିବା ଜଣାପଡ଼ିଛି। ଜାମୁଝରି ଗ୍ରାମର ଜଣେ ଯୁବକ ବାଇକ୍‌ରେ ମେଡିକାଲକୁ ଆସୁଥିଲେ। ସେ ବାମପଟରୁ ମେଡିକାଲ ରାସ୍ତାକୁ ଯିବା ସମୟରେ ଚନ୍ଦକା ପଟୁ ଆସୁଥିବା ଏକ କାର୍ (ଓଡି–୦୫ ୱାଇ–୨୮୯୯) ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ଗୁରୁତର ଆହତ ବାଇକ୍ ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିଥିଲା। ତେବେ ଘଟଣାସ୍ଥଳରୁ କାର୍ ଚାଳକ କୌଶଳକ୍ରମେ ଖସିପଳାଇଥିବା ଜଣାପଡ଼ିଛି।

### ଜଳବନ୍ଦୀ ସ୍ଥିତି ବୁଲି ଦେଖିଲେ ବ୍ଲକସ୍ତରୀୟ ଅଧିକାରୀ



**ବାଲିଅନ୍ତା, ୨୭।୬ (ନୀଳମାଧବ ସାହୁ)**

ବାଲିଅନ୍ତା ବ୍ଲକର ଅଣ୍ଡିଲୋ ଗ୍ରାମରୁ ବର୍ଷାଜଳ ନିଷ୍କାସନ ସମସ୍ୟା ଦିନକୁ ଦିନ ଜଟିଳ ରୂପ ଧାରଣ କରିଛି। ଗ୍ରାମବାସୀ ପ୍ରତିବର୍ଷ ବର୍ଷା ଋତୁରେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଅଧିକ ପରିମାଣରେ ବର୍ଷା ହେଲେ ଗ୍ରାମ ରାସ୍ତା ବୁଡ଼ିଯାଉଛି। ଏହି ଗ୍ରାମର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ପାଇଁ ଗ୍ରାମବାସୀ ପ୍ରତିବର୍ଷ ପ୍ରସାଶନିକ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଛନ୍ତି। ଗତ ୨ ଦିନର ଲଗାଣ ବର୍ଷାରେ ଗ୍ରାମରାସ୍ତା ଜଳାର୍ଣ୍ଣବ ହୋଇଯାଇଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ଅନ୍ୟ ଅଧିକାରୀଙ୍କୁ ଜଣାଇଥିଲେ। ଗୁରୁବାର ବାଲିଅନ୍ତା ବ୍ଲକର ଏକ ଟିମ୍ ଅଣ୍ଡିଲୋ ଗ୍ରାମ, ଏହାର ପାଖ ମୁସଲିମ୍ ବସ୍ତି ଓ ଅନୁସୂଚିତ ଜାତି ସାହିକୁ ପରିଦର୍ଶନରେ ଯାଇ ଜଳବନ୍ଦୀ ସ୍ଥିତି ବୁଲି ଦେଖିଛନ୍ତି। ଏହି ଟିମ୍‌ରେ ବିଡିଓ ପବିତ୍ର କୁମାର ସାମଲ, ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ପରିଡ଼ା, କନିଷ୍ଠ ଯନ୍ତ୍ରୀ ରଞ୍ଜିତ ବଳବନ୍ତରାୟ ସାମିଲ ହୋଇଥିଲେ। ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପି.କେ. ଜେନାଙ୍କ ସମେତ ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି ଓ ଯୁବକ ଉପସ୍ଥିତ ଥିଲେ। ଗ୍ରାମରୁ ଜଳ ନିଷ୍କାସନ ପାଇଁ ପୂର୍ବରୁ ଥିବା ସାଇଫନ୍, ନାଳଗୁଡ଼ିକ ଅବରୋଧ ଓ ପୋତି ହୋଇଯିବା କାରଣରୁ ଜଳବନ୍ଦୀ ସମସ୍ୟା ଦେଖାଦେଉଛି ବୋଲି ଲୋକମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଞ୍ଚଳରରେ ଦ୍ରୁତ ଭାବେ ଜନବସତି ବୃଦ୍ଧି ପାଇବାରେ ଲାଗିଛି। ଲୋକେ କେନାଲ କୂଳକୁ ପୋତି ରାସ୍ତା ନିର୍ମାଣ କରିବା ଓ ସାଇଫନ, ସୋଠ ମୁହଁକୁ ବନ୍ଦ କରିଦେବା ଓ ଚକ ନାଳକୁ ସଙ୍କୁଚିତ କରିଦେଉଛନ୍ତି। ଲୋକମାନେ ବିଡିଓଙ୍କୁ ନେଇ ଜଳବନ୍ଦୀ ହେଉଥିବା ସ୍ଥାନ ବୁଲାଇ ଦେଖାଇଥିଲେ। ଏପରି କି ଲୋକମାନଙ୍କ ଯାତାୟାତ ପାଇଁ ପମ୍ପ ଲଗାଇ ପାଣି ନିଷ୍କାସନ କରିବାକୁ ବ୍ଲକର ଟିମ୍‌କୁ ଅଣ୍ଡିଲୋ ଗ୍ରାମର ପ୍ରମୋଦ କୁମାର ସାହୁ ଏବଂ ଗନ୍ଧର୍ବ ବେହେରା ପ୍ରମୁଖ ଅନୁରୋଧ କରିଥିଲେ। ଏଥସହ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ବିଡିଓ ସାମଲଙ୍କୁ ଜଳବନ୍ଦୀ ସମସ୍ୟା ସମ୍ପର୍କରେ ପଚାରିବାରୁ ଏହା ଏକ ବଡ଼ ସମସ୍ୟା। ଏହାର ସ୍ଥାୟୀ ସମାଧାନ ଆମ ସ୍ତରରେ ହୋଇପାରିବନାହିଁ। ଏଥି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ସେ କହିଥିଲେ।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମାଡ଼, ୨ ଗିରଫ

**ଭୁବନେଶ୍ୱର, ୨୭।୬ (ସୂର୍ଯ୍ୟକାନ୍ତ ବେହେରା)**

ପେଟ୍ରୋଲ ପମ୍ପକୁ ଆସି ଗାଡିରେ ତେଲ ପକାଇଲେ। ହେଲେ ତେଲ ବାବଦକୁ ଟଙ୍କା ମାଗିବାରୁ ନିଜକୁ ଏକ ଗ୍ୟାଙ୍ଗର ସଦସ୍ୟ କହିବା ସହ ଟାଙ୍କିର ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ କରି ମାଡ ମାରିଲେ। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୋଗ ପରେ ପୋଲିସ ନାବାଳକଙ୍କ ସମେତ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଏମାନଙ୍କ ମଧ୍ୟରେ ୟୁନିଟ–୩ ଅଞ୍ଚଳରେ ରହୁଥିବା କଟକର ଦେବାଶିଷ ମିଶ୍ର(୨୧)ଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିବାବେଳେ ସେମାନଙ୍କଠାରୁ ଏକ ମୋଟରସାଇକେଲ ଜବତ ହୋଇଛି।

### ଡ୍ରେନେଜ୍ ସମସ୍ୟା ନେଇ କର୍ତ୍ତୃପକ୍ଷଙ୍କୁ ଘେରିବେ ଭାଜପା କର୍ପୋରେଟର

**ଭୁବନେଶ୍ୱର, ୨୭।୬ (ବନ୍ଦନା ସେଠୀ)**

**ଆଜି ବିଏମ୍‌ସିର ମାସିକିଆ ବୈଠକ**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମାସିକିଆ ବୈଠକ ୩ମାସ ପରେ ଶୁକ୍ରବାର ଅନୁଷ୍ଠିତ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ଫେବୃୟାରୀ ୨୩ରେ ଶେଷ ବୈଠକ ବସିଥିଲା। ତେବେ ଏଥର ବୈଠକ ଉଭୟ ଭାଜପା ଓ ବିଜେଡି କର୍ପୋରେଟରଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ସାଧାରଣ ନିର୍ବାଚନରେ ଭାଜପା ଜିତିବା ପରେ ଏଥର ମାସିକିଆ ବୈଠକରେ ନିଜର ପାୱାର୍ ଦେଖାଇବାକୁ ଭାଜପା କର୍ପୋରେଟରମାନେ ସ୍ଥିର କରିଛନ୍ତି। ଓଡ଼ିଶାରେ ମୌସୁମୀ ପ୍ରଭାବରେ ବର୍ଷା ଲାଗି ରହିଥିବାବେଳେ ଏଯାଏ କାହିଁକି ସହରର ଡ୍ରେନ୍ ସଫେଇ କାମ ସରିନାହିଁ ସେ ନେଇ ବୈଠକରେ ପ୍ରଶ୍ନ କରାଯିବ ବୋଲି ଭାଜପା କର୍ପୋରେଟର କହିଛନ୍ତି। ଗତ କିଛିଦିନ ତଳେ ମୁକୁଳା ଡ୍ରେନ୍‌ରେ ପଡି ଜଣେ ନାବାଳକର ମୃତ୍ୟୁ ଘଟଣା ପ୍ରସଙ୍ଗ ଉଠିବ। ଏହାବାଦ୍ ବିନା ଅଫିସିଆଲ୍ ଆପଏଣ୍ଟମେଣ୍ଟରେ ବିଏମ୍‌ସିରେ କେତେଜଣ ଅଧିକାରୀ ବା କର୍ମଚାରୀ ନିୟୋଜିତ ହୋଇଛନ୍ତି, କିଏ ସେମାନଙ୍କୁ ନିୟୋଜିତ କରିଛି – ଏଭଳି କିଛି ପ୍ରଶ୍ନବାଣରେ ମେୟର, କମିଶନରଙ୍କୁ ଭାଜପା କର୍ପୋରେଟର ଘେରିବେ। ସେହିପରି ଗତ ୨ବର୍ଷ ମଧ୍ୟରେ ୱାର୍କ ଅର୍ଡର ପାଇ ମଧ୍ୟ କେତେକ ହାତଗଣତି ୱାର୍ଡରେ କାହିଁକି କାମ ଆରମ୍ଭ କରାଯାଇନାହିଁ, ସେ ନେଇ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଅପରପକ୍ଷେ ନିର୍ବାଚନରେ ଭାଜପାର ବିଜୟ ପରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟକୁ ନେଇ କେତେଜଣ କର୍ପୋରେଟର ମୁଖିଆଙ୍କୁ ପ୍ରଶ୍ନ କରିବେ ବୋଲି କହିଛନ୍ତି। ଏହାବାଦ୍ ରାସ୍ତା ନିର୍ମାଣ, ଜଳବନ୍ଦୀ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

**ବୈଠକରେ ଯୋଗଦେବେ ଏକାମ୍ର ବିଧାୟକ**

ଏକାମ୍ର ବିଧାୟକ ଭାବେ ନିର୍ବାଚିତ ହେବା ପରେ ବାବୁ ସିଂ ପ୍ରଥମ କରି କର୍ପୋରେଶନ୍ ବୈଠକରେ ଯୋଗଦେବେ। ଏଥିସହ ସହରର ବିକାଶକୁ ନେଇ ସିଧାସଳଖ ମେୟର ଓ କମିଶନରଙ୍କୁ ପ୍ରଶ୍ନ କରିବେ ବୋଲି ସୂଚନା ରହିଛି। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ପ୍ରତିନିଧି ମଧ୍ୟ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ପ୍ରଥମ କରି ବିଏମ୍‌ସି ମାସିକିଆ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।

### ବିଜେଡି ଯୁବନେତାଙ୍କ ଘର ଉପରକୁ ବୋମା ମାଡ଼

**ସାଲେପୁର, ୨୭।୬ (ଅରବିନ୍ଦ ଭୂୟାଁ)**

କଟକ ଜିଲା ସାଲେପୁର ବ୍ଲକ୍ ପୁରୁଣାହାଟ ପଞ୍ଚାୟତ ସୋଗଲ ଗ୍ରାମରେ ରହୁଥିବା ବିଜେଡି ନେତା ଚିରଞ୍ଜନ ପୁହାଣଙ୍କ ଘରକୁ ବୁଧବାର ରାତିରେ ୨ଥର ବୋମା ମାଡ଼ ହୋଇଛି। ଏଥିରେ ଘରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏନେଇ କିଶୋରନଗର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୮୭/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ଗଞ୍ଜେଇ, କାର୍ ଜବତ: ମହିଳାଙ୍କ ସମେତ ୩ ଗିରଫ

**ଭୁବନେଶ୍ୱର, ୨୭।୬ (ସୂର୍ଯ୍ୟକାନ୍ତ ବେହେରା)**

ନିଶା କାରବାରରେ ସଂପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଅବକାରୀ ଟିମ୍ ପୃଥକ ଘଟଣାକ୍ରମରେ ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରରୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ନୀଳଗିରି ଥାନା ଅଞ୍ଚଳର ସାବିତ୍ରୀ ଜେନା(୩୮) ଏବଂ ଅନ୍ୟ ଦୁଇଜଣ ହେଲେ କନ୍ଧମାଳର ପ୍ରକାଶ କୁମାର ସେଠୀ ଓ ରାଧାକାନ୍ତ ବେହେରା। ମହିଳାଙ୍କଠାରୁଙ୍କଠାରୁ ୧୦ କେଜି ଏବଂ ଅନ୍ୟ ଦୁଇ ଅଭିଯୁକ୍ତଙ୍କଠାରୁ ୩୩ କେଜି ଗଞ୍ଜେଇ ସହ ଅପରାଧରେ ବ୍ୟବହୃତ ଏକ କାରକୁ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୪ ଲକ୍ଷରୁ ଅଧିକ ଟଙ୍କା ହେବ। ଏନେଇ ୨ଟି ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଏକାମ୍ର ପ୍ରକଳ୍ପର ସମୀକ୍ଷା କଲେ ବିଧାୟକ

**ପୁରୁଣା ଭୁବନେଶ୍ୱର, ୨୭।୬ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର ବିଧାୟକ ବାବୁ ସିଂ ଗୁରୁବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ଅବସରରେ ଏକାମ୍ର ମେଗା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଜମି ଅଧିଗ୍ରହଣ ସାରିବା ସହ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱରେ ରହିଥିବା ଡ୍ରେନଗୁଡିକର ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ଡ୍ରେନ୍‌ଗୁଡ଼ିକର ମରାମତି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାଜପା ନେତା ସମୀର ମହାନ୍ତି ଏବଂ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।



## ବିଳମ୍ବିତ ରାତିରେ ଅପରାଧ ଯୋଜନା, ୪ ଗିରଫ

- ଖଣ୍ଡା, ଭୁଜାଲି, କଟୁରି, ଖେଳନା ବନ୍ଧୁକ ଆଦି ଜବତ
- ଥାନା ସମ୍ମୁଖରେ ପରିବାର ଲୋକଙ୍କ ପ୍ରତିବାଦ

**ଭୁବନେଶ୍ୱର, ୨୭।୬ (ସତ୍ୟଜିତ୍ ରାଉତ)**



ବରମୁଣ୍ଡା ଦୁର୍ଗାମଣ୍ଡପ ପଡିଆରେ ଏକାଠି ହୋଇ ଡକାୟତି କିମ୍ବା କୌଣସି ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ବୁଧବାର ବିଳମ୍ବିତ ରାତିରେ ଖଣ୍ଡଗିରି ପୋଲିସ ଟିମ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ତଳସାହିର ଶିବବ୍ରତ ସ୍ୱାଇଁ ଓରଫ ଡୁଡୁଲ (୨୩), ଖଣ୍ଡଗିରି ଅଞ୍ଚଳର ଚିନ୍ମୟ କୁମାର ସ୍ୱାଇଁ ଓରଫ ଚିନୁ (୨୫), ଏୟାରପୋର୍ଟ ଥାନା ଅଞ୍ଚଳର ରାଜେଶ ବେହେରା ଓରଫ ଟେଙ୍ଗ (୨୬) ଓ ବରମୁଣ୍ଡା ଅଞ୍ଚଳର ଅମନ ଚମ୍ପତି (୨୨)। ସେମାନଙ୍କ ନିକଟରୁ ଗୋଟିଏ କାର୍ (ଓଡି୧୦ଆର୍‌୩୩୩୪), ଏକ ଖଣ୍ଡା, ତେଲେଙ୍ଗା କଟୁରି, ଭୁଜାଲି, ଛୁରି, ଗୋଟିଏ ଖେଳାନା ବନ୍ଧୁକ ଓ ଦୁଇ ଲୁହା ରଡ୍ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଡୁଡୁଲଙ୍କ ନାମରେ ୪ ମାମଲା, ଟେଙ୍ଗଙ୍କ ନାମରେ ୧୨ ଓ ଅମନଙ୍କ ନାମରେ ୪ଟି ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବରମୁଣ୍ଡା ଦୁର୍ଗାମଣ୍ଡପ ପଡିଆରେ ଅଭିଯୁକ୍ତମାନେ ମଦ୍ୟପାନ କରିବା ସହ ବରମୁଣ୍ଡା ପେଟ୍ରୋଲ ପମ୍ପ କିମ୍ବା ସ୍ଥାନୀୟ ରାସ୍ତାରେ ଲୁଟପାଟ୍ କରିବାକୁ ଯୋଜନା କରୁଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ତେବେ ପୋଲିସକୁ ଦେଖି ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେବା ସହ ଦୌଡିବା ଆରମ୍ଭ କରିଥିଲେ। ପୋଲିସ ୪ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏସଂକ୍ରାନ୍ତରେ ଖଣ୍ଡଗିରି ଥାନାରେ ମାମଲା (ନଂ.୪୭୩/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତମାନେ ଗଣ୍ଡଗୋଳ, ଲୁଟ୍ ଆଦି ମାମଲାରେ ପୂର୍ବରୁ ଜେଲ ଯାଇଛନ୍ତି। ଜେଲରେ ସେମାନେ ସାଙ୍ଗ ହୋଇ ଯୋଜନା କରୁଥିଲେ ବୋଲି ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଏହି ଗିରଫ ପ୍ରତିବାଦରେ ଅଭିଯୁକ୍ତମାନଙ୍କ ପରିବାର ଲୋକେ ଥାନା ସାମ୍ନାରେ ପ୍ରତିବାଦ କରିଥିଲେ। ଗାଡି ସାଇଟ୍‌ମରା ଘଟଣାକୁ ଡକାୟତି ଯୋଜନା କହି ପୋଲିସ ମିଛରେ ଗିରଫ କରିଥିବା ସେମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ,୨୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ଅନ୍ତର୍ଗତ ରଜାଗଡ଼-ଗୋବିନ୍ଦପୁର ପଞ୍ଚାୟତସ୍ଥ ଲୋଚନପୁର ଗ୍ରାମରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କଟକ ଅର୍ବାନ ଆଇକେୟାର ଚିକିତ୍ସାଳୟ ଡାକ୍ତର ଓ ଟେକ୍ନିସିଆନ ୫୫ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୯ଜଣଙ୍କୁ ଅପରେଶନ ନିମନ୍ତେ କଟକ ଅର୍ବାନ ଆଇ ହସ୍ପିଟାଲକୁ ପଠାଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଅବିକଳ ସ୍କେଚ୍ ପ୍ରଦାନକଲେ ଅମରେନ୍ଦ୍ର

ଭୁବନେଶ୍ୱର,୨୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଚିତ୍ରଶିଳ୍ପୀ ଅମରେନ୍ଦ୍ର ବେହେରା ପେନ୍‌ସିଲ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅବିକଳ ସ୍କେଚ୍ ଆଙ୍କିଛନ୍ତି। ଏଥିସହ ସେ ରାଜ୍ୟ ଅତିଥି ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାହାକୁ ପ୍ରଦାନ କରିଛନ୍ତି। ଗୃହ ବିଭାଗର ସେକ୍ସନ ଅଫିସର ଭାବେ କାର୍ଯ୍ୟରତ ଅମରେନ୍ଦ୍ରଙ୍କର ଚିତ୍ର କରିବା ଏକ ନିଶା। ସୁଯୋଗ ମିଳିଲେ ସେ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ତାଙ୍କର ସ୍ୱଅଙ୍କିତ ଚିତ୍ର ପ୍ରଦାନ କରିବାକୁ ଭଲପାଆନ୍ତି। ଆଗରୁ ମଧ୍ୟ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ କଣ୍ଠଶିଳ୍ପୀ କୁମାର ସାନୁ, ସୋନୁ ନିଗମ, ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ପ୍ରମୁଖଙ୍କୁ ଚିତ୍ର ପ୍ରଦାନ କରିଛନ୍ତି।



## ଟ୍ରାଫିକ୍ ପୋଷ୍ଟରୁ ରେଡ୍ ଲାଇଟ୍ ହଟାଇବା ପ୍ରସଙ୍ଗ

# ପ୍ରଥମେ ଭିତ୍ତିଭୂମି ସଜାଡ଼ିବା ଜରୁରୀ




ଭୁବନେଶ୍ୱର,୨୭।୬(ବନ୍ଦନା ସେଠୀ)

ସହରାଞ୍ଚଳରେ ସାଧାରଣ ଲୋକଙ୍କ ଗମନାଗମନକୁ ସହଜ ଓ ସରଳ କରିବା ଲକ୍ଷ୍ୟରେ ଟ୍ରାଫିକ୍ ପୋଷ୍ଟରୁ ରେଡ୍ ଲାଇଟ୍ ବା ନାଲିବତୀ ହଟାଇବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଫଳରେ ଲୋକଙ୍କୁ ଟ୍ରାଫିକ୍ ପୋଷ୍ଟରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅଳ୍ପସମୟ ମଧ୍ୟରେ ଲୋକମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। ଏଥିସହିତ ସହରାଞ୍ଚଳରେ ଆଇନ ଶୃଙ୍ଖଳା ପାଇଁ ଅଧିକରୁ ଅଧିକ ସିସିଟିଭି ଲଗାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିକଟରେ କହିଛନ୍ତି। ଏପରି କି ଏହା ଭୁବନେଶ୍ୱରରେ ପ୍ରଥମେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି ବୋଲି କହିଛନ୍ତି। ତେବେ ସହରରେ ଛୋଟବଡ଼ ଛକକୁ ମିଶାଇ ମୋଟ୍ ୬୫ ଟ୍ରାଫିକ୍ ପୋଷ୍ଟ ରହିଥିବାବେଳେ ସେଠାରେ ୩୫୨ଜଣ ଟ୍ରାଫିକ୍ କର୍ମଚାରୀ ମୁତୟନ ହୋଇଛନ୍ତି। କାଁ ଭାଁ କିଛି ଟ୍ରାଫିକ୍ ପୋଷ୍ଟକୁ ଛାଡିଦେଲେ ପ୍ରାୟ ସବୁ ପୋଷ୍ଟରେ ରେଡ୍‌ଲାଇଟ୍ ଲଗାଯାଇଛି। ଅପରପକ୍ଷେ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି। ଛକଗୁଡ଼ିକରେ ନାଲିବତି ହଟାଇବାକୁ ହେଲେ ସେଠାରେ ବର୍ତ୍ତର ଆକାରରେ ରାଉଣ୍ଡ୍ ଏବାଉଟ୍ ଦେବାକୁ ପଡ଼ିବ। ଫଳରେ ଗାଡ଼ି ନ ଅଟକି ବିଭିନ୍ନ ଲେନ୍‌ରେ ଯାତାୟାତ କରିପାରିବ। ଏଥିପାଇଁ ସେହି ସ୍ଥାନରେ ଗୋଲେଇ ଛକ କରିବାକୁ ହେବ। ଗୋଲେଇ ଛକ କରିବାକୁ ସବୁସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମିର ଅଭାବ ରହିଛି। ଏଥିସହିତ ଟ୍ରାଫିକ୍ ଲାଇଟ୍ ଉଠାଇବାକୁ ହେଲେ ଭୂତଳ ରାସ୍ତା, ଫୁଟ୍ ଓଭରବ୍ରିଜ ଆଦି ବିକଳ୍ପ ବ୍ୟବସ୍ଥା ପ୍ରଥମେ କରିବାକୁ ହେବ ବୋଲି ମତ ପ୍ରକାଶ ପାଇଛି। ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ସାଧାରଣରେ ଦାବି ହୋଇଛି।



“ ଟ୍ରାଫିକ୍ ପୋଲିସ ନିୟୋଜିତ ହେବା ସହ ରେଡ୍‌ଲାଇଟ୍ ଲାଗିବା ସତ୍ତ୍ୱେ ମଧ୍ୟ ଅନେକ ଦୁର୍ଘଟଣା ହେଉଛି। ତେଣୁ ରେଡ୍‌ଲାଇଟ୍ ହଟାଇବା ପରେ ଦୁର୍ଘଟଣା ବଢ଼ିବାର ଯଥେଷ୍ଟ ଆଶଙ୍କା ରହୁଛି। ବିଳମ୍ବିତ ରାତିରେ ଟ୍ରାଫିକ୍ ପୋଲିସ ପୋଷ୍ଟରେ ରୁହନ୍ତି ନାହିଁ। ସେହି ସମୟରେ ସିଗ୍‌ନାଲ୍ ହିଁ ଭରସା ପାଲଟି ଥାଏ। ସହରରେ ଅନେକ ଲୋଫର୍ ବୁଲୁଥିବାବେଳେ ସେମାନଙ୍କୁ କେବଳ ସିସିଟିଭି କ୍ୟାମେରା ଭରସାରେ ଛାଡ଼ିଦେବା ଠିକ୍ ହେବନାହିଁ।

- ଶିବ ବିଶ୍ୱାଳ, କର୍ମଜୀବୀ



“ ଏହା ଏକ ସ୍ୱାଗତଯୋଗ୍ୟ ଯୋଜନା। ମାତ୍ର ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରା ନ ଗଲେ, ଅନେକ ଦୁର୍ଘଟଣା ହେବା ଆଶଙ୍କା ରହୁଛି। ପୁଣି ଏଥିପାଇଁ ଭିତ୍ତିଭୂମି ସଜାଡ଼ିବା ନିହାତି ଆବଶ୍ୟକ, ନଚେତ୍ ଅନ୍ୟ ଯୋଜନା ଭଳି ଏହା ମଧ୍ୟ ଫେଲ୍ ହୋଇଯିବ।

- ସ୍ମିତିପ୍ରଜ୍ଞା ମିଶ୍ର, ଛାତ୍ରୀ



“ ଅନ୍ୟ ମେଟ୍ରୋସିଟିକୁ ଦେଖି ମନ୍ତ୍ରୀ ଏଭଳି ପରିକଳ୍ପନା କରୁଛନ୍ତି। ମାତ୍ର ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଅଛି କି ନାହିଁ ପ୍ରଥମେ ତାହା ଦେଖିବା ଆବଶ୍ୟକ। ସେହିପରି ଯଦି ରେଡ୍ ଲାଇଟ୍ ହଟିବ ତେବେ କ’ଣ ଟ୍ରାଫିକ୍ ପୋଲିସ ମଧ୍ୟ ହଟିବେ କି? ନଚେତ୍ ଲାଇଟ୍ ହଟିବା ନ ହଟିବା କିଛି ଫରକ ପଡ଼ିବ ନାହିଁ। କାରଣ ଏଜି, ରାଜମହଲ, ସିଆର୍‌ପି ଭଳି ବଡ଼ବଡ଼ ଛକରେ ଟ୍ରାଫିକ୍ ପୋଲିସଙ୍କ ସିଗ୍‌ନାଲକୁ ଅପେକ୍ଷା କରି ରହିବାକୁ ପଡ଼ିବ।

- ରଞ୍ଜିତ୍ ବେହେରା, ବ୍ୟବସାୟୀ



“ ଭୁବନେଶ୍ୱରରେ ଆବଶ୍ୟକ ସଂଖ୍ୟକ ଟ୍ରାଫିକ୍ ପୋଲିସ ନାହାନ୍ତି। ତେଣୁ ଅନେକ ସମୟରେ ଟ୍ରାଫିକ୍ ପୋଷ୍ଟରେ ଲାଗିଥିବା ଲାଇଟ୍ ସେମାନଙ୍କ ବିକଳ୍ପ ଭାବେ କାମ କରିଥାଏ। ଏଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାଫିକ୍ ଲାଇଟ୍‌କୁ ହଟାଇଦେବା ଆଦୌ ଠିକ୍ ହେବ ନାହିଁ। ଲୋକମାନେ ମନଇଚ୍ଛା ଯାତାୟାତ କରିବେ ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଶର୍ଟକଟ୍ ରାସ୍ତା ଆପଣାଇବେ। ଫଳରେ ଦୁର୍ଘଟଣା ଘଟିବାର ବହୁ ଆଶଙ୍କା ରହୁଛି।

- ତୁଳସୀ ନାଥ, ଶିକ୍ଷୟିତ୍ରୀ



“ ଅଫିସ୍ କିମ୍ବା ଘରେ ଶ୍ରୀଘ ପହଞ୍ଚିବା ଅପେକ୍ଷା ସୁରକ୍ଷିତ ପହଞ୍ଚିବା ଜରୁରୀ। ଏଥିପାଇଁ ସୁରକ୍ଷିତ ଏବଂ ସୁଦୃଢ଼ ଟ୍ରାଫିକ୍ ବ୍ୟବସ୍ଥା ହେବା ଦରକାର। ରେଡ୍ ଲାଇଟ୍ ହଟାଇବା ଅପେକ୍ଷା ଆବଶ୍ୟକ ସଂଖ୍ୟକ ଟ୍ରାଫିକ ପୋଲିସ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଉ। ସଡ଼କ ସୁରକ୍ଷା ନିୟମକୁ ପାଳନ କରାଯିବା ସହ ଯେଉଁମାନେ ଏହାକୁ ପାଳନ କରୁ ନାହାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

- ଶୁଭାଶିଷ ସ୍ୱାଇଁ, କର୍ମଜୀବୀ



“ ରେଡ୍ ଲାଇଟ୍, ଗ୍ରୀନ୍ ଲାଇଟ୍ ଜରିଆରେ ଦେଶର ବଡ଼ବଡ଼ ରାଜ୍ୟ ତଥା ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ହେଉଛି। ରେଡ୍‌ଲାଇଟ୍ ହଟାଇବାର ଅର୍ଥ ହେଉଛି ପୂରା ସହରକୁ ଗ୍ରୀନ୍ କରିଡର କରିଦେବା। ରାସ୍ତାରେ ଗାଡ଼ି ମୋଟର ଯାତାୟାତ, ପଥଚାରୀ କାହା ପାଇଁ କୌଣସି ଅସୁବିଧା ଆସିବ ନାହିଁ। ତେବେ ଏଥିପାଇଁ ପର୍ଯ୍ୟାପ୍ତ ସଡ଼କ ବ୍ୟବସ୍ଥା, ଫ୍ଲାଏ ଓଭର ଏବଂ ଫୁଟ୍‌ପାଥ, ସାଇକେଲ, ଦୁଇଚକିଆ, ଚାରିଚକିଆ, ଭାରିଯାନ ଆଦି ଯାତାୟାତ କରିବା ପାଇଁ ଅଲଗା ଅଲଗା ଲେନ୍ ହେବା ଉଚିତ। ଫଳରେ କୌଣସି ନିର୍ଦ୍ଦିଷ୍ଟ ସଡ଼କ ଉପରେ ଟ୍ରାଫିକ୍ ଚାପ ରହିବ ନାହିଁ। ଟ୍ରାଫିକ୍ ଚାପ ନ ରହିଲେ ହୁଏତ ରେଡ୍ ଲାଇଟ୍ ହଟାଇ ଦେବାର ସମୟ ଆସିପାରେ। ମାତ୍ର ବର୍ତ୍ତମାନ ଯେତେ ସଂଖ୍ୟାରେ ଲୋକମାନେ ରାସ୍ତାକୁ ବ୍ୟବହାର କରୁଛନ୍ତି, ଏଭଳି ସ୍ଥିତିରେ ରେଡ୍‌ଲାଇଟ୍ ହଟାଇବା ସମୀଚୀନ ହୋଇ ନ ପାରେ। ତେବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ରାସ୍ତାଘାଟ ବ୍ୟବସ୍ଥା କରି ଲୋକଙ୍କୁ ସଚେତନ କରିବା ଆବଶ୍ୟକ।

- ଶ୍ରୀକୃଷ୍ଣ ସାମଲ, ପୂର୍ବତନ ଡିସିପି ଟ୍ରାଫିକ୍

## ବିଜେଡି ଯୁବନେତାଙ୍କ ଘରକୁ ବୋମାମାଡ଼

ସାଲେପୁର,୨୭।୬(ଅରବିନ୍ଦ ଭୂୟାଁ)

କଟକ ଜିଲା ସାଲେପୁର ଅଞ୍ଚଳର ବିଜେଡି ଯୁବନେତା ଚିରଞ୍ଜନ ପୁହାଣଙ୍କ ଘର ଉପରେ ଶୁକ୍ରବାର ୨ ଥର ବୋମା ମାଡ଼ହୋଇଛି। ଏଥିରେ ତାଙ୍କ ଘର କାଚ ଭାଙ୍ଗିଯାଇଛି। ଏନେଇ ତାଙ୍କ ସ୍ତ୍ରୀ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପୁହାଣଙ୍କ ପରିବାର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ପଞ୍ଚାୟତ ସୋଗଲ ଗ୍ରାମରେ ରୁହନ୍ତି। ବୁଧବାର ରାତି ପ୍ରାୟ ୧୧ଟାବେଳେ କୌଣସି ଦୁର୍ବୃତ୍ତ ତାଙ୍କ ଘର ସମ୍ମୁଖରେ ବୋମାମାଡ଼ କରିଥିଲେ। ବିଳମ୍ବିତ ରାତିରେ ପୁନର୍ବାର ଘର ଉପରକୁ ବୋମା ମାଡ଼ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୧୮୭/୨୪) ରୁଜୁ କରିଛି। ବୋମାରେ ବ୍ୟବହୃତ ସୁତୁଲି, ଗୋଡ଼ି ଓ ବାରୁଦ ଇତ୍ୟାଦି ଜବତ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶ ପ୍ରକାଶ କରିଛନ୍ତି। ରାଜନୈତିକ ଶତ୍ରୁତାରୁ ଏହି ବୋମାମାଡ଼ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

## ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ରାଷ୍ଟ୍ରପତି

କଟକ,୨୭।୬(କାର୍ତ୍ତିକ ସାହୁ):

ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀ ଭୁବନେଶ୍ୱର ସୂଚନା ଭବନରେ ଜୁଲାଇ ୬ ତାରିଖ ସନ୍ଧ୍ୟା ୫ଟା ୩୦ରେ ପାଳନ ହେବ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ସବରେ ଯୋଗଦେବେ। ଉତ୍ସବରେ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେବେ। ଏଥିରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଅଧକ୍ଷତା କରିବେ। ଏହି ଅବସରରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ସଂଖ୍ୟା ଓ ସତ୍ୟବାଦୀର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହେବ। ଏଥିସହ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନର କାର୍ଯ୍ୟକ୍ରମ ରହିଛି ବୋଲି ‘ସମାଜ’ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଅସରାଏ ବର୍ଷାରେ ଲେମ୍ବେରୀ ଗାଁ ବେହାଲ



ବାଙ୍କୀ,୨୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ କଳାପଥର ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ କଳାପଥର ପଞ୍ଚାୟତର ଲେମ୍ବେରୀ ଗାଁ ଛକରେ ବର୍ଷା ପାଣି ଜମିଛି। ବର୍ଷପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ୧୬ନମ୍ବର ୱାର୍ଡରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ଲେମ୍ବେରୀ ସ୍କୁଲ, କଲେଜ, ମନ୍ଦିର, ପୋଖରୀ, ନଳକୂଅ ଓ କଳାପଥର ବଜାରରେ ଆଣ୍ଠୁଏ ଉଚ୍ଚ ପାଣି ଜମିଛି। ଲୋକେ ସେହି ପାଣିରେ ପଶି ଯାତୟାତ କରିବାକୁ ବାଧ ହେଉଛି। ବିଶେଷ କରି ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସ୍ଥାନରେ ନର୍ଦ୍ଦମା ଓ ବର୍ଷା ପାଣି ଜମି ରହି ମଶା ଓ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଛି। ଫଳରେ ଡାଇରିଆ ସହ ଡେଙ୍ଗୁରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଲେମ୍ବେରୀ ଗ୍ରାମର ଜୟଦେବ ବିଶ୍ୱାଳ, ରାଜୀବ ପ୍ରଧାନ, ମୀନ ପଲେଇ, ସୁନୀତା ନାୟକ, ସୁନ୍ଦରୀ ନାୟକ ପ୍ରମୁଖ ବାଙ୍କୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ବଜ୍ରପାତରେ ୬ ଗୋରୁ ମୃତ



ବଜ୍ରପାତରେ ମୃତ ଗୋରୁ।

ନରସିଂହପୁର, ୨୭।୬ (ନିରଞ୍ଜନ ଦେବକୁମାର)

କଟକ ଜିଲା ନରସିଂହପୁର ବ୍ଲକ ଦେବଭୂମି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସେରମୁଣ୍ଡା ଗ୍ରାମରେ ବଜ୍ରପାତ ଘଟି ୬ ଗୋରୁଙ୍କ ମୃତ୍ୟୁ ଘଟିଛି । ସବୁଦିନ ଭଳି ଗୁରୁବାର ଗ୍ରାମ ନିକଟ ପଡ଼ିଆରେ ଗୋରୁମାନେ ଚରୁଥିବାବେଳେ ମଧ୍ୟାହ୍ନ ପ୍ରାୟ ୨ଟାବେଳକୁ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଗୋଟିଏ ଗଛମୂଳେ ରହିଥିବା ଗୋରୁଗୋଠରୁ ୬ଟି ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଓ ପ୍ରାଣୀଧନ ଚିକିତ୍ସକ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିବା ସହ ମୃତ ଗୋରୁ ମାଲିକ ପରିବାରକୁ ସମବେଦନା ଜଣାଇଛନ୍ତି। ଉକ୍ତ ପରିବାରଗୁଡ଼ିକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ମୋ ବସ୍ ଧକ୍କାରେ ଛାତ୍ର ଗୁରୁତର: ରାସ୍ତାରୋକୋ

ସାଲେପୁର,୨୭।୬(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକର ଶିଶୁଆ ବଜାର ନିକଟରେ ମୋ ବସ୍ ଧକ୍କାରେ ଦଶମ ଶ୍ରେଣୀର ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଲକ୍ଷ୍ମୀନୃସିଂହ ହାଇସ୍କୁଲ ପୁରୁଷୋତ୍ତମପୁରର ଦଶମ ଶ୍ରେଣୀ ଛାତ୍ର ତଥା ଶିଶୁଆ ଗ୍ରାମର ଅମୂଲ୍ୟ ଛାଟୋଇଙ୍କ ପୁଅ ବଳରାମ। ଏହାପରେ ଉତ୍ତ୍ୟକ୍ତ ଲୋକେ କିଛି ସମୟ ପାଇଁ କଟକ-ସାଲେପୁର ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ କିଛି ସମୟ ପାଇଁ ଠପ୍ ହୋଇଯାଇଥିଲା। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି।

ସକାଳ ପ୍ରାୟ ୯ଟା ସମୟରେ ବଳରାମ ଟ୍ୟୁଶନ୍‌ରୁ ଘରକୁ ଫେରୁଥିବାବେଳେ ଶିଶୁଆ ବଜାର ନିକଟରେ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ମୋ ବସ୍ (ଓଡି-୦୫ଡବ୍ଲ୍ୟୁ-୬୫୧୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବଳରାମ ପ୍ରାୟ ୧୫ରୁ ୨୦ମିଟର ପର୍ଯ୍ୟନ୍ତ ସାଇକେଲ ସହ ରାସ୍ତାରେ ଘୋଷାଡ଼ି ହୋଇଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ପାଟି କରିବାରୁ ବସ୍‌ଟି ରହିଯାଇଥିଲା। ଏହାପରେ ବଳରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଦୁର୍ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବସ୍‌ର କଣ୍ଡକ୍ଟର ଓ ଡ୍ରାଇଭରଙ୍କୁ ଅଟକରଖି କିଛିସମୟ ଧରି ଶିଶୁଆ ବଜାର ନିକଟରେ କଟକ-ସାଲେପୁର ରାସ୍ତା ଅବରୋଧ କରିଥିଲେ। ଏହି ରାସ୍ତାରେ ବେପରୁଆ ଭାବେ ବସ୍‌ଠାରୁ ଆରମ୍ଭ କରି ଚାରିଚକିଆ ଯାନ ଚାଳକମାନେ ଗାଡ଼ି ଚଳାଉଥିବାରୁ ନିୟମିତ ବ୍ୟବଧାନରେ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ହାନି ଘଟୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବସ୍‌କୁ ଜବତ କରିଛି।



ରାସ୍ତାରୋକୋ ଯୋଗୁ ଯାନବାହନ ଅଟକି ରହିଛି।

## ତାଳଦଣ୍ଡା କେନାଲ ରାସ୍ତା ପାର୍ଶ୍ୱରୁ ହଟିବ ଆବର୍ଜନା

କଟକ,୨୭।୬(କାର୍ତ୍ତିକ ସାହୁ)

କଟକ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବା ପରିପ୍ରେକ୍ଷୀରେ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟମୟ କରାଯାଉଛି। କେନାଲର ଉଭୟ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ କେତେକ ସ୍ଥାନରେ ବର୍ଜ୍ୟବସ୍ତୁ ଗଦା ହେଉଛି। ତେଣୁ ତାଳଦଣ୍ଡା କେନାଲ ରାସ୍ତା ପାର୍ଶ୍ୱରୁ ଆବର୍ଜନା ହଟାଇବା ଲାଗି ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଯୋବ୍ରାରୁ ମାତୃଭବନ ମଧ୍ୟରେ ପଡ଼ିଥିବା ଆବର୍ଜନାଗୁଡ଼ିକୁ ନୂଆବଜାର ଡମ୍ପିୟାର୍ଡରେ ପକାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହ ସହର ସମସ୍ୟା ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଅସରାଏ ବର୍ଷାରେ ସହର ଜଳବନ୍ଦୀ ହେଉଛି। ବିଭିନ୍ନ ଜଳବନ୍ଦୀ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ହାଇ ପାୱାର ପମ୍ପ ରଖାଯାଉଥିବା ସିଏମ୍‌ସି ପକ୍ଷରୁ ସତ୍ୟପାଠ ଜରିଆରେ ଅବଗତ କରାଯାଇଛି। ନେତାଜୀ ନଗର ଅଞ୍ଚଳରେ ଗୋଟିଏ ପମ୍ପ ଦ୍ୱାରା ଜଳ ନିଷ୍କାସନ କରାଯାଉଥିବା ବେଳେ ଇଲେକ୍ଟ୍ରିକ ପମ୍ପ ସ୍ଥାପନ ପ୍ରକ୍ରିୟା ଜାରି ରହିଛି। ଏହା ଅଗଷ୍ଟ ଶେଷ ସୁଦ୍ଧା ଶେଷ ହେବା ନେଇ ସିଏମ୍‌ସି ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀର ଫଟୋ ଓ ଭିଡିଓ ଉପସ୍ଥାପନ କରାଯିବା ପରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ବକ୍ସଡ୍ରେନ ଓ ଏହାର ସଂଯୋଗକାରୀ ଡ୍ରେନ୍‌ରେ ୩ଟି ୬୦ ଏଚ୍‌ପି ପମ୍ପ ଲଗାଇବାକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଅବଗତ କରାଯାଇଥିଲା। ଏଥିସହ ଏସ୍‌ସିବି ମେଡିକାଲର ସମ୍ପ୍ରସାରଣସ୍ଥଳୀରୁ ୫ଟି ଡ୍ରେନ ଯୋଗେ ନର୍ଦ୍ଦମା ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଛି। ଏହି ନର୍ଦ୍ଦମା ଜଳ ତାଳଦଣ୍ଡା କେନାଲରେ ମିଶାଇବାକୁ ଯୋଜନା ହେଉଥିବାରୁ କେନାଲ ଜଳ ପ୍ରଦୂଷିତ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଏସସିବି ମେଡିକାଲରୁ ନିର୍ଗତ ହେବାକୁ ଥିବା ନର୍ଦ୍ଦମା ଜଳ କେନାଲ ବଦଳରେ ଅନ୍ୟ ସ୍ଥାନରେ ଛଡ଼ାଯିବା ଉପରେ ପଦକ୍ଷେପ ଗ୍ରହଣ କରି ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବକ୍ସଡ୍ରେନ ଓ ମୁଖ୍ୟ ନର୍ଦ୍ଦମା ଉପରୁ ଜବରଦଖଲ ଉଚ୍ଛେଦ, ମୁକୁଳା ଡ୍ରେନ୍‌ରେ ସ୍ଲାବ ପକାଯିବା, ପଙ୍କ ଉଦ୍ଧାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାସ୍ତାରୁ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପୁନଃ ଜବରଦଖଲ ନହେବା ପ୍ରତି ଦୃଷ୍ଟିଦେବା, ପାଦଚଲାରାସ୍ତା ଜବରଦଖଲ ମୁକ୍ତ କରିବା, ନୋ ପାର୍କିଂ ଜୋନ ନିୟମକୁ କଡ଼ାକଡ଼ି ପାଳନ କରାଯିବ, ବାଦାମବାଡ଼ିରୁ ଲିଙ୍କରୋଡ୍ ମଧ୍ୟରେ ରାସ୍ତାରେ ଗାଡ଼ି ଅଟକାଇ ଯାତ୍ରୀ ଉଠାଇଲେ ପ୍ରଶାସନ କଠୋର ଆଭିମୂଖ୍ୟ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣିରେ ପୂର୍ବ ସ୍ଥିତି ଓ ବଦଳିଥିବା ସ୍ଥିତିର ଫଟୋ ଓ ଭିଡିଓ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



**ହାଇକୋର୍ଟରେ କଟକ ସହର ସମସ୍ୟା**

- କଡ଼ାକଡ଼ି ପାଳନ ହେବ ନୋ-ପାର୍କିଂ ଜୋନ୍
- ରାସ୍ତାରେ ଗାଡ଼ି ଅଟକାଇ ଯାତ୍ରୀ ଉଠାଇଲେ କାର୍ଯ୍ୟାନୁଷ୍ଠାନ

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୪ ଆହତ

ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଘାଲୋ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ରକ୍ତ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗୋଷ୍ଠୀର ଶେଖ ମୁସ୍ତାକିମ୍, ଏସ୍ କେ ନସିମଉଦ୍ଦିନ, ଏସ୍ କେ ସୋହେଲଉଦ୍ଦିନଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ଗୋଟିଏ ପରିବାରର ଶେଖ୍, ମୁସ୍ତାକିମ୍ ୯ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ପରିବାରର ସୋହେଲଉଦ୍ଦିନ ୧୦ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷ ଅଭିଯୋଗକୁ ଭିତ୍ତି କରି ପୋଲିସ କେତେଜଣ ମହିଳାଙ୍କ ସମେତ ଉଭୟ ପକ୍ଷର ମୋଟ ୧୯ ଜଣଙ୍କ ବିରୋଧରେ ୨୦୮/୨୪, ୨୦୯/୨୪ରେ ପୃଥକ୍ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ବ୍ରାଉନ୍‌ସୁଗାର ବ୍ୟବସାୟୀ ଗିରଫ

ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ବିଭାଗ ସ୍ଥାନୀୟ ଥାନା ଅଧୀନ କୁଶଭଦ୍ରା ନଦୀ ବ୍ରିଜ୍ ନିକଟ ତ୍ରିନାଥ ମନ୍ଦିରରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଖେଦରପୁର ଗ୍ରାମର କୃପାସିନ୍ଧୁ ଭୋଇ (୪୨)। ତାଙ୍କଠାରୁ ୪୪ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଯାହାର ମୂଲ୍ୟ ୪ ଲକ୍ଷ ୪୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏନେଇ ଅବକାରୀ ଥାନା ପକ୍ଷରୁ ବ୍ୟବସାୟୀଙ୍କ ବିରୋଧରେ କେସ୍ ନଂ. ୪୭/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଚାଲିଛି। ଜାମିନ ନାମଞ୍ଜୁର ହେବାକୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଜିତେନ୍ଦ୍ର ବେହେରା, ସ୍ୱାଗତିକା ଘଡ଼େଇ, ତପନ ପ୍ରଧାନ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

### ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଭାଜପାର ଦାବି

ଯୋଗେଶ୍ୱରପୁର,୨୭।୬(ରଶ୍ମିରଞ୍ଜନ ସାହୁ)

ବଳାତ୍କାର ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବାବେଳେ ନୟାହାଟ ଫାଣ୍ଡି ଅଧିକାରୀ ଗିରଫ କରିବାରେ ବିଳମ୍ବ କରୁଥିବାରୁ ଇସାଣପୁର ପଞ୍ଚାୟତ ଭାଜପା ପକ୍ଷରୁ ତାଙ୍କୁ ଗିରଫ କରିବାକୁ ଦାବି ହୋଇଛି। ପ୍ରକାଶ ଯେ, ଇଶାଣପୁର ପଞ୍ଚାୟତ ତଡାଭୋଇ ସାହି ଗ୍ରାମର ଜୈନିକା ହରିଜନ ମହିଳା ତାଙ୍କ ପାନବରଜକୁ ପାନ ତୋଳିବାକୁ ଯାଇଥିବାବେଳେ ସେ ଏକା ଥିବାର ସୁଯୋଗ ପାଇ ତେଶୁଣ୍ଡୀ ଗ୍ରାମର ପ୍ରକାଶ ରାଉତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ପାଟି କରିବାରୁ ସ୍ଥାନୀୟ ଲୋକ ଆସିବାରେ ପ୍ରକାଶ ସେଠାରୁ ପଳାଇଥିଲେ।

ଟ୍ରାଫିକ୍ ପୋଷ୍ଟରୁ ରେଡ୍ ଲାଇଟ୍ ହଟାଇବା ପ୍ରସଙ୍ଗ

# ଯୋଜନା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବା ଜରୁରୀ




ଭୁବନେଶ୍ୱର,୨୭।୬ (ବନ୍ଦନା ସେଠୀ)

ସହରାଞ୍ଚଳରେ ସାଧାରଣ ଲୋକଙ୍କ ଗମନାଗମନକୁ ସହଜ ଓ ସରଳ କରିବା ଲକ୍ଷ୍ୟରେ ଟ୍ରାଫିକ୍ ପୋଷ୍ଟରୁ ରେଡ୍ ଲାଇଟ୍ ବା ନାଲିବତୀ ହଟାଇବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଫଳରେ ଲୋକଙ୍କୁ ଟ୍ରାଫିକ୍ ପୋଷ୍ଟରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅଳ୍ପସମୟ ମଧ୍ୟରେ ଲୋକମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। ଏଥିସହିତ ସହରାଞ୍ଚଳରେ ଆଇନ ଶୃଙ୍ଖଳା ପାଇଁ ଅଧିକରୁ ଅଧିକ ସିସିଟିଭି ଲଗାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିକଟରେ କହିଛନ୍ତି। ଏପରି କି ଏହା ଭୁବନେଶ୍ୱରରେ ପ୍ରଥମେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି ବୋଲି କହିଛନ୍ତି। ତେବେ ସହରରେ ଛୋଟବଡ଼ ଛକକୁ ମିଶାଇ ମୋଟ୍ ୬୫ ଟ୍ରାଫିକ୍ ପୋଷ୍ଟ ରହିଥିବାବେଳେ ସେଠାରେ ୩୫୨ଜଣ ଟ୍ରାଫିକ୍ କର୍ମଚାରୀ ମୁତୟନ ହୋଇଛନ୍ତି। କାଁ ଭାଁ କିଛି ଟ୍ରାଫିକ୍ ପୋଷ୍ଟକୁ ଛାଡିଦେଲେ ପ୍ରାୟ ସବୁ ପୋଷ୍ଟରେ ରେଡ୍‌ଲାଇଟ୍ ଲଗାଯାଇଛି। ଅପରପକ୍ଷେ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି। ଛକଗୁଡ଼ିକରେ ନାଲିବତି ହଟାଇବାକୁ ହେଲେ ସେଠାରେ ବର୍ତ୍ତର ଆକାରରେ ରାଉଣ୍ଡ୍ ଏବାଉଟ୍ ଦେବାକୁ ପଡ଼ିବ। ଫଳରେ ଗାଡ଼ି ନ ଅଟକି ବିଭିନ୍ନ ଲେନ୍‌ରେ ଯାତାୟାତ କରିପାରିବ। ଏଥିପାଇଁ ସେହି ସ୍ଥାନରେ ଗୋଲେଇ ଛକ କରିବାକୁ ହେବ। ଗୋଲେଇ ଛକ କରିବାକୁ ସବୁସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମିର ଅଭାବ ରହିଛି। ଏଥିସହିତ ଟ୍ରାଫିକ୍ ଲାଇଟ୍ ଉଠାଇବାକୁ ହେଲେ ଭୂତଳ ରାସ୍ତା, ଫୁଟ୍ ଓଭରବ୍ରିଜ ଆଦି ବିକଳ୍ପ ବ୍ୟବସ୍ଥା ପ୍ରଥମେ କରିବାକୁ ହେବ ବୋଲି ମତ ପ୍ରକାଶ ପାଇଛି। ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ସାଧାରଣରେ ଦାବି ହୋଇଛି।



ଟ୍ରାଫିକ୍ ପୋଲିସ ନିୟୋଜିତ ହେବା ସହ ରେଡ୍‌ଲାଇଟ୍ ଲାଗିବା ସତ୍ତ୍ୱେ ମଧ ଅନେକ ଦୁର୍ଘଟଣା ହେଉଛି। ତେଣୁ ରେଡ୍‌ଲାଇଟ୍ ହଟାଇବା ପରେ ଦୁର୍ଘଟଣା ବଢ଼ିବାର ଯଥେଷ୍ଟ ଆଶଙ୍କା ରହୁଛି। ବିଳମ୍ବିତ ରାତିରେ ଟ୍ରାଫିକ୍ ପୋଲିସ ପୋଷ୍ଟରେ ରୁହନ୍ତି ନାହିଁ। ସେହି ସମୟରେ ସିଗ୍‌ନାଲ୍ ହିଁ ଭରସା ପାଲଟି ଥାଏ। ସହରରେ ଅନେକ ଲୋଫର୍ ବୁଲୁଥିବାବେଳେ ସେମାନଙ୍କୁ କେବଳ ସିସିଟିଭି କ୍ୟାମେରା ଭରସାରେ ଛାଡ଼ିଦେବା ଠିକ୍ ହେବନାହିଁ।

– ଶିବ ବିଶ୍ୱାଳ, କର୍ମଜୀବୀ



ଏହା ଏକ ସ୍ୱାଗତଯୋଗ୍ୟ ଯୋଜନା। ମାତ୍ର ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରା ନ ଗଲେ, ଅନେକ ଦୁର୍ଘଟଣା ହେବା ଆଶଙ୍କା ରହୁଛି। ପୁଣି ଏଥିପାଇଁ ଭିତ୍ତିଭୂମି ସଜାଡ଼ିବା ନିହାତି ଆବଶ୍ୟକ, ନଚେତ୍ ଅନ୍ୟ ଯୋଜନା ଭଳି ଏହା ମଧ ଫେଲ୍ ହୋଇଯିବ।

– ସ୍ମିତିପ୍ରଜ୍ଞା ମିଶ୍ର, ଛାତ୍ରୀ



ଅନ୍ୟ ମେଟ୍ରୋସିଟିକୁ ଦେଖି ମନ୍ତ୍ରୀ ଏଭଳି ପରିକଳ୍ପନା କରୁଛନ୍ତି। ମାତ୍ର ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଅଛି କି ନାହିଁ ପ୍ରଥମେ ତାହା ଦେଖିବା ଆବଶ୍ୟକ। ସେହିପରି ଯଦି ରେଡ୍ ଲାଇଟ୍ ହଟିବ ତେବେ କ'ଣ ଟ୍ରାଫିକ୍ ପୋଲିସ ମଧ ହଟିବେ କି? ନଚେତ୍ ଲାଇଟ୍ ହଟିବା ନ ହଟିବା କିଛି ଫରକ ପଡ଼ିବ ନାହିଁ। କାରଣ ଏଜି, ରାଜମହଲ, ସିଆର୍‌ପି ଭଳି ବଡ଼ବଡ଼ ଛକରେ ଟ୍ରାଫିକ୍ ପୋଲିସଙ୍କ ସିଗ୍‌ନାଲକୁ ଅପେକ୍ଷା କରି ରହିବାକୁ ପଡ଼ିବ।

– ରଞ୍ଜିତ୍ ବେହେରା, ବ୍ୟବସାୟୀ



ଭୁବନେଶ୍ୱରରେ ଆବଶ୍ୟକ ସଂଖ୍ୟକ ଟ୍ରାଫିକ୍ ପୋଲିସ ନାହାନ୍ତି। ତେଣୁ ଅନେକ ସମୟରେ ଟ୍ରାଫିକ୍ ପୋଷ୍ଟରେ ଲାଗିଥିବା ଲାଇଟ୍ ସେମାନଙ୍କ ବିକଳ୍ପ ଭାବେ କାମ କରିଥାଏ। ଏଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାଫିକ୍ ଲାଇଟ୍‌କୁ ହଟାଇଦେବା ଆଦୌ ଠିକ୍ ହେବ ନାହିଁ। ଲୋକମାନେ ମନଇଚ୍ଛା ଯାତାୟାତ କରିବେ ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଶର୍ଟକଟ୍ ରାସ୍ତା ଆପଣାଇବେ। ଫଳରେ ଦୁର୍ଘଟଣା ଘଟିବାର ବହୁ ଆଶଙ୍କା ରହୁଛି।

– ତୁଳସୀ ନାଥ, ଶିକ୍ଷୟିତ୍ରୀ



ଅଫିସ୍ କିମ୍ବା ଘରେ ଶୀଘ୍ର ପହଞ୍ଚିବା ଅପେକ୍ଷା ସୁରକ୍ଷିତ ପହଞ୍ଚିବା ଜରୁରୀ। ଏଥିପାଇଁ ସୁରକ୍ଷିତ ଏବଂ ସୁଦୃଢ଼ ଟ୍ରାଫିକ୍ ବ୍ୟବସ୍ଥା ହେବା ଦରକାର। ରେଡ୍ ଲାଇଟ୍ ହଟାଇବା ଅପେକ୍ଷା ଆବଶ୍ୟକ ସଂଖ୍ୟକ ଟ୍ରାଫିକ ପୋଲିସ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଉ। ସଡ଼କ ସୁରକ୍ଷା ନିୟମକୁ ପାଳନ କରାଯିବା ସହ ଯେଉଁମାନେ ଏହାକୁ ପାଳନ କରୁ ନାହାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

– ଶୁଭାଶିଷ ସ୍ୱାଇଁ, କର୍ମଜୀବୀ



ରେଡ୍ ଲାଇଟ୍, ଗ୍ରୀନ୍ ଲାଇଟ୍ ଜରିଆରେ ଦେଶର ବଡ଼ବଡ଼ ରାଜ୍ୟ ତଥା ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ହେଉଛି। ରେଡ୍‌ଲାଇଟ୍ ହଟାଇବାର ଅର୍ଥ ହେଉଛି ପୂରା ସହରକୁ ଗ୍ରୀନ୍ କରିଡର କରିଦେବା। ରାସ୍ତାରେ ଗାଡ଼ି ମୋଟର ଯାତାୟାତ, ପଥଚାରୀ କାହା ପାଇଁ କୌଣସି ଅସୁବିଧା ଆସିବ ନାହିଁ। ତେବେ ଏଥିପାଇଁ ପର୍ଯ୍ୟାପ୍ତ ସଡ଼କ ବ୍ୟବସ୍ଥା, ଫ୍ଲାଏ ଓଭର ଏବଂ ଫୁଟ୍‌ପାଥ, ସାଇକେଲ, ଦୁଇଚକିଆ, ଚାରିଚକିଆ, ଭାରିଯାନ ଆଦି ଯାତାୟାତ କରିବା ପାଇଁ ଅଲଗା ଅଲଗା ଲେନ୍ ହେବା ଉଚିତ। ଫଳରେ କୌଣସି ନିର୍ଦ୍ଦିଷ୍ଟ ସଡ଼କ ଉପରେ ଟ୍ରାଫିକ୍ ଚାପ ରହିବ ନାହିଁ। ଟ୍ରାଫିକ୍ ଚାପ ନ ରହିଲେ ହୁଏତ ରେଡ୍ ଲାଇଟ୍ ହଟାଇ ଦେବାର ସମୟ ଆସିପାରେ। ମାତ୍ର ବର୍ତ୍ତମାନ ଯେତେ ସଂଖ୍ୟାରେ ଲୋକମାନେ ରାସ୍ତାକୁ ବ୍ୟବହାର କରୁଛନ୍ତି, ଏଭଳି ସ୍ଥିତିରେ ରେଡ୍‌ଲାଇଟ୍ ହଟାଇବା ସମୀଚୀନ ହୋଇ ନ ପାରେ। ତେବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ରାସ୍ତାଘାଟ ବ୍ୟବସ୍ଥା କରି ଲୋକଙ୍କୁ ସଚେତନ କରିବା ଆବଶ୍ୟକ।

– ଶ୍ରୀକୃଷ୍ଣ ସାମଲ, ପୂର୍ବତନ ଡିସିପି ଟ୍ରାଫିକ୍




ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପରେ ଅନୁଷ୍ଠିତ ଭାରତ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

## କବି ଆର୍ତ୍ତତ୍ରାଣ ସାହୁ ଭାରତ ପ୍ରତିଭା ସମ୍ମାନରେ ସମ୍ମାନିତ

ନିରାକାରପୁର,୨୭।୬ (ମାନସ ଚନ୍ଦ୍ର ପଟ୍ଟନାୟକ)

ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପରେ କବି ଡ.ଆର୍ତ୍ତତ୍ରାଣ ସାହୁଙ୍କୁ ଭାରତ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ବିଚାରପତି କେ.ଜି. ବାଲକ୍ରିଷ୍ଣନ, ପ୍ରଜ୍ଞଶ୍ରୀ କୁମାରୀ ଦେବଜାନୀ ଜୀ, ଡ. କମଲାକର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆର୍ତ୍ତତ୍ରାଣଙ୍କ ଘର ଖୋର୍ଦ୍ଧା ଜଲା ନିରାକାରପୁର ଅଞ୍ଚଳରେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ପୂର୍ବରୁ ସେ ଓଡିଆ ସାହିତ୍ୟ କ୍ଷେତ୍ରରେ ମ୍ୟାଜିକ୍ ବୁକ୍ ଅଫ୍ ରେକର୍ଡରୁ ସମ୍ବର୍ଦ୍ଧିତ ହୋଇଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର

ଡେଲାଙ୍ଗ,୨୭।୬ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ହାଟ ବଜାର ସନ୍ନିକଟ ବ୍ରିଜ ନିକଟରେ ଜଣେ ଯୁବକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ କ୍ୟାପିଟାଲ ହସ୍ପିଟାଲରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ବାବୁ ମଲ୍ଲିକ୍। ସୂଚନା ଅନୁଯାୟୀ, ବାବୁ ତାଙ୍କ ସାଇକେଲ ଦୋକାନ ବନ୍ଦ କରି ଅପରାହ୍ନ ୧ଟାବେଳକୁ ଘରକୁ ଫେରୁଥିଲେ। ବାବୁଙ୍କୁ କେତେଜଣ ଲୋକ ବ୍ରିଜ୍ ନିକଟରେ ପଡ଼ିଥିବା ଦେଖି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାବୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ମାମଲା ରୁଜୁ କରି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛି।

## ୫ ଦିନରେ ଅନବସର ଦର୍ଶନ

ବ୍ରହ୍ମଗିରି,୨୭।୬ (ସ୍ୱାଧୀନ ଚମ୍ପତିରାୟ)

ମହାପ୍ରଭୁ ଅଲାରନାଥଙ୍କ ପୀଠରେ ରବିବାରଠାରୁ ଆରମ୍ଭ ହୋଇଥିବା ଅନବସର ଦର୍ଶନ ଗୁରୁବାର ୫ମ ଦିନରେ ପହଞ୍ଚିଛି। ଏହି ଅବସରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ ପାଇଁ ଲମ୍ବାଧାଡ଼ିରେ ରହିଥିବା ସମୟରେ ମଝିରେ ମଝିରେ ବର୍ଷା ଓ ଖରା ଭକ୍ତଙ୍କୁ ସୁହାଉଥିବା ଦେଖିବାକୁ ମିଳିଥିଲା। ଏହାରି ଭିତରେ ଭକ୍ତଙ୍କ ଭିଡ଼କୁ ଦେଖି ପକେଟ୍‌ମାର ମାତିଥିବା ଦେଖିବାକୁ ମିଳୁଛି। ଭିଡ଼ର ସୁଯୋଗ ନେଇ ରଣପୁର ଅଞ୍ଚଳର ଦୀପକ ମହାନ୍ତି ଓ ଅସ୍ତରଙ୍ଗର ମାଧବ ଉତ୍ତରପ୍ରଦେଶରୁ ଆସିଥିବା ଜଣେ ଶ୍ରଦ୍ଧାଳୁ ବିଜୟ କୁମାର ଶର୍ମାଙ୍କ ପକେଟ୍‌ମାର କରିଥିଲେ।

## ହଜିବାକୁ ବସିଲାଣି ତାଳପତ୍ର ହସ୍ତଶିଳ୍ପ

ସାକ୍ଷୀଗୋପାଳ,୨୭।୬(ଭରତ ରାଉତ)

ବୁଡିବାକୁ ବସିଲାଣି କୁଳ ବେଉସା। ହଜିବାକୁ ବସିଲାଣି ତାଳ ପତ୍ର ହସ୍ତଶିଳ୍ପ। ଧୀରେ ଧୀରେ କାରିଗରମାନେ କୌଳିକ ବୃତ୍ତିରୁ ମୁହଁ ଫେରାଇ ନେଲେଣି। ୪୦ରୁ ଅଧିକ ପରିବାର ଏହି ତାଳ ପତ୍ରରେ ତିଆରି ଜିନିଷ ବିକ୍ରି କରି ପରିବାର ପୋଷଣ କରୁଥିଲେ। ହେଲେ ଏବେ ଧୀରେ ଧୀରେ ହଜି ଯିବାକୁ ବସିଛି ଏହି ଶିଳ୍ପ। ସରକାରଙ୍କ କୌଣସି ପ୍ରକାର ସାହାଯ୍ୟ ସହଯୋଗ ମିଳୁ ନ ଥିବାରୁ ପିଢି ପରେ ପିଢି ଚଳିଆସୁଥିବା ପୁରୀ ଜିଲା ସତ୍ୟବାଦୀର ପକ୍ଷୀମୁଣ୍ଡ ଗ୍ରାମର କାରିଗରମାନେ ମୁହଁ ଫେରାଇଲେଣି ଏହି ବୃତ୍ତିରୁ। ପ୍ରାୟ ୧୦୦ରୁ ଅଧିକ କାରିଗର ଏହି ତାଳପତ୍ରରୁ ବିଭିନ୍ନ ଜିନିଷ ସବୁ ତିଆରି କରିଥାନ୍ତି। ଭୋଗେଇ, ବିଞ୍ଚଣା, ଡାଲିଆ, ପକ୍ଷିଆ, ଛତା, ପାଚିଆ ଆଦିରୁ ନେଇ ଅନେକ ଘରକରଣା ଉପକରଣ ତିଆରି ହେଉଛି। କିନ୍ତୁ ସାହାଯ୍ୟ ସହଯୋଗ ସାଙ୍ଗକୁ ଦୁଇ ପଇସା ଲାଭ ପାପାରୁ ନ ଥିବାରୁ ବୃତ୍ତି ହଜିବାକୁ ବସିଲାଣି। ଏନେଇ ଖବରନେବାରେ ଗ୍ରାମର ଗୋପାଳ ବେହେରା କୁହନ୍ତି, ତାଳ ଗଛରୁ ପତ୍ର କାଟିବାକୁ ଗଛ ଚଢାଳିଙ୍କୁ ଗୋଟିଏ ଗଛ ପିଛା ୫୦ ଟଙ୍କା ଓ ଗଛ ମାଲିକଙ୍କୁ ୫୦ ଟଙ୍କା ଦେବାକୁ ପଡୁଛି। ଏପଟେ ପତ୍ରକୁ ଆଣି ତାକୁ ଧୋଇ ସୁଖାଇ ବୁଣିବା ଉପଯୋଗୀ କରିବାକୁ ପ୍ରାୟ ୫ ଦିନ ଲାଗେ। ଏହାରି ଭିତରେ ଏତେ ପରିଶ୍ରମ କରୁଥିବାବେଳେ ତା ଜାଗା ନେଇ ଯାଉଛି ପ୍ଲାଷ୍ଟିକ ଓ ପଲିଥିନ୍ ଜିନିଷ। ଫଳରେ ଯେଉଁ କିଛି ସାମଗ୍ରୀ ହେଉଛି ତାହାର ମୂଲ୍ୟ ମିଳୁନି। ଘରେ ପଡ଼ି ପଡ଼ି ସବୁ ଜିନିଷ ସାମଗ୍ରୀ ନଷ୍ଟ ହେବାରେ ଲାଗିଛି। ତେବେ ସରକାଙ୍କ ପକ୍ଷରୁ ଯଦି କିଛି ସହାୟତା ଯୋଗାଇ ଦିଆଯାଇପାରିବ ତେବେ ଏହି ବୃତ୍ତିକୁ ଅଧିକରୁ ଅଧିକ କାରିଗର ଆପଣାଇ ପାରିବେ ବୋଲି ଗୋପଳ କହିଛନ୍ତି।



## ଖତ ଖାଉଛି ଜିମ୍ ଉପକରଣ

ନିମାପଡ଼ା,୨୭।୬(ରଞ୍ଜନ ପଟ୍ଟନାୟକ)

ମୁକ୍ତା ଯୋଜନାରେ ଓପନ୍ ଜିମ୍‌ରେ ବ୍ୟବହୃତ ହୋଇଥାନ୍ତା

କଥାରେ ଅଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ସ୍ୱାସ୍ଥ୍ୟ ଫିଟ୍ ରହିଲେ ସବୁକିଛି ଠିକ୍। ସ୍ୱାସ୍ଥ୍ୟ ବିଗିଡ଼ିଲେ କଥା ସରିଲା। ପ୍ରଥମେ ଶରୀରକୁ ଫିଟ୍ ରଖିବାକୁ ହେଲେ ଖେଳକୁଦ ଏବଂ ବ୍ୟାୟାମ ଜରୁରୀ। ବିଜେଡି ସରକାର ସମୟରେ ସହରାଞ୍ଚଳ ବିଭିନ୍ନ ଅଞ୍ଚଳରେ ଓପନ ଜିମ୍ ନିର୍ମାଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବିଶେଷକରି ଖେଳପଡ଼ିଆ, ଚିତ୍ତବିନୋଦନ ପାର୍କ ଆଦି ସ୍ଥାନଗୁଡ଼ିକରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଓପନ ଜିମ୍ ପ୍ରତିଷ୍ଠା କରାଯାଇଥିଲା। ଏବେ ସରକାର ବଦଳିଛି ସତ ହେଲେ ପୂର୍ବ ସରକାର ସମୟରୁ ଶାରୀରିକ ସୁରକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ ଏବେ ଅଦରକାରୀ ହୋଇପଡ଼ିଛି। ମୁକ୍ତା ଯୋଜନାରେ ଖେଳପଡ଼ିଆ ଓ ଓପନ ଜିମ୍ ଏବଂ ଶିଶୁ ଉଦ୍ୟାନଗୁଡ଼ିକରେ ଲଗାଇବାକୁ ଉପରୋକ୍ତ କ୍ରୀଡ଼ା ସାମଗ୍ରୀ ଏବଂ ବ୍ୟାୟାମ ଉପକରଣ ସବୁ ଦୀର୍ଘଦିନ ହେବ ଲଗା ନ ଯାଇ ନଷ୍ଟ ହେବାକୁ ବସିଲାଣି। ଏଭଳି ଦୃଶ୍ୟ ନିମାପଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ପୌର ପ୍ରଶାସନର ଅପାରଗତା ଯୋଗୁ ସ୍ଥାନ ନିରୂପଣ ହୋଇ ନ ପାରିବାରୁ ଲକ୍ଷ ଲକ୍ଷ ଟଙ୍କାର ଜିମ ଉପକରଣ ସବୁ ଖରା ବର୍ଷାରେ ପଡ଼ିରହିଛି।



ନିମାପଡ଼ା ପୌରପରିଷଦ କାର୍ଯ୍ୟାଳୟରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ବ୍ୟାୟାମ ସାମଗ୍ରୀ।

ସୂଚନା ଅନୁଯାୟୀ, ୨୦୨୨-୨୩ ଓ ୨୪-୨୫ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ପ୍ରାୟ ୯୦ଟି ପ୍ରକଳ୍ପ ବାବଦରେ ଅର୍ଥ ମଞ୍ଜୁର ହୋଇଥିଲା। ଗୋଟିଏ ଅତ୍ୟାଧୁନିକ ପାର୍କ, ଶ୍ମଶାନ ଉନ୍ନତୀକରଣ, ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ, ପରିଶ୍ରାଗାର, କମ୍ୟୁନିଟି ସେଣ୍ଟର, ପାଦ ଚଲା ରାସ୍ତା, ଖେଳପଡ଼ିଆ ଉନ୍ନତୀକରଣ, ଓପନ ଜିମ, ଭେଣ୍ଡି ଜୋନ, ଜଳାଶୟ ଏବଂ ବର୍ଷା ଜଳ ଅମଳ ପ୍ରକଳ୍ପ ବାବଦରେ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହିସବୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ମହିଳା ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମୁକ୍ତା ଯୋଜନା ମାଧ୍ୟମରେ ସହରାଞ୍ଚଳ ବିକାଶ ହେବା ସହିତ ଛାତ୍ରୀଛାତ୍ର ଏବଂ ବୟସ୍କମାନେ ପାର୍କ ବୁଲିବା ସହିତ ଶରୀର ସୁସ୍ଥ ରଖିବାରେ ସହାୟକ ହେବ ବୋଲି ପ୍ରଚାର କରିଥିଲେ। ଖାଲି ସେତିକି ନୁହେଁ ଏହାଦ୍ୱାରା ମହିଳା ଗୋଷ୍ଠୀ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ। ସରକାର ପରିବର୍ତ୍ତନ ପରେ ଲୋକପ୍ରତିନିଧିଙ୍କ ଦେଖାମିଳୁନି କି ଅଧିକାରୀମାନେ ଯୋଜନାର କାର୍ଯ୍ୟକାରିତା ଉପରେ କିଛି କହୁନାହାନ୍ତି । ବରଂ ମୁକ୍ତା ଯୋଜନାରେ କିଣା ଯାଇଥିବା କ୍ରୀଡ଼ା ସାମଗ୍ରୀ ଏବଂ ବ୍ୟାୟମ ସାମଗ୍ରୀ ସବୁ କଣ ହେବ ପୌରାଞ୍ଚଳବାସୀ ଅନିଶ୍ଚିତତାରେ ରହିଛନ୍ତି। ନିମାପଡ଼ାରେ ନୂତନ ଭାବେ ନିର୍ବାଚିତ ହୋଇଥିବା ବିଧାୟକ ପ୍ରଭାତୀ ପରିଡ଼ା ଏବେ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ସିଏ ଏହାକୁ ଗୁରୁତ୍ୱ ଦେଇ ଦେବାକୁ ପୌରାବାସୀ ଦାବି କରୁଛନ୍ତି। ଆଗାମୀ କାଉନସିଲ ବୈଠକର ନିଷ୍ପତ୍ତି ଅନୁଯାୟୀ କ୍ରୀଡ଼ା ସାମଗ୍ରୀ ଏବଂ ବ୍ୟାୟାମ ଉପକରଣ ସବୁ ଲଗାଯିବ ବୋଲି ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରତିକ୍ରିୟା ରଖିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ରୋଜଗାର ମାଧ୍ୟମ ପାଲଟିଛି ୟୁଟ୍ୟୁବ୍

ବେଗୁନିଆ,୨୭।୬(ସନ୍ଧ୍ୟାରାଣୀ ମିଶ୍ର): ବର୍ତ୍ତମାନ ସମୟରେ ସରକାରୀ କିମ୍ବା ଘରୋଇ ସଂସ୍ଥାରେ ନିଯୁକ୍ତି ପାଇବା କଷ୍ଟକର ହୋଇଥିବାବେଳେ କେତେଜଣ ଯୁବକ ୟୁଟ୍ୟୁବ୍ ମାଧ୍ୟମରେ ରୋଜଗାର କରି ପରିବାର ଚଳାଉଥିବା ଦେଖିବାକୁ ମିଳୁଛି। ଖୋର୍ଦ୍ଧା ଜିଲା ବେଗୁନିଆ ନିକଟ କୁଶପଲା ଗ୍ରାମର ଅସଫର ଖାଁ(୨୩) ସାମାଜିକ ସଚେତନତା ଭିତ୍ତିକ 'ଓଡ଼ିଆ କମେଡି ଅଲୱେଜ' ରେ ପୋଲିସ ହେଲା ବାୟା, ହରି ମାଇପ, କ୍ରିସ ୪ ଓ ନଟିଆ କମେଡି ଭଳି ଭିଡିଓକୁ ପରିବେଷଣ କରିଛନ୍ତି। ଏହାକୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଅନୁସରଣ କରିଥିବାରୁ ମାସକୁ ପ୍ରାୟ ୧୫ରୁ ୨୦ହଜାର ଟଙ୍କା ଲେଖାଏ ତାଙ୍କୁ ମିଳୁଛି ବୋଲି ଅସଫର କହିଛନ୍ତି। ଅଜମତ ଖାଁ ଓ ଜାହିଦା ବିବିଙ୍କ ପୁଅ ହେଉଛନ୍ତି ଅସଫର। ଏହି ଖବର ଜାଣିବା ପରେ ଶିକ୍ଷାଲାଭ କରି ରୋଜଗାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ତାଙ୍କ ନିକଟକୁ ଆସୁଥିବା ଦେଖିବାକୁ ମିଳିଛି।

### 'ବଡ଼ଦାଣ୍ଡ ସେବା' ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ପୁରୀ,୨୭।୬(ଅଜିତ କୁମାର ମହାନ୍ତି): ସାମାଜିକ ଅନୁଷ୍ଠାନ 'ବଡ଼ଦାଣ୍ଡ ସେବା' ପକ୍ଷରୁ ସଫେଇ କାର୍ଯ୍ୟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଡ଼ ଦାଣ୍ଡରେ ଅନେକ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ ରହିଛି। ମାତ୍ର ସେଥିମଧ୍ୟରୁ ଅନେକ ଟ୍ୟାପ୍‌ରୁ ଗୋଳିଆ ପାଣି ବାହାରୁଛି। ଏପରିକି ଲୌହ ମିଶ୍ରିତ ପାଣି ବାହାରୁଛି, ଯାହା ପାନୀୟ ଉପଯୋଗୀ ନୁହେଁ। ସେହିପରି ଟ୍ୟାପ୍ ଚାରି ପାଖରେ ଶିଉଳି ଲାଗି ରହୁଛି। ଫଳରେ ପାଣି ପିଇ ଲୋକ ଅସୁସ୍ଥ ହେଉଛନ୍ତି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। 'ବଡ଼ଦାଣ୍ଡ ସେବା' ଅନୁଷ୍ଠାନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଗ୍ରାଣ୍ଡ ସେଣ୍ଟର୍ ଠାରୁ ଶନି ମନ୍ଦିର ଛକ ପର୍ଯ୍ୟନ୍ତ ଥିବା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପଗୁଡ଼ିକୁ ଅନୁଷ୍ଠାନ ପକ୍ଷରୁ ସଫା କରାଯାଇଛି। ଆଗକୁ ରଥଯାତ୍ରା ଥିବାରୁ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ନେମାଳ ବାରିକ, ଶଙ୍କର ତ୍ରିପାଠୀ, ସୋମନାଥ ଲାଲ୍, ବିଶ୍ୱଜିତ ବେହେରା, ଲକ୍ଷ୍ମୀପ୍ରିୟା ପାଢ଼ୀ, ବଟକୃଷ୍ଣ ମହାପାତ୍ର, ବିନାୟକ ରାୟ ସିଂ, ଆଲୋକ ବାରିକ, ନାରାୟଣ ରାୟ ସିଂ, ଜଗନ୍ନାଥ ପାଢ଼ୀ, ମନୋଜ କୁମାର ସାହୁ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜଗନ୍ନାଥ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୨ ଗିରଫ

ନିରାକାରପୁର,୨୭।୬(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ା ଅଞ୍ଚଳରେ ଏକ ପିକ୍‌ଅପ୍ ଭ୍ୟାନରେ ଗୋରୁ ଚାଲାଣ ହେଉଥିବା ଖବରପାଇ ଆଞ୍ଚଳିକ ହିନ୍ଦୁ ସଙ୍ଗଠନ ଏବଂ ଓ ବଜରଙ୍ଗ ଦଳର କର୍ମୀମାନେ ପହଞ୍ଚି ଗାଡିକୁ ଅଟକାଇବା ସହ ନିରାକାରପୁର ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୬୪/୨୪)ରୁଜୁ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଶରଧାପୁର ଗ୍ରାମର ଏସ୍.କେ ରସିଦ ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଅଧୀନ ମୁକୁନ୍ଦପ୍ରସାଦ ଅଞ୍ଚଳର ଏସ୍.କେ ସାଜିଦ। ରସିଦ ନାବାଳକ ହୋଇଥିବାରୁ ତାଙ୍କୁ ଜୁବେନାଇଲ କୋର୍ଟକୁ ପଠାଯାଇଛି।

# ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷାକଲେ ବିଧାୟକ

- ମେଡିକାଲ ବୁଲି ସ୍ଥିତି ଅନୁଧ୍ୟାନ କଲେ
- ରୋଗୀଙ୍କୁ ଭେଟି ଭଲମନ୍ଦ ପଚାରିଲେ

ସାକ୍ଷୀଗୋପାଳ,୨୭।୬
(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)



ସାକ୍ଷୀଗୋପାଳ ମେଡ଼ିକାଲ ପରିଦର୍ଶନ ସମୟରେ ବିଧାୟକ ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସତ୍ୟବାଦୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ସତ୍ୟବାଦୀ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସତ୍ୟବାଦୀ ବିଡିଓ ଲିପ୍ସା ରାୟ, ତହସିଲଦାର ଦିଲୀପ କୁମାର ଦେହୁରୀଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଜଳ ସମ୍ପଦ, ପାନୀୟ ଜଳ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଖାଦ୍ୟ ଓ ଯୋଗାଣ, ଗ୍ରାମ୍ୟ ନିର୍ମାଣ ଅନୁଖଣ୍ଡ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ମହିଳା ଓ ଶିଶୁ ବିକାଶ, ପୋଲିସ ପ୍ରଶାସନ ଆଦି ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିପର୍ଯ୍ୟୟର ପ୍ରାକ୍ ଓ ପରବର୍ତ୍ତୀ କାର୍ଯ୍ୟ ସମ୍ବନ୍ଧରେ ଆମେ କେତେ ପ୍ରସ୍ତୁତ ବିଧାୟକ ମିଶ୍ର ଉପସ୍ଥିତ ପ୍ରତ୍ୟେକ ବିଭାଗ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ଅଧିକାରୀମାନେ ତାଙ୍କ ବିଭାଗ ଏଭଳି ସମୟରେ ପ୍ରସ୍ତୁତ ଥିବା କହିଥିଲେ। ସତ୍ୟବାଦୀରେ ଘନ ଘନ ବିଦ୍ୟୁତ୍‌କାଟକୁ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ତାଗିଦା କରିବା ସହ ବିଦ୍ୟୁତ୍ କାଟିବା ବାବଦରେ ଉପଭୋକ୍ତାଙ୍କୁ ଆଗୁଆ ସୂଚନା ଦେବାକୁ ବିଧାୟକ ମିଶ୍ର ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ଅନୁପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ସମିତି ସଭ୍ୟାମାନେ ଯୋଗ ଦେଇଥିଲେ। ବ୍ଲକ ବୈଠକ ପରେ ବିଧାୟକ ମିଶ୍ର ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତିକୁ ଅନୁଧ୍ୟାନ କରିବାକୁ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବୁଲି ଦେଖିବା ସହ ମେଡ଼ିକାଲରେ ଚିକିତ୍ସିତ ରୋଗୀଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିଥିଲେ। ତତ୍‌ସହ ମେଡ଼ିକାଲର ଭିତ୍ତିଭୂମି ସମସ୍ୟା ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପଚାରିଥିଲେ। ବିଧାୟକଙ୍କ ଏହି ପରିଦର୍ଶନ ସମୟରେ ମେଡିକାଲ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ସୂଚନା ଦେଇଥିଲେ।

# କୁହୁଡ଼ିକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦିଆଯାଉ

ଅସ୍ତରଙ୍ଗ,୨୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ିର ସାମଗ୍ରିକ ବିକାଶ ଓ ଜାତୀୟସ୍ତରରେ ଏହାକୁ ଐତିହ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ରୂପେ ମାନ୍ୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାର୍ଯ୍ୟକାରୀ ସଭାପତି ଅମିୟ ପଟ୍ଟନାୟକ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଓଡ଼ିଶାର ପୁରୀ ଜିଲା ଅସ୍ତରଙ୍ଗ କୁହୁଡ଼ିଠାରେ ୧୯୩୦ ମସିହା ମେ ୨୧ରେ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ପୁରୁଷ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରାଯାଇଥିଲା। ଖବରପାଇ ଇଂରେଜ ସିପାହୀମାନେ ଉକ୍ତସ୍ଥଳରେ ପହଞ୍ଚି ଲାଠି ମାଡ଼ରେ ସଂଗ୍ରାମୀଙ୍କୁ ଲହୁଲୁହାଣ କରିଥିଲେ। ଏହି ପୀଠର ଗରିମା ସମ୍ପର୍କରେ ଲିଖିତ ଆକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇବା ସହ ଲିଖିତ ଆକାରରେ ଜଣାଇଛନ୍ତି। ଉତ୍କଳ

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ପ୍ରତ୍ୟେକ ବର୍ଷ ମେ ୨୧ରେ ରାଜ୍ୟ ସରକାରଙ୍କ ସହଯୋଗ କ୍ରମେ ପୀଠରେ ଏକ ସ୍ମୃତିସଭାର ଆୟୋଜନ କରାଯାଏ। ଏହି ସଭାରେ ବହୁ ଏମ୍‌ପି, ମନ୍ତ୍ରୀ, ବିଧାୟକ, ସ୍ୱାଧୀନତା ସଂଗ୍ରାମୀ ଯୋଗଦେଇ ପୀଠ ତଥା ତତ୍କାଳୀନ ସଂଗ୍ରାମୀଙ୍କ ସାହସିକତା ଓ ତ୍ୟାଗପୂତ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରିଥାନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି ପକ୍ଷରୁ ବିନୀତ ଅନୁରୋଧ କରାଯାଇଛି, କୁହୁଡ଼ି ଦୀର୍ଘ ୯୪ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଏହି ମହନୀୟ ପୀଠର ସାମଗ୍ରିକ ବିକାଶ ଓ କୁହୁଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଐତିହ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ରୂପେ ମାନ୍ୟତା ପ୍ରଦାନ ପାଇଁ ସୁବିଚାର କରାଗଲେ ଏହି ଅଞ୍ଚଳବାସୀ, ରାଜ୍ୟର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ପରିବାର ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବେ ବୋଲି କହିଥିଲେ।



ପୁରୀ ରଥଯାତ୍ରା ପାଇଁ ବଡ଼ଦାଣ୍ଡକୁ ରଙ୍ଗ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

### ଯୁବକଙ୍କ ମୃତ୍ୟୁ: ପରିବାର ଆଣିଲା ହତ୍ୟା ଅଭିଯୋଗ

ଡେଲାଙ୍ଗ,୨୭।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ହାଟ ବଜାର ସନ୍ନିକଟ ବ୍ରିଜ ନିକଟରେ ଜଣେ ଯୁବକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ କ୍ୟାପିଟାଲ ହସ୍ପିଟାଲରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ବାବୁ ମଲ୍ଲିକ୍। ସୂଚନା ଅନୁଯାୟୀ, ବାବୁ ତାଙ୍କ ସାଇକେଲ ଦୋକାନ ବନ୍ଦ କରି ଅପରାହ୍ନ ୧ଟାବେଳକୁ ଘରକୁ ଫେରୁଥିଲେ। ବାବୁଙ୍କୁ କେତେଜଣ ଲୋକ ବ୍ରିଜ୍ ନିକଟରେ ପଡ଼ିଥିବା ଦେଖି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାବୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ମାମଲା ରୁଜୁ କରି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛି।

## ଶାନ୍ତି ଆନନ୍ଦାଶ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ



ଶାନ୍ତି ଆନନ୍ଦାଶ୍ରମ ପରିଦର୍ଶନ ଅବସରରେ ମନ୍ତ୍ରୀ ବିଭୂତି ଜେନା ଏବଂ ଅନ୍ୟମାନେ।

କଣାସ,୨୭।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ପ୍ରତିଷ୍ଠିତ ଶାନ୍ତି ଆନନ୍ଦାଶ୍ରମ ପରିସରରେ ରାଜ୍ୟ ଖଣି ଓ ଇସ୍ପାତମନ୍ତ୍ରୀ ବିଭୂତି ଜେନା ଗୁରୁବାର ଅଚାନକ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରମୁଖ ଧର୍ମ ପୀଠସ୍ଥଳୀ ବୁଲି ଦେଖିଛନ୍ତି। ବନଦୁର୍ଗା ମନ୍ଦିର, ପୂର୍ବ ଆଚାର୍ଯ୍ୟ ସମାଧି ପୀଠକୁ ଯାଇ ପ୍ରଣିପାତ କରିବା ସହିତ ଆଶ୍ରମ ପରିସରରେ ଥିବା ଆଚାର୍ଯ୍ୟ ବଳରାମ ଦାସ ମହାରାଜ, ବନ ବିହାରୀ ଦାସ ମହାରାଜ, ସାଧୁଚରଣ ଦାସ ମହାରାଜ, ଶ୍ରୀବତ୍ସ ଦାସ ମହାରାଜ, ଗୁରୁଚରଣ ଦାସ ମହାରାଜ, ଭୈରବା ନନ୍ଦ ଦାସ ମହାରାଜ ପ୍ରମୁଖ ସମସ୍ତ ସାଧୁ ସନ୍ୟାସୀଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ସହିତ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

# ଝାଡ଼ାବାନ୍ତିରେ ୧୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଗ୍ରାମାଞ୍ଚଳରେ ଓ ଏନ୍ଏସିର ବିଭିନ୍ନ ୱାର୍ଡରେ ଏବେ ଝାଡ଼ାବାନ୍ତି ବହୁଳ ଭାବେ ଦେଖାଦେଇଛି। ଗତ ୪ ଦିନରେ ନିମାପଡ଼ା, ବାମନାଳ, ବଳଙ୍ଗା, ଚାରିଛକ, ଖେଲାର ଅଞ୍ଚଳର ଶତାଧିକ ଲୋକ ଆକ୍ରାନ୍ତ ହୋଇ ନିମାପଡ଼ା, ବଳଙ୍ଗା, ଚାରିଛକ ଆଦି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଚିକିତ୍ସିତ ହେଉଛନ୍ତି। ନିମାପଡ଼ାର ବଡ଼ରିକିଲୋ ଗ୍ରାମର ବିଜୟଲକ୍ଷ୍ମୀ ଭୋଇ(୬୦), ମୁରୁଡ଼ି ଗ୍ରାମର ଲକ୍ଷ୍ମୀଧର ଭଞ୍ଜ(୩୭), ସଚ୍ଚିଦାନନ୍ଦ ମହାନ୍ତି(୬୧), ପାଟପୁରର ହାଡ଼ିବନ୍ଧୁ ବିଶ୍ୱାଳ(୮୨), ଡିହୁଲାର ବିଳାସିନୀ ବେଉରା (୫୦), ଛେନୁଆଁର ଗୀତାଞ୍ଜଳି ମହାରଣା(୨୬), ଧୀରପୁରର ସୁମିତ୍ରା ସାହୁ(୪୭), ଆଖୋଣାର ଲିଙ୍ଗରାଜ ବଳିୟାରସିଂ(୭୫), ନିଆଁଗୋରଡ଼ାର ପପୁ ଭୋଇ (୩୮), ଜାମୁଡାଳିଆର ଝିଲ୍ଲୀ ମହାନ୍ତି(୩୦)ଙ୍କ ସମେତ ବହୁ ଲୋକ ଏହି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦିନକୁ ଦିନ ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଝାଡ଼ାବାନ୍ତି ରୋଗୀଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଜିଲା ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳକୁ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଚିକିତ୍ସା ଟିମ୍ ପଠାଯାଇ ଝାଡ଼ାବାନ୍ତି ରୋଗୀଙ୍କୁ ଚିକିତ୍ସା କରାଯିବାକୁ ବିଭିନ୍ନ ମହଲରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରୁ ଦାବି ହେଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୂପ, ନଳକୂପ, ପୋଖରୀରେ ବ୍ଲିଚିଂ ପାଉଡର, ଲିକୁଇଡ୍ ପକାଯାଇ ବିଶୋଧନ କରାଯିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନିକଟରେ ଦାବି ହେଉଛି। ଏ ସମ୍ପର୍କରେ ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ସୁବ୍ରତ ମହାପାତ୍ରଙ୍କୁ ପଚାରିବାରେ, ଏହି ରୋଗ ଭୂତାଣୁଜନିତ। ଏଥିପାଇଁ ଲୋକେ ଆଦୌ ଆତଙ୍କିତ ହେବାର ଆବଶ୍ୟକ ନାହିଁ। ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ସାଲାଇନ, ଇଞ୍ଜେକ୍ସନ, ଔଷଧ, ଓଆର୍ଏସ୍ ପାଉଡର, ଆଣ୍ଟିବାୟୋଟିକ୍ସ ଆଦି ମହଜୁଦ ରହିଛି। ରୋଗୀଙ୍କ ଆଶୁ ଚିକିତ୍ସା କରାଯାଉଥିବା ଡାକ୍ତର ମହାପାତ୍ର କହିଛନ୍ତି। ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ପାଇଁ ମେଡିକାଲକୁ ଆସିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ସହ ନିମାପଡ଼ା ଅଞ୍ଚଳର ଗ୍ରାମାଞ୍ଚଳକୁ ଭ୍ରାମ୍ୟମାଣ ଚିକିତ୍ସା ଟିମ୍ ପଠାଇ ଚିକିତ୍ସା କରିବାକୁ ସାଧାରଣରେ ଦାବି ହେଉଛି।

**ଗାଁଗହଳିରେ କୋକୁଆ ଭୟ**

### ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ,୨୭।୬(ଅଜିତ କୁମାର ମହାନ୍ତି)

ବିବେକାନନ୍ଦ ଯୁବଶକ୍ତି ସଙ୍ଗଠନ ତରଫରୁ ଡ. ଦେବପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା, ବାହୁଡ଼ାଯାତ୍ରା ଓ ସୁନାବେଶ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତେବେ ଚଳିତ ଘୋଷଯାତ୍ରାରେ ୩ଲକ୍ଷ ଭକ୍ତଙ୍କୁ ଲେମ୍ବୁ ସର୍ବତ, ଓଆର୍‌ଏସ୍ ପାଣି, ଦହି ସର୍ବତ ଓ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଭାରେ ଅବସରପ୍ରାପ୍ତ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ଡ. ମନୋଜ କୁମାର ସାମନ୍ତରାୟ, ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱଜିତ ଦାସ, ସନ୍ତୋଷ କୁମାର ମହାନ୍ତି, ଅଜୟ କୁମାର ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ସୁଚିନ୍ତିତ ମତ ରଖିଥିଲେ। ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## ନଦୀ ସ୍ରୋତରେ ପଡ଼ି କାଳିଆ ଘୋଡ଼ାର ମୃତ୍ୟୁ

ଅସ୍ତରଙ୍ଗ,୨୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଘୋଡ଼ା କହିଲେ ଆମ ଆଖି ଆଗରେ ରାଜା ମହାରାଜା ଓ ମଧ୍ୟଯୁଗୀୟ ବୀର ଯୋଦ୍ଧାମାନଙ୍କ ଛବି ଝଲସି ଉଠେ। ଆମ ଓଡ଼ିଶାରେ ମଧ 'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସାଙ୍ଗେ ଲଢ଼ିବି' ଉକ୍ତିଟି ଭାରି ଲୋକପ୍ରିୟ। ଘୋଡ଼ା ରାଜକୀୟ ବା ବୀରତ୍ୱର ପ୍ରତୀକ ଭାବେ ସ୍ୱୀକୃତ। ତେବେ ମୋଟର ଗାଡ଼ି ଆସିବା ପରେ ଘୋଡ଼ାଙ୍କ ସୁବର୍ଣ୍ଣ ଯୁଗ ଚାଲିଯାଇଛି। ଏକ ବୃଦ୍ଧ ଘୋଡ଼ାଟି ଖରା ବର୍ଷାକୁ ଖାତିର ନ କରି ଗାଡ଼ି ଭିଡ଼ି ଭିଡ଼ି ଗୁରୁବାର ତାର ମୃତ୍ୟୁ ଘଟିଛି। ଦିଲ୍ଲୀର ରେହମାନ ନିଜ ପରିବାର ପ୍ରତିପୋଷଣ ପାଇଁ ଦିଲ୍ଲୀରୁ ଏକ କାଳିଆ (କଳା)ଘୋଡ଼ା କିଣିଥିଲେ। ଘୋଡ଼ାର ପଛ ପାର୍ଶ୍ୱରେ ଏକ ଗାଡ଼ି ସଂଯୋଗ କରି ତା' ଉପରେ ବସି ରାଜ୍ୟ ରାଜ୍ୟ ବୁଲି ଘୋଡ଼ାନାଲ ପରି ମୁଦି ବିକ୍ରି କରନ୍ତ, ଯେଉଁଥିରେ ସ୍ୱଳ୍ପ ରୋଜଗାର ହୁଏ। ତେବେ ସେ ଦୀର୍ଘ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେବ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ବୁଲୁଥିଲେ। ମଙ୍ଗଳବାର ଝାଡ଼ଲିଙ୍ଗ ଗ୍ରାମରେ ଘୋଡ଼ାଟି ନଦୀବନ୍ଧ ଦେଇ ଯିବାବେଳେ ନଦୀବନ୍ଧଟି ସଂକୀର୍ଣ୍ଣ ଥିବାରୁ ଗାଡ଼ିର ପଛ ଚକାନଦୀର ପଥର ସନ୍ଧିରେ ଫସି ଯିବାରୁ ଘୋଡ଼ା ନଦୀରେ ସ୍ରୋତରେ ପଡ଼ିଯାଇଥିଲା। ହେଲେ ତାକୁ ରେହମାନ ଉଦ୍ଧାର କରିପାରି ନ ଥିଲେ। ଫଳରେ ଘୋଡ଼ାଟିର ମୃତ୍ୟୁ ଘଟିଛି। ରେହମାନ ମୃତ ଘୋଡ଼ାଟିକୁ ନଦୀରେ ଭସାଇ ଦେଇଛନ୍ତି। ହେଲେ ଏବେ ସେ କିପରି ନିଜ ଘରକୁ ଫେରିବେ, ସେନେଇ ଚିନ୍ତାରେ ଥିବା ଜଣାପଡ଼ିଛି।

# ହାଜର ହେଲେ ଅନୁଭବ, ହେଲାନି ସାକ୍ଷ୍ୟ ଗ୍ରହଣ

କଟକ,୨୭।୬(କାର୍ତ୍ତିକ ସାହୁ)

- ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା
- ଜୁଲାଇ ୧୯ରେ ପରବର୍ତ୍ତୀ ଶୁଣାଣି

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାରେ ଗୁରୁବାର କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ଦୁଇ ସହଯୋଗୀ ହାଜର ହୋଇଛନ୍ତି। ପୂର୍ବ ଶୁଣାଣି ୨୫ ତାରିଖରେ ପ୍ରତିପକ୍ଷମାନେ କେହିହାଜର ହୋଇ ନ ଥିବାରୁ ସାକ୍ଷ୍ୟଗ୍ରହଣ ନିମନ୍ତେ ଗୁରୁବାରକୁ ଧାର୍ଯ୍ୟ ହୋଇଥିଲା। ମାତ୍ର କୌଣସି କାରଣରୁ ସେମାନଙ୍କର ସାକ୍ଷ୍ୟ ଗ୍ରହଣ ହୋଇପାରିନାହିଁ। ଫଳରେ ପରବର୍ତ୍ତୀ ଶୁଣାଣିରେ ସାକ୍ଷ୍ୟଗ୍ରହଣ ହେବ ବୋଲି ଜଣାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ଜୁଲାଇ ୧୯ ତାରିଖକୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଅନୁଭବଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ତାଙ୍କୁ ନିର୍ଯାତନା ଦେଉଥିବା ବର୍ଷା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ ୮ତାରିଖରେ ଖାରଜ କରିଦେଇଥିଲେ। ଏଥିସହ ମେ ୧୦ରେ ଚାର୍ଜଫ୍ରେମ ପାଇଁ ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଜୁନ୍ ୨୩ ତାରିଖ ମଧ୍ୟରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ଗୁରୁବାର ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଏହାପରେ ତାଙ୍କ ନାମରେ ଓ ତାଙ୍କର ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇସାରିଛି। ଆଇନଜୀବୀ ଅଫ୍ରଜ ଅହମ୍ମଦ ମାମଲା ପରିଚାଳନା କରୁଛନ୍ତି।

# ହଜିବାକୁ ବସିଲାଣି ତାଳପତ୍ର ହସ୍ତଶିଳ୍ପ

ସାକ୍ଷୀଗୋପାଳ,୨୭।୬(ଭରତ ରାଉତ)



ବୁଡିବାକୁ ବସିଲାଣି କୁଳ ବେଉସା। ହଜିବାକୁ ବସିଲାଣି ତାଳପତ୍ର ହସ୍ତଶିଳ୍ପ। ଧୀରେ ଧୀରେ କାରିଗରମାନେ କୌଳିକ ବୃତ୍ତିରୁ ମୁହଁ ଫେରାଇ ନେଲେଣି। ୪୦ରୁ ଅଧିକ ପରିବାର ଏହି ତାଳ ପତ୍ରରେ ତିଆରି ଜିନିଷ ବିକ୍ରି କରି ପରିବାର ପୋଷଣ କରୁଥିଲେ। ହେଲେ ଏବେ ଧୀରେ ଧୀରେ ହଜିଯିବାକୁ ବସିଛି ଏହି ଶିଳ୍ପ। ସରକାରଙ୍କ କୌଣସି ପ୍ରକାର ସାହାଯ୍ୟ ସହଯୋଗ ମିଳୁ ନ ଥିବାରୁ ପିଢ଼ି ପରେ ପିଢ଼ି ଚଳିଆସୁଥିବା ପୁରୀ ଜିଲା ସତ୍ୟବାଦୀର ପକ୍ଷୀମୁଣ୍ଡ ଗ୍ରାମର କାରିଗରମାନେ ମୁହଁ ଫେରାଇଲେଣି ଏହି ବୃତ୍ତିରୁ। ପ୍ରାୟ ୧୦୦ରୁ ଅଧିକ କାରିଗର ଏହି ତାଳପତ୍ରରୁ ବିଭିନ୍ନ ଜିନିଷ ସବୁ ତିଆରି କରିଥାନ୍ତି। ଭୋଗେଇ, ବିଞ୍ଚଣା, ଡାଲିଆ, ପକ୍ଷିଆ, ଛତା, ପାଚିଆ ଆଦିରୁ ନେଇ ଅନେକ ଘରକରଣା ଉପକରଣ ତିଆରି ହେଉଛି। କିନ୍ତୁ ସାହାଯ୍ୟ ସହଯୋଗ ସାଙ୍ଗକୁ ଦୁଇ ପଇସା ଲାଭ ପାପାରୁ ନ ଥିବାରୁ ବୃତ୍ତି ହଜିବାକୁ ବସିଲାଣି। ଏନେଇ ଖବରନେବାରେ ଗ୍ରାମର ଗୋପାଳ ବେହେରା କୁହନ୍ତି, ତାଳ ଗଛରୁ ପତ୍ର କାଟିବାକୁ ଗଛ ଚଢାଳିଙ୍କୁ ଗୋଟିଏ ଗଛ ପିଛା ୫୦ ଟଙ୍କା ଓ ଗଛ ମାଲିକଙ୍କୁ ୫୦ ଟଙ୍କା ଦେବାକୁ ପଡୁଛି। ଏପଟେ ପତ୍ରକୁ ଆଣି ତାକୁ ଧୋଇ ସୁଖାଇ ବୁଣିବା ଉପଯୋଗୀ କରିବାକୁ ପ୍ରାୟ ୫ ଦିନ ଲାଗେ। ଏହାରି ଭିତରେ ଏତେ ପରିଶ୍ରମ କରୁଥିବାବେଳେ ତା ଜାଗା ନେଇ ଯାଉଛି ପ୍ଲାଷ୍ଟିକ ଓ ପଲିଥିନ୍ ଜିନିଷ। ଫଳରେ ଯେଉଁ କିଛି ସାମଗ୍ରୀ ହେଉଛି ତାହାର ମୂଲ୍ୟ ମିଳୁନି। ଘରେ ପଡ଼ି ପଡ଼ି ସବୁ ଜିନିଷ ସାମଗ୍ରୀ ନଷ୍ଟ ହେବାରେ ଲାଗିଛି। ତେବେ ସରକାଙ୍କ ପକ୍ଷରୁ ଯଦି କିଛି ସହାୟତା ଯୋଗାଇ ଦିଆଯାଇପାରିବ ତେବେ ଏହି ବୃତ୍ତିକୁ ଅଧିକରୁ ଅଧିକ କାରିଗର ଆପଣାଇ ପାରିବେ ବୋଲି ଗୋପଳ କହିଛନ୍ତି।

**ଆଉ ୨ ଶିଶୁଙ୍କ ମୃତ୍ୟୁ**

କୋରାପୁଟ/ନାରାୟଣପାଟଣା,୨୭।୬ (ଅମିତାଭ ବେହେରା/ ରାଜକିଶୋର ଜେନା): କୋରାପୁଟ ଜିଲା ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳର ୨ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁ ହୋଇଛି। ଆଉ ଜଣେ ଶିଶୁ ନାରାୟଣପାଟଣା ବ୍ଲକ୍ର ବିକ୍ରମପୁର ଗ୍ରାମର ବୋଲି ଜଣାପଡିଛି। ବିକ୍ରମପୁର ଗ୍ରାମର ଶିଶୁଙ୍କ ସିକଲସେଲ୍ରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ,ପୂର୍ବରୁ ବନ୍ଧୁଗାଁ ବ୍ଲକ୍ର କୁମ୍ଭାରିପୁଟ ଅଞ୍ଚଳରୁ ଡିପ୍ଥେରିଆ ରୋଗରେ ଆକ୍ରାନ୍ତ ହୋଇ ବ୍ରହ୍ମପୁରରେ ଚିକିତ୍ସିତ ହେଉଥିବାବେଳେ ଜିପୁନ ନାମକ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିଲା । ପରେ ନାରାୟଣପାଟଣା ବ୍ଲକ୍ର ଗୋଡିଗୁଡ଼ା ଗ୍ରାମରେ ସିକଲସେଲ୍ ଓ ନିମୋନିଆରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା ।

# ବିଧାୟକଙ୍କ ହସ୍ତକ୍ଷେପ, ଅଟକିଲା ଉଚ୍ଛେଦ

**କଣ୍ଟାବାଞ୍ଜି ରେଲୱେ ଜମି ଜବରଦଖଲ ଉଚ୍ଛେଦ ଘଟଣା**

**କଣ୍ଟାବାଞ୍ଜି,୨୭।୬(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ରେଲୱେ ଜମିରେ ଜବରଦଖଲ ଉଚ୍ଛେଦକୁ ନେଇ ଗୁରୁବାର ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ୍ ରେଲୱେ ବିଭାଗ ଅଧିକାରୀଙ୍କୁ ତାଗିଦ୍ କରିଥିଲେ । ରେଲୱେ ଜମିରେ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଜରୁରୀ, ତେବେ କିଭଳି ଜବରଦଖଲକାରୀଙ୍କ ଉଚିତ ଥଇଥାନ ହୋଇପାରିବ ସେନେଇ ପ୍ରଥମେ ଆଲୋଚନା କରିବାକୁ ସେ ରେଲୱେ ଅଧିକାରୀଙ୍କୁ ଜଣାଇଥିଲେ। ବିଧାୟକ ବାଗ୍ଙ୍କ ଏଭଳି ମତ ପରେ ଉଚ୍ଛେଦ ଅଭିଯାନକୁ ୧୫ ଦିନ ପାଇଁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ଅନ୍ୟପଟେ ୧୫ ଦିନର ମହଲତ ମିଳିଥିବାରୁ କିଭଳି ଭାବେ ରେଲୱେ ଜମିରେ ଜବରଦଖଲ କରି ରହିଥିବା ଜନସାଧାରଣଙ୍କୁ ଉଚିତ ଥଇଥାନ କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ ବାଗ୍ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହେଉଥିବା ଜାଣି ସେଠାକାର ଜବରଦଖଲକାରୀମାନେ ବୁଧବାର ସ୍ଥାନୀୟ ବିଧାୟକ ବାଗ୍ଙ୍କୁ କିଛି ଦିନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଏହାପରେ ବିଧାୟକ ବାଗ୍ କଣ୍ଟାବାଞ୍ଜି ଏନ୍ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତହସିଲଦାର ଅଞ୍ଜଳି ମାଝି, ରେଲୱେ ଏଡିଇନ ପ୍ରସନ୍ନ କୁମାର ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର ମାନସ ବେହେରାଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ମଧ୍ୟରେ ଭୂତଳ ରେଲୱେ ପୋଲକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲ ଉଚ୍ଛେଦ କରାଯିବ । ହେଲେ ଅନ୍ୟ ଜବରଦଖଲ ଅଞ୍ଚଳରେ ଉଚ୍ଛେଦ ପାଇଁ ପ୍ରଭାବିତ ଲୋକଙ୍କୁ ୧୫ ଦିନର ସମୟ ଦିଆଯିବାକୁ ବିଧାୟକ ବାଗ୍ କହିଥିଲେ। କଣ୍ଟାବାଞ୍ଜି ଏକ ଦାଦନ ପ୍ରବଣ ଅଞ୍ଚଳ । ଏଠାରେ ଦ୍ରୁତ ବିକାଶ ପାଇଁ ଦୀର୍ଘଦିନ ହେଲା ଲୋକେ ଦାବି କରିଆସୁଛନ୍ତି। କଣ୍ଟାବାଞ୍ଜି ରେଲୱେ ଜମିରେ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ କେନ୍ଦ୍ର ସରକାର ହାତକୁ ନେଇଥିବାରୁ ଏଠାକାର ବହୁମୂଲ୍ୟ ଜମିକୁ ଜବରଦଖଲ ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହା ନ ହେଲେ କଣ୍ଟାବାଞ୍ଜିର ବିକାଶ ଅସମ୍ଭବ ବୋଲି ବୁଦ୍ଧିଜୀବୀ ମହଲରେ ମଧ୍ୟ ଆଲୋଚନା ହେଉଛି। ତେବେ ବିଧାୟକ ବାଗ୍ ଦୀର୍ଘବର୍ଷ ହେଲା ରହିଆସୁଥିବା ଗରିବ ଲୋକଙ୍କ ଉଚିତ ଥଇଥାନ ମଧ୍ୟ କିପରି କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ଏବଂ ଏଥିପାଇଁ ୧୫ ଦିନର ମହଲତ ଦିଆଯିବାକୁ କହିଥିଲେ। ଏହାପରେ ଉଚ୍ଛେଦ ଅଭିଯାନ ଅଟକିଛି।



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅହମଦପୁରରେ ଥିବା ସରକାରୀ ଶାସ୍ତ୍ରିଜୀ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ଛାତକୁ ଭଙ୍ଗା ଯାଇଥିବାରୁ ପିଲାମାନେ ଗଛମୂଳେ ପାଲ ତଳେ ବସି ପଢୁଛନ୍ତି। **(ଫଟୋ: ସଞ୍ଜୟ କୁମାର ଦାଶ)**

# ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା | ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୭।୬(ଅନିଲ ଦାସ)**



ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଓ୍ୱାନ୍ ହଲ୍ରେ ସେ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ସମୟରେ ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟା, ବିଶେଷକରି ଜଙ୍ଗଲ ଜମିଗୁଡ଼ିକ ପାଇଁ ଔପଚାରିକତା ସମ୍ପୂର୍ଣ୍ଣ କରି ବିଭାଗକୁ ଜଣାଇବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ୨୦୨୪-୨୫ ଆର୍ଥିକବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଉକ୍ତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହା ପରେ ଆଗାମୀ ୧୦୦ ଦିନ ମଧ୍ୟରେ କେଉଁ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ କାର୍ଯ୍ୟକ୍ଷମ ହେବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେହିପରି ବିଜୁ ସେତୁ ଯୋଜନା ଅଧୀନରେ ବିଭିନ୍ନ ଜିଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡ୍ଗୁଡ଼ିକୁ ଯଥା ସମୟରେ ଶେଷ କରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶୁଭଙ୍କର ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ାଙ୍କ ସମେତ ସମସ୍ତ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

# କୁଜଙ୍ଗ ଡବଲ ମର୍ଡର: ଦୋଷୀକୁ ଆଜୀବନ କାରାଦଣ୍ଡ

**କୁଜଙ୍ଗ,୨୭।୬(ମନୋଜ ପ୍ରଧାନ)**

ଜଗତ୍ସିଂହପୁର ଜିଲା କୁଜଙ୍ଗ ଏକ୍ସପ୍ରେସ କଲୋନୀ ନିକଟରେ ଭଡ଼ାରେ ରହୁଥିବା ସହଦେବ ମଲ୍ଲଙ୍କ ସ୍ତ୍ରୀ ନିର୍ମଳା ଲେଙ୍କା ଓ ସେଠାରେ ଘର କରି ରହୁଥିବା ପ୍ରମୋଦ ଭୋଳଙ୍କ ସ୍ତ୍ରୀ ସୁନୀତା ଭୋଳଙ୍କୁ ୨୦୨୩ ଜୁନ ୧୮ରେ ହତ୍ୟା କରାଯାଇଥିଲା। କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ୍ ଏହି ମାମଲାର ବିଚାର କରି ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ କୁଜଙ୍ଗ ଜଗନ୍ନାଥପୁର ଗ୍ରାମର ଜ୍ୟୋତିପ୍ରକାଶ ନାଥଶର୍ମା ଓରଫ କାଳିଆ। ସୂଚନାଯୋଗ୍ୟ, କାଳିଆ ବେଆଇନ ଭାବେ ଏକ୍ସପ୍ରେସ କଲୋନୀର ଏକ ଘରକୁ ଜବରଦଖଲ କରି ପରିବାର ସହ ରହୁଥିଲେ। ୨୦୨୩ ଜୁନ ୧୮ ସକାଳେ ପ୍ରାୟ ୭ଟାବେଳେ ଏହି କଲୋନୀର ସୁନୀତା ବାରଣ୍ଡାରେ ବସିଥିଲେ। ଏହି ସମୟରେ କାଳିଆ ସେଠାରେ ପହଞ୍ଚି କୌଣସି କାରଣ ନ ଥାଇ ଏକ କଟୁରିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ୧୦ ମିଟର ଦୂରରେ ଫୁଲ ତୋଳୁଥିବା ନିର୍ମଳା ଏହାଦେଖି ଡାକ ପକାଇଥିଲେ। ଏହି ସମୟରେ କାଳିଆ ଦୌଡ଼ି ଆସି ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟି ଶୁଣି ସହଦେବ ଓ ତାଙ୍କ ପୁଅ ଘରୁ ବାହାରି ଆସି ଅଟକାଇବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ମଧ୍ୟ କାଳିଆ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସହଦେବଙ୍କ କାନ ଓ ଗୋଡ଼ରେ ଆଘାତ ଲାଗିଥିବାବେଳେ ତାଙ୍କ ପୁଅଙ୍କ ୨ଟି ଆଙ୍ଗୁଠି କଟି ଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନିର୍ମଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସହଦେବ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଅଦାଲତରେ ଏହି ମାମଲାର ବିଚାର ଚାଲିଥିଲା। ଅଦାଲତ ପର୍ଯ୍ୟାୟକ୍ରମେ ୧୬ ଜଣ ସାକ୍ଷୀ, ପ୍ରମାଣକୁ ଭିତ୍ତି କରି କାଳିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ ପ୍ରୋସିକ୍ୟୁଟର ନଳିନୀକାନ୍ତ ମହାରଣା, ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଦେବାଶିଷ କଣ୍ଟ, ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଜୋନାଲିନ୍ ରାଉତ ମାମଲା ପରିଚାଳନା କରିଥିଲେ।

# ୯୦୩ କୋଟିର ଅଣପାରମ୍ପରିକ ଶକ୍ତି ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୨୭।୬(ଅନିଲ ଦାସ)**

୨୦୩୦ ସୁଦ୍ଧା ରାଜ୍ୟରେ ୧୦ ଗିଗାଓ୍ୱାଟର ଅଣପାରମ୍ପରିକ ଶକ୍ତି ଉତ୍ପାଦନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ଶକ୍ତି ବିଭାଗ ଗୁରୁବାର ୯୦୩.୪୧ କୋଟିର ଅଣପାରମ୍ପରିକ ଶକ୍ତି ପ୍ରକଳ୍ପକୁ ଅନୁମୋଦନ କରିଛି। ବିଭାଗର ପ୍ରମୁଖ ସଚିବ ବିଶାଳ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲଓ୍ୱିଣ୍ଡୋ କମିଟି ବୈଠକରେ ୨ଟି ପବନ ଶକ୍ତି ପ୍ରକଳ୍ପ ସମେତ ବହୁ ସୌର ଶକ୍ତି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଚ୍ପିସିଏଲ୍ ରିନ୍ୟୁବଲ ଓ ଗ୍ରୀନ ଏନର୍ଜି ଲିମିଟେଡ ପକ୍ଷରୁ ଉମରକୋଟଠାରେ ୪୮ ମେଗାଓ୍ୱାଟର ପବନ ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ। ସେହିପରି ଓଏନ୍ଜିସି ତ୍ରିପୁରା ପାଓ୍ୱାର କମ୍ପାନୀ ଲିମିଟିଡେ ପକ୍ଷରୁ ପୁରୀ ଜିଲାର ଅସ୍ତରଙ୍ଗ ଠାରେ ୪୯.୫ ମେଗାଓ୍ୱାଟ ପବନ ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ। ଏହି ଦୁଇଟି ପ୍ରକଳ୍ପ ପାଇଁ ୮୮୧.୨୮ କୋଟି ଟଙ୍କା ବ୍ୟୟ ହେବ। ସେହିପରି ବିଶାକା ଇଣ୍ଡଷ୍ଟ୍ରିଜ ପକ୍ଷରୁ ସମ୍ବଲପୁର ଜିଲା ମାନେଶ୍ୱର ଠାରେ ୦.୭୨ ମେଗାଓ୍ୱାଟ ଏବଂ ଆଇଟିସି ପକ୍ଷରୁ ଖୋର୍ଦ୍ଧା ଜିଲାର ଜଟଣୀ ଠାରେ ୦.୮ ମେଗାଓ୍ୱାଟର ସୌର ପ୍ରକଳ୍ପ ନିର୍ମାଣ କରିବ।

# ପାନୀୟ ଜଳ, ବର୍ଜ୍ୟ ନିଷ୍କାସନ ସ୍ଥିତିର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର



**ଭୁବନେଶ୍ୱର, ୨୭।୬ (ବନ୍ଦନା ସେଠୀ)**

## ବାସୁଆଘାଇ ଏଫ୍ଏସ୍ଟିପି ଏବଂ ଏସ୍ଟିପି ବୁଲି ଦେଖିଲେ

ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ତଥା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ବାସୁଆଘାଇସ୍ଥିତ ଓଡ଼ିଶା ଅର୍ବାନ ଏକାଡେମି ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାନୀୟ ଜଳ ଏବଂ ବର୍ଜ୍ୟ ଜଳ ନିଷ୍କାସନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୃହ ନିର୍ମାଣ ବିଭାଗର ଅତିରିକ୍ତ ଶାସନ ସଚିବ ଜି. ମାଥିଭାଥନନ୍ ମନ୍ତ୍ରୀଙ୍କ ନିକଟରେ ଓଡ଼ିଶାରେ ଜଳର ଯାତ୍ରା ସମ୍ପର୍କିତ ଏକ ଉପସ୍ଥାପନା ରଖିଥିଲେ। ଏତଦ୍ବ୍ୟତୀତ ୱାଟ୍କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ପ୍ରଦୀପ୍ତ କୁମାର ସ୍ୱାଇଁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପର ଅଗ୍ରଗତି ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକ ପରେ ମନ୍ତ୍ରୀ ଦୈନିକ ନିର୍ଗତ ତରଳ ବର୍ଜ୍ୟ ପରିଚାଳନା ଏବଂ ବିଶୁଦ୍ଧୀକରଣ ପାଇଁ ବାସୁଆଘାଇସ୍ଥିତ ଫିକଲ୍ ସ୍ଲଜ୍ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ (ଏଫ୍ଏସ୍ଟିପି) ଏବଂ ସ୍ୱେରେଜ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ (ଏସ୍ଟିପି) ପରିଦର୍ଶନ କରିଥିଲେ। ସେଠାରେ ନିୟୋଜିତ କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀ ଏଫ୍ଏସ୍ଟିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କିନ୍ନର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଲାଗି ଉପସ୍ଥିତ ଅତିରିକ୍ତ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡାଙ୍କୁ ମନ୍ତ୍ରୀ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ। ବୈଠକରେ ଅର୍ବାନ ଏକାଡେମିର ନିର୍ଦ୍ଦେଶକ ଶାନ୍ତନୁ ରଥଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ୪ ପୋଲିସ କର୍ମଚାରୀ ନିଲମ୍ବିତ

## ଗଞ୍ଜେଇ କାରବାରରେ ସମ୍ପୃକ୍ତି ଅଭିଯୋଗ

**ଅନୁଗୋଳ,୨୭।୬**

ଅନୁଗୋଳ ଜିଲାର ୪ ଜଣ ପୋଲିସ କର୍ମଚାରୀ ଗଞ୍ଜେଇ କାରବାରରେ ସମ୍ପୃକ୍ତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ କିଶୋରନଗର ଥାନାରେ କାର୍ଯ୍ୟରତ ଏଏସ୍ଆଇ ଜିତେନ୍ଦ୍ର ସାମନ୍ତସିଂହାର, କନଷ୍ଟେବଲ ମନୋଜ ନାୟକ, କନଷ୍ଟେବଲ ଲିଙ୍ଗରାଜ ମୁଦୁଲି ଓ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଡ୍ରାଇଭର୍ ଅଜିତ ସାହୁ। ଏମାନେ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଜାଣିବା ପରେ ଡିଆଇଜି ଉମା ଶଙ୍କର ଦାସ ସେମାନଙ୍କୁ ନିଲମ୍ବନ କରିଛନ୍ତି। ସୂଚନା ଅନୁସାରେ, ବୌଦ୍ଧ ଜିଲାରୁ ଅନେକ ସମୟରେ ଗଞ୍ଜେଇ ଚାଲାଣ ବେଳେ ଏହି ପୋଲିସ କର୍ମଚାରୀମାନେ ଥାନା ଅଞ୍ଚଳ ଅତିକ୍ରମ କରିବାକୁ ଚୋରା ବେପାରୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଥିଲା। ଏ ନେଇ ସୂଚନା ପାଇବା ପରେ ଡିଆଇଜି ଉମା ଶଙ୍କର ଦାସ ଏହି ପୋଲିସ କର୍ମଚାରୀଙ୍କ ଉପରେ ନଜର ରଖିଥିଲେ। ସେମାନଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ସମ୍ପୃକ୍ତ ୪ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ଡିଆଇଜି ଦାସ କହିଛନ୍ତି, ପରୋକ୍ଷରେ ଏମାନେ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ଅଧିକ ତଦନ୍ତ ଚାଲିଛି। ତଦନ୍ତ ପରେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁବକଙ୍କ ଉନ୍ମତ୍ତକାଣ୍ଡ, କାଟିଲେ ନିଜ ଯୌନାଙ୍ଗ

**ବଲାଙ୍ଗୀର, ୨୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚୁଡାପାଲି ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ନିଜ ଯୌନାଙ୍ଗକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିବା ଜଣାପଡିଛି। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଚୁଡାପାଲି ସରକାରୀ ହସ୍ପିଟାଲ ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଭଇଁଷା କଲେଜରେ ପଢୁଥିବା ଏହି ଯୁବକ ଜଣକ କୌଣସି କାରଣକୁ ନେଇ କିଛିଦିନ ହେଲା ଚିନ୍ତିତ ରହୁଥିଲେ। ଏପରିକି ଅଳ୍ପଦିନ ତଳେ ସେ ମାନସିକ ସନ୍ତୁଳନ ମଧ୍ୟ ହରାଇ ବସିଥିଲେ। ପୁଅର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ତାଙ୍କୁ ବାହାରକୁ ନ ଛାଡି ଘରେ ରଖିଥିଲେ। ତେବେ ଗୁରୁବାର ସେ ଘରୁ ବାହାରି ଯାଇ ଗାଁ ନିକଟସ୍ଥ ନାଳରେ ଯୌନାଙ୍ଗ କାଟି ମୁମୂର୍ଷୁ ଅବସ୍ଥାରେ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ଯୁବକଙ୍କ ଅବସ୍ଥା ଗୁରୁତର ରହିଛି। ସେ ଚେତାଶୂନ୍ୟ ଅବସ୍ଥାରେ ରହିଛନ୍ତି। ତେବେ ଯୁବକ ନିଜେ ତାଙ୍କ ଯୌନାଙ୍ଗ କାଟିଛନ୍ତି ନା ଅନ୍ୟ କେହି କାଟିଛି ତାହା ତଦନ୍ତ ସାପେକ୍ଷ ବୋଲି ପରିବାର ଲୋକେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଷଣ୍ଢ ମହାଦେବଙ୍କର**
**ଗାଈ ସହଦେବଙ୍କର**
**ବଳଦ ବାପୁଡା କାହାରି ନୁହେଁ ।**

ଷଣ୍ଢ ମହାଦେବଙ୍କର ବାହନ ଓ ଗାଈ ସହଦେବଙ୍କର ପ୍ରିୟ। ସେହି ଦୃଷ୍ଟିରୁ ଏମାନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଆଦର କରାଯାଇଥାଏ। ପରନ୍ତୁ ବଳଦକୁ ଏଭଳି ମର୍ଯ୍ୟାଦା ମିଳି ନ ଥାଏ। ଯେତେ ଖଟିଲେ, ଉପକାର କଲେ ମଧ୍ୟ କାଣିଚାଏ ଆଦର ମିଳିବା ଦୁଷ୍ପ୍ରାପ୍ୟ ହୋଇଥାଏ। ସେହିପରି ସମାଜରେ କିଛି ଲୋକ ଥାନ୍ତି, ଯେଉଁମାନେ ସବୁବେଳେ ଅବହେଳିତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ ପିଠାପଣା ଭାତର ତଳ**
**ସବୁ ବାପ ଭାଇ କାଚର ତଳ ।**

ପିଠାପଣା ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇପାରି ନ ଥାଏ। ଝିଅ ବାହା ହେବା ପର୍ଯ୍ୟନ୍ତ ବାପା ଭାଇ ତାର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପାଭାଇଙ୍କର ଚିନ୍ତା ସରିଯାଇଥାଏ। କିନ୍ତୁ ଯାହାକୁ ସେ ବାହା ହୋଇଥାଏ ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥି ହୋଇ ରହିଥାଏ। ଝିଅ ପାଇଁ ବାପା ଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଏଏସ୍ଆଇ, କନଷ୍ଟେବଲ ନିଲମ୍ବିତ

**ଦଳିତ ମହିଳାଙ୍କୁ ଘୋଷାରି ମାଡ଼ ଘଟଣା**

**ଚାନ୍ଦବାଲି,୨୭।୬(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ସମ୍ମୁଖରେ ଜଣେ ଦଳିତ ମହିଳାଙ୍କୁ ଟଣାଘୋଷରା କରିବା ସହ ମାଡ଼ ମାରିବା ଘଟଣାରେ ୨ ପୋଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଏସ୍ପି ବରୁଣ ଗୁଣ୍ଟୁପାଲି ମହିଳାଙ୍କୁ ମାଡ଼ ମାରିଥିବା ଚାନ୍ଦବାଲି ଥାନା ଏଏସ୍ଆଇ ନେପାଳ ସାହା ଓ କନଷ୍ଟେବଲ ରବୀନ୍ଦ୍ର ସେଠୀଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦବାଲି ଏନ୍ଏସିର ମିତା ସେଠୀ ତାଙ୍କର ନାବାଳିକା ନଣନ୍ଦ ଓ ୩ ବର୍ଷର ଶିଶୁକନ୍ୟାଙ୍କୁ ସାଙ୍ଗରେ ଧରି ସ୍ୱାମୀଙ୍କୁ ଥାନାରେ ଦେଖା କରିବାକୁ ଯାଇଥିଲେ। ଏକ ଜୋତା ଖୋଳକୁ ଥାନା ପରିସରରେ ପକାଇବାକୁ ନେଇ ଯୁକ୍ତିତର୍କ ପରେ ଏଏସ୍ଆଇ ସାହା, କନଷ୍ଟେବଲ ସେଠୀ ଓ ଥାନା ଗାଡ଼ି ଡ୍ରାଇଭର କିଶୋର ମହାପାତ୍ରଙ୍କ ଆକ୍ରମଣର ଶିକାର ହୋଇଥିଲେ। ବର୍ଷାରେ ୩ ପୋଲିସ କର୍ମଚାରୀ ତାଙ୍କୁ ଓ ତାଙ୍କ ନଣନ୍ଦଙ୍କୁ ମାଡ଼ ମାରିବା ସହ ଘୋଷାରି ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ଚିଲିକା ବ୍ଲକ୍ର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ହରିଚନ୍ଦନ

**ଭୁବନେଶ୍ୱର (ଅନିଲ ଦାସ) / ଖୋର୍ଦ୍ଧା ( ପ୍ରଭାତ ପାଣିଗ୍ରାହୀ)୨୭।୬**



ଏ ସରକାର ଲୋକଙ୍କ ସରକାର। ସାଧାରଣ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ ଆମ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ ସବୁ ଯୋଜନା ବ୍ଲକ୍ ସ୍ତରରୁ ଆରମ୍ଭ ହେବା ଉଚିତ ବୋଲି ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗୁରୁବାର ଚିଲିକା ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଥମ ସମୀକ୍ଷା ବୈଠକରେ ଯୋଗଦେଇ ସେ କହିଛନ୍ତି ଯେ, ବ୍ଲକ୍ ହେଉଛି ଏପରି ସ୍ଥାନ ଯେଉଁଠି ପ୍ରତ୍ୟେକ ଲୋକ ସରକାରୀ ସୁବିଧା ଓ ନ୍ୟାୟ ପାଇପାରିବେ । ତେଣୁ ଏଠାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଗୁରୁଦାୟିତ୍ୱ ରହିଛି । ଅଧିକାରୀ ଓ କର୍ମଚାରୀମାନେ ସେବା ମନୋଭାବ ନେଇ ଦାୟିତ୍ୱନିର୍ବାହ କରନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି । ସମସ୍ତ ବିକାଶମୂଳକ କାର୍ଯ୍ୟ, ଜନ କଲ୍ୟାଣକାରୀ ଯୋଜନା, ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବା ସହ ସାଧାରଣ ଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ ନେଇ ପ୍ରସ୍ତାବ ଦେବା ପାଇଁ ମଧ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହିତ ପ୍ରତି ୩ ମାସରେ ହେବାକୁ ଥିବା ସମୀକ୍ଷା ବୈଠକରେ କାର୍ଯ୍ୟକ୍ରମ ଏବଂ ଜାରି ରହିଥିବା ଯୋଜନାର ଅଗ୍ରଗତି ନେଇ ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ୍ରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବ୍ଲକ୍ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ବେହେରା, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବାଦଲ କୁମାର ମହାନ୍ତି, ବ୍ଲକ୍ ଉନ୍ନୟନ ଅଧିକାରୀ, ସ୍ଥାନୀୟ ତହସିଲଦାରଙ୍କ ସମେତ ସମ୍ପୃକ୍ତ ସମସ୍ତ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ ।

# ଆଜି ସଂସଦରେ ଉଠିବ ଏନ୍ଇଟି ପ୍ରସଙ୍ଗ

ନୂଆଦିଲ୍ଲୀ,୨୭ା୬

ଏନ୍ଇଟି -ୟୁଜି ପରୀକ୍ଷାରେ ଦୁର୍ନୀତି ଏବଂ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଶୁକ୍ରବାର ଏହା ଉପରେ ସରକାରଙ୍କୁ ସଂସଦରେ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ସଂସଦର ମିଳିତ ଅଧିବେଶନକୁ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିବା ବେଳେ ପ୍ରଶ୍ନପତ୍ର ପ୍ରଘଟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା କହିଥିଲେ। ଏହି ସମୟରେ ବିରୋଧୀ ଏମ୍ପିମାନେ 'ଏନ୍ଇଟି' ସ୍ଲୋଗାନ ଦେଇଥିଲେ। ଏହା ପରେ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ଏକ ବୈଠକ ବସିଥିଲା। ଲୋକ ସଭା ଓ ରାଜ୍ୟ ସଭାରେ ରୁଲ୍-୨୬୭ ଅଧୀନରେ ମୁଲତବୀ ନୋଟିସ ଦେବା ପାଇଁ ବିରୋଧୀ ନେତାମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୋମବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ପଶ୍ଚିମବଙ୍ଗର ୩ ଜଣ ମନ୍ତ୍ରୀଙ୍କ ବିରୋଧରେ ସିବିଆଇ, ଇଡି ଏବଂ ଆୟକର ବିଭାଗର କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଅନୁଷ୍ଠିତ ଉକ୍ତ ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଶରଦ ପାୱାର, ସୁପ୍ରିୟା ସୁଲେ(ଏନ୍‌ସିପି-ଏସ୍‌ପି), ଡେରେକ୍ ଓ'ବ୍ରାଏନ୍ (ଟିଏମ୍‌ସି), ସଞ୍ଜୟ ରାଉତ, ପ୍ରିୟଙ୍କା ଚତୁର୍ବେଦୀ(ଶିବସେନା-ୟୁବିଟି), ସଞ୍ଜୟ ସିଂ, ସନ୍ଦିପ୍ ପାଠକ(ଆପ୍), ଏନ୍.କେ. ପ୍ରେମଚନ୍ଦ୍ରନ(ଆର୍‌ଏସ୍‌ପି) ଏବଂ ମହୁଆ ମାଝୀ (ଜେଏମ୍‌ଏମ୍) ପ୍ରମୁଖ ଉପସ୍ଥିତ ଥିଲେ। ଆମେ ସମସ୍ତେ ମିଳିତ ଭାବେ ଲୋକଙ୍କ ଅସୁବିଧା ପ୍ରସଙ୍ଗ ସଂସଦରେ ଉଠାଇବୁ ଏବଂ ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରିବୁ ବୋଲି ରାହୁଲ ଏକ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଇଣ୍ଡିଆ ମେଣ୍ଟ ନିଟ୍ ପ୍ରସଙ୍ଗ ଉଠାଇଲେ, ଏହାର ଜବାବ ଦେବା ପାଇଁ ସରକାର ପ୍ରସ୍ତୁତ ଥିବା ଜଣାପଡ଼ିଛି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରବେଶିକା ପରୀକ୍ଷାଗୁଡ଼ିକରେ ଅନିୟମିତତା ଉପରେ ବିବୃତି ରଖିପାରନ୍ତି।

### ଉପବାଚସ୍ପତି ମଧ୍ୟ ଭାଜପାରୁ ହେବେ

ଲୋକ ସଭା ଉପବାଚସ୍ପତି ପଦରେ ଜଣେ ଭାଜପା ଏମ୍ପି ଅବସ୍ଥାପିତ ହୋଇପାରନ୍ତି। ମୋଦି ୦.୧ ସରକାର ଅମଳରୁ ଖାଲି ପଡ଼ିଥିବା ଏହି ପଦବୀ ଖୁବ୍‌ଶୀଘ୍ର ପୂରଣ ହୋଇପାରେ। ଉପବାଚସ୍ପତି ପଦ ହାତେଇବା ପାଇଁ ଇଣ୍ଡିଆ ମେଣ୍ଟ ପକ୍ଷରୁ କସରତ ଜାରି ରହିଥିବାବେଳେ ଶାସକ ଦଳ ଏହାକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଉପବାଚସ୍ପତି ପଦ ବିରୋଧୀଙ୍କୁ ଦିଆଯିବ ନାହିଁ। ଏନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ଏନ୍‌ଡିଏ ସୂତ୍ରରୁ ପ୍ରକାଶ।



ପାର୍ଲାମେଣ୍ଟ ପରିସରରେ ମହିଳା ଏମ୍ପି ମିସା ଭାରତୀ (ଆର୍‌ଜେଡି), ଡିମ୍ପଲ ଯାଦବ (ଏସ୍‌ପି), ସୁପ୍ରିୟା ସୁଲେ (ଏନ୍‌ସିପି-ଏସ୍‌ପି) ଏବଂ ପ୍ରିୟଙ୍କା ଚତୁର୍ବେଦୀ (ଶିବସେନା-ୟୁବିଟି) ସେଲ୍‌ଫି ନେଉଛନ୍ତି।

## କୋଟାରେ ଆଉ ଜଣେ ନିଟ୍ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

କୋଟା,୨୭ା୬

କୋଚିଂ ହବ୍ ଭାବେ ପରିଚିତ ରାଜସ୍ଥାନର କୋଟାରେ ଆଉ ଜଣେ ନିଟ୍ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଏହା ହେଉଛି ଚଳିତ ବର୍ଷ କୋଟାରେ ପରୀକ୍ଷା ଚାପ ଓ କ୍ୟାରିୟରକୁ ନେଇ ଚିନ୍ତିତ ଦ୍ୱାଦଶ ଛାତ୍ରଙ୍କ ଆତ୍ମହତ୍ୟା। ୨୦୨୩ରେ ସେଠାରେ ୨୬ ଜଣ ଆତ୍ମହତ୍ୟା କରିଥିଲେ। ବିହାରର ହ୍ରିଶିତ୍ କୁମାର ଅଗ୍ରୱାଲ(୧୭) ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରସ୍ତୁତ ହେଉଥିଲେ। ସେ ୨ ବର୍ଷ ହେଲା କୋଟାର ଏକ ଭଡ଼ାଘରେ ରହି କୋଚିଂ ସେଣ୍ଟରରେ ପଢ଼ୁଥିଲେ। ସେ ନିଜ ରୁମ୍‌ର କବାଟ ନ ଖୋଲିବାରୁ ଅନ୍ୟ ଛାତ୍ରମାନେ ଗୁରୁବାର ଅପରାହ୍ଣ ୧ଟାରେ ପୋଲିସକୁ ଖବର ଦେଇଥିଲେ। ପୋଲିସ କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା।

## ଜେରା ବେଳେ ପବିତ୍ରାଙ୍କ ମେକ୍‌ଅପ୍

ବେଙ୍ଗାଲୁରୁ, ୨୭ା୬

କର୍ନାଟକର ବହୁଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟା ମାମଲାରେ କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପା ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡ଼ା ପୋଲିସ ହାଜତରେ ରହିଛନ୍ତି। ତେବେ ଏହି ମାମଲାରେ ଅଧିକ ପଚରାଉଚରା ପାଇଁ ବୁଧବାର ପବିତ୍ରାଙ୍କୁ ତାଙ୍କ ବେଙ୍ଗାଲୁରୁସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ପବିତ୍ରା ପୋଲିସ ଉପସ୍ଥିତିରେ ଲିପ୍‌ଷ୍ଟିକ୍ ଲଗାଇବା ସହ ବିଭିନ୍ନ ମେକ୍‌ଅପ୍ ନେଉଥିବାର ଫଟୋ ଭାଇରାଲ ହୋଇଛି। ସେହିପରି ପବିତ୍ରା ପୋଲିସ ଅଧିକାରୀଙ୍କ ସହ ନିଜ ବାସଭବନରୁ ଫେରିବା ସମୟରେ ମଧ୍ୟ ହସୁଥିବା ନେଇ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସମ୍ପୂର୍ଣ୍ଣ ଘଟଣାକୁ ନେଇ ସ୍ପଷ୍ଟୀକରଣ ରଖିବାକୁ ପବିତ୍ରାଙ୍କ ସହ ଉପସ୍ଥିତ ଥିବା ଜଣେ ମହିଳା ଏସ୍‌ଆଇଙ୍କୁ ବେଙ୍ଗାଲୁରୁ ଡେପୁଟି କମିଶନର(ୱେଷ୍ଟ) ଏସ୍. ଗିରୀଶ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, କନ୍ନଡ଼ ଅଭିନେତା ଦର୍ଶନଙ୍କ ରେଣୁକାସ୍ୱାମୀ ନାମକ ଜଣେ ଫ୍ୟାନ୍‌ଙ୍କୁ ଗତ ୧୦ ତାରିଖରେ ହତ୍ୟା କରାଯାଇଥିଲା। ରେଣୁକାସ୍ୱାମୀ ପବିତ୍ରାଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ମେସେଜ ପଠାଉଥିଲେ। ତେଣୁ ପବିତ୍ରାଙ୍କ ପ୍ରରୋଚନାରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଦର୍ଶନ ରେଣୁକାସ୍ୱାମୀଙ୍କ ହତ୍ୟାର ଷଡ଼ଯନ୍ତ୍ର ରଚିଥିବା ପୂର୍ବରୁ ପୋଲିସ ସୂଚନା ଦେଇଛି।



ପବିତ୍ରା ଗୌଡ଼ା

### ମହିଳା ଏସ୍‌ଆଇଙ୍କୁ ନୋଟିସ

## କେବେ ରାଜନୈତିକ ଚାପର ସମ୍ମୁଖୀନ ହୋଇନାହିଁ: ସିଜେଆଇ



### ବିଚାରପତି ସଂଖ୍ୟା ବଢ଼ିବା ଜରୁରୀ

ନୂଆଦିଲ୍ଲୀ,୨୭ା୬

ବିଚାରପତି ଭାବେ ଦୀର୍ଘ ୨୪ ବର୍ଷର କ୍ୟାରିୟରରେ କେବେ ରାଜନୈତିକ ଚାପର ସମ୍ମୁଖୀନ ହୋଇନାହିଁ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଲାଇଭ ଲ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ନିକଟରେ ଅକ୍ସଫୋର୍ଡ ୟୁନିୟନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତି ଏହି ମନ୍ତବ୍ୟ ଦେଇଥିଲେ। କିଛିବର୍ଷ ହେଲା ନ୍ୟାୟପାଳିକାରେ ରାଜନୈତିକ ହସ୍ତକ୍ଷେପ ବଢ଼ୁଥିବା ନେଇ ଚର୍ଚ୍ଚା ଚାଲିଥିବାବେଳେ ସିଜେଆଇଙ୍କ ବକ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। ସିଜେଆଇ କହିଥିଲେ, ୨୪ ବର୍ଷ ହେଲା ମୁଁ ୨୪ ବର୍ଷ ହେଲା ବିଚାରପତି ଭାବେ କାର୍ଯ୍ୟ କରିଆସୁଛି। ମୁଁ କେବେ ସରକାରୀ ଚାପକୁ ସାମ୍ନା କରିନାହିଁ। ଭାରତରେ ବିଚାରପତିମାନେ ସରକାରଙ୍କ ରାଜନୈତିକ ହସ୍ତକ୍ଷେପରୁ ଦୂରରେ ରହିଆନ୍ତି। ତେବେ ବିଚାରପତିମାନେ ସେମାନଙ୍କ ରାୟର ରାଜନୈତିକ ପରିଣାମ ସମ୍ପର୍କରେ ଅନେକ ସମୟରେ ଅବଗତ ଥାଆନ୍ତି। ସାମ୍ବିଧାନିକ ପ୍ରସଙ୍ଗଗୁଡ଼ିକ ଉପରେ ନିଷ୍ପତ୍ତି ନେବାବେଳେ ରାଜନୀତିକୁ ତାହା କିପରି ପ୍ରଭାବିତ କରିବ ସେ ନେଇ ବିଚାରପତିମାନେ ଚିନ୍ତା କରିବା ଜରୁରୀ ବୋଲି ସିଜେଆଇ କହିଛନ୍ତି। ଅଦାଲତରେ ବିଚାରାଧୀନ ମାମଲା ସଂଖ୍ୟା ଉପରେ ସିଜେଆଇ କହିଛନ୍ତି, ଭାରତରେ ଜନସଂଖ୍ୟା ତୁଳନାରେ ବିଚାରପତିଙ୍କ ଆନୁପାତିକ ହାର ବିଶ୍ୱରେ ସର୍ବନିମ୍ନ। ନ୍ୟାୟପାଳିକାର ପ୍ରତ୍ୟେକ ସ୍ତରରେ ବିଚାରପତି ସଂଖ୍ୟା ବଢ଼ାଇବା ନେଇ ଆମେ ସରକାରଙ୍କ ସହ ଆଲୋଚନା ଜାରି ରଖିଛୁ। ଭାରତୀୟ କୋର୍ଟଗୁଡ଼ିକରେ ଅଧିକ ସଂଖ୍ୟକ ମାମଲା ଦାଏର ହେବା ନ୍ୟାୟପାଳିକା ପ୍ରତି ଲୋକଙ୍କ ଆସ୍ଥାକୁ ଦର୍ଶାଉଛି। କିନ୍ତୁ ଏହି ଆସ୍ଥା ବୃଦ୍ଧି ପାଇଁ ଅଧିକ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସିଜେଆଇ ସ୍ୱୀକାର କରିଛନ୍ତି।

## ମୁଇଜୁଙ୍କୁ ଗୁଣି: ୨ ମନ୍ତ୍ରୀ ଗିରଫ

ମାଲେ,୨୭ା୬

ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ଉପରେ ଗୁଣିଗାରେଡ଼ି କରିବା ଅଭିଯୋଗରେ ତାଙ୍କ କ୍ୟାବିନେଟ୍‌ର ୨ ଜଣ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ପରିବେଶ ରାଷ୍ଟ୍ରମନ୍ତ୍ରୀ ଶମନାଜ ସଲିମ୍ ଏବଂ ତାଙ୍କ ପୂର୍ବତନ ସ୍ୱାମୀ ତଥା ରାଷ୍ଟ୍ରପତିଙ୍କ ଅଫିସ ଦାୟିତ୍ୱରେ ଥିବା ମନ୍ତ୍ରୀ ଆଦାମ ରମିଜ୍‌ଙ୍କ ସମେତ ୪ ଜଣଙ୍କୁ ମାଲଦ୍ୱୀପ ପୋଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ୭ ଦିନିଆ ରିମାଣ୍ଡରେ ନେଇଛି। ୨ ମନ୍ତ୍ରୀଙ୍କୁ କ୍ୟାବିନେଟରୁ ବହିଷ୍କାର କରାଯାଇଥିବା ସ୍ଥାନୀୟ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ। ତେବେ ମାଲଦ୍ୱୀପ ସରକାର କିମ୍ବା ରାଷ୍ଟ୍ରପତିଙ୍କ ଅଫିସ ପକ୍ଷରୁ ଏନେଇ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇ ନାହିଁ।



ମହମ୍ମଦ ମୁଇଜୁ



ଶମନାଜ ସଲିମ୍

## ଚାଇନାର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଶାଙ୍ଗଫୁ ସିପିସିରୁ ବହିଷ୍କୃତ

ବେଜିଂ,୨୭ା୬

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ନେତୃତ୍ୱାଧୀନ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଗୁରୁବାର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲି ଶାଙ୍ଗଫୁଙ୍କୁ ଦୁର୍ନୀତି ଅଭିଯୋଗରେ ଦଳରୁ ବହିଷ୍କାର କରିଛି। ଏଥିସହିତ ୬୬ ବର୍ଷୀୟ ସାଙ୍ଗଫୁଙ୍କ ବିରୋଧରେ ବିଧିବଦ୍ଧ ଭାବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ତାଙ୍କ ବିରୋଧରେ ଦଳୀୟ ଶୃଙ୍ଖଳା ଭଙ୍ଗ ଏବଂ ଆଇନ ଉଲ୍ଲଂଘନ ଅଣାଯାଇଛି। ପୂର୍ବରୁ ପିପୁଲ୍ସ ଲିବରେଶନ ଆର୍ମିର ଗୁରୁତ୍ୱପୂର୍ଣ୍ଣ ରକେଟ (ମିଶାଇଲ) ଫୋର୍ସର ନେତୃତ୍ୱ ନେଇଥିବା ଶାଙ୍ଗଫୁ ଗତବର୍ଷ ହଠାତ୍ ନିଖୋଜ ହୋଇଯାଇଥିଲେ। ଗତବର୍ଷ ଅଗଷ୍ଟ ୩୧ରେ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିଲା। ୨୦୧୨ରେ ଜିନ୍‌ପିଙ୍ଗ କ୍ଷମତାକୁ ଆସିବା ପରେ ଭ୍ରଷ୍ଟାଚାର ଅଭିଯୋଗରେ ବହିଷ୍କାର କିମ୍ବା ଦଣ୍ଡିତ କରିଥିବା ପିଏଲ୍‌ଏ ଜେନେରାଲମାନଙ୍କ ମଧ୍ୟରୁ ଶାଙ୍ଗଫୁ ଅନ୍ୟତମ।



ଲି ଶାଙ୍ଗଫୁ

## ବାପାଙ୍କ ଜୀବନ ବଞ୍ଚାଇବାକୁ ଯକୃତ ଦାନ କରିବେ ଝିଅ

### ଅନୁମତି ଦେଲେ ମଧ୍ୟପ୍ରଦେଶ ହାଇକୋର୍ଟ

ଭୋପାଳ,୨୭ା୬

ଏକ ଯକୃତ ଜନିତ ରୋଗରେ ପୀଡ଼ିତ ଥିବା ଜଣେ କୃଷକଙ୍କର ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ତାଙ୍କ ୧୭ ବର୍ଷୀୟା ଝିଅ ନିଜ ଯକୃତର ଏକ ଅଂଶ ଦାନ କରିବେ। ଗୁରୁବାର ମଧ୍ୟ ପ୍ରଦେଶ ଉଚ୍ଚ ଅଦାଲତର ଇନ୍ଦୋର ବେଞ୍ଚ୍ ଏନେଇ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଇନ୍ଦୋର ଗ୍ରାମୀଣ ଅଞ୍ଚଳରେ କୃଷି କାର୍ଯ୍ୟ କରି ଚଳୁଥିବା ୪୨ ବର୍ଷୀୟ ଶିବ ନାରାୟଣ ବାଥମ୍ ଯକୃତ ପ୍ରତିରୋପଣ ପାଇଁ ଝିଅ ପ୍ରୀତିଙ୍କର ସହମତି ଥିବା କହି ଏଥିପାଇଁ ଅନୁମତି ଦେବାକୁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ। ଶୁଣାଣି ସମୟରେ ଜଷ୍ଟିସ୍ ବିଶାଳ ମିଶ୍ରଙ୍କ ଗଠିତ ଖଣ୍ଡପୀଠଙ୍କ ସମ୍ମୁଖରେ ସରକାରୀ ଓକିଲ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ସ୍ୱାସ୍ଥ୍ୟ ବୋର୍ଡ ପ୍ରୀତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେ ନିଜ ଯକୃତର କିଛି ଅଂଶ ଅସୁସ୍ଥ ବାପାଙ୍କୁ ଦେବାରେ କୌଣସି ଅସୁବିଧା ନାହିଁ ବୋଲି ରିପୋର୍ଟ ପ୍ରଦାନ କରିଛନ୍ତି। ମେଡିକାଲ ବୋର୍ଡର ଏହି ରିପୋର୍ଟକୁ ଦୃଷ୍ଟିରେ ରଖି ଉଚ୍ଚ ଅଦାଲତ ବାଥମ୍‌ଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ବାଥମ୍ ଗତ ୬ ବର୍ଷ ଧରି ଯକୃତ ଜନିତ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ୫ ଜଣ ଝିଅ ରହିଛନ୍ତି। ସବୁଠାରୁ ବଡ଼ ଝିଅ ପ୍ରୀତି ବାପାଙ୍କୁ ଯକୃତର ଏକ ଅଂଶ ଦାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



ଝିଅ ପ୍ରୀତିଙ୍କ ସହ ବାପା ଶିବ ନାରାୟଣ ବାଥମ୍


PUBLIC SERVICE COMMISSION ODISHA

# ODISHA PUBLIC SERVICE COMMISSION
# CUTTACK
## NOTICE

**No. 3293/ PSC Dt.27.06.2024**
**(1E-03-2024-25) (DR-II)**
**Website: http://www.opsc.gov.in**

No. D-79: It is for information of all concerned that the Commission have decided to conduct the Physical verification of original certificates/documents and Interview simultaneously, in respect of **160** candidates who have been provisionally shortlisted **for recruitment to the Post of Assistant Executive Engineer (Electrical)**, pursuant to Advt. No. 21 of 2023-24, **from 04.07.2024 to 06.07.2024** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 1 | P220006165 | 5278 | 04.07.2024 | 8.30 A.M. | 10.45 A.M. | BOARD - I |
| 2 | P220007204 | 5213 | | | | |
| 3 | P220008724 | 5057 | | | | |
| 4 | P220022501 | 5324 | | | | |
| 5 | P220022748 | 5170 | | | | |
| 6 | P220025456 | 5280 | | | | |
| 7 | P220025721 | 5336 | | | | |
| 8 | P220027398 | 5026 | | | | |
| 9 | P220028890 | 5075 | | | | |
| 10 | P220034089 | 5078 | | | | |
| 11 | P220035462 | 5233 | | | | |
| 12 | P220040332 | 5005 | | | | |
| 13 | P220042248 | 5139 | 04.07.2024 | 8.30 A.M. | 10.45 A.M. | BOARD - II |
| 14 | P220044327 | 5239 | | | | |
| 15 | P220045954 | 5080 | | | | |
| 16 | P220053903 | 5118 | | | | |
| 17 | P220055807 | 5022 | | | | |
| 18 | P220056518 | 5251 | | | | |
| 19 | P220063949 | 5349 | | | | |
| 20 | P220066207 | 5267 | | | | |
| 21 | P220072012 | 5354 | | | | |
| 22 | P220079771 | 5292 | | | | |
| 23 | P220081983 | 5294 | | | | |
| 24 | P220083374 | 5246 | | | | |
| 25 | P220084995 | 5064 | 04.07.2024 | 8.30 A.M. | 10.45 A.M. | BOARD - III |
| 26 | P220085337 | 5013 | | | | |
| 27 | P220089906 | 5196 | | | | |
| 28 | P230096732 | 5015 | | | | |
| 29 | P230098681 | 5109 | | | | |
| 30 | P230098689 | 5362 | | | | |
| 31 | P230112826 | 5245 | | | | |
| 32 | P230113641 | 5151 | | | | |
| 33 | P230114762 | 5193 | | | | |
| 34 | P230116056 | 5153 | | | | |
| 35 | P230124407 | 5386 | | | | |
| 36 | P230126361 | 5323 | | | | |
| 37 | P230129430 | 5052 | 04.07.2024 | 12.30 P.M. | 2.45 P.M. | BOARD - I |
| 38 | P230131416 | 5263 | | | | |
| 39 | P230134804 | 5357 | | | | |
| 40 | P230136401 | 5023 | | | | |
| 41 | P230139823 | 5279 | | | | |
| 42 | P230140585 | 5375 | | | | |
| 43 | P230149174 | 5309 | | | | |
| 44 | P230150681 | 5102 | | | | |
| 45 | P230153970 | 5019 | | | | |
| 46 | P230162708 | 5041 | | | | |
| 47 | P230163874 | 5288 | 04.07.2024 | 12.30 P.M. | 2.45 P.M. | BOARD - II |
| 48 | P230170391 | 5125 | | | | |
| 49 | P230170544 | 5082 | | | | |
| 50 | P230172511 | 5018 | | | | |
| 51 | P230173291 | 5261 | | | | |
| 52 | P230173683 | 5272 | | | | |
| 53 | P230173785 | 5345 | | | | |
| 54 | P230174723 | 5366 | | | | |
| 55 | P230175234 | 5092 | | | | |
| 56 | P230176615 | 5047 | | | | |
| 57 | P230176959 | 5325 | 04.07.2024 | 12.30 P.M. | 2.45 P.M. | BOARD - III |
| 58 | P230177339 | 5097 | | | | |
| 59 | P230178470 | 5183 | | | | |
| 60 | P230178710 | 5382 | | | | |
| 61 | P230179543 | 5129 | | | | |
| 62 | P230179688 | 5197 | | | | |
| 63 | P230179842 | 5379 | | | | |
| 64 | P230180460 | 5287 | | | | |
| 65 | P230181945 | 5283 | | | | |
| 66 | P230182551 | 5072 | | | | |
| 67 | P230182723 | 5156 | 05.07.2024 | 8.30 A.M. | 10.45 A.M. | BOARD - I |
| 68 | P230184311 | 5226 | | | | |
| 69 | P230184434 | 5296 | | | | |
| 70 | P230186229 | 5269 | | | | |
| 71 | P230187917 | 5227 | | | | |
| 72 | P230187944 | 5222 | | | | |
| 73 | P230197306 | 5202 | | | | |
| 74 | P230234498 | 5321 | | | | |
| 75 | P240235477 | 5001 | | | | |
| 76 | P240235505 | 5229 | | | | |
| 77 | P240235717 | 5068 | | | | |
| 78 | P240236247 | 5035 | | | | |
| 79 | P240236564 | 5218 | 05.07.2024 | 8.30 A.M. | 10.45 A.M. | BOARD - II |
| 80 | P240236591 | 5348 | | | | |
| 81 | P240236635 | 5016 | | | | |
| 82 | P240238042 | 5121 | | | | |
| 83 | P240239266 | 5122 | | | | |
| 84 | P240239284 | 5007 | | | | |
| 85 | P240239434 | 5147 | | | | |
| 86 | P240239645 | 5315 | | | | |
| 87 | P240239741 | 5305 | | | | |
| 88 | P240239939 | 5258 | | | | |
| 89 | P240240324 | 5289 | | | | |
| 90 | P240241372 | 5063 | | | | |
| 91 | P240241584 | 5328 | 05.07.2024 | 8.30 A.M. | 10.45 A.M. | BOARD - III |
| 92 | P240241629 | 5140 | | | | |
| 93 | P240241878 | 5058 | | | | |
| 94 | P240241972 | 5385 | | | | |
| 95 | P240242307 | 5326 | | | | |
| 96 | P240242767 | 5281 | | | | |
| 97 | P240242804 | 5368 | | | | |
| 98 | P240242805 | 5268 | | | | |
| 99 | P240242873 | 5033 | | | | |
| 100 | P240242947 | 5275 | | | | |
| 101 | P240243434 | 5332 | | | | |
| 102 | P240243851 | 5166 | | | | |
| 103 | P240245088 | 5244 | 05.07.2024 | 12.30 P.M. | 2.45 P.M. | BOARD - I |
| 104 | P240245179 | 5388 | | | | |
| 105 | P240245967 | 5198 | | | | |
| 106 | P240246452 | 5045 | | | | |
| 107 | P240246829 | 5036 | | | | |
| 108 | P240248071 | 5141 | | | | |
| 109 | P240248395 | 5282 | | | | |
| 110 | P240248575 | 5214 | | | | |
| 111 | P240248708 | 5066 | | | | |
| 112 | P240249746 | 5257 | | | | |
| 113 | P240250540 | 5044 | 05.07.2024 | 12.30 P.M. | 2.45 P.M. | BOARD - II |
| 114 | P240251155 | 5355 | | | | |
| 115 | P240251216 | 5103 | | | | |
| 116 | P240251857 | 5181 | | | | |
| 117 | P240252200 | 5039 | | | | |
| 118 | P240255435 | 5093 | | | | |
| 119 | P240256016 | 5200 | | | | |
| 120 | P240256216 | 5274 | | | | |
| 121 | P240256258 | 5027 | | | | |
| 122 | P240257266 | 5056 | | | | |
| 123 | P240258031 | 5212 | 05.07.2024 | 12.30 P.M. | 2.45 P.M. | BOARD - III |
| 124 | P240258406 | 5238 | | | | |
| 125 | P240258722 | 5188 | | | | |
| 126 | P240259159 | 5232 | | | | |
| 127 | P240259553 | 5243 | | | | |
| 128 | P240260958 | 5186 | | | | |
| 129 | P240261052 | 5048 | | | | |
| 130 | P240261346 | 5301 | | | | |
| 131 | P240261750 | 5009 | | | | |
| 132 | P240261830 | 5392 | | | | |
| 133 | P240263256 | 5070 | 06.07.2024 | 8.30 A.M. | 10.45 A.M. | BOARD - I |
| 134 | P240263650 | 5049 | | | | |
| 135 | P240265752 | 5286 | | | | |
| 136 | P240266458 | 5298 | | | | |
| 137 | P240266843 | 5110 | | | | |
| 138 | P240267347 | 5284 | | | | |
| 139 | P240267881 | 5069 | | | | |
| 140 | P240268336 | 5254 | | | | |
| 141 | P240268485 | 5142 | | | | |
| 142 | P240268877 | 5389 | | | | |
| 143 | P240270279 | 5369 | 06.07.2024 | 8.30 A.M. | 10.45 A.M. | BOARD - II |
| 144 | P240271669 | 5113 | | | | |
| 145 | P240271829 | 5340 | | | | |
| 146 | P240272441 | 5316 | | | | |
| 147 | P240275298 | 5185 | | | | |
| 148 | P240275543 | 5361 | | | | |
| 149 | P240276221 | 5303 | | | | |
| 150 | P240277048 | 5211 | | | | |
| 151 | P240277375 | 5391 | | | | |
| 152 | P240280284 | 5124 | 06.07.2024 | 8.30 A.M. | 10.45 A.M. | BOARD - III |
| 153 | P240281004 | 5182 | | | | |
| 154 | P240281232 | 5351 | | | | |
| 155 | P240281445 | 5240 | | | | |
| 156 | P240282063 | 5377 | | | | |
| 157 | P240282133 | 5128 | | | | |
| 158 | P240283119 | 5344 | | | | |
| 159 | P240283851 | 5083 | | | | |
| 160 | P240283883 | 5194 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final

**THE CANDIDATES IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner**. Application forms are available in the website of the Commission. The candidates are requied to download the same using their respective USERNAME and PASSWORD/OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 19.02.2024.
5. Diploma in Engineering (Electrical) pass certificate wherever applicable.
6. Degree in Electrical Engineering pass certificate issued by the recognized University/Institution recognized by the Government.
7. Mark lists of all semesters in support of Degree/Diploma in Electrical Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Electrical Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 19.02.2024;
12. SEBC Certificate issued within 20.02.2021 to 19.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 19.02.2024, wherever applicable.
14. Release certificate of Ex-servicemen issued within 19.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Any proof of Identity.
16. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. Bio-data Form (CIF) (to be downloaded and pasted/affixed with passport size photograph) duly filled in.
18. Any other relevant documents as per Para - 09 of the Advertisement.

**OIPR-12002/11/0044/2425** **Sd./ - Secretary (I/C)**

# ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ଆରିୟୁଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଷ୍ଟକ୍ ଏକ୍ସଚେଞ୍ଜର ନୂଆ ମାଇଲଖୁଣ୍ଟ

■୭୯,୦୦୦ ଅଙ୍କ ଉପରେ ସେନ୍‌ସେକ୍ସ

■୨୪,୦୦୦ ଅଙ୍କ ଟପିଲା ନିଫ୍ଟି

**ନୂଆଦିଲ୍ଲୀ,୨୭।୬ (ଅଭୟ ଦାଶ)**



ପ୍ରଥମ ଥର ପାଇଁ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ ଐତିହାସିକ ସଫଳତା (ସର୍ବୋଚ୍ଚ ସ୍ତରର କାରବାର) ସହ ନୂତନ ରେକର୍ଡ ବା ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ମଧ୍ୟ ନୂତନ ରେକର୍ଡ ସହ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛନ୍ତି। ବିଶେଷକରି ୩୦ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର ୭୯,୪୦୦ (୭୯,୩୯୬ ଅଙ୍କ) ଅଙ୍କରେ ପହଞ୍ଚିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ମଧ୍ୟ ୨୪,୧୦୦(୨୪.୦୮୭ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ବୁଧବାର ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇର କାରବାର ପ୍ରାରମ୍ଭରୁ ଲାଭରେ ଛାଲିଥିଲାବେଳେ ଶେଷ ବେଳକୁ କାରବାର କିଛିପରିମାଣରେ ହ୍ରାସ ପାଇଥିଲା। ଏପରିକି ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ପ୍ରାରମ୍ଭରେ ସର୍ବୋଚ୍ଚ ୨୪,୦୮୭ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ଏହା ୨୪,୦୪୪.୫୦ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନ୍‌ସେକ୍ସ ଅଲ ଟାଇମ ହାଇ ୭୯,୩୯୬ ଅଙ୍କରେ ପହଞ୍ଚିଥିଲାବେଳେ ଏହା ୭୯,୨୪୩.୧୮ ଅଙ୍କରେ କାରବାର ଶେଷ କରିଥିଲା। ସେହିପରି ବିଏସ୍‌ଇ ସେନ୍‌ସେକ୍ସର କାରବାର ୦.୭୨ % ବୃଦ୍ଧି ଘଟିଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ମଧ୍ୟ ୦.୭୪ % ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ଏବଂ ବିଏସ୍‌ଇ ମିଡକ୍ୟାପ କାରବାର ସାମନ୍ୟ ବୃଦ୍ଧି ପାଇଥିଲା। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୪ର୍ଥଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୬୯ (୫୬୮.୯୩) ପଏଣ୍ଟ ବଢ଼ି ୭୯,୨୪୩(୭୯,୨୪୩.୧୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୭୬ (୧୭୫.୭୦) ପଏଣ୍ଟ ବୃଦ୍ଧି ଘଟି ୨୪,୦୪୪(୨୪,୦୪୪.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

କାରବାର ୧୭୮.୪୫ ପଏଣ୍ଟ ବା ୦.୩୨% ବୃଦ୍ଧି ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୫୨.୭୦ ପଏଣ୍ଟ ବା ୦.୬୧% ହ୍ରାସ ଘଟିଥିଲା। ସେହିପରି ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ)ର କାରବାର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ କାରବାର ଶେଷ ସୁଦ୍ଧା ୫୯.୨୦ ପଏଣ୍ଟ ବା ୦.୧୧% ହ୍ରାସ ପାଇ ୫୨,୮୧୧.୩୦ ଅଙ୍କରେ କାରବାର ବନ୍ଦ କରିଥିଲା ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଆର୍‌ଇ ୧୦୦ରେ ନେକ୍ସଟ୍ରା ସାମିଲ

**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତୀ ଏୟାରଟେଲର ସହାୟକ କମ୍ପାନୀ 'ନେକ୍ସଟ୍ରା'କୁ ନିକଟରେ ଆଉ ଏକ ନୂତନ ସ୍ୱୀକୃତି ଓ ମାନ୍ୟତା ଦିଆଯାଇଛି। ଏପରିକି କମ୍ପାନୀ ରିନୁଏବଲ ଏନର୍ଜି ବା ଆର୍‌ଇ୧୦୦ପଦକ୍ଷେପରେ ସାମିଲ ହୋଇଥିଲାବେଳେ ଭାରତର ଏକମାତ୍ର ଡାଟା ସେଣ୍ଟର କମ୍ପାନୀ ଭାବେ 'ଆରଇ୧୦୦'ରେ ସାମିଲ ହୋଇଛି ଏବଂ ଏହି ମାଇଲଖୁଣ୍ଟ ହାସଲ କରିବାରେ 'ନେକ୍ସଟ୍ରା' ୧୪ତମ ଭାରତୀୟ କମ୍ପାନୀର ମାନ୍ୟତା ପାଇଛି।

ସେହିଭଳି କମ୍ପାନୀ ତା'ର ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରରେ ଯଥେଷ୍ଟ ବୃଦ୍ଧି କରିଛି ଏବଂ ବର୍ତ୍ତମାନ ସୁଦ୍ଧା ୪,୨୨,୦୦୦ମେଗାୱାଟ୍ ଅକ୍ଷୟ ଶକ୍ତି ପାଇଁ ଚୁକ୍ତି କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ନେକ୍ସଟ୍ରା ଶକ୍ତି କ୍ରୟ ଚୁକ୍ତି ପିପିଏ (ପିପିଏ) ଏବଂ କ୍ୟାପ୍ଟିଭ୍ ରୁଫ୍‌ଟପ୍ ପ୍ୟାନେଲ ମାଧ୍ୟମରେ ଅକ୍ଷୟ ଶକ୍ତି ଉତ୍ପାଦନ କରି ୧,୫୬,୫୯୫ ଟିସିଓ୨ର ନିର୍ଗମନ କମ୍ କରିଛି।

ଉଲ୍ଲେଖଯୋଗ୍ୟ, ଭାରତର ଅନ୍ୟତମ ଅଗ୍ରଣୀ ଡାଟା ସେଣ୍ଟର 'ନେକ୍ସଟ୍ରା' ଏୟାରଟେଲ ଦ୍ୱାରା ସିଡିପି ସହ ଭାଗୀଦାରିରେ କ୍ଲାଇମେଟ୍ ଗ୍ରୁପ୍ ନେତୃତ୍ୱରେ ଏକ ପ୍ରମୁଖ ବିଶ୍ୱସ୍ତରୀୟ ପଦକ୍ଷେପ 'ଆର୍‌ଇ୧୦୦'ରେ ସାମିଲ ହୋଇ ୧୦୦% ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି।

ଏ ସମ୍ପର୍କରେ ଏୟାରଟେଲର ସିଇଓ ଆଶିଷ ଆରୋରା କହିଛନ୍ତି, ଆମେ ପରିବେଶ ପାଇଁ ଏକ ଦାୟିତ୍ୱବାନ ବ୍ରାଣ୍ଡ୍ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପକୁ ଅଧିକରୁ ଅଧିକ ଗ୍ରହଣ କରୁଛୁ। ଏପରିକି ଆମେ ୨୦୩୧ର ଆମର ନେଟ-ଶୂନ୍ୟ ଲକ୍ଷ୍ୟ ହାସଲ ଦିଗ ସହ ଏକ ସଠିକ୍ ମାର୍ଗରେ ଅଗ୍ରସର ହୋଇଛୁ ଏବଂ ୧୦୦% ଅକ୍ଷୟ ବିଜୁଳି ପ୍ରତି ପ୍ରତିବଦ୍ଧତା ସହିତ ଆରଇ ୧୦୦ ପଦକ୍ଷେପର ଅଂଶ ବିଶେଷ ହୋଇ ଖୁସି ଅଛୁ।

ସେହିପରି ସିଷ୍ଟମ ଚେଞ୍ଜ ଇଣ୍ଡିଆର ନିର୍ଦ୍ଦେଶକ ଅତୁଲ ମୁଦଲିୟାର କହିଛନ୍ତି, ଅତ୍ୟଧିକ ଶକ୍ତି ସମ୍ପନ୍ନ ହୋଇଥିଲେ ମଧ୍ୟ ଡାଟା ସେଣ୍ଟରଗୁଡ଼ିକୁ ଏହାର ନିର୍ଗମନ ପାଇଁ ଅଣଦେଖା କରାଯାଏ। ନେକ୍ସଟ୍ରା ସେମାନଙ୍କ ଅଙ୍ଗାରକାମ୍ଳର ମାତ୍ରାକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ପଦ୍ଧତିକୁ ଆପଣାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ଦେଖିବା ପ୍ରେରଣାଦାୟୀ। ସ୍ୱଚ୍ଛ ଭବିଷ୍ୟତ ଯାତ୍ରାକୁ ତ୍ୱରାନ୍ୱିତ କରିବା ପାଇଁ ଡାଟା ସେଣ୍ଟର କମ୍ପାନୀଗୁଡ଼ିକର କାର୍ଯ୍ୟ ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ନେକ୍ସଟ୍ରାର ପଦକ୍ଷେପ ଏକ ଉପଯୁକ୍ତ ଉଦାହରଣ ହେବ। ଏୟାରଟେଲର ନେକ୍ସଟ୍ରାକୁ ଆରଇ୧୦୦କୁ ସ୍ୱାଗତକରି ଆମେ ବେଶ୍ ଉତ୍ସାହିତ ଅଛୁ।


## ମନେ ପଡ଼ନ୍ତି

ସ୍ମୃତିରେ ...

**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**



**୯୯ତମ ଜୟନ୍ତୀ**
ତା: ୨୮.୦୬.୨୦୨୪
(ଶୁକ୍ରବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

ଧ-୫୯୩


# ବିଶ୍ୱର ସର୍ବବୃହତ୍ ଏଫ୍‌ଆର୍‌ପି ରିବାର ଉତ୍ପାଦକ ହେବ ଜେଏଏମ୍



**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ସହାୟକ କମ୍ପାନୀ ଜିନ୍ଦଲ ଆଡ୍‌ଭାନ୍ସଡ୍ ମ୍ୟାଟେରିଆଲ୍ସ (ଜେଏଏମ୍) ର ବହୁ ପ୍ରତୀକ୍ଷିତ ତଥା ମେଗା ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ହାଇ ପରଫର୍ମାନ୍ସ କମ୍ପୋଜିଟ୍ ମ୍ୟାଟେରିଆଲ କ୍ଷେତ୍ରରେ ଅଗ୍ରଣୀ ନିର୍ମାତା ଜେଏଏମ୍ ୨୦୨୫ ଜୁନ୍ ସୁଦ୍ଧା ଫାଇବର ସଶକ୍ତ ପଲିମର ରିବାରର ବିଶ୍ୱର ସର୍ବବୃହତ୍ ଉତ୍ପାଦକ ହେବାକୁ ଯାଉଛି। ଏହି ଉଚ୍ଚାଭିଳାଷୀ ବିସ୍ତାର ଯୋଜନା ଅନୁଯାୟୀ ୨୦୨୫ ଜୁନ୍ ସୁଦ୍ଧା ବାର୍ଷିକ ୧ ଲକ୍ଷ ମେଟ୍ରିକ୍ ଟନ୍ ଫାଇବର ରେନ୍‌ଫୋର୍ସଡ୍ ପଲିମର ଉତ୍ପାଦନ କ୍ଷମତାରେ ୪.୫ଗୁଣା ବୃଦ୍ଧି ହେବ। ଏହି ରଣନୈତିକ ପଦକ୍ଷେପ ସ୍ଥାୟୀ ଏବଂ ଉନ୍ନତ ଏଫ୍‌ଆର୍‌ପି ସମାଧାନ ସହିତ ନିର୍ମାଣ ଶିଳ୍ପରେ ପରିବର୍ତ୍ତନ ଆଣିବା ପାଇଁ ଜେଏଏମ୍ ପ୍ରତିବଦ୍ଧତାକୁ ସୂଚିତ କରୁଛି। ଏ ସମ୍ପର୍କରେ ଜେଏଏମ୍‌ର ନିର୍ଦ୍ଦେଶକ ସି.ପି. ଅଗ୍ରୱାଲ କହିଛନ୍ତି, କାର୍ବନ ଷ୍ଟିଲ୍ ରିବାରର ବିକଳ୍ପ ଭାବେ ଏଫ୍‌ଆର୍‌ପି ରିବାର ବ୍ୟବହାର ହୋଇପାରିବ। ଏପରିକି ଭିତ୍ତିଭୂମି ଏବଂ ରେଳ ଭିତ୍ତିଭୂମି କ୍ଷେତ୍ରରେ ବିବିଧ ପ୍ରୟୋଗ ପାଇଁ ଉପଯୁକ୍ତ ଏଫ୍‌ଆର୍‌ପି ରିବାରଗୁଡ଼ିକ ୩୫% ପର୍ଯ୍ୟନ୍ତ ଖର୍ଚ୍ଚ କମାଇବା ସହ ଏଥିରୁ ଉନ୍ନତମାନର ସୁବିଧା ମିଳେ ଏବଂ ଆମର ଏଫ୍‌ଆର୍‌ପି ରିବାର କେବଳ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରେ ନାହିଁ ବରଂ ଆମକୁ ସଷ୍ଟେନେବଲ୍ ନିର୍ମାଣ ସମାଧାନରେ ଏକ ଅଗ୍ରଣୀ କମ୍ପାନୀ ହେବାରେ ସହାୟକ ହୋଇଥାଏ। ସେହିଭଳି ସଷ୍ଟେନେବଲ୍ ନିର୍ମାଣରେ ଅଗ୍ରଣୀ ଏହି ସମ୍ପ୍ରସାରଣ ଯୋଜନା କ୍ଷୟ ପ୍ରତିରୋଧୀ,ହାଲୁକା ଏଫ୍‌ଆରପି ରିବାର ଉତ୍ପାଦନରେ ଅଭିନବତା ଏବଂ ଉତ୍କର୍ଷ ପ୍ରତି ଜେଏଏମ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଅଗ୍ରୱାଲ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

# ବଜାରରେ ଜିଟି ଟେକ୍ସା ଇ-ମୋଟରସାଇକେଲ

**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ଦୁଇଚକିଆ ଇଲେକ୍ଟ୍ରିକ୍ ଭେଇକିଲ(ଇଭି) ନିର୍ମାତା ଜିଟି ଫୋର୍ସର ବହୁ ପ୍ରତୀକ୍ଷିତ ଇ- ମୋଟରସାଇକେଲ (ଇଲେକ୍ଟ୍ରିକ ମୋଟରସାଇକେଲ) 'ଜିଟି ଟେକ୍ସା'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ସହରାଞ୍ଚଳ ଚାଳକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଏହି ଅତ୍ୟାଧୁନିକ ଇଭି ବାଇକ୍‌ରେ ଆଡ୍‌ଭାନ୍ସଡ ଟେକ୍ନୋଲୋଜି, ଅତୁଳନୀୟ କାର୍ଯ୍ୟଦକ୍ଷତା ଓ ପରିବେଶ-ଅନୁକୂଳ ଯାତାୟାତକୁ ଏକତ୍ରିତ କରିଛି। ବିଶେଷକରି ଏହାର ହାଲୁକା ଡିଜାଇନ ଓ ବୈପ୍ଲବିକ ଫିଚରଗୁଡ଼ିକ ସହିତ ଜିଟି ଟେକ୍ସାରେ ଏକ ଇନ୍‌ସୁଲେଟେଡ୍ ବିଏଲ୍‌ଡିସି ମୋଟର ରହିଛି, ଯାହା ୮୦କେଏମ୍‌ପିଏଚ୍‌ର ଟପ୍ ସ୍ପିଡ୍ ପ୍ରଦାନ କରୁଛି। ଏହାର ୩.୫ କେଡବ୍ଲ୍ୟୁଏଚ୍ ଲିଥିୟମ-ଆୟନ ବ୍ୟାଟେରୀ ଏକ ସିଙ୍ଗଲ ଚାର୍ଜରେ ୧୨୦-୧୩୦ କି.ମି.ର ରେଞ୍ଜ ଦେଉଛି। ଅଟୋ-କଟ ସହ ମାଇକ୍ରୋ-ଚାର୍ଜର ସହ ସୁସଜ୍ଜିତ ଏହି ମୋଟରସାଇକେଲକୁ କେବଳ ୪ରୁ୫ ଘଣ୍ଟାରେ ସମ୍ପୂର୍ଣ୍ଣ ଚାର୍ଜ କରାଯାଇପାରିବ। ୧୮୦ କି.ଗ୍ରା.ର ଲୋଡ୍ କ୍ଷମତା ଓ ୧୮ଡିଗ୍ରୀର ଗ୍ରେଡ୍ ଆବିଲିଟି ସହ ଜିଟି ଟେକ୍ସାକୁ ସହରୀ ଭୂଭାଗରେ ବିଜୟ ଲାଭ କରିବା ପାଇଁ ଡିଜାଇନ କରାଯାଇଛି। ଅପରପକ୍ଷରେ ଏହାର ବଜାର ମୂଲ୍ୟ (ଏକ୍ସ-ଶୋ'ରୁମ ମୂଲ୍ୟ) ୧,୧୯,୫୫୫ ଟଙ୍କା ରହିଛି।

ଏ ସମ୍ପର୍କରେ ଜିଟି ଫୋର୍ସର ସହ-ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ତନେଜା କହିଛନ୍ତି, ଆମେ ସହରୀ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଟି ଟେକ୍ସାକୁ ଯତ୍ନର ସହ ଡିଜାଇନ ଓ ନିର୍ମାଣ କରିଛୁ, ଯାହା ସେମାନଙ୍କୁ ସୁରକ୍ଷା କିମ୍ବା କାର୍ଯ୍ୟଦକ୍ଷତାରେ ସାଲିସ୍ ବିନା ଉନ୍ନତ ଚାଳନା ଅନୁଭୂତି ଦେବ। ଆମେ ବହୁସଂଖ୍ୟକ ବୁକିଂ ହାସଲ କରିବୁ ବୋଲି ନିଶ୍ଚିତ ରହିଛୁ ଏବଂ ଧାର୍ଯ୍ୟ ସମୟରେ ଚାହିଦାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ, ଜିଟି ଟେକ୍ସାର ସ୍ୱତନ୍ତ୍ର ବିକ୍ରି ପ୍ରସ୍ତାବ ଏହାର ନିର୍ମାଣ ପ୍ରବୃତିରେ ଅନ୍ତର୍ନିହିତ ରହିଛି,ଯାହା ପାରମ୍ପରିକ ଆଇସିଇ ମୋଟରସାଇକେଲ ତୁଳନାରେ ଉନ୍ନତ ଅଟେ। ସେହିଭଳି ୨ଟି ଆକର୍ଷଣୀୟ ରଙ୍ଗ ବ୍ଲାକ୍ ଓ ରେଡ୍‌ରେ ଏହା ଉପଲବ୍ଧ ହେଉଥିଲାବେଳେ ଏଥିରେ ଟ୍ୟୁବ୍‌ଲେସ ଟାୟାର, ୮୦-୧୦୦/୧୮ର ଫ୍ରଣ୍ଟ ସାଇଜ, ୧୨୦-୮୦/୧୭ର ରିୟର ଟାୟାର ସାଇଜ ରହିଛି, ଯାହା ସୁଗମ ଓ ଆରାମଦାୟକ ଚାଳନାକୁ ନିଶ୍ଚିତ କରୁଛି।


# Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର KEC ନିକଟ ଗୁଡ଼ିଆପୋଖରି ଛକରୁ 1.5 K.M. ମଧ୍ୟରେ 1380sqft. ଘରବାରି, Boundary, 30' road, Electricpoll ଥାଇ North facing plot ତୁରନ୍ତ ବିକ୍ରି ହେବ। Direct owner- 9078726651. D-75968

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452. D-75753

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-594

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରିହେବ। 9178660666. D-268

BDA new planning area at Benupur low cost investment plots available, price starts from @ 799/-. 6371364640. D-75966

Gharabari plots near Ranga Bazar, Bhubaneswar and Pipili Dandamukundapur(NH). 30ft road, boundary, electri. Gated Society - 8984911275. D-592

Plot for sale at Puri Konark Marine Drive (850/- per Sqft.). Contact- 6371703010. D-591

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967





Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Relax, Refresh your body, Mind at Saikrupa SPA with best therapies. 8984068077. D-527

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I Badal Kumar Bal alias Abinash Bal (19), S/o- Purusottam Bal, Vill/ P.O.-Hengupati, P.S.- Pirahat, Dist.- Bhadrak. My name is mentioned Badal Kumar Bal in my LIC Policy bearing No.- 599060711. But my actual name is Abinash Bal as per my Aadhaar Card. I declare that Badal Kumar Bal and Abinash Bal same and one person. D-595

Before the Notary Public, Bhubaneswar, I, Punam Lakhotia, W/o- Ashok Kumar Lakhotia, resident of 241/16, G.T. Road Dakshninbari, Howrah, West Bengal- 711204. Declare by this affidavit No.-84, dated. 26.06.2024, that now onwards I shall be known as Punam Devi Lakhotia for all future purposes. D-589

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn in before the Executive Magistrate, BBSR. I, Prasanta Das, C/o- Purnachandra Das, Sangram Club Lane, Badasankha, Puri hereby state that my daughter's name in Birth Certificate is Arpita Das. But in her Aadhaar Card it is wrongly mentioned as Preeti Pratyusha Das. That I want to change her name from Preeti Pratyusha Das to Arpita Das according to CF No.-90, 26.06.2024. Hence Arpita Das and Preeti Pratyusha Das is one and same person who is my daughter for all purposes. D-590

DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

MEMO No.-828/ 25.06.2024

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.)
ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା
ଓ.ଏସ୍.ଏସ୍. କେସ୍ ନଂ.-୭୦୨/୨୦୨୨

ଉର୍ମିଳା ସାହୁ, ବୟସ-୪୨ବର୍ଷ, ସ୍ୱାମୀ- ସଞ୍ଜୀବ କୁମାର ସାହୁ, ସା- ଆଚାର୍ଯ୍ୟ ବିହାର, ପୋ- ଆର୍ ଆର୍ ଏଲ୍, ସହିଦନଗର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ପିନ୍- ୭୫୧୦୧୩। .....ବାଦୀ

ବନାମ

ଶ୍ରୀଯୁକ୍ତ ଯଦୁମଣି ମହାନ୍ତି ଓ ଅନ୍ୟମାନେ ......ପ୍ରତିବାଦୀମାନେ

ନୋଟିସ୍- ଅର୍ଡର ୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.- (୫) ଶ୍ରୀଯୁକ୍ତ ଯଦୁମଣି ମହାନ୍ତି, ପିତା- ମଦନ ମହାନ୍ତି, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ଓଡ଼ିଶା

ଜମିର ବିବରଣୀ

ସାବକ

ଜି- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ସୁନ୍ଦରପୁର ସାବକ ଖାତା ନଂ.-୩୯, ସାବକ ପ୍ଲଟ୍ ନଂ.- ୪୮୫, ରକବା- ଏ୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ତିନି

ହାଲ

ଜି- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ସୁନ୍ଦରପୁର ହାଲ ଖାତା ନଂ.-୮୯୦/୧୭୪୨, ହାଲ୍ ପ୍ଲଟ୍ ନଂ.-୧୯୪୬, ରକବା- ଏ୦.୨୨୦ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ପତିତ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପର ଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୦୯।୦୮।୨୦୨୪ରିଖ ଦିବା ଘ ୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତ କୋର୍ଟ ନଂ.-୪ଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୫



# ଅଦିତିଙ୍କ କ୍ଷୋଭ

**ମୁମ୍ବାଇ**

ଅଭିନେତ୍ରୀ ଅଦିତି ରାଓ ହାଇଦରୀ କିଛି ଦିନ ତଳେ ଲଣ୍ଡନ ଯାତ୍ରା କରିଥିବାବେଳେ ସେଠାରେ ହିଥ୍ରୋ ବିମାନବନ୍ଦରରେ ନିଜ ଲଗେଜ୍ ପାଇଁ ୧୯ ଘଣ୍ଟା ଧରି ଅପେକ୍ଷା କରି ଫସି ରହିଥିବା ନେଇ ନିଜ ଏକ୍ସ' ହ୍ୟାଣ୍ଡେଲରେ ଏକ ପୋଷ୍ଟ କରି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ପୋଷ୍ଟରେ ଅଦିତି ବ୍ରିଟିଶ୍ ଏୟାରୱେଜ୍‌କୁ ସମାଲୋଚନା କରିବା ସହ ତାଙ୍କୁ ଓ ତାଙ୍କ ସହଯାତ୍ରୀମାନଙ୍କୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ କୌଣସି ସହଯୋଗ ମିଳି ନ ଥିବା କହିଛନ୍ତି। ଏହି ପୋଷ୍ଟରେ ସେ ଲଣ୍ଡନର ହିଥ୍ରୋ ବିମାନବନ୍ଦରର କେତେକ ଫଟୋ ଓ ଭିଡିଓ ଶେୟାର କରିଛନ୍ତି । ଉକ୍ତ ବିମାନବନ୍ଦରରେ ତାଙ୍କ ଅଭିଜ୍ଞତା ସବୁଠାରୁ ଖରାପ ରହିଥିଲା ବୋଲି ଅଦିତି କହିଛନ୍ତି। ତାଙ୍କ ଲଗେଜ୍‌କୁ ନେଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ ମାଗିଥିଲେ ମଧ୍ୟ ଲଗେଜ୍ ନିୟନ୍ତ୍ରଣ ଉପରେ ବିମାନବନ୍ଦରର କୌଣସି ନିୟନ୍ତ୍ରଣ ନ ଥିବା ତାଙ୍କୁ କୁହାଯାଇଥିଲା।

# ସବୁଠୁ ବଡ଼ କୁଲ୍‌ଫି

**ବିକାନେର**

ରାଜସ୍ଥାନର ବିକାନେରର ସୁସ୍ୱାଦୁ ମିଠା କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ବହୁଳଭାବେ ଲୋକପ୍ରିୟ। ମିଠା ସହ ବିକାନେର ଭୁଜିଆ, ଚମଡ଼ା ସାମଗ୍ରୀ ଓ ହସ୍ତତନ୍ତ ଶିଳ୍ପ ପାଇଁ ମଧ୍ୟ ବେଶ୍ ପ୍ରସିଦ୍ଧ। ତେବେ ଏସବୁ ମଧ୍ୟରେ ଏବେ ବିକାନେରର କୁଲ୍‌ଫି ବେଶ୍ ଚର୍ଚ୍ଚାରେ ରହିଛି। ବିକାନେରର ଧର୍ମେନ୍ଦ୍ର ଅଗ୍ରୱାଲ ନାମକ ଜଣେ ବାସିନ୍ଦା ଏକ ବଡ଼ କୁଲ୍‌ଫି ପ୍ରସ୍ତୁତ କରିଛନ୍ତି ଯାହାକୁ ସମଗ୍ର ପରିବାର ଏକାଠି ବସି ଖାଇବା ସହ ଉପଭୋଗ କରିପାରିବେ। ଏହି କୁଲ୍‌ଫିର ଓଜନ ୭ କିଲୋଗ୍ରାମ ହୋଇଥିବାବେଳେ ଏହାର ଲମ୍ବ ୨ଫୁଟ୍ ରହିଥିବା ଧର୍ମେନ୍ଦ୍ର କହିଛନ୍ତି। ଚଳିତ ବର୍ଷ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଏହି ବିଶାଳ କୁଲ୍‌ଫି ପ୍ରସ୍ତୁତ କରିବାକୁ ତାଙ୍କ ମନରେ ବିଚାର ଆସିଥିଲା। ତେବେ ଏହି କୁଲ୍‌ଫି ବିଶାଳ ଆକାରର ହୋଇଥିବାରୁ ଏହାକୁ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଖାଇପାରିବେ ନାହିଁ । ତିନି ଚାରିଜଣ ମିଶିକରି ପୂରା ପରିବାର ଅଥବା ସାଙ୍ଗମାନଙ୍କ ଗହଣରେ ଏହି କୁଲ୍‌ଫି ଖାଇବା ସମ୍ଭବପର ହୋଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ବୃହତ୍ ଆକାରର ୨ଟି କୁଲ୍‌ଫି ପ୍ରସ୍ତୁତ କରିଛନ୍ତି। ଏହି ୨ କୁଲ୍‌ଫି ମଧ୍ୟରୁ ଗୋଟିଏ କମଳା ଫ୍ଲେବର ଓ ଅନ୍ୟଟି ମିଠା ଓ ଖଟା ଫ୍ଲେବରର ଆଇସକ୍ରିମ ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି। ଚିନି ଏବଂ ଲେମ୍ବୁ ଖଟା ସହ କମଳା କୁଲ୍‌ଫି ପ୍ରସ୍ତୁତ ହୋଇଥିବାବେଳେ ଚିନି ଓ ଧନିଆ ପତ୍ର ରସ ସହ ମିଠା ଏବଂ ଖଟା କୁଲ୍‌ଫିକୁ ସେ ପ୍ରସ୍ତୁତ କରିଛନ୍ତି। ତେବେ ଉଭୟ କୁଲ୍‌ଫିକୁ ପ୍ରସ୍ତୁତ କରିବାକୁ ତାଙ୍କୁ ୨ ଦିନ ସମୟ ଲାଗିଥିବା ଧର୍ମେନ୍ଦ୍ର କହିଛନ୍ତି। ତେବେ ଏହାପୂର୍ବରୁ ଧର୍ମେନ୍ଦ୍ର ୧୫ କେଜିର ସିଙ୍ଗଡ଼ା ପ୍ରସ୍ତୁତ କରି ସମସ୍ତଙ୍କୁ ଚକିତ କରିଥିଲେ।



# ୬ ବର୍ଷ ପରେ ଆସିଲା ଅର୍ଡର କରିଥିବା ସ୍ଲିପର

**ମୁମ୍ବାଇ**

ସୋସିଆଲ ମିଡିଆରେ ଅହସାନ ଖାରବାଇ ନାମକ ଜଣେ ୟୁଜର୍ସ ଅନ୍‌ଲାଇନ୍ ଶପିଂ ସହ ଜଡିତ ନିଜର ଏକ ଅଜବ ଅନୁଭବକୁ ଗୁରୁବାର ଶେୟାର କରିଛନ୍ତି। ମୁମ୍ବାଇରେ ରହୁଥିବା ଅହସାନ ୨୦୧୮ରେ ଇ-କମର୍ସ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟରୁ ଅନ୍‌ଲାଇନ କ୍ୟାଶ୍ ଡେଲିଭରି ବିକଳ୍ପ ମାଧ୍ୟମରେ ନିଜ ପାଇଁ ସ୍ପାର୍କ୍ସ କମ୍ପାନୀର ଏକ ଚପଲ ଅର୍ଡର କରିଥିଲେ। ତେବେ ଦୀର୍ଘ ୬ ବର୍ଷ ପରେ ଏହି ଚପଲଟି ତାଙ୍କ ଘରେ ଡେଲିଭରି ହୋଇଛି। ୬ ବର୍ଷ ତଳେ ସେ ଅନ୍‌ଲାଇନ ଅର୍ଡର ଦେଇଥିବା ଏହି ଚପଲ ବିଷୟରେ ଏବେ ସମ୍ପୂର୍ଣ୍ଣ ଭୁଲିଯାଇଥିବା ଅହସାନ କହିଛନ୍ତି। ଯେତେବେଳେ ଗୁରୁବାର ସକାଳୁ କମ୍ପାନୀର ଡେଲିଭରି ବୟ ଜଣକ ପକ୍ଷରୁ ତାଙ୍କୁ ଏହି ପାର୍ଶଲ୍ ଗ୍ରହଣ କରିବାକୁ ଫୋନ୍ ଆସିଥିଲା, ସେତେବେଳେ ସେ



ହଠାତ୍ ଚମକି ପଡ଼ିଥିଲେ ଓ ତାଙ୍କୁ ହସ ଲାଗିଥିବା ଅହସାନ କହିଛନ୍ତି। ଏନେଇ କମ୍ପାନୀର କଷ୍ଟମର କେୟାରକୁ କଲ୍ କରି ବିସ୍ତୃତ ଭାବେ ଜଣାଇବାରୁ କମ୍ପାନୀ ଭୁଲ୍ ସ୍ୱୀକାର କରିବା ସହ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିବା ଅହସାନ କହିଛନ୍ତି। ଏନେଇ ଅହସାନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି।

# ବର ବଦଳାଉଛନ୍ତି 'ଏଚ୍‌ଆଇଭି' କନ୍ୟା

**ମୁଜଫରନଗର, ୨୭।୬**

ଗତ ୬ ତାରିଖରେ ଉତ୍ତରପ୍ରଦେଶର ମୁଜଫରନଗରରୁ ଏକ 'ସିରିଏଲ କନ୍ୟା'ଙ୍କୁ ଗିରଫ କରାଯାଇଥିଲା। ଏହାସହ ତାଙ୍କୁ ସହଯୋଗ କରୁଥିବା ଏକ ଗ୍ୟାଙ୍ଗ୍‌ର ୬ ଜଣ ସଦସ୍ୟ ମଧ୍ୟ ଗିରଫ ହୋଇଥିଲେ। ଏହି ଗ୍ୟାଙ୍ଗ୍ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ସକ୍ରିୟ ରହୁଥିବାବେଳେ 'ସିରିଏଲ କନ୍ୟା' ଜଣକ ଅନେକ ପୁରୁଷଙ୍କୁ ବିବାହ କରିବା ବାହାନାରେ ସମ୍ପର୍କ ରଖି ସେମାନଙ୍କଠାରୁ ଟଙ୍କା ଓ ମୂଲ୍ୟବାନ ଜିନିଷ ନେଇ ଫେରାର ହୋଇଯାଉଥିଲେ। ଗିରଫ ହେବା ପରେ ଉକ୍ତ ମହିଳାଙ୍କର ମୁଜଫରନଗର ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ଯାଞ୍ଚ କରାଯାଇଥିବାବେଳେ ସେ ଏଚ୍‌ଆଇଭି ପଜିଟିଭ ଥିବା ଜଣାପଡ଼ିଥିଲା। ଫଳରେ ବର୍ତ୍ତମାନ ତାଙ୍କର ଆଣ୍ଟି ରିଟ୍ରୋଭାଇରାଲ ଥେରାପି(ଏଆର୍‌ଟି)ରେ ଚିକିତ୍ସା ଚାଲିଥିବାନେଇ



ବୁଧବାର ମୁଜଫରନଗର ଜେଲ ଅଧୀକ୍ଷକ ସୀତାରାମ ଶର୍ମା ସୂଚନା ଦେଇଛନ୍ତି। ତେବେ ଉକ୍ତ ମହିଳା ଜଣକ ବିବାହ ପ୍ରଲୋଭନ ଦେଖାଇ ଉଭୟ ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶର ଅନେକ ପୁରୁଷଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କୁ ଖୋଜିବାକୁ ଉଭୟ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ସକ୍ରିୟ ହୋଇଛନ୍ତି। ଏହିକ୍ରମରେ ଉକ୍ତ 'ସିରିଏଲ କନ୍ୟା'ଙ୍କ ସଂସ୍ପର୍ଶରେ ଆସିଥିବା ଉତ୍ତରାଖଣ୍ଡର ୩ ଜଣ ପୁରୁଷ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଥିବା ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କର (ଏଆର୍‌ଟି) ପଦ୍ଧତି ରେ ଚିକିତ୍ସା ଚାଲିଛି। ସେହିପରି ଉକ୍ତ ୩ ପୁରୁଷଙ୍କ ପରିବାରର ସଦସ୍ୟମାନଙ୍କର ମଧ୍ୟ ପରୀକ୍ଷଣ କରାଯାଇଥିବାବେଳେ ସେଥିମଧ୍ୟରୁ ଆଉ ୩ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେହିପରି ଉକ୍ତ 'ସିରିଏଲ କନ୍ୟା' ଅନ୍ୟ ଯେଉଁ ଯେଉଁ ପୁରୁଷଙ୍କ ସହ ସଂସ୍ପର୍ଶରେ ଆସିଥିଲେ, ସେମାନଙ୍କୁ ଉଭୟ ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ ସରକାର ଖୋଜୁଥିବା ଜଣାପଡ଼ିଛି। ସମ୍ପୃକ୍ତ 'ସିରିଏଲ କନ୍ୟା' ଉତ୍ତରାଖଣ୍ଡର ଉଦ୍ଧାମ ସିଂ ନଗର ଜିଲାର ବାସିନ୍ଦା ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


## DISTRICT EDUCATION OFFICE, RAYAGADA
**DISTRICT PROJECT MANAGEMENT UNIT (PM POSHAN)**

No. 3762 Dated: 26.06.2024

**SHORT TENDER CALL NOTICE**

No. n-25:- Sealed tenders in the prescribed forms are invited from the intending registered firms/ Authorized Licensing Transporting Contractors / Agents for under taking the work of transportation of PM Poshan, MDM food stuff quarterly from the OSWC depot of the OSCSC Ltd. Rayagada to all school points of Rayagada district under PM Poshan, Mid-Day-Meal Scheme for the year 2024-25. The details of tender paper/terms and conditions are available in District website (**www.rayagada.nic.in**) from 27.6.24 to 5.7.24. The sealed and duly filled in Tender papers should be submitted on or before 5.7.24 up to 5.30 P.M. to the office of the District Education Officer, Rayagada through Registered/ Speed Post only. A Demand Draft of Rs.15,000/- (Rupees Fifteen thousand ) only (Non refundable) towards tender paper cost in favour of District Education Officer (PM Poshan, MDM)-Cum-DNO, Rayagada must be accompany with the tender paper, failing which the tender application will be rejected. The authority will not be held responsible for any postal delay/mishap.

**Sd./- District Education Officer -Cum-DNO, PM Poshan, Rayagada**
**Sd./- Collector-Cum-Chairman, PM Poshan, Rayagada**
OIPR-27154/11/0002/2425

## OFFICE OF THE DIVISIONAL FOREST OFFICER
**MANGROVE FOREST DIVISION (WILDLIFE) RAJNAGAR**
**DIST.: KENDRAPARA, ODISHA, INDIA - 754225**
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା
**Tel.: 06729-242460, Control Room: 06729-242463**
**E-mail: dfo.rajnagarwl@odisha.gov.in/dforajnagar1990@gmail.com**
**Letter No. 3725/1F-Accounts/97/2024**
**Dated Rajnagar the 26th June, 2024**

**TENDER CALL NOTICE FOR HIRING VEHICLE**

No. MM-55: Sealed tenders are invited from interested Reputed Travel Agencies/Tour Operators or private individuals to provide approximately 07 (Seven) Nos. of Vehicle (BS VI compliant Diesel driven AC) vehicles, which shall conform to the Terms and Conditions (Annexure-III) for official use at different Ranges (Details of the vehicles to be engaged is in - Annexure-V) under Mangrove Forest Division (Wildlife) Rajnagar on monthly rent basis to reach in the O/o. the Divisional Forest Officer, Mangrove Forest Division (Wildlife) Rajnagar, on or before 15.07.2024 upto 5.00 P.M. through Registered/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Mangrove Forest Division (Wildlife) Rajnagar. The tenders will be opened in the same office on 16.07.2024 at 11.30 A.M. The Standard Bidding Document and Terms and Conditions can be downloaded from **https://odishaforest.in** and also can be obtained from the Office of the Divisional Forest Officer, Mangrove Forest Division (Wildlife) Rajnagar from 27.06.2024 to 15.07.2024 during office hours.

**Sd./- Divisional Forest Officer**
**Mangrove Forest Division (Wildlife), Rajnagar**
**OIPR-08053/11/0007/2425**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-356:

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022

**Tender Call Notice No. H.O./P&C/EST-E-2246/01/2023/ 18257, Dated: 25.06.2024**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Supply, Installation, testing and commissioning of centrifugal pump sets, control panel with suction and delivery piping & valves arrangement for water supply to Angul Aluminium Park, Angul. | Rs.13.80 Lakhs | 01 (One) Calendar Month |

**1. Other details:**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid ID No. P&C/EST/E-03/2024-25 | **17.00 Hours of dt.29.06.2024** | **17.00 Hours of Dt.10.07.2024** |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website **www.idco.in.**

**Sd./- Chief General Manager (P&C) IDCO, Bhubaneswar**
**OIPR-14003/11/0007/2425**

## ODISHA PUBLIC SERVICE COMMISSION, CUTTACK
**NOTICE**

No.3304/P.S.C., Dt. 27/06/24
1E-02-2024-25 (DR-III)

No.D-80 : It is for information of all concerned that the written examination for Special Drive recruitment to the post of Assistant Fisheries Officer, Group-B pursuant to Advt. No. 16 of 2023-24 shall be held on 21.07.2024 (Sunday) at Cuttack zone as decided by the Commission.
Programme of Examination

| Date | Forenoon session 09.30 A.M. to 12.00 Noon | Afternoon Session 01.30 P.M. to 4.00 P.M. |
|---|---|---|
| 21.07.2024 (Sunday) | Paper-I - (Objective type & Subject specific) | Paper-II - (Objective type & Subject specific) |

The candidates are advised to visit the website of the Commission http://www.opsc.gov.in from time to time for further information.

OIPR-12002/11/0043/2425 **Sd./- Secretary (I/C)**

GOVERNMENT OF ODISHA E.Mail - rw_rourkela@yahoo.co.in NO.O-53

## OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH
**TENDER CALL NOTICE**
**BID IDENTIFICATION NO. ONLINE-SERKL-02 OF 2024-25**

1. Name of the Work :- Building Work
2. Total No. of works :- 01 (One) No.
3. Estimated cost :- Rs. 84.03 Lakhs
4. Class of contractor :- "B" Class
5. Period of completion :- 09 (Nine) Months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 7 | 8 |
| Superintending Engineer, Rural Works Division-II, Sundargarh | Online - SERKL - 02 of 2024-25 | 02-07-2024 from 10.00 AM | 09-07-2024 upto 05.00 PM | 08-07-2024 upto 1.00 PM | 10-07-2024 at 11.00 AM | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

**Sd./- Additional Chief Engineer RW Division-II, Sundargarh**
OIPR-25193/11/0004/2425

## OFFICE OF THE SUPERINTENDING ENGINEER ANGUL IRRIGATION DIVISION, ANGUL
Email : eeangulirrigation@gmail.com

**Quotation Call Notice No. 03/2024-25 Dated. 25.06.2024 for hiring of private vehicle**

No.A-80 : Sealed quotations are invited from interested reputed Travel Agencies/Tour Operators/private individuals for providing One no of AC Petrol/Diesel driven vehicles of TUV 300/Bolero Neo / Sumo Gold / Ertiga / Innova / Scorpio having sitting capacity not more than ten including driver which shall confirm to the terms and conditions (Appendix A enclosed in the booklet) for official use in the O/o the Additional Chief Engineer, Angul Irrigation Circle, Angul on monthly rent basis.

1) The application form of quotation containing General Bid Information & Terms and Conditions for hiring of Vehicle etc. will be available with the Cashier of this office & can be obtained from Dtd. 28.06.2024 at 11.00 AM to Dtd.08.07.2024 by 3.00 P.M. on the working days during working hours on payment of Rs. 1000/- (Rupees one thousand) only per set.
2) The completed quotation in all respect should reach the undersigned on or before Date - dtd.08.07.2024 by 3.00 PM and shall be opened on the same day at 4.00 PM in presence of the bidders or their authorized representatives who wish to be present.
3) The authority reserves the right to cancel or reject quotation call notice without assigning any reason thereof.

**Sd./- Superintending Engineer, Angul Irrigation Division, Angul**
OIPR-32049/11/0005/2425

## Bhubaneswar Smart City Limited
**BMC-ICOMC Building, 5th Floor, Bhoi Nagar, Bhubaneswar-751022**
**E-mail Id: bbsr.bscl@gmail.com, CIN: U74990OR2016PLC020016**
**Telephone-0674-2548428 FAX: 0674-2540811**

Letter No. 933/BSCL/Tech/2024 Dated 27.06.2024

**TENDER FOR SELECTION OF AGENCY FOR HIRING OF VEHICLES IN BHUBANESWAR SMART CITY LIMITED, BHUBANESWAR.**

No. C-108:- M/s. Bhubaneswar Smart City Limited (BSCL), Bhubaneswar invites sealed proposals for **Selection of Agency for Hiring of vehicles.** The details of Terms of Reference (ToR) can be downloaded from the website of BSCL i.e. www.smartcitybhubaneswar.gov.in. Interested agencies may submit their proposals in a sealed cover super-scribing as **"Tender for Selection of Agency for Hiring of Vehicles in Bhubaneswar Smart City Limited (BSCL)."** with advertisement number and Date to the General Manager (Admin), Bhubaneswar Smart City Limited, 5th Floor, ICOMC Tower, Satya Nagar, Bhubaneswar-751022 through Speed Post / Registered Post / Courier services only, which should reach on or before **5.00 P.M. on 15th July, 2024 positively and the same will be opened at 11.30 AM** on 16th July, 2024. Proposals received after the due date and time shall be rejected. The undersigned reserves the right to reject any or all the tenders without assigning any reason thereof. For any queries you reach through email: bbsr.bscl@gmail.com or telephone: 0674- 2548428 / 2540811.

By order of Managing Director
**Sd./- General Manager, Bhubaneswar Smart City Limited**
OIPR-13070/11/0001/2425

GOVERNMENT OF ODISHA No.O-61

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA
email - serwsbd2003@yahoo.com

**e-Procurement Notice for Building works**

1. Name of the Work : Construction of Building Works - (01 No)
2. Class of contractor : "A" Class & Special of (Odisha PWD) or relevant class of other licensing authority.
3. Estimated Cost : Rs.726.75 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, sunabeda | CCER-WCSBD-On-line-02/2024-25 | 01.07.2024 at 11.00 A.M. | 16.07.2024 up to 5.00 P.M. | 15.07.2024 up to 1.00 P.M. | 18.07.2024 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.

**Sd./- Chief Engineer, Rural Works Circle, Sunabeda**
OIPR-25182/11/0004/2425

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH
**Bid Identification No. Online-PMGSY/RWCCESNG-01 of 2024-25**
**Letter No.1360// Date:25.06.2024**

**No.O-57:**1. Name of the Work : Repair and Maintenance of Rural roads under PMGSY roads. 2. Total No. of Roads : 14 No. individual Road. 3. Estimated Cost of individual packages: Rs.450.97 lakh. 4. Period of Completion: 05 (Five) Years. 5. Other details:

| Procurement Officer | Bid Identification No. | No. of Packages | Availability of tender Online for bidding | | Date & Time of Technical Bid Opening | Date & Time of Financial Bid Opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY/RW-CCESNG-01 of 2024-25 | 14 No. | 03.07.2024 at 11.00 A.M. | 23.07.2024 upto 5.00 P.M. | 25.07.2024 at 11.00 A.M. | Will be intimated separately |

• Further details can be seen from the website: www.pmgsytenders.gov.in.

**Sd./- Chief Engineer, (Design & Quality Control)**
**OIPR-25133/11/0003/2425** **Chief Construction Engineer, (I/C) Rural Works Circle, Sundargarh**

## ODISHA ADARSHA VIDYALAYA SANGATHAN
**SCHOOL & MASS EDUCATION DEPARTMENT**
**GOVT. OF ODISHA**

**ADMISSION OF STUDENTS IN CLASS XI IN OAVs, 2024-25**

No. n-26:- Odisha Adarsha Vidyalaya Sangathan (OAVS), under the School & Mass Education Department, Govt. of Odisha invites applications from the prospective candidates to take admission in Class XI (Science) or Class XI (Commerce) in various OAVs. Interested students are encouraged to contact with nearby OAV Principal for further information. Interested students are requested to visit www.oav.edu.in for further information.

**FACILITIES**

- Number of OAVs with Senior Secondary Classes – 214
- Intake Capacity – 80 (each in Science & Commerce)
- CBSE Curriculum
- Functional Laboratories
- Well experienced faculties
- 131 Functional girls' hostels
- Free Education

**ELIGIBILITY**

| Stream | UR/ OBC/ SEBC | SC/ ST |
|---|---|---|
| Science | Minimum 55% marks in aggregate in Class X and minimum 50% marks in Science & Mathematics combinedly (CBSE or any other Board) | Minimum 50% marks in aggregate in Class X and minimum 45% marks in Science & Mathematics combinedly (CBSE or any other Board) |
| Commerce | All Class X Pass students (CBSE or any other Board) | All Class X Pass students (CBSE or any other Board) |

**IMPORTANT DATES**

| | |
|---|---|
| Start of receipt of Application | 27.06.2024 |
| Last date for receipt of application | 12.07.2024 |
| Notification of selection list | 15.07.2024 |
| Admission from selection list | 16.07.2024 – 21.07.2024 |
| Notification of waiting list | 22.07.2024 |
| Admission from waiting list | 23.07.2024 – 30.07.2024 |
| Completion of admission process | 31.07.2024 |

OIPR-27029/11/0006/2425 **Sd./- State Project Director, OAVS**

# ବାରବାଟୀକୁ ଫେରିଲା ଅନ୍ତର୍ଜାତୀୟ କ୍ରିକେଟ



ନିର୍ମଳ କୁମାର ମିଶ୍ର



**ଫେବୃଆରୀ ୯ ତାରିଖରେ ଇଂଲଣ୍ଡ ବିପକ୍ଷରେ ଭାରତ ବାରବାଟୀରେ ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଖେଳିବ। ସେଥିପାଇଁ ଏବେଠାରୁ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ପ୍ରାୟ ଅଢେଇ ବର୍ଷ ତଳେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଟି୨୦ ମ୍ୟାଚ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା...**

କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର। ଦୀର୍ଘ ୫ବର୍ଷ ପରେ ଫେରିଲା ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଇଂଲଣ୍ଡ ଦଳ ୩ଟି ଏକଦିବସୀୟ ଏବଂ ୫ଟି ଟି-୨୦ ମ୍ୟାଚ ଖେଳିବା ପାଇଁ ଭାରତ ଗସ୍ତରେ ଜାନୁଆରୀ ୨୦୨୫ରେ ଭାରତ ଆସୁଛି। ୩ଟି ଏକଦିବସୀୟ ମ୍ୟାଚ ନାଗପୁର, କଟକ ଓ ଅହମଦାବାଦରେ ଖେଳିବାର କାର୍ଯ୍ୟସୂଚୀ ବିସିସିଆଇ ପ୍ରକାଶ କରିଛି। ଫେବୃଆରୀ ୯ ତାରିଖରେ ଇଂଲଣ୍ଡ ବିପକ୍ଷରେ ଭାରତ ବାରବାଟୀରେ ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଖେଳିବ। ସେଥିପାଇଁ ଏବେଠାରୁ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ପ୍ରାୟ ଅଢେଇ ବର୍ଷ ତଳେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଟି-୨୦ ମ୍ୟାଚ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା। ଏହି ମ୍ୟାଚରେ ଭାରତ ପରାସ୍ତ ହୋଇଥିଲା। ସେବେଠାରୁ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ ଖେଳା ଯାଇନାହିଁ। ଏପରିକି ଆଇପିଏଲ୍ ମ୍ୟାଚ ମଧ୍ୟ ଖେଳାଯାଇ ନ ଥିବାରୁ କ୍ରିକେଟକୁ ଭଲ ପାଉଥିବା ଓଡ଼ିଶାର କ୍ରିକେଟପ୍ରେମୀ ବେଶ୍ ନିରାଶ ହୋଇଥିଲେ। ମାତ୍ର ଓଡ଼ିଶା କ୍ରିକେଟ ଆସୋସିଏଶନର ବର୍ତ୍ତମାନର ସମ୍ପାଦକ ସଞ୍ଜୟ ବେହେରାଙ୍କ ଅନୁରୋଧ କ୍ରମେ ବିସିସିଆଇ ଏହି ମ୍ୟାଚ ବାରବାଟୀରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ ବେଶ୍ ଖୁସି ଅଛି। ବାରବାଟୀ ଷ୍ଟାଡିୟମକୁ ମ୍ୟାଚ ବିଳମ୍ବରେ ଫେରିଥିଲେ ମଧ୍ୟ ଏହାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓସିଏ ଦୃଢ଼ ପରିକର। ପ୍ରାୟ ୪୫ହଜାର ଦର୍ଶକ ବସିବାର ଓ ମ୍ୟାଚ ଉପଭୋଗ କରିବାର ସମସ୍ତ ସୁବିଧା ସୁଯୋଗ ଏହି ଷ୍ଟାଡିୟମରେ ରହିଛି। ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଅତି ସଫଳତାର ସହ ଆୟୋଜନ କରିଛି ଓସିଏ। ୨୨ଟି ଏକଦିବସୀୟ, ୨ଟି ଟେଷ୍ଟ ଓ ୩ଟି ଟି-୨୦ ଆୟୋଜନ କରିବାର ଅଭିଜ୍ଞତା ରହିଛି ବାରବାଟୀର। ଏଥି ସହିତ ୭ଟି ଆଇପିଏଲ୍ ମ୍ୟାଚ ମଧ୍ୟ ସଫଳତାର ସହିତ ଆୟୋଜନ କରିଛି। କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗସ, ପୁନେ ୱାରିୟର୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ପଞ୍ଜାବ କିଙ୍ଗସ୍ ଏହି ପୁରାତନ ଷ୍ଟାଡିୟମରେ ଖେଳିଥିବାବେଳେ ଦର୍ଶକଙ୍କ ସମର୍ଥନ ଆଶ୍ଚର୍ଯ୍ୟ କରିଛି। ଅନ୍ତର୍ଜାତୀୟ ମ୍ୟାଚ ହେଉ କିମ୍ବା ଆଇପିଏଲ୍ ବାରବାଟୀରେ ପୂର୍ଣ୍ଣ କ୍ଷମତାଠାରୁ ଅଧିକ ଦର୍ଶକ ମ୍ୟାଚ ଉପଭୋଗ କରିଛନ୍ତି। ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ, ଜିମ୍ବାୱେ, କେନିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ପରି ଦଳ ବିଭିନ୍ନ ସମୟରେ ଏଠାରେ ଖେଳିଛନ୍ତି। ଇଂଲଣ୍ଡ ଦଳ ୫ଥର ପୂର୍ବରୁ ଏହି ଗ୍ରାଉଣ୍ଡରେ ମ୍ୟାଚ ଖେଳିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଏକଦିବସୀୟ ମ୍ୟାଚ ୧୯୮୨ ଜାନୁଆରୀ ୨୭ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ଭାରତ ୫ ଉଇକେଟରେ ବିଜୟୀ ହୋଇଥିଲା। ୧୭ଟି ଏକଦିବସୀୟ ମ୍ୟାଚ ଭାରତ ଖେଳିଥିବା ବେଳେ ୧୩ଟି ମ୍ୟାଚରେ ବିଜୟୀ ହୋଇଛି। ନିଶ୍ଚିତ ରୂପେ କୁହାଯାଇପାରେ ଏହି ଗ୍ରାଉଣ୍ଡରେ ଭାରତର ରେକର୍ଡ ବେଶ୍ ଭଲ ରହିଛି। ଇଂଲଣ୍ଡ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଏହି ଗ୍ରାଉଣ୍ଡରେ ବିଶ୍ୱକପ ମ୍ୟାଚ ଖେଳିବାର ସୁଯୋଗ ପାଇଛନ୍ତି। ଏହି ଗ୍ରାଉଣ୍ଡରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାଠାରୁ ଏକଦିବସୀୟ ମ୍ୟାଚ ହାରିଛି ଭାରତ। ଇଂଲଣ୍ଡଠାରୁ ୧୯୮୪ରେ ମାତ୍ର ୧ରନ୍‌ରେ ହାରିଥିବା ବେଳେ ୨୦୦୨ରେ ମାତ୍ର ୧୬ ରନ୍‌ରେ ହାରିଥିଲା। ଏଠାରେ ୩ଟି ଟି-୨୦ ମ୍ୟାଚ ଖେଳି ୨ଟିରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଥିବା ବେଳେ ଶ୍ରୀଲଙ୍କା ବିପକ୍ଷ ଟି-୨୦ ମ୍ୟାଚ ୯୩ ରନ୍‌ରେ ଜିତିଛି ଭାରତ। ଏଠାରେ ଭାରତୀୟ ଦଳ ୨ଟି ଟେଷ୍ଟ ଖେଳିଥିବା ବେଳେ ଶ୍ରୀଲଙ୍କା ବିପକ୍ଷରେ ବିଜୟୀ ଓ ନ୍ୟୁଜିଲାଣ୍ଡ ସହ ଡ୍ର ରହିଥିଲା।

ପୂର୍ବ ଭାରତର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ ହେଉଛି ବାରବାଟୀ। ଭାରତର ଅନ୍ୟତମ ଶ୍ରେଷ୍ଠ ଓ ପୁରାତନ ଷ୍ଟାଡିୟମ କୋଲକାତାର ଇଡେନ୍ ଗାର୍ଡେନ ପରେ ଏହି ଷ୍ଟାଡିୟମର ଗୁରୁତ୍ୱ ରହିଛି। ମାତ୍ର ଅନ୍ୟ ଷ୍ଟାଡିୟମଗୁଡ଼ିକ ପ୍ରତିବର୍ଷ ମ୍ୟାଚ ଅନୁଷ୍ଠିତ କରିବାର ସୁଯୋଗ ପାଉଥିବା ବେଳେ ବାରବାଟୀ ଏହି ସୁଯୋଗରୁ ବଞ୍ଚିତ ହେଉଛି। ପୂର୍ବ ଭାରତର ୨ୟ ବଡ଼ ଷ୍ଟାଡିୟମ ହୋଇଥିବା ବେଳେ ମ୍ୟାଚ ନ ମିଳିବା ଦୁର୍ଭାଗ୍ୟର କଥା। ଏଥିମଧ୍ୟରେ ଓସିଏର ପୂର୍ବତନ ସେକ୍ରେଟାରୀ ଆଶୀର୍ବାଦ ବେହେରାଙ୍କ ସମୟରେ ଏହି ଷ୍ଟାଡିୟମର ବ୍ୟାପକ ପରିବର୍ତ୍ତନ ହୋଇଥିଲା। ଫ୍ଲଡ ଲାଇଟ୍, କର୍ପୋରେଟ ବକ୍ସ, ଅତ୍ୟାଧୁନିକ ଡ୍ରେସିଂରୁମ୍, ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍, ଗ୍ୟାଲେରୀର ନବୀକରଣ, ଦର୍ଶକ କ୍ଷମତା ବୃଦ୍ଧି, ଅନ୍ତର୍ଜାତୀୟ ସ୍ତରର ଡ୍ରେନେଜ ସିଷ୍ଟମ, ଓସିଏ କ୍ଲବ ହାଉସ, କ୍ରିକେଟ ଏକାଡେମୀ ଆଦି ପ୍ରତିଷ୍ଠା କରିବା ସହିତ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚ ପାଇଁ ସୁପର ସକରର ବ୍ୟବସ୍ଥା ଯୋଗୁ ଅନେକ ବାତିଲ ମ୍ୟାଚ ମଧ୍ୟ ଠିକ୍ ସମୟରେ ଅନୁଷ୍ଠିତ ହୋଇଥିଲା।

ଖୁସିର କଥା ବର୍ତ୍ତମାନର ସେକ୍ରେଟାରୀ ସଞ୍ଜୟ ବେହେରା ଓ ଅନ୍ୟାନ୍ୟ ପଦପଦବୀରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀମାନେ ପଙ୍କଜ ଲୋଚନ ମହାନ୍ତି ଓ ସଭାପତି ପ୍ରଣବ ପ୍ରକାଶ ଦାସ, ପ୍ରଭାତ କୁମାର ଭୋଳ ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ସିଇଓ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଆହୁରି ଅଧିକ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ମ୍ୟାଚ ଅନୁଷ୍ଠିତ ହେବାକୁ ଓସିଏ ପାଖରେ ପାଖାପାଖି ୭ ମାସ ସମୟ ରହିଛି। ଏଥି ମଧ୍ୟରେ କେତେଗୁଡ଼ିଏ ରେଡ୍ ସଏଲ ଉଇକେଟ ମଧ୍ୟ ନିର୍ମାଣ କରାଯିବା ସହିତ ଆଉଟ ଫିଲ୍ଡରେ ବାଲି ଓ ଘାସର ପରିମାଣ ବୃଦ୍ଧି କରାଯାଇଛି। ହାଇ ସ୍କୋରିଂ ମ୍ୟାଚ ହେବା ପାଇଁ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଗତ କିଛି ମ୍ୟାଚରେ ବଡ ସ୍କୋର ହେବାର ଦେଖାଯାଇଛି। ଏପରିକି ପିଚ୍‌ଗୁଡ଼ିକୁ ଆହୁରି ଉନ୍ନତ କରାଯିବା ସହିତ ବ୍ଲାକ ସଏଲ, ରେଡ ସଏଲର ପିଚ ପ୍ରସ୍ତୁତ କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ୟାଟିଂ ଓ ବୋଲିଂକୁ ସୁହାଇବା ପରି ପିଚ୍ ପ୍ରସ୍ତୁତ କରିବା ପାଇଁ ପାଖାପାଖି ୨ମାସ ସମୟ ଲାଗିବ। ଏହି ବର୍ଷାଦିନ ସମୟରେ ପିଚ୍‌ର ଯଥେଷ୍ଟ ଯତ୍ନ ନେବା ସହିତ ଅନେକ ଅଭ୍ୟାସ ମ୍ୟାଚ ଖେଳିଲେ ପିଚ୍‌ଗୁଡ଼ିକ କିପରି ବ୍ୟବହାର କରିବ ତାହା ଜଣାପଡିବ। ଏଥିସହିତ ଆମ ପାଖରେ ଦକ୍ଷ କ୍ୟୁରେଟରମାନେ ରହିଥିବା ବେଳେ ବିସିସିଆଇର ସାହାଯ୍ୟ ନେବା ଆବଶ୍ୟକ। ଖୁସିର କଥା ଏହି ପୁରାତନ ଷ୍ଟାଡିୟମର ନବକଳେବର ପାଇଁ ଗତ ଜାନୁଆରୀ ୨୭ରେ ଶୁଭ ଦିଆଯାଇଥିଲା। ଅନ୍ତର୍ଜାତୀୟ ମ୍ୟାଚ ପରେ ଏହି କାର୍ଯ୍ୟ ଆରମ୍ଭ ହେବ। ୬୦୦ କୋଟି ବିନିଯୋଗରେ ବିସିସିଆଇ ଓ ରାଜ୍ୟ ସରକାର ମିଳିତ ଭାବରେ ୩ ବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖିଛନ୍ତି। ଷ୍ଟାଡିୟମର ସିଟ୍ ସଂଖ୍ୟା ୬୦ ହଜାରକୁ ବୃଦ୍ଧି କରାଯିବ।

ଆଗନ୍ତୁକ ଟିମ୍‌ମାନଙ୍କ ପାଇଁ ଓଡ଼ିଶାର ଆତିଥେୟତା ସବୁବେଳେ ଭଲ ଥାଏ। ଏବେଠାରୁ ପ୍ରଚେଷ୍ଟା ଆରମ୍ଭ କରିଛି। ଓଡ଼ିଶାର କ୍ରିକେଟ ପ୍ରେମୀମାନେ ଏହି ମ୍ୟାଚକୁ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଓସିଏ ଦୀର୍ଘ ଦିନ ପରେ ପାଇଥିବା ଏହି ସୁଯୋଗକୁ ଭଲ ଭାବରେ ସମ୍ପାଦନ କରି ବିସିସିଆଇର ପ୍ରିୟପାତ୍ର ହେବାକୁ ନିଶ୍ଚିତ ପ୍ରୟାସ କରିବ।

# କଳିଙ୍ଗ ରଗ୍‌ବୀ କ୍ଲବ

**ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭୁବନେଶ୍ୱରରେ ନିଜର ଉପସ୍ଥିତି ଜାହିର କରିଛି କଳିଙ୍ଗ ରଗ୍‌ବୀ କ୍ଲବ। ନିଜସ୍ୱ ଗ୍ରାଉଣ୍ଡର ଅଭାବ ଚିନ୍ତାର କାରଣ ପାଲଟିଛି।**





କଳିଙ୍ଗ ରଗ୍‌ବୀ କ୍ଲବ ଓଡ଼ିଶାର ଅନ୍ୟତମ ପୁରୁଣା କ୍ଲବ। ଏହି କ୍ଲବ୍‌ର କିଛି ଖେଳାଳି ଓଡ଼ିଶା ତଥା ଭାରତୀୟ ରଗ୍‌ବୀ ଦଳରେ ସ୍ଥାନ ପାଇସାରିଛନ୍ତି। ୭ ବର୍ଷ ଧରି ବନ୍ଦ ରହିବା ପରେ ବର୍ତ୍ତମାନ ଏକ ନୂତନ ରୂପରେ କ୍ଲବ ପୁନର୍ବାର ନିଜର ସ୍ଥିତି ଜାହିର କରିବାକୁ ଯାଉଛି। କ୍ଲବ୍‌ର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ମହାନ୍ତି ପେସାରେ ଜଣେ ଶିକ୍ଷାବିତ୍ ଓ ପାରା ମେଡିକ୍ ତେବେ ନିଶା ତାଙ୍କର ରଗ୍‌ବୀ। ଏହି କ୍ଲବ୍‌ର ସ୍ଥାପନକୁ ୧୮ ବର୍ଷ ବିତିସାରିଥିବା ବେଳେ ୨୦୧୦ରେ ସର୍ବଭାରତୀୟ ସେଭେନ୍ ଏ ସାଇଡ୍ ରଗ୍‌ବୀରେ କ୍ଲବ ରନରଅପ୍ ରହିଥିଲା। କ୍ଲବରେ ବର୍ତ୍ତମାନ ଅଭ୍ୟାସ କରୁଥିବା ଅଧିକାଂଶ ଖେଳାଳି ଆର୍ଥିକ ଅନଗ୍ରସର ପରିବାରରୁ ଆସୁଥିବା ବେଳେ ସେମାନଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। କ୍ଲବରେ ଏଭଳି କିଛି ଖେଳାଳି ରହିଛନ୍ତି ଯେଉଁମାନେ ନିଜର ସାଧାରଣ ଜୀବନ ପାଇଁ ସଂଘର୍ଷ ଜାରିରଖିଛନ୍ତି। କିଛି ଖେଳାଳି ନିଜର ଓ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ପେପର ବିକିବା, ଟ୍ୟୁସନ୍ କରିବା ଓ ସେଲ୍ସମ୍ୟାନ ଭାବରେ କାର୍ଯ୍ୟ କରୁଛନ୍ତି। କ୍ଲବ ନିକଟରେ ନିଜସ୍ୱ ଗ୍ରାଉଣ୍ଡ ନ ଥିବା ବେଳେ ଭୁବନେଶ୍ୱରର ଦେବରାୟ କଲେଜ ଖେଳପଡିଆରେ ଖେଳାଳିମାନେ ନିୟମିତ ଅଭ୍ୟାସ କରୁଛନ୍ତି। ଖେଳିବା ପାଇଁ ଆବଶ୍ୟକ ଭିତ୍ତିଭୂମି ସହିତ ଉପକରଣର ଅଭାବ ରହିଥିଲେ ମଧ୍ୟ ସମସ୍ତ ଆଥଲେଟଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ସପ୍ତାହରେ କିଛିଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ଯାଇ ଏହି ଖେଳାଳିମାନେ ଅଭ୍ୟାସ କରିଥାନ୍ତି। ଏହି ଖେଳାଳିଙ୍କ ମଧ୍ୟରୁ କେତେଜଣ ଖେଳାଳି ବର୍ତ୍ତମାନ ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସ ମଧ୍ୟ ଖେଳି ସାରିଲେଣି। କୋଚ୍ ରବୀନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ପ୍ରସ୍ତୁତି କରୁଛନ୍ତି। ରବୀନ୍ଦ୍ର ପୂର୍ବରୁ ଏହି କ୍ଲବର ଖେଳାଳି ମଧ୍ୟ ରହି ସାରିଛନ୍ତି। ୨୦୦୬-୦୭ରେ କ୍ଲବ ଆରମ୍ଭ ହେବା ଦିନରୁ ରବୀନ୍ଦ୍ର ଏହା ସହ ଜଡିତ ଅଛନ୍ତି। ଏହି କ୍ଲବ୍‌ର ପୂର୍ବତନ ଅଧିନାୟକ ଦ୍ୱାରିକାନାଥ ସୁବୁଦ୍ଧି ଓଡ଼ିଶା ରଗ୍‌ବୀ ଦଳର ସଦସ୍ୟ ଥିଲେ। ସେ ୨୦୦୯(ରାଞ୍ଚି) ଓ ୨୦୧୧(ଗୁଆହାଟୀ)ରେ ଅନୁଷ୍ଠିତ ଜାତୀୟ ରଗ୍‌ବୀ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ରାଞ୍ଚିରେ ଓଡ଼ିଶା ୪ର୍ଥ ଓ ଗୁଆହାଟୀରେ ପଞ୍ଚମ ସ୍ଥାନ ହାସଲ କରିଥିଲା। କ୍ଲବର ଆଉ ଜଣେ ସଦସ୍ୟ ଅକ୍ଷୟ ବେହେରା ମଧ୍ୟ ୨୦୧୧ରେ ଓଡ଼ିଶା ଦଳର ସଦସ୍ୟ ଥିଲେ। କ୍ଲବର ଅନ୍ୟ ଜଣେ ସଦସ୍ୟ ହେଉଛନ୍ତି ଦେବେନ୍ଦ୍ର ଜେନା। ଏହି ସମସ୍ତ ଖେଳାଳି ବର୍ତ୍ତମାନ ଯୁବ ଖେଳାଳିଙ୍କୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଧୀରେଧୀରେ ଭିତ୍ତିଭୂମି ଅଭାବ କାରଣରୁ କିଛି ବର୍ଷ କ୍ଲବ ବନ୍ଦ ରହିଥିଲା। ଏହା ମଧ୍ୟରେ କ୍ଲବ୍ ପକ୍ଷରୁ ଏକ ମହିଳା ଦଳ ଆରମ୍ଭ କରାଯାଇଛି। ଆବଶ୍ୟକ ସଂଖ୍ୟାରେ ମହିଳା ଦଳରେ ନ ଥିଲେ ମଧ୍ୟ ମାତ୍ର ୭-୮ ଜଣ ମହିଳା ଖେଳାଳିଙ୍କୁ ନେଇ ଦଳ ଆରମ୍ଭ କରାଯାଇଛି। ଏହି ଖେଳାଳିଙ୍କ ମଧ୍ୟରୁ ଜଣେ ୟୁନିଭର୍ସିଟି ଗେମ୍ସ ମଧ୍ୟ ଖେଳି ସାରିଛନ୍ତି। ମାତ୍ର କିଛି ମାସର ପ୍ରସ୍ତୁତିରେ ଆନ୍ତଃ ଜିଲା ଟୁର୍ନାମେଣ୍ଟରେ କ୍ଲବ ଷଷ୍ଠ ସ୍ଥାନରେ ରହିଛି। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଷ୍ଟାଡିୟମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମିଳିଲେ କ୍ଲବ ଆହୁରି ଆଗେଇ ପାରିବ।

## ଖେଳାଳିଙ୍କ ପ୍ରତିକ୍ରିୟା

▶▶ ପିତାଙ୍କ ଦେହାନ୍ତ ପରେ ମା' ଟେଲର ଭାବରେ ଘର ଚଳାଉଥିଲେ। ନିଜର ଜଣେ ବନ୍ଧୁ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗ ନେବା ପରେ ରଗ୍‌ବୀ ପ୍ରତି ଆଗ୍ରହ ବଢିଥିଲା। ଏପରି ସ୍ଥିତିରେ ପାଠପଢା ଓ ରଗ୍‌ବୀ ଅଭ୍ୟାସ ପରେ ମା'ଙ୍କୁ ସାହାଯ୍ୟ କରିବା ପାଇଁ ଏକ ମଲ୍‌ରେ ସେଲ୍ସ ମ୍ୟାନ୍ ଭାବରେ କାର୍ଯ୍ୟ କରିବାକୁ ପଡୁଛି। ତେବେ ଆଗାମୀ ଦିନରେ ଓଡ଼ିଶା ଓ ଭାରତ ପାଇଁ ଖେଳିବାର ଲକ୍ଷ୍ୟ ରହିଛି।

*-ସନ୍ତୋଷ କୁମାର ସାହୁ*

▶▶ ସ୍କୁଲ ସମୟରେ ରଗ୍‌ବୀ ଖେଳୁଥିଲେ ମଧ୍ୟ ଧୀରେ ଧୀରେ ଖେଳଠାରୁ ଦୂରେଇ ଯାଇଥିଲି। ପରେ ଦେବରାୟ କଲେଜରେ ଆଡମିଶନ ପରେ ଏହି କ୍ଲବ ସମ୍ପର୍କରେ ଜାଣିଲି। ମାଗଣାରେ ପ୍ରଶିକ୍ଷଣ ଓ ରହିବା ବ୍ୟବସ୍ଥା ଥିବା କାରଣରୁ ନିୟମିତ ଏଠାକୁ ଖେଳିବାକୁ ଆସିଥାଏ। ଘରର ଗୁଜୁରାଣ ମେଣ୍ଟାଇବା ପାଇଁ ପେପର ବୟ ଭାବରେ କାମ କରିଥାଏ। ସକାଳୁ ପେପର ବାଣ୍ଟି ସାରିବା ପରେ ନିୟମିତ ଅଭ୍ୟାସ କରିବାକୁ ଆସିଥାଏ। *-ଅମିତ କେର୍‌କେଟା*

▶▶ ଆରମ୍ଭରୁ ଆଥ୍ଲେଟିକ୍ସ ସହ ଜଡିତ ଥିଲି। ପରେ ରବୀନ୍ଦ୍ର ପଣ୍ଡା ସାର୍‌ଙ୍କ ପରାମର୍ଶ କ୍ରମେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ବର୍ତ୍ତମାନ ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସ ଖେଳି ସାରିଥିବା ବେଳେ କଳିଙ୍ଗ କ୍ଲବ ପକ୍ଷରୁ ଖେଳିବାକୁ ସୁଯୋଗ ମିଳିଥିଲା। ଏଠାରେ ନୂତନ କରି ଏକ ମହିଳା ଦଳ ଗଠନ କରାଯାଇଥିବା ବେଳେ ଖେଳିବାକୁ ସୁଯୋଗ ମିଳିଥିଲା। *-ରେଜିଆ ସୁଲତାନ*

▶▶ ମୟୂରଭଞ୍ଜରେ ରହୁଥିବା ବେଳେ ରବୀନ୍ଦ୍ର ସାର୍‌ଙ୍କ ସଂସ୍ପର୍ଶରେ ଆସି ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ଏଠାରେ ନିଜର ଖର୍ଚ୍ଚ ଚଳାଇବା ପାଇଁ ପିଲାଙ୍କୁ ଟ୍ୟୁସନ୍ କରିଥାଏ। ମାଗଣାରେ ରହିବା ଖାଇବା ସହ ଅଭ୍ୟାସ ପାଇଁ ସୁଯୋଗ ମିଳୁଥିବାରୁ ଆଗାମୀ ଦିନରେ ସଫଳତା ପାଇଁ ଆଶା ରହିଛି।

*-ପ୍ରଦୀପ ବେହେରା*

## ଓଡ଼ିଆ

**ପ୍ୟା**ରିସ୍ ଅଲିମ୍ପିକ୍ସ ଚବିଶ ପାଇଁ ଟିମ୍
ଇଣ୍ଡିଆର ହକି ଦଳ
ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ୍ ସିଂ
କ୍ୟାପଟେନ୍ ଗୋଟାଏ ବଳ
ଷୋହଳ ଜଣିଆ ମେଳ
ସେ ମେଳରେ ଓନ୍‌ଲି
ଅମିତ ରୋହିଦାସ
ରଖିବ ଓଡ଼ିଆ କୁଳ।

ଉଗାଣ୍ଡାରେ ଚାଲେ
ଏଫ୍‌ଆଏଇଏସୟୁ
ୱାର୍ଲ୍ଡ ୟୁନିଭରସିଟି
ଚେସ୍ ଚାମ୍ପିୟନଶିପ
ମ୍ୟାଚ୍‌ରେ ସାମିଲ
ଦି ଜଣ ଓଡ଼ିଆ ବେଟୀ
ସଲୋନିକା, ଜୁନୁ ଖଟି
ରେକର୍ଡ ରଚିଲେ ଧନ୍ୟ ହେବ ଆମ
ଓଡ଼ିଶା ରାଇଜ ମାଟି।




ଭାରତୀୟ ହକିର ପ୍ରାୟୋଜକ ହେବ
ଆମରି ଓଡ଼ିଶା ପୁଣି
ନବୀନଙ୍କ ପରି ମୋହନ ସର୍କାର
ସମର୍ଥନ ଦେବେ ମଣି
ଗୋଟି ଗୋଟି ଯାଆ ଗଣି
ଦେଶ ବିଦେଶରେ ସବୁଠି ମହକେ
ଓଡ଼ିଆ, ଓଡ଼ିଶା ପାଣି।

**-ସୁବାସ ଚନ୍ଦ୍ର ପ୍ରଧାନ**




# ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ

**ଗାଏନା, ୨୭।୬**

ଅଧିନାୟକ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ଦୃଢ଼ ବ୍ୟାଟିଂପରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ସେମିଫାଇନାଲରେ ଭାରତ ୬୮ ରନରେ ଗତଥରର ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହ ୨୦୨୨ ବିଶ୍ୱକପ ସେମିଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ଇଂଲଣ୍ଡ ୧୬.୪ ଓଭରରେ ୧୦୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଆସନ୍ତା ଶନିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଅନ୍ୟ ସେମିଫାଇନାଲରେ ଆଫଗାନିସ୍ତାନକୁ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥରପାଇଁ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି।

## ଟି୨୦ ବିଶ୍ୱକପ

୧୭୨ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ ଭଲ ଆରମ୍ଭ କରି ୩ ଓଭରରେ ୨୬ ରନ ସଂଗ୍ରହ କରି ନେଇଥିଲା। ମାତ୍ର ଅଧିନାୟକ ଜୋଶ୍ ବଟଲର ଆଉଟ ହେବା ସହ ଇଂଲଣ୍ଡର ପତନ ଆରମ୍ଭ ହୋଇ ଯାଇଥିଲା। ବଟଲର ୧୫ ବଲ୍‌ରୁ ୨୩ ରନ କରିଥିବାବେଳେ ଅକ୍ଷର ପଟେଲଙ୍କ ଶିକାର ହୋଇଥିଲେ। ଏହାପରେ ଫିଲିପ୍ ସଲ୍ଟ (୫), ଜନି ବେୟାରଷ୍ଟୋ (୦), ମୋଇନ ଅଲୀ (୮), ସାମ୍ କୁରାନ (୨) ଆଦି ଜଣକପରେ ଜଣେ ଧାଡ଼ି ବାନ୍ଧି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ହ୍ୟାରି ବ୍ରୁକ୍ ସର୍ବାଧିକ ୨୫ ରନ କରିଥିବାବେଳେ କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ଯାଇଥିଲେ। ଲଢ଼ୁଆ ପ୍ରଦର୍ଶନ ପାଇଁ ପରିଚିତ ଇଂଲଣ୍ଡ କିନ୍ତୁ ଏଠାରେ ଆତ୍ମସମର୍ପଣ କଲାଭଳି ଖେଳିଥିଲା। ୧୫ତମ ଓଭରରେ ଲିଆମ ଲିଭିଂଷ୍ଟୋନ (୧୧) ରନଆଉଟ ହେବାସହ ଇଂଲଣ୍ଡ ଚ୍ୟାଲେଞ୍ଜ ଶେଷ ହୋଇ ଯାଇଥିଲା। ଭାରତ ପକ୍ଷରୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଅକ୍ଷର ପଟେଲ ଓ କୁଲଦୀପ ଯାଦବ ୩ଟି ଲେଖାଏ ଏବଂ ଯଶପ୍ରୀତ୍ ବୁମ୍‌ରା ୨ଟି ଉଇକେଟ ନେଇଥିଲେ। ଲିଆମ ଲିଭିଂ ଷ୍ଟୋନ ଓ ଆଦିଲ ରଶିଦ ରନ୍‌ଆଉଟ ହୋଇଥିଲେ।

ବର୍ଷା ଜନିତ ଆଉଟଫିଲ୍ଡ ଓଦା ଯୋଗୁ ମ୍ୟାଚ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍‌ଜିତି ଇଂଲଣ୍ଡ ଅଧିନାୟକ ଜୋଶ୍ ବଟଲର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପାୱାରପ୍ଲେ ୬ ଓଭରରେ ଭାରତ ୨ ଉଇକେଟ ହରାଇ ୪୬ ରନ ସଂଗ୍ରହ କରିଥିଲା। ବିରାଟ କୋହଲି ୯ ଓ ରିଷଭ ପନ୍ତ ୪ ରନକରି ଆଉଟ ହୋଇଥିଲେ। ପୁନର୍ବାର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ଭାରତ ୮ ଓଭରରେ ୨ ଉଇକେଟ ହରାଇ ୬୫ ରନ କରିଥିଲା। ପାଖାପାଖି ଦେଢ଼ଘଣ୍ଟା ବନ୍ଦ ରହିବାପରେ ଖେଳକୁ ପୁଣି ଆରମ୍ଭ କରାଯାଇଥିଲା। ତେବେ ଓଭର ସଂଖ୍ୟା କମି ନ ଥିଲା। ରୋହିତ ଓ ସୂର୍ଯ୍ୟକୁମାର ଦ୍ରୁତ ହାରରେ ରନ ସଂଗ୍ରହ ଜାରିରଖି ତୃତୀୟ ଉଇକେଟରେ ୫୦ ବଲ୍‌ରୁ ୭୩ ରନ ଯୋଗ କରିଥିଲେ। ରୋହିତ ୩୯ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୫୭ ରନକରି ଆଉଟ ହେବାରୁ ପାର୍ଟନରଶିପ୍ ଭାଙ୍ଗିଥିଲା। ସୂର୍ଯ୍ୟକୁମାର ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକର ନିକଟତର ହୋଇଥିଲେ ହେଁ ୪୭ (୩୬ ବଲ, ୪ ଚୌକା, ୨ ଛକା) ରନକରି ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟିଂ କ୍ରମରେ ଉପରେ ଆସିଥିବା ହାର୍ଦ୍ଦିକ ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂକରି ମାତ୍ର ୧୩ ବଲ୍‌ରୁ ୨୩ (୧ ଚୌକା, ୨ ଛକା) ରନ ସଂଗ୍ରହ କରିଥିଲେ। ମ୍ୟାଚର ୧୮ତମ ଓଭରରେ କ୍ରମାଗତ ୨ଟି ବଲ୍‌ରେ ହାର୍ଦ୍ଦିକ ଓ ଶିବମ୍ ଦୁବେଙ୍କୁ ଆଉଟ କରି କ୍ରିସ୍ ଜୋର୍ଡାନ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ସଫଳ ହୋଇ ନ ଥିଲେ। ଅକ୍ଷର ପଟେଲ ୬ ବଲ୍‌ରୁ ୧୦ ରନ କରିବାରୁ ଭାରତ ରନ ସଂଖ୍ୟା ୧୭୧ରେ ପହଞ୍ଚି ପାରିଥିଲା। ରବୀନ୍ଦ୍ର ଜାଡେଜା ୯ ବଲ୍‌ରୁ ୧୭ ରନକରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଜୋର୍ଡାନ ୩ଟି ଏବଂ ରିଶି ଟୋପ୍‌ଲେ, ଜୋଫ୍ରା ଆର୍ଚର, ସାମ୍ କୁରାନ ଓ ଆଦିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।


ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ ସୂର୍ଯ୍ୟକୁମାର ଯାଦବଙ୍କ ବଧେଇ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-ବୋ-ଅଦିଲ ରଶିଦ-୫୭
କୋହଲି-ବୋ-ଟପ୍‌ଲେ-୯
ପନ୍ତ-କ-ବେୟାରଷ୍ଟୋ-ବୋ-ସାମ କୁରାନ-୪
ସୂର୍ଯ୍ୟକୁମାର-କ-ଜୋର୍ଡାନ-ବୋ-ଆର୍ଚର-୪୭
ପାଣ୍ଡ୍ୟା-କ-କୁରାନ-ବୋ-ଜୋର୍ଡାନ-୨୩
ଜାଡେଜା- ନଟଆଉଟ-୧୭
ଶିବମ ଦୁବେ-କ-ବଟଲର-ବୋ-ଜୋର୍ଡାନ-୦
ଅକ୍ଷର ପଟେଲ-କ-ସଲ୍ଟ-ବୋ-ଜୋର୍ଡାନ-୧୦
ଅର୍ଶଦୀପ ସିଂ - ନଟଆଉଟ-୧
ଅତିରିକ୍ତ-୩
ମୋଟ (୨୦ ଓଭର, ୭ଉଇକେଟ) ୧୭୧।
ଉଇକେଟ ପତନ: ୧/୧୯, ୨/୪୦, ୩/୧୧୩, ୪/୧୨୪, ୫/୧୪୬, ୬/୧୪୬, ୭/୧୭୦।

**ବୋଲିଂ (ଇଂଲଣ୍ଡ)**
ରିସି ଟପ୍‌ଲେ ୩-୦-୨୫-୧
ଜୋଫ୍ରା ଆର୍ଚର ୪-୦-୩୩-୧
ସାମ୍ କୁରାନ ୨-୦-୨୫-୧
ଅଦିଲ ରଶିଦ ୪-୦-୨୫-୧
ଖ୍ରିସ ଜୋର୍ଡାନ ୩-୦-୩୭-୩
ଲିଆମ ଲିଭିଙ୍ଗଷ୍ଟୋନ୍ ୪-୦-୨୪-୦

**ଇଂଲଣ୍ଡ ଇନିଂସ**
ଫିଲିପ ସଲ୍ଟ-ବୋ-ବୁମ୍‌ରା-୫
ଜୋସ ବଟଲର-କ-ପନ୍ତ-ବୋ-ଅକ୍ଷର-୨୩
ମୋଇନ ଅଲି-ଷ୍ଟମ୍ପ-ପନ୍ତ-ବୋ-ଅକ୍ଷର-୮
ଜନି ବେୟାରଷ୍ଟୋ-ବୋ-ଅକ୍ଷର-୦
ହ୍ୟାରି ବ୍ରୁକ୍-ବୋ-କୁଲଦୀପ-୨୫
ସାମ୍ କୁରାନ-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୨
ଲିଭିଙ୍ଗଷ୍ଟୋନ୍-ରନ ଆଉଟ (ରୋହିତ/ଅକ୍ଷର)-୧୧
ଖ୍ରିସ ଜୋର୍ଡାନ-ଏଲବିଡବ୍ଲ୍ୟୁ-୧
ଜୋଫ୍ରା ଆର୍ଚର-ଏଲବିଡବ୍ଲ୍ୟୁ-ବୁମ୍‌ରା-୨୧
ଅଦିଲ ରଶିଦ-ରନ ଆଉଟ-ସୂର୍ଯ୍ୟକୁମାର-୨
ରସି ଟପ୍‌ଲେ- ନଟଆଉଟ-୩
ଅତିରିକ୍ତ-୨
ମୋଟ: (୧୬.୪ ଓଭର, ଅଲଆଉଟ) ୧୦୩।
ଉଇକେଟ ପତନ: ୧/୨୬, ୨/୩୪, ୩/୩୫, ୪/୪୬, ୫/୪୯, ୬/୬୮, ୭/୭୨, ୮/୮୬, ୯/୮୮, ୧୦/ ୧୦୩।

**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୨-୦-୧୭-୦
ଯଶପ୍ରୀତ ବୁମ୍‌ରା ୨.୪-୦-୧୨-୨
ଅକ୍ଷର ପଟେଲ ୪-୦-୨୩-୩
କୁଲଦୀପ ଯାଦବ ୪-୦-୧୯-୩
ରବୀନ୍ଦ୍ର ଜାଡେଜା ୩-୦-୧୬-୦
ହାର୍ଦ୍ଦିକ ପାଣ୍ଡ୍ୟା ୧-୦-୧୪-୦।

# ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଟେଷ୍ଟ

**ଚେନ୍ନାଇ, ୨୭।୬ (ପି.ଟି.)**

## ମହିଳା କ୍ରିକେଟ

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହେବ। ଦୀର୍ଘ ଏକ ଦଶନ୍ଧି ପରେ ଉଭୟ ଦଳ ମଧ୍ୟରେ ୫ ଦିନିଆ ମ୍ୟାଚ ହେଉଥିବାରୁ ଯୁବ ପ୍ରତିଭାଙ୍କ ଉପରେ ନଜର ରହିବ। ମହିଳା କ୍ରିକେଟରେ ଟେଷ୍ଟ ମ୍ୟାଚ ରେଗୁଲାର କାର୍ଯ୍ୟସୂଚୀରେ ସାମିଲ ହୋଇନାହିଁ। ତେଣୁ କ୍ରିକେଟର ଏହି ବଡ଼ ଫର୍ମାଟରେ ଏଥର ଅତିକମ୍‌ରେ ୫ ଖେଳାଳି ଡେବ୍ୟୁ କରିବେ। ସୀମିତ ଓଭର କ୍ରିକେଟରେ ନିଜର ଦକ୍ଷତାକୁ ପ୍ରମାଣିତ କରିଥିବା ଯୁବ ଖେଳାଳିଙ୍କୁ ଟେଷ୍ଟ ଦଳରେ ସାମିଲ କରାଯିବ। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଦିନିକିଆ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ମୋମେଣ୍ଟମ ଯଦିଓ ଭାରତୀୟ ଦଳ ସପକ୍ଷରେ ରହିଛି ତେବେ ଭିନ୍ନ ଫର୍ମାଟର ଗେମ୍ ହୋଇଥିବାରୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ।

ଉମା ଚେତ୍ରି, ପ୍ରିୟା ପୁନିଆ, ସାଇକା ଇଶାକ, ଅରୁନ୍ଧତୀ ରେଡ୍ଡୀ ଓ ଶବନମ ଶକିଲ ଟେଷ୍ଟ ଡେବ୍ୟୁ କରିବାକୁ ପ୍ରସ୍ତୁତ। ଶେଷଥରପାଇଁ ଭାରତୀୟ ମହିଳା କ୍ରିକେଟ ଦଳ ୨୦୨୩ ଡିସେମ୍ବରରେ ଏକ ରେଡ୍-ବଲ୍ ମ୍ୟାଚ ଖେଳିଥିଲା।

# ପ୍ରଥମ ଦିବସରେ ଓଡ଼ିଶା ସ୍ପ୍ରିଣ୍ଟରଙ୍କ ଆଧିପତ୍ୟ

## ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ

### ଶ୍ରାବଣୀ, ଅନିମେଶ, ଜୟରାମ, ଲାଲୁ ପ୍ରସାଦ, ଦଣ୍ଡସେନା ଫାଇନାଲରେ


ଶ୍ରାବଣୀ ନନ୍ଦ


ଅନିମେଶ କୁଜୁର

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ହରିୟାଣାର ପଞ୍ଚକୁଲାଠାରେ ଗୁରୁବାର ଆରମ୍ଭ ହୋଇଛି ୬୩ତମ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍। ପ୍ରଥମ ଦିବସରେ ଆଧିପତ୍ୟ ବିସ୍ତାର କରି ଓଡ଼ିଶାର ୫ ସ୍ପ୍ରିଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ୧୦୦ ମିଟରର ଫାଇନାଲରେ ପହଞ୍ଚିଛନ୍ତି ତାରକା ଆଥଲେଟ୍ ଶ୍ରାବଣୀ ନନ୍ଦ। ସେ ସେମିଫାଇନାଲରେ ୧୧.୯୪ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଆଥଲେଟ୍ ପ୍ରଜ୍ଞା ପ୍ରଶାନ୍ତ ସାହୁ ୧୨.୦୬ ସେକେଣ୍ଡ ନେଇ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଅନିମେଶ କୁଜୁର, ଦଣ୍ଡପତି ମୃତ୍ୟୁମ ଜୟରାମ ଓ ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଅନିମେଶ ୧୦.୫୪, ଜୟରାମ ୧୦.୬୮ ଓ ଲାଲୁ ପ୍ରସାଦ ୧୦.୬୮ ସେକେଣ୍ଡ ସମୟ ନେଇଥିଲେ। ସେହିପରି ୧୫୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଶୋକ ଦଣ୍ଡସେନା। ମହିଳା ଓ ପୁରୁଷ ୧୦୦ ମିଟର ଏବଂ ପୁରୁଷ ୧୫୦୦ ମିଟର ରେସ୍‌ର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।

# ପ୍ରଥମଥର ବିଶ୍ୱକପ୍ ଫାଇନାଲରେ ଦ.ଆଫ୍ରିକା

**ଟରୌବା (ତ୍ରିନିଦାଦ), ୨୭।୬**

ଆଇସିସି କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପରାଜୟ ଧାରା ଭାଙ୍ଗିଛି ଦକ୍ଷିଣ ଆଫ୍ରିକା। ଘାତକ ବୋଲିଂ କରି ଏହି ଦଳ ଗୁରୁବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଆଫଗାନିସ୍ତାନକୁ ୯ ଉଇକେଟରେ ପରାସ୍ତ କରିଛି। ଚମତ୍କାର ପ୍ରଦର୍ଶନ କରି ପ୍ରଥମଥର ପାଇଁ କୌଣସି ଆଇସିସି ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି ଏହି ଆଫ୍ରିକୀୟ ଦଳ। ପୂର୍ବରୁ ୭ ଥର ବିଭିନ୍ନ ବିଶ୍ୱକପ୍‌ର ସେମିଫାଇନାଲ ଖେଳିବା ସତ୍ତ୍ୱେ ନିରାଶ ହୋଇଥିବା ଦକ୍ଷିଣ ଆଫ୍ରିକା ଏଥର ୮ମ ଉଦ୍ୟମରେ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଏହି ଦଳ ୬ ଥର ସେମିଫାଇନାଲରେ ସିଧାସଳଖ ପରାଜିତ ହୋଇଥିଲା। ୧୯୯୯ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ସେମିଫାଇନାଲ ଟାଇ ହୋଇଥିଲେ ହେଁ ସୁପର-୬ରେ ଉନ୍ନତ ଦଳଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା। ଏଥର କିନ୍ତୁ ଏହି ଧାରାରେ ପରିବର୍ତ୍ତନ ଆଣିଛି ଏଡେନ ମାରକ୍ରମଙ୍କ ଦଳ। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ଆଫଗାନିସ୍ତାନ ୧୧.୫ ଓଭରରେ ୫୬ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୮.୫ ଓଭରରେ ୧ ଉଇକେଟ ହରାଇ ୬୦ ରନ ସଂଗ୍ରହ କରି ନେଇଥିଲା। ୩ଟି ଉଇକେଟ ନେଇ ଆଫଗାନିସ୍ତାନର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିବା ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ବିଶ୍ୱକପ୍ ସେମିଫାଇନାଲରେ ସର୍ବନିମ୍ନ

ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଆଶ୍ଚର୍ଯ୍ୟଜନକଭାବେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ଘାତକ ବୋଲିଂର ସାମ୍ନା କରି ନ ପାରି ମାତ୍ର ୫୬ ରନକରି ଅଲ୍‌ଆଉଟ ହୋଇଥିଲା। କୌଣସି ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ଏହା ହେଉଛି ସର୍ବନିମ୍ନ ସ୍କୋର। ଅତିରିକ୍ତ ଭାବେ ଦକ୍ଷିଣ ଆଫ୍ରିକା ବୋଲରମାନେ ସର୍ବାଧିକ ୧୩ ରନ ବ୍ୟୟ କରିଥିବାବେଳେ ଆଫଗାନିସ୍ତାନ ବ୍ୟାଟରଙ୍କ ମଧ୍ୟରେ କେବଳ ଅମାନତୁଲ୍ଲା ଓମାରଜାଇ (୧୦) ଦୁଇଅଙ୍କ ସ୍ପର୍ଶ କରିଥିଲେ। ଅନ୍ୟ ୧୦ ବ୍ୟାଟର ଏକଅଙ୍କରେ ରହି ଯାଇଥିଲେ। ପାୱାରପ୍ଲେ ୬ ଓଭରରେ ୨୮ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ଆଫଗାନିସ୍ତାନ ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଓ ଟାବ୍ରାଇଜ୍ ଶାମ୍‌ସି ୩ଟି ଲେଖାଏ ଓ କାଗିଶୋ ରାବାଡ଼ା ଓ ଏନରିଚ୍ ନର୍ଜେ ୨ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ। ୫୭ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୫ ରନରେ କ୍ୱିଣ୍ଟନ ଡିକକ୍‌ଙ୍କ ଉଇକେଟ ହରାଇଥିଲେ ହେଁ ରିଜା ହେଣ୍ଡ୍ରିକ୍ସ (୨୯*) ଓ ମାରକ୍ରମ (୨୩*)ଙ୍କ ଅପରାଜିତ ଇନିଂସ ବଳରେ ୮.୫ ଓଭରରେ ୬୦ ରନ ସଂଗ୍ରହ କରି ନେଇଥିଲା। ଆଫଗାନିସ୍ତାନର ଫଜଲକ୍ ଫାରୁକି ଗୋଟିଏ ଉଇକେଟ ନେଇଥିଲେ। ଆଫଗାନିସ୍ତାନର ୫୬ ରନ ଓଭରଅଲ୍ ଟି୨୦ ବିଶ୍ୱକପ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ୨୦୨୧ ବିଶ୍ୱକପ୍‌ରେ ଦୁବାଇଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫୫ ରନକରି ଇଂଲଣ୍ଡ ଅଲୋଡ଼ା ସର୍ବନିମ୍ନ ସ୍କୋର ରେକର୍ଡର ଅଧିକାରୀ ଅଛି।


ମ୍ୟାଚ ଫିନିଶ୍‌କରି ଫେରୁଥିବା ଅଧିନାୟକ ଏଡେନ ମାରକ୍ରମଙ୍କୁ ଟାବ୍ରାଇଜ୍ ଶାମ୍‌ସି ଅଭିନନ୍ଦନ ଜଣାଉଛନ୍ତି।

### ଟି୨୦ ବିଶ୍ୱକପ୍‌ରେ ସର୍ବନିମ୍ନ ସ୍କୋର

୫୫: ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ, ଦୁବାଇ, ୨୦୨୧
୫୬: ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା, ଟରୌବା, ୨୦୨୪
୬୦: ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା, ଚଟ୍ଟୋଗ୍ରାମ, ୨୦୧୪
୭୦: ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ, କୋଲକାତା, ୨୦୧୬
(ଆଫଗାନିସ୍ତାନର ୫୬ ରନ ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ସର୍ବନିମ୍ନ ସ୍କୋର)।

### କ୍ରମାଗତ ବିଜୟ

ଟି୨୦ ବିଶ୍ୱକପ୍‌ରେ କ୍ରମାଗତ ୮ ବିଜୟ ହାସଲ କରି ଦକ୍ଷିଣ ଆଫ୍ରିକା ଲଗାତର ସର୍ବାଧିକ ମ୍ୟାଚ ଜିତିବାରେ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଛି। ଇଂଲଣ୍ଡ ଓ ଭାରତ କ୍ରମାଗତ ୭ଟି ଲେଖାଏ ବିଜୟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୧୧.୫ ଓଭରରେ ୫୬/ଅଲ୍‌ଆଉଟ (ଅମାନତୁଲ୍ଲା ଓମାରଜାଇ-୧୦, ମାର୍କୋ ଜାନସେନ-୩/୧୬, ଟାବ୍ରାଇଜ୍ ଶାମ୍‌ସି-୩/୬, କାଗିସୋ ରାବାଡ଼ା-୨/୧୪, ଏନରିଚ୍ ନର୍ଜେ-୨/୭)। ଦକ୍ଷିଣ ଆଫ୍ରିକା ୮.୫ ଓଭରରେ ୬୦/୧ (ରିଜା ହେଣ୍ଡ୍ରିକ୍ସ-୨୯*, ଏଡେନ ମାରକ୍ରମ-୨୩*, ଫଜଲକ୍ ଫାରୁକି-୧/୧୧)।

# ବିପର୍ଯ୍ୟୟ ସୃଷ୍ଟି କଲା ଜର୍ଜିଆ

## ୟୁରୋ କପ୍

### ପର୍ତ୍ତୁଗାଲକୁ ୨-୦ରେ ହରାଇଲା ରାଉଣ୍ଡ ଅଫ୍ ୧୬ ଚୂଡ଼ାନ୍ତ

କଲୋନ୍,୨୭।୬(ପି.ଟି.)

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟ୍‌ବଲର ଲିଗ୍ ପର୍ଯ୍ୟାୟ ସମାପ୍ତ ହୋଇଛି। ବୁଧବାର ୩ ମ୍ୟାଚ୍ ଖେଳା ଯାଇଥିବା ବେଳେ ରାଉଣ୍ଡ ଅଫ୍ ୧୬ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ତୁର୍କୀ ୨-୧ ଗୋଲରେ ବିଜୟୀ ହୋଇଥିବା ବେଳେ ସ୍ଲୋଭାକିଆ-ରୋମାନିଆ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ସେହିପରି ୟୁକ୍ରେନ୍ ଓ ବେଲଜିୟମ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ଡ୍ରରେ ଶେଷ ହୋଇଥିଲା। ୟୁରୋ କପ୍‌ରେ ପ୍ରଥମ ଥର ପଦାର୍ପଣ କରିଥିବା ଜର୍ଜିଆ ଶକ୍ତିଶାଳୀ ପର୍ତ୍ତୁଗାଲକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ସହ ତୁର୍କୀ, ରୋମାନିଆ, ସ୍ଲୋଭାକିଆ ଓ ବେଲଜିୟମ ରାଉଣ୍ଡ ଅଫ ୧୬ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ସୁଇଜରଲାଣ୍ଡ-ଇଟାଲୀ, ଜର୍ମାନୀ-ଡେନ୍‌ମାର୍କ, ଇଂଲଣ୍ଡ-ସ୍ଲୋଭାକିଆ, ସ୍ପେନ୍-ଜର୍ଜିଆ, ଫ୍ରାନ୍ସ-ବେଲଜିୟମ, ପର୍ତ୍ତୁଗାଲ-ସ୍ଲୋଭେନିଆ, ରୋମାନିଆ-ନେଦରଲାଣ୍ଡ୍ସ ଓ ଅଷ୍ଟ୍ରିଆ-ତୁର୍କୀ ରାଉଣ୍ଡ ଅଫ୍-୧୬ରେ ପରସ୍ପର ବିପକ୍ଷରେ ଅବତୀର୍ଣ୍ଣ ହେବେ।

ପର୍ତ୍ତୁଗାଲ ବିପକ୍ଷ ମ୍ୟାଚ୍‌ରେ ଜର୍ଜିଆ ପକ୍ଷରୁ ଖ୍ୱଭଚା କାଭ୍ରାଟସ୍କେଲିଆ(୨) ଓ ଜର୍ଜେସ୍ ମିକାଉଟାଜ(୫୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପର୍ତ୍ତୁଗାଲ ମ୍ୟାଚ୍‌ରେ ୭୩ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ଦ୍ୱିତୀୟ ମିନିଟରେ ଖ୍ୱଭଚା ଏକ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୭ ମିନିଟରେ ଜର୍ଜିଆକୁ ଏକ ପେନାଲ୍ଟି ମିଳିଥିଲା। ଜର୍ଜେସ୍ ମିକାଉଟାଡ୍‌ଜେ ଏଥିରୁ ଗୋଲ ଦେବା ସହ ଦଳକୁ ୟୁରୋ କପ୍‌ରେ ପ୍ରଥମ ବିଜୟ ପ୍ରଦାନ କରିଥିଲେ।

ବୁଧବାର ତୁର୍କୀ ୨-୧ ଗୋଲରେ ଚେକ୍ ରିପବ୍ଲିକ୍‌କୁ ପରାସ୍ତ କରିଥିଲା। ତୁର୍କୀ ପକ୍ଷରୁ ହକାନ୍ ଚାଲୋନଗୋଲୁ(୫୧ ମିନିଟ) ଓ ସେଙ୍କ ଟୋସୁନ୍ (୯୦+୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚେକ୍ ରିପବ୍ଲିକ ପକ୍ଷରୁ ଟୋମାସ ସୌସେକ୍(୬୬) ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଚେକ୍ ରିପବ୍ଲିକ୍ ପକ୍ଷରୁ ଆଣ୍ଟୋନିନ୍ ବାରାକ ମ୍ୟାଚ୍‌ର ୨୦ ତମ ମିନିଟରେ ଓ ୯୦+୮ ମିନିଟରେ ଟୋମାସ ଚୋରିଙ୍କୁ ରେଡ୍ କାର୍ଡ ମିଳିଥିଲ। ଫାଉଲ କାରଣରୁ ୨୦ ତମ ମିନିଟରେ ଆଣ୍ଟୋନିନ୍ ବାରାକଙ୍କୁ ରେଡ୍ କାର୍ଡ ମିଳିବା ପରେ ମ୍ୟାଚ୍‌ର ଅବଶିଷ୍ଟ ସମୟ ଦଳ ୧୦ ଜଣ ଖେଳାଳିରେ ଖେଳିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ତୁର୍କୀ ପକ୍ଷରୁ ହକାନ୍ ଚାଲୋନଗୋଲ ୫୧ ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଏହାର ୧୫ ମିନିଟ ମଧ୍ୟରେ ଟୋମାସ ସୌସେକ ଏହି ଗୋଲ ପରିଶୋଧ କରିଥିଲେ। ମ୍ୟାଚ୍ ଷ୍ଟପେଜ୍ ଟାଇମକୁ ଯାଇଥିବା ବେଳେ ସେଙ୍କ ଟୋସୁନ୍ ନିର୍ଣ୍ଣାୟକ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଅନ୍ତିମ ସେକେଣ୍ଡରେ ଚେକ୍ ରିପବ୍ଲିକ୍‌ର ଟୋମାସ ଚୋରିଙ୍କୁ ମ୍ୟାଚ୍‌ର ଦ୍ୱିତୀୟ ରେଡ୍‌କାର୍ଡ ମିଳିଥିଲା। ଗ୍ରୁପ୍ ଏଫ୍‌ରେ ପ୍ରଥମ ସ୍ଥାନରେ ରହିଥିବା ତୁର୍କୀ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି।

ଦ୍ୱିତୀୟ ମ୍ୟାଚ୍‌ରେ ରୋମାନିଆ ଓ ସ୍ଲୋଭାକିଆ ମଧ୍ୟରେ ଡ୍ରରେ ଶେଷ ହୋଇଥିଲା। ରୋମାନିଆ ପକ୍ଷରୁ ରାଭଜାନ ମାରିନ୍(୩୭) ଓ ସ୍ଲୋଭାକିଆ ପକ୍ଷରୁ ଓନ୍ଦ୍ରେଜ ଡୁଡା(୨୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଭୟ ଦଳ ସମାନ ୪ ପଏଣ୍ଟ ଲେଖାଏ ପାଇଥିବା ବେଳେ ପ୍ରଥମ ଓ ତୃତୀୟ ସ୍ଥାନରେ ରହି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ଏହି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ଥିବା ବେଲଜିୟମ ମଧ୍ୟ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି।



ପର୍ତ୍ତୁଗାଲ ବିପକ୍ଷରେ ଗୋଲ ଦେବା ପରେ ଉଲ୍ଲସିତ ଜର୍ଜିଆର ଜର୍ଜେସ ମିକାଉଟାଜ୍।

# ଭେନେଜୁଏଲା, ଇକ୍ୱେଡର ବିଜୟୀ



ମ୍ୟାଚ ଜିତିବା ପରେ ଭେନେଜୁଏଲା ଖେଳାଳିଙ୍କ ଆନନ୍ଦ ଉଲ୍ଲାସ।

## କୋପା ଆମେରିକା

ଲାସଭେଗାସ,୨୭।୬(ପି.ଟି.)

ଆମେରିକାରେ ଅନୁଷ୍ଠିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଭେନେଜୁଏଲା ଓ ଇକ୍ୱେଡର ବିଜୟୀ ହୋଇଛନ୍ତି। ଭେନେଜୁଏଲା ୧-୦ ଗୋଲରେ ମେକ୍ସିକୋକୁ ପରାସ୍ତ କରିଥିବା ବେଳେ ଇକ୍ୱେଡର ୩-୧ ଗୋଲରେ ଜାମାଇକାକୁ ହରାଇଛି। ଦୁଇଟି ବିଜୟ ସହ ଭେନେଜୁଏଲା ୬ ପଏଣ୍ଟ ପାଇ ଆଗୁଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ମେକ୍ସିକୋ ଓ ଭେନେଜୁଏଲା ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ରେ ମେକ୍ସିକୋ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ତେବେ ସାଲୋମନ ରୋଣ୍ଡୋନଙ୍କ ୫୭ ମିନିଟ ଗୋଲ ବଳରେ ଭେନେଜୁଏଲା ବିଜୟୀ ହୋଇଥିଲା। ୬୨ ପ୍ରତିଶତ ସମୟ ମେକ୍ସିକୋ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ୫ଟି ଶଟ୍ ଟାର୍ଗେଟରେ ରହିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ୫୭ ମିନିଟରେ ଭେନେଜୁଏଲାକୁ ଏକ ପେନାଲ୍ଟି ମିଳିଥିଲା। ସାଲୋମନ ରୋଣ୍ଡୋନ ଏଥିରୁ ସ୍କୋର କରି ଦଳକୁ ବିଜୟୀ କରିଥିଲେ।

ଅନ୍ୟ ଏକ ମ୍ୟାଚ୍‌ରେ ଇକ୍ୱେଡର ୩-୧ ଗୋଲରେ ଜାମାଇକାକୁ ପରାସ୍ତ କରିଛି। ଇକ୍ୱେଡର ପକ୍ଷରୁ କେଣ୍ଡ୍ରି ପେଜ୍ (୪୫+୪) ଓ ଆଲାନ ମିଣ୍ଡା(୯୦+୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜାମାଇକା ପକ୍ଷରୁ ମିଚେଲ୍ ଆଣ୍ଟୋନିଓ(୫୪) ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ କେସି ପାଲ୍‌ମର ୧୩ ତମ ମିନିଟରେ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ପାଲ୍‌ମରଙ୍କ ଆତ୍ମଘାତୀ ଗୋଲ ବଳରେ ଇକ୍ୱେଡର ୧-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧର ଖେଳ ଶେଷ ହେବାର ଠିକ୍ ପୂର୍ବରୁ କେଣ୍ଡ୍ରି ପେଜ୍ ଦଳକୁ ୨-୦ରେ ଆଗୁଆ କରିଥିଲେ। ମ୍ୟାଚ୍‌ର ୫୪ ତମ ମିନିଟରେ ଜାମାଇକା ପକ୍ଷରୁ ମିଚେଲ୍ ଆଣ୍ଟୋନିଓ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ତେବେ ୯୦+୧ ମିନିଟରେ ଆଲାନ ମିଣ୍ଡା ଇକ୍ୱେଡର ପକ୍ଷରୁ ଅନ୍ତିମ ଗୋଲ ସ୍କୋର କରିଥିଲେ।





Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354|. Accessories and features shown may not be a part of standard fitment. Always wear a helmet while riding a two-wheeler. **Mileage of Splendor xtec 2.0 as per internal testing under standard conditions and may vary as per road & riding conditions. ˘Offer amount & combination of offers may vary for model/variant & states and applicable on select models & valid till 30th June 2024 only. ^Finance offer is at the sole discretion of the financier, subject to its respective T&Cs. ^^Terms & conditions apply. #Based on offers from empaneled dealers on Wheels of Trust platforms. ˘Offer applicable in Orissa only. For more details, visit https://www.heromotocorp.com/ or visit your nearest Hero MotoCorp dealership. Hero MotoCorp reserves the rights to modify or withdraw any or all the offers without prior notice.

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736; **Authorized HeroSure Dealers: Bhubaneshwar:** Arundhati Motobikes, Ph- 7682841658, **Rourkela:** Dua Motors, Ph- 6372753989, **Jeypore:** Supreme Sales, Ph- 8144822656.

VML.5733.2024ORI


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ